Split by PDF Splitter



ହେଲୁ ଯେଉଁ ସମୟରେ ତାହାଙ୍କୁ ଗ୍ରାମରେ ପ୍ରତି ଦିନ ପହରା ଦେବାକୁ ପଡ଼େ ସେ ସମୟରେ ସେ ପାଳ କରି ରହିବେଲା ଗ୍ରାମବାସିଙ୍କ ଘରେ ଖାଉଥିଲା । ଏହିସବୁ କାରଣରୁ ସେ ସମସ୍ତଙ୍କ ଠାରେ ବାଧ୍ୟ ଥାଏ । ଗ୍ରାମର ପ୍ରାୟ ସମସ୍ତଙ୍କୁ "ସାଆନ୍ତ" ବୋଲି ସେ ମାନୁଥିଲା; ଗ୍ରାମବାସିମାନେ ମଧ୍ୟ ତାହାକୁ "ସେବକ" ମନେ କରି ପ୍ରୀତିଚକ୍ଷୁରେ ଦେଖୁଥିଲେ ।

କେତେକ ବର୍ଷ ହେଲା ଚୌକିଦାରୀ ପ୍ରଥା ନୂତନ ପ୍ରଣାଳୀରେ ଚାଲୁଅଛି । ଗ୍ରାମବାସିମାନଙ୍କୁ ଉପର ଲିଖିତ ସ୍ୱତ୍ୱରୁ ଅବ୍ୟାହତି ଦେଇ ତହିଁ ପରିବର୍ତ୍ତରେ ଗବର୍ଣ୍ଣମେଣ୍ଟ ଟାକ୍ସ ପ୍ରଥା ପ୍ରଚଳିତ କରିଅଛନ୍ତି । ସ୍ଥୂଳରେ ଦେଖିଲେ ପ୍ରଜାମାନେ ଆଗେ ଯାହା ଦେଉଥିଲେ ଆଜି ତାହା ଦେଉଅଛନ୍ତି ଏବଂ ଚୌକିଦାର ଆଗେ ଯେପରି ଥିଲା ବର୍ତ୍ତମାନ ସେହିପରି ଅଛି । ମାତ୍ର ପ୍ରକୃତରେ ତାହା ନୁହେଁ । ଆଗେ ପ୍ରଜାମାନେ ଯାହା ଇଚ୍ଛା ସନ୍ତୋଷରେ ଦେଉଥିଲେ ଆଜି ତାହା ବାଧ୍ୟ ହୋଇ ଦେଉଅଛନ୍ତି । ଆଗେ ନ ଥିଲା ବେଳେ ଅନୁରୋଧ ଉପରୋଧ କରି ପୁରୁଷେ କ୍ରମେ ଦେଉଥିବା ହେତୁ ଯାହା ଦେଇ ମଧ୍ୟ ନ ଦେଲାପରି ଜାଣୁଥିଲେ ଆଜି ତାହାପାଇଁ ହାତରୁ ଜବାନ୍ଦ ଓ ଖାଇବା କଂସା ବନ୍ଧା ହେଉଥିବା ହେତୁ ଲୋକଙ୍କୁ ବିଶେଷ ପରିମାଣରେ ବାଧୁଅଛି । ଆଗେ ଚୌକିଦାର ଗ୍ରାମବାସିମାନଙ୍କୁ ମୁନିବ ବୋଲି ଜାଣି କାର୍ଯ୍ୟଦ୍ୱାରା ସେମାନଙ୍କୁ ସନ୍ତୁଷ୍ଟ କରିବାରେ ଚେଷ୍ଟିତ ଥିଲା । ଆଜି ସେ ଗୋଟିଏ ଛୋଟ ପୁଲିସ ହାକିମ ? କାମ କରୁ ନ କରୁ ତାହାର ପାଣ୍ଡି ପିଟେଇବାର ଶକ୍ତି ନାହିଁ । ବଙ୍କିଗାସ୍ତ ଚଇତ ନାଠିକର ପାଠ ।

ଏ ସବୁ ହେଲା ପଛକେ ହେଉ । ଆଜି କେଉଁ ଲୋକ କଣ ଅଧିକ ନିଶ୍ଚିନ୍ତରେ ରାତି ଶୋଉଅଛନ୍ତି ? ତାହା ମଧ୍ୟ ନୁହେଁ । ଆଗେ ଯେପରି କିଅଣ ଚାଲି ପଡ଼ିଲେ କହଲ ଗଣ୍ଡେ, ଅଳ୍ପ ଦୋପଟା, କଣାରୁ ଗୋଟାଏ ଚୋରି ଯାଉଥିଲା ଆଜି ମଧ୍ୟ ସେହିପରି ଯାଉଅଛି । କିନ୍ତୁ ଚୋରି ଆଗେ ଯେତେ ହେଉଥିଲା ତାହା ଅପେକ୍ଷା କମ୍ ମିଳିଲାପରି ବୋଧ ହେଉ ନାହିଁ । ଚୌକିଦାରୀ ଆଇନ ଜାରି ହେବା ଆଗେ କେତେ ଚୋରି ହେଉଥିଲା ଆଜିକାଲି କେତେ ହେଉଅଛି ଗବର୍ଣ୍ଣମେଣ୍ଟ ଯେବେ ତାହାର ବିବରଣ ପ୍ରକାଶ କରନ୍ତି ତାହା ହେଲେ ହ୍ରାସ ବୃଦ୍ଧି ଜଣା ପଡନ୍ତା । ମାତ୍ର ସମ୍ଭବତଃ ବୃଦ୍ଧି ଉପରେ ଅଛି ଏବଂ କାରଣ ସ୍ୱରୂପ ବିପକ୍ଷମାନେ କହିବେ ଯେ ଆଗେ ଲୋକେ ଅପରାଧ ଗୋପନ କରୁଥିଲେ ସୁତରାଂ ଅପରାଧୀ ଦଣ୍ଡ ପାଇ ପାରୁ ନ ଥିଲା; ଆଜି କାଲି ସମସ୍ତ ଅପରାଧୀମାନେ ଦଣ୍ଡ ପାଉଅଛନ୍ତି । ଏ କଥା ବଡ଼ ଯୁକ୍ତିଯୁକ୍ତ ବୋଧ ହୋଇ ପାରେ ମାତ୍ର ପ୍ରଜାମାନେ କହିବେ "ଚୋରଠାରୁ ରକ୍ଷା କରିବା ସକାଶ ଛାତି କବାଟ ବନ୍ଦୀ ହୋଇ ଯେବେ ଟିକସ ଆଦାୟ ହେଲା ତାହା ହେଲେ ଚୋର ଚୋରି କରି ଦଣ୍ଡ ପାଇବାଠାରୁ ଚୋରି କରିବାକୁ ସୁବିଧା ପାଇବ ନାହିଁକି ?" ବାସ୍ତବରେ ଆଇନ ଲଂଘନ ହେଲୁ ଦଣ୍ଡ ଦେବା ଅପେକ୍ଷା ଆଇନ ଲଂଘନ କରିବାକୁ ନ ଦେବା ଅଧିକତର ସୁଶାସନର ପରିଚାୟକ । ମାତ୍ର ହାକିମମାନେ ବୁଝନ୍ତି ଓଲଟା । ଆମ ଏ ପ୍ରଦେଶରେ ଅଧିକ ମୂଲ୍ୟର ଜିନିଷ ଚୋରି ଯିବା କରଣ ଯାହାକୁ ନ ପୁନଃ ପ୍ରାପ୍ତ ହେବା ସକାଶ ପାଞ୍ଚଟଙ୍କା ଖର୍ଚ୍ଚ କରିବାକୁ ଲୋକେ ଅଗଭର ହେବେ, ବରଂତ ଅନେକ ସ୍ଥଳରେ ଚୋରି ଜିନିଷର ମୂଲ୍ୟ ଅପେକ୍ଷା ଅଦାଲତର ନ୍ୟାଯ୍ୟ ଅନ୍ୟାଯ୍ୟ ଖର୍ଚ୍ଚା ବଳ ପଡ଼େ । ତାହା ଉପରେ ହଇରାଣ ହରକତ ଅଛି । ଏପରି ସ୍ଥଳେ ଚୋର ଦଣ୍ଡ ପାଇବା ନ ପାଇବା ଯାହାର ଚୋରିଯାଏ ତାହା ପକ୍ଷରେ ସମାନ ।

ଆଗେ ଗୋରୁ ମହିଷଠାରୁ ଫସଲ ରକ୍ଷା କରିବା ଚୌକିଦାରର ଗୋଟିଏ କର୍ତ୍ତବ୍ୟ ଥିଲା । ଆଜି ଲୋକେ ହଲାବଡ଼ା । ପରିବର୍ତ୍ତରେ ଟିକସ ଦେଲେ ମାତ୍ର ଚୌକିଦାର ଉପରେ କିଛି ଦାୟିତ୍ୱ ନାହିଁ । ସେଥିସକାଶ ଗ୍ରାମବାସିମାନଙ୍କୁ ବ୍ୟୟ ସ୍ୱୀକାର କରି ଅବଶ୍ୟକମତେ ସ୍ୱତନ୍ତ୍ର ରଗୁଆଳ ରଖିବାକୁ ପଡ଼ୁଅଛି । ଏ ସମସ୍ତ ଗଲା ଧନର କଥା । ପ୍ରାଣର ନିରାପଦତା ସମ୍ବନ୍ଧେ କହିବାକୁ ଗଲେ ଏକାପଦରେ କୁହା ଯାଇପାରେ ଆଗେ ଯେପରି ଥିଲା ଆଜି ସେପରି; କିଛି ତାରତମ୍ୟ ହୋଇଥିଲେ ଚୌକିଦାରି ବ୍ୟବସ୍ଥା ତାହାର କାରଣ ନୁହେଁ । ଉତ୍ପାତଠାରୁ ରକ୍ଷା କରିବା ଶକ୍ତି ଚୌକିଦାରର ନୁହେ, ନା, ସାହୁପଡ଼ିଆରେ ମାଡ଼ିଗୋଳ ହେଲେ କଣ, ଅବା ହଣାହଣି ହେଲେ କଣ, ତାକୁ ବନ୍ଦ କରିବାର ଶକ୍ତି ଚୌକିଦାରର ନାହିଁ ।

କ୍ରମଶଃ

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜେ, ଏଚ୍, ଟ୍ୱାଇଡ଼ଲ ୨ୟ ଗ୍ରେଡ଼କୁ ଉନ୍ନତ ପାଇଲେ ।

ସବଜଜ ବାବୁ ମୋହନଲାଲ ସିଂହ କଟକର ସବଜଜ ପଦରେ ନିଯୁକ୍ତ ହେଲେ ।

ଜଜପୁରର ସବଜଜ ବାବୁ ରାଧାନାଥ ସେନ ଅନ୍ୟ ଆଦେଶ ପର୍ଯ୍ୟନ୍ତ କଟକର ଅତିରିକ୍ତ ସବ୍ ଜଜ ହେଲେ ।

ରେଃ କଲେଜିୟେଟ ସ୍କୁଲର ୩ୟ ମାଷ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର, ଗୁପ୍ତ ବି ଏ ସେହି ସ୍କୁଲର ୨ୟ ହେଡ଼ମାଷ୍ଟର ପଦରେ ନିଯୁକ୍ତ ହେଲେ ।

କଟକ ସ୍କୁଲ ସମୂହର ଡେପୁଟୀ ଇନସ୍ପେକ୍ଟର ବାବୁ ରମାନାଥ ଦାସ ପୁଣି ଛୁଟି ସଙ୍ଗରେ ୭ମାସର ଫରଲୋ ଛୁଟି ପାଇଲେ ।

ବାଲେଶ୍ୱର ଜିଲା ସ୍କୁଲର ୩ୟ ହେଡ଼ମାଷ୍ଟର ବାବୁ ହରପ୍ରସାଦ ଦାସ ୪ର୍ଥ ଶ୍ରେଣୀରେ ଓ ଓଡ଼ିଶା ସ୍କୁଲ ସମୂହର ଇନସ୍ପେକ୍ଟରଙ୍କ ହେଡ଼ କ୍ଲର୍କ ବାବୁ ବ୍ରଜବନ୍ଧୁ ଘୋଷ ୫ମ ଶ୍ରେଣୀରେ, ରେଭେନ୍ସା କଲେଜର ହେଡ କ୍ଲର୍କ ବାବୁ ଅର୍ଦ୍ଧେନ୍ଦୁ ଘୋଷ ୬ମ ଶ୍ରେଣୀରେ ଓ ରେଃ କଲେଜିୟେଟ ସ୍କୁଲର ୫ଃ ମାଷ୍ଟର ବାବୁ ରଘୁନାଥ ଅଧିକାରୀ ବି, ଏ, ୮ମ ଶ୍ରେଣୀରେ ବାହାଲ ହେଲେ ।

ରେଃ କଃ ସ୍କୁଲର ଅଃ ମାଷ୍ଟର ବାବୁ ବୈଦ୍ୟନାଥ ଘୋଷାଲ ଅସ୍ଥାୟୀ ଭାବରେ ୭ମ ଶ୍ରେଣୀକୁ ଉନ୍ନତ ପାଇଲେ ।

ରେଃ କଲେଜିୟେଟ ସ୍କୁଲର ଗୋଟିଏ ଛାତ୍ର ଯମେଶ୍ୱର ମିଶ୍ର ଗତ ପ୍ରବେଶିକା ପରୀକ୍ଷା ଫଳରେ ଟ ୧୨ ର ୨ୟ ଗ୍ରେଡ଼ ବୃତ୍ତି ପାଇଥିଲା; ତାହାର ମୃତ୍ୟୁ ହେବାରେ ବୃତ୍ତି ତାଲିକା ନିମ୍ନ ଲିଖିତ ପ୍ରକାରରେ ସଂଶୋଧିତ ହେଲା; ଯଥା—

ଓଡ଼ିଶା ବିଭାଗ ।

୨ୟ ଗ୍ରେଡ

| | | |
|---|---|---|
| ନୀଳକଣ୍ଠ ଦାସ | " | ପୁରୀ ଜିଲାସ୍କୁଲ ଛାତ୍ର |

୩ୟ ଗ୍ରେଡ

| | |
|---|---|
| ପତିତପାବନ ପଟ୍ଟନାୟକ | " |

ଆଗାମୀ ସୋମବାର ଶ୍ରୀଯୁକ୍ତ ଜଜ ସାହେବ ପୁରୀ 'ଦଉରା' ବସିବା ଯୋଗେ ଯାତ୍ରା କରିବାର ସ୍ଥିର ହୋଇଅଛି ।

ଗତ ଶୁକ୍ରବାର ଏ ନଗର ଚାନ୍ଦନୀଚଉକର ଗୋଟିଏ ଧୋବଣୀ କାଠଯୋଡ଼ି ନଦୀରେ ବୁଡ଼ି ମଲା ।

ଏଠା ଗଙ୍ଗାମଣ୍ଡଳର ଜମିଦାର ଗତ ସୋମବାର ଦୁର୍ଗା ପୂଜାର ଆୟୋଜନ କରିଥିବାରୁ ବହୁତ ଲୋକ ଯାଇଥିଲେ ପୂଜା ଆରମ୍ଭ ସମୟେ ବରଷା ହୁଅନ୍ତେ ସମାରୋହଟି ବିଫଳ ହୋଇ ଗଲା ।

ଅସ୍ମମାନଙ୍କର କମିଶନର ଶ୍ରୀଯୁକ୍ତ ଇ. ଏଫ, ଗ୍ଲାଇସ୍ ସାହେବ ଗତ ମଙ୍ଗଳବାର ଦାରଜିଲିଂ ଗମନ କଲେ ।

ଗଡ଼ଜାତ ମହାଲର ଅସିଷ୍ଟାଣ୍ଟ ସୁପ୍ରଭତ ବାବୁ ସ୍ୱରାମଚନ୍ଦ୍ର ନାୟକ ଗତ ସୋମବାର ମଫସଲ ଗମନ କଲେ । ସେଠାରୁ ତା ୧୯ ରିଖରେ ଦଶପଲ୍ଲା ତା ୨୪ ରିଖରେ ନରସିଂହପୁର, ତା ୨୭ ରିଖରେ ବଡ଼ମ୍ବା ଓ ତା ୨୮ ରିଖରେ ତିଗିରିଆ ଯାଇ ଆଗାମୀ ମାସ ପହିଲା ତାରିଖରେ ଏ ନଗରକୁ ଫେରି ଆସିବାର ସ୍ଥିର କରିଅଛନ୍ତି ।

ଏ ସପ୍ତାହରେ କାଠଯୋଡ଼ି ଓ ମହାନଦୀ ନଦୀମାନ ବୃଦ୍ଧି ହୋଇଥିଲା । ଦୁଇ ତିନି ସପ୍ତାହ ଏଥର କିଛି ଅଧିକ ହୋଇଥିଲା । କାଠଯୋଡ଼ି ନଦୀରେ ପାଣି ୧୮ ଫୁଟ ପର୍ଯ୍ୟନ୍ତ ଆସିଥିଲା । ବୁଧବାର ହେବ କିଛି କମି ଯାଇ ୧୭ ଫୁଟରେ ଅଛି ।

ଏ ସପ୍ତାହରେ ବୃଷ୍ଟି ଏ ନଗରରେ ବହୁ ଅଧିକ ପରିମାଣରେ ହୋଇଥିଲା ।

### ଗଞ୍ଜାମ ସମ୍ବାଦ ।

ଏ ସପ୍ତାହରେ ଇନ୍ଦ୍ରଦେବଙ୍କ କୃପାବୃଷ୍ଟି ଏ ଅଞ୍ଚଳରେ ପଡ଼ିଅଛି ।

ଗତ ଗଣେଶ ଚତୁର୍ଥୀ ପର୍ବ ଉପଲକ୍ଷେ ଅନ୍ତ୍ୟଜ ସ୍କୁଲ ଗୃହରେ 'ପ୍ରହସନ'ର ୧୪ଶ ଅଧିବେଶନ ହୋଇ ଯାଇ ଅଛି । ଛାତ୍ରମାନେ ଗୋଟିଏ ୨ ଖଣ୍ଡ କାହାଣୀ ଓ ମାଷ୍ଟର ଆଶୀର୍ବାଦ ସୂଚକ ବକ୍ତୃତା କରିଥିଲେ ।

ହରିଚନ୍ଦ୍ରଠାରେ ଗତ ବୁଧବାର ଜଣେ ଜଣିକ ବାଳ୍ୟ ବଜ୍ରାଘାତରେ ମୃତ୍ୟୁ ଲଭିଅଛି ।

ନଗରଠାରେ କେତେକ ଦୁର୍ବୃତ୍ତ କମ୍ବୁଦାସ ନାମକ ବ୍ୟକ୍ତିର ଘରଠାରୁ ସମସ୍ତ ଅଳଙ୍କାର ସହିତ ଯୌତୁକ ହରଣ କରି ଅଛନ୍ତି । ପୋଲିସ ସବ ଇଃ ବାବୁ ଦାମୋଦର ରଥ ତଦନ୍ତରେ ୪ ଜଣ ଦୁରାଚାର ଚାଲାଣ ହୋଇଅଛନ୍ତି ।

ଚଉଦିଗରେ ବସନ୍ତ ରୋଗ ପ୍ରବଳ ହୋଇଅଛି ।

ପୂର୍ବବତ୍ ପୋଷ୍ଟ ମାଃ ଙ୍କ ଅଧୀନରେ ୮୯ ଟି ଚିଠି ଓ ମାଃ ୫୦ ଟଙ୍କା ଇନସିଓର ମନିଅର୍ଡରର ତଟି ପଡ଼ିବାର ଜଣା ଯାଇଅଛି । ମାତ୍ର ପୋଷ୍ଟ ବିଭାଗର ଅଦ୍ୟାବଧି ଏଥି ସମ୍ବନ୍ଧରେ ସେ ସମସ୍ତ ବନ୍ଦ ହୋଇ ପାରୁ ନାହିଁ । ଡାକବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କର ଏହା କି କର୍ତ୍ତବ୍ୟ ନୁହେ ?

Digitized by srujanika@gmail.com

Split by PDF Splitter



ଏତଦ୍ଭିନ୍ନ ଷଣ୍ଡି ଏ ପୋଷ୍ଟକାର୍ଡରେ ଏମନ୍ତ ଶବ୍ଦ ଲେଖି ଅଛନ୍ତି ଯେ ତାହା ପଢ଼ିବା କଷ୍ଟ ଓ ତାହାଙ୍କର ନାମ ଧୃତ ପଢ଼ା ଗଲା ନାହିଁ । ସୁତରାଂ ଅଗ୍ରାହ୍ୟ ହେଲା । ପତ୍ରପ୍ରେରକମାନେ ଏ ବିଷୟରେ ସାବଧାନ ହେବା କାରଣ ଅନୁରୋଧ କରୁଅଛୁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

### "GHASTLY APPEARANCE OF CHOLERA."

To the Editor of "Utkal Dipika"
Dear Sir,

In continuation of my article headed as "ALLEVIATION OF CHOLERA" which appeared in the Utkal Dipika on the 26th August 1905, I request your kind publication in original the following few lines into your widely-circulated paper.

The manner in which the people of Cuttack are becoming victims day by day to cholera is inadducible. As the initiative enquiry to the cause of such ghastly appearance of cholera is not yet taken by any higher authorities inspite of abnormal deafh at Cuttack, it is patent fact here to mention that Bacilli of Cholera is growing in the town due to, mainly, the closed gutters or water-channels which are in existence now at the houses of many influential families. The filthy gas which always remains accumulated in the closed gutters but escapes through manholes and the house connection, no doubt taints the atmosphere to relative area and thereby affects the whole town. The Municipality of this town so far we can say, is taking good measures for the public health and good sanitation by the organisation of special medical staff and freely dealing-out medicines to every cholera patient. Yet it is difficult on the part of the Municipality to find out bacillus of Cholera or the places where foul gas emanates. The closed gutters which are in existence should be converted into open-water-channel for through clearance of filthy gas which in some way or other may mitigate the affected area. The Chairman of The Cuttack Municipality at his own discretion can lay the question with stress to every holder by regular service of notices.

Cuttack. 10--9--05 }    Yours faithfully
P N. ROY
P. W. D.
Buxee Bazar CUTTACK.

---

ମହାମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହୋଦୟ ବରାବରେଷୁ ।

ମହାଶୟ !

ଅଜଣ୍ଟି ସଦର ଦ ୧୫ କ ହେବ ଏହି ଅଞ୍ଚଳ । ପ୍ର । ଅସୁରେଶ୍ୱର । ମୌ । ପାଣିକୋଇଲିପଡ଼ା ଓ ତାହାର ନିକଟବର୍ତ୍ତୀ ଗ୍ରାମସବୁ ଯଥା ନୋଗଲେ, କାଲୀଦାସ, ପୁରଂଶ, ଟେଣ୍ଟୁଲେଶ୍ୱର, ଗଡ଼ଗୋପ୍ଟା ଓ ଦାନପୁର ଇତ୍ୟାଦି ଗ୍ରାମମାନଙ୍କରେ ଓଲାଉଠା ଅତି ପ୍ରବଳ ବେଗରେ ଲାଗି ଉପଯୁକ୍ତ ଚିକିତ୍ସା ଅଭାବରେ ଅନେକଲୋକ ମାରାପଡ଼ୁଅଛନ୍ତି, ଓ ଯେପରି ଭାବରେ ରୋଗର ପ୍ରବଳତା ଦେଖାଯାଉଅଛି ସେଥିରୁ ବୋଧ ହେଉଅଛି ଯେ ଶୀଘ୍ର ଏହାର ବହୁତ ପ୍ରତୀକାର ନ ହେଲେ ଗ୍ରାମମାନ ଜନଶୂନ୍ୟ ହେବାର ସମ୍ଭବ । ଏଠାକାର ପ୍ରଜାବାସୀମାନେ ଅତିଶୟ ଗରିବ ଲୋକ ଅଟନ୍ତି ଓ ଏଠାରେ ମଧ୍ୟ ଉପଯୁକ୍ତ ବୈଦ୍ୟ କିମ୍ବା ଡାକ୍ତରଖାନା ନାହିଁ । ଅତଏବ ଅମ୍ଭମାନଙ୍କର ଦୟାଳୁ କଲେକ୍ଟର ସାହେବ ବାହାଦୂରଙ୍କୁ ସବିନୟ ପ୍ରାର୍ଥନା ଏହି କି ସେ ଏକଜଣ ଉପଯୁକ୍ତ ଡାକ୍ତର ଶୀଘ୍ର ଏ ଅଞ୍ଚଳକୁ ପଠାଇ ଗରିବ ପ୍ରଜାମାନଙ୍କୁ କାଳକବଳରୁ ରକ୍ଷା କରିବା ହେଉନ୍ତୁ ।

୧୯।୯।୦୫
ଷା । ଟେଣ୍ଟୁଲେଶ୍ୱର
ପ୍ର । ଅସୁରେଶ୍ୱର } ବଶମ୍ବଦ
ଶ୍ରୀ ବାଲକୃଷ୍ଣରଥ ଶର୍ମା

---

ମହାଶୟ !

ଇତିପୂର୍ବେ ଆପଣଙ୍କ ଦୀପିକାରେ ଜଗତପୁର ପ୍ରଜାସାଧାରଣଙ୍କ ଅଭାବ ଉପସ୍ଥାପିତ କରାଯାଇଥିଲା, ସୁତରାଂ ବିଷୟ ତାହା କର୍ତ୍ତୃପକ୍ଷମାନଙ୍କ ଦୃଷ୍ଟିଗୋଚରରେ ଆଣିତ ହୋଇ ବ୍ୟାଃ ବୈଃ ଡିଃ ଏକ୍ଜିକ୍ୟୁଟିଭଇଞ୍ଜିନିୟର ବ୍ରମେକ୍ ସାହେବଙ୍କ ଆଦେଶରେ ପଟ୍ଟାମୁଣ୍ଡାଇ କେନାଲ ଉପରେ ଲୁପଡମାନଙ୍କର ବଳ ଗାଡ଼ି ଗଡ଼ିଦିଆଯାଉଅଛି । କିନ୍ତୁ ବିଶେଷ ଅଭାବଟି ମୋଚନ ହୋଇ ନାହିଁ । କେନ୍ଦ୍ରାପଡ଼ା କେନାଲ ଉପରେ ନାଠପୁଲ ନ ହେଲେ କିମ୍ବା କେନାଲର ଦକ୍ଷିଣଭାଗ ବନ୍ଧରେ ବଳ ଗାଡ଼ି ଗଡ଼ି ନ ହେଲେ ଅଥବା ବରୁପା ନଦୀର ରେଲପୁଲ ତଳ ଓ ନଦୀର ପୂର୍ବପାର୍ଶ୍ୱ ନିକଟରେ ଗଡ଼ା, ଘୋଷଡ଼ା ଆଦର ଆଦେଶ ନ ହେଲେ ବାସ୍ତବିକ କଷ୍ଟ ନିବୃତ ହେଉ ନାହିଁ ।

ଏତେବଡ଼ ମୌଜାରେ ମଧ୍ୟ ଗୋଟିଏ ଗ୍ରାମ୍ୟରାସ୍ତା (village road) ସୁଦ୍ଧା ନାହିଁ ଯାହା କି ଅତି ଅଳ୍ପ ବ୍ୟୟରେ ପଶ୍ଚିମ ଦିଗସ୍ଥ ଜଗନ୍ନାଥ ସଡ଼କରାସ୍ତା ସଙ୍ଗେ ସଲଗ୍ନ ହୋଇ ପୂର୍ବପ୍ରାନ୍ତ ପର୍ଯ୍ୟନ୍ତ ଚାଲିଯିବ । ଦୟାବାନ୍ ଗବର୍ଣ୍ଣମେଣ୍ଟଙ୍କ ଶାନ୍ତି ପାଳନ ଶାସନ ରାଜ୍ୟରେ ରହି ପ୍ରଜାବର୍ଗ କି ଏହିପରି ଚିରଦୁଃଖ ଭୋଗ କରିବେ ? ଅବଶ୍ୟ ବିଭାଗୀୟ କମିଶନର ଓ ଜିଲ୍ଲା ମାଜିଷ୍ଟ୍ରେଟ ବା ଚେୟାରମେନ ଅଥବା ଡିଃ ଓ ଲୋକେଲବୋର୍ଡ ଷ୍ଟଃ ଚେୟାରମ୍ୟାନମାନେ ଏପରି ଅଭାବରେ ଶୈଥିଲ୍ୟ ପ୍ରକାଶ ନ କରି ଅତି ଶୀଘ୍ର ପ୍ରତୀକାର କରିବାକୁ ବାଧ୍ୟ ହେବେ । ଅତଏବ ଅମ୍ଭମାନଙ୍କ ବିନୀତ ନିବେଦନ ଅଗ୍ରାହ୍ୟ ହେବ ନାହିଁ ।

କଟକ }    ଆପଣଙ୍କର
ଶ୍ରୀ ବାଞ୍ଛାନିଧି ପଣ୍ଡା ଜଗତପୁ-
ପୁରବାସୀ ଜନୈକପ୍ରଜା

---

## ମୂଲ୍ୟପ୍ରାପ୍ତି ।

ଶ୍ରୀ ବାବୁ ଶରତଚନ୍ଦ୍ର, ଦତ୍ତ ସୁପରିଣ୍ଟେଣ୍ଡେଣ୍ଟ
ବଦଲଗ୍ରେଡ୍ଡା ଟି, କଛାର, ଆସାମ ଟ ୩
" ଚନ୍ଦ୍ରମଣି ମହାପାତ୍ର ରଘୁନାଥପୁର ମୟୂରଭଞ୍ଜ ଟ ୧
" ବୈଷ୍ଣବଚରଣ ପାଣିଗ୍ରାହୀ, କମାରପୁର ବାଲେଶ୍ୱର ଟ ୩
ସ୍ୱତ୍ୱ ଇସମାନଅଲ ନିଡୋଳ ଟ ୨
ଶ୍ରୀ ବାବୁ ଗୋପୀନାଥ ଷଡ଼ଙ୍ଗୀ ପୁରୀ ଟ ୧ ୩
" ଗୋବର୍ଦ୍ଧନ ସୋଥାଲ ଦେହୁରଡ଼ା ବାଲେଶ୍ୱର ଟ ୩
" ରୁକ୍ମଣୀ ଦେବେ ହେଡ଼ମିଷ୍ଟ୍ରେସ ଲଟୋର ଟ ୩
" ହରେକୃଷ୍ଣ ମହାନ୍ତି କଣ୍ଟ୍ରାକ୍ଟର ଯାଜପୁର ଟ ୩
" ସାଧୁଚରଣ ସେନାପତି ଗାଁ ଟରଙ୍ଗ ପାଞ୍ଚଗ୍ରାମ ପୁରୀ ଟ ୧
" ମୃତ୍ୟୁଞ୍ଜୟ ରଥ କଟକ ଟ ୧
" ଧର୍ମାନନ୍ଦ ପଟ୍ଟନାୟକ ଓକିଲ କଟକ ଟ ୧
" ଗୋପାଳ ପ୍ରହରାଜ ଓକିଲ କଟକ ଟ ୧
" ଗୋବର୍ଦ୍ଧନ ସ ୨ ମନୋହରିର ଲମପଡ଼ାଥପେଣ୍ଡ ଟ ୧
" ଭଗବାନ ପଣ୍ଡା ହଃ ଏଃ ପେଣ୍ଡ୍ ବରମ୍ବା ଟ ୩

---

## ବିଜ୍ଞାପନ ।

## ନିଲାମ ।

ନିମ୍ନଲିଖିତ ଜଙ୍ଗଲମାନଙ୍କରେ ଥିବା ଜାଳେଣି କାଠ ଓ ଖୁଣ୍ଟ ଓଗେର ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ରିଖରେ ଖୋରଧା ମୁକାମ ଜଙ୍ଗଲ ଅଫିସଠାରେ ନିଲାମ କରାଯିବ ଓ ଉହାର ପରିମାଣ ସେହି ତାରିଖରେ ବୁଝାଇ ଦିଆଯିବ ।

| | | |
|---|---|---|
| ଚନ୍ଦକ | ୪୨ | ଏକର |
| ଚଣ୍ଡକା | ୨୪୨ | " |
| ବାରପେଠା | ୨୪୨ | " |
| ବଲୁଶାଳ | ୩୨ | " |
| ପାଞ୍ଚଗଡ଼ | ୪୮ | " |
| ବୃହିଙ୍ଗ | ୪୪ | " |
| ସୁଳଅ | ୧୨୭ | " |
| ଭରତପୁର | ୯୪ | " |
| ରାମପୁର | ୩୭ | " |
| ଡପୁର | ୨୭ | " |
| ମେଣ୍ଢାଶାଳ | ୨୪,୭ | " |
| ମାଳଣା | ୧୩ | " |
| ଜଏମଙ୍ଗଳ | ୧୦ | " |
| ନାଗାପିଛି | ୪୭ | " |
| ଚଳଚାଉ | ୪୯ | " |

ଯେଉଁମାନେ ନିଲାମ ଡାକ ଧରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରିଖ ଦିନବେଳେ ଉପରୋକ୍ତ ସ୍ଥାନମାନଙ୍କରେ ଥିବା ଜଙ୍ଗଲମାନ ଦେଖି ପାରନ୍ତି । ଫରେଷ୍ଟ ଡିଭିଜନ ଅଫିସର ସର୍ବୋଚ କିମ୍ବା କୌଣସି ଡାକମାନ ମଞ୍ଜୁର କରିବାକୁ ବାଧ୍ୟ ନୁହନ୍ତି ।

T. H, MONTEATH.
*Deputy Conservator of forests*
*Puri Division*
23-3-05

Digitized by srujanika@gmail.com

IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is a safe and reliable remedy.

Batliwalla & Co's Cholerol, specific-tor cholera and Batliwalla's Ague Mixture or Pills, may be had of DR H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade.

# ନବରତ୍ନ।



ଏହା ବହୁଦର୍ଶୀ ଲବ୍ଧ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବାକ୍ୟପଲ୍ଲବ ଅନାବଶ୍ୟକ।

୧। ଧନ୍ୱନ୍ତରୀ ବଟିକା—ପ୍ରକୃତରେ ଧନ୍ୱନ୍ତରୀ। ଏହା ଦ୍ୱାରା ପାଳି, ଏକୁଆ, କମ୍ପ, ବେଳ ଓ ଜୀର୍ଣ୍ଣଜ୍ୱର, ପ୍ଳୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୂତିକା ଓ ପଥ୍ୟଜ୍ୱର, ଶିଶୁଜ୍ୱର ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ। ମୂଲ୍ୟ—ନଂ ୧ ସ୍ଵର ଡବା (୧୫ ବଟିକା) ଟ ୦।୬/ ନଂ ୨ ସ୍ଵର ଡବା (୩୦ ବଟିକା) ଟ ୧୬/। ନଂ ୩ ସ୍ଵର ଡବା (୫୦ ବଟିକା) ଟ ୧୮/।

୨। ଦନ୍ତ୍ରାଦିକେନ୍ଦୁ—ଏହା ହାଗୁଆ, ଦଦ୍ରୁଭଣ, ଖୋସ ବା ଚରମରୋଗ ଓ ଅର୍ଶାଦି ପ୍ରଭୃତି ସର୍ବପ୍ରକାର ଚର୍ମରୋଗର ପରୀକ୍ଷିତ ଓ ଅମୋଘ, ଜ୍ୱାଳା ଯନ୍ତ୍ରଣା ଶୂନ୍ୟ, ଅଶୁଫଳପ୍ରଦ ଓ ସୁଲଭ ଔଷଧ। ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ପୁନର୍ବାର ହୁଏ ନାହିଁ। ମୂଲ୍ୟ—୧ ଡବା ଟ ୦। ଡାକମସୁଲ ଟ ୨

୩। ଚକ୍ଷୁ କାଳାନଳ—ଏଥିରେ ଛାନି ଫୁଲ ପ୍ରଭୃତି ନାନା ପ୍ରକାର ଚକ୍ଷୁରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଚକ୍ଷୁରେ ଥିବା କୀଟାଣୁଗଣ ତତକ୍ଷଣାତ୍ ନଷ୍ଟ ହୁଅନ୍ତି। ମୂଲ୍ୟ ପ୍ରତି ଡବା ଟ ୦।, ପ୍ରତି ଡାକର ଟ ୬୫

୪। ଶତଭୂଲାନ୍ତକ—ଏଥିରେ ସର୍ବପ୍ରକାର ବା ଯଥା: ଫଣି, ବିଛାଦଂଶ ବା ପ୍ରଭୃତି ବିଷାକ୍ତ ଅତି ସହଜରେ ଓ ଜ୍ୱାଳା ଯନ୍ତ୍ରଣାରେ ଆରୋଗ୍ୟ ହୁଏ। ପିଲାମାନଙ୍କର ସ୍ତ୍ରୀଚିହ୍ନି ଲାଳ ବା ବଳଦ ବା ବଳାଗା ଓ ରଙ୍ଗ ବା ଉପରେ ମନ୍ତ୍ରବତ୍ କର୍ମ କରେ। ମଲ୍ୟ—ଦୁଇ ଡବା ଟ ୦। ଓ ଡାକର ଟ ୨

୫। ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ। ମୂଲ୍ୟ—ପ୍ରତି ଡବା ଟ ୧।; ପ୍ରତି ଡାକର ଟ ୧୨ ଣା

୬। ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେହ ରୋଗ ଶରୀରର ପରମଶତ୍ରୁ। ଏହା ଶରୀରକୁ ଆକ୍ରମଣ କଲେ କ୍ରମଶଃ ତାର ସୁସ୍ଥତା ଅଶ୍ରବଳ ପରିନଷ୍ଟ କରେ ଏପରି ଭୀଷଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା। ଏଥିରେ ରୋଗର ବିଷ ସମ୍ପୂର୍ଣ୍ଣରୂପେ ଶରୀରରୁ ନଷ୍ଟ ହୁଏ ଓ ୨ ୧୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ। ଏହା ରୋଗ ଧାତୁଦୌର୍ବଲ୍ୟ ଓ ବଣ ଗତ ଧାତୁ ଦୌର୍ବଲ୍ୟ ତାଳ ଏବଂ ଅର୍ଶ୍ୱଶ୍ୟ ଓ ଅନ୍ୟ ବାହାର କାଳ ଅବ୍ୟାବଧି ଅନାଦି ତ; ଅଶୁଫଳପ୍ରଦ ଅମୋଘ ଔଷଧ। ମୂଲ୍ୟ—ଦୁଇଡବା ଟ ୧୮; ପ୍ରତିଡାକର ଟ୧୫(ଣା

୭। କର୍ଣ୍ଣାମୃତତୈଳ—ଏହା ନୂତନ ଓ ପୁରାତନ ସର୍ବପ୍ରକାର କାନପଚା ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ। ମଲ୍ୟ ପ୍ରତି ଶିଶି—ଟ ୦ ।୶; ବାରଶିଶି ଟ ୪( ଣା

୮। ଅମୃତରସ—ଯେପରି ନାମ ସେହିପରି ଗୁଣ ବହୁଦିନ ଓ ଓଲଉଠା ରୋଗର ଅତ୍ୟନ୍ତ ଅଶୁଫଳପ୍ରଦ ଔଷଧ। ଅଦ୍ଭୁତ ମଧ୍ୟ ଏଥିରେ ଅମଶୂଳ, ଜୀର୍ଣ୍ଣଯୁକ୍ତ ପାଇଳ ଶାଢ଼ା, ଗ୍ରହଣୀ, ଅତିସାର, କାଶ, ପଢ଼ି ପ୍ରଭୃତି ରୋଗ ଆରୋଗ୍ୟ ହୁଏ। ମୂଲ୍ୟ—ପ୍ରତିଶିଶି ଟ୦୮ ଓ ଡାକର ଟ୪ ଣା

୯। ଭାସ୍କରତୈଳ—ଏହା ଅଙ୍ଗଭଙ୍ଗ, ଅଣ୍ଡବୃଦ୍ଧି ଅମବାତ ଓ ଅଂଶାତ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ। ମଲ୍ୟ—ପ୍ରତି ଶିଶି ଟ ୦୮, ବାର ଶିଶି ଟ ୪( ଣା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ଟେପଇ ଘି ଅର୍କ ପ୍ରତି | ଶିଶି | ଟ ୦୮ | ବାରଶିଶି | ଟ ୪( |
| ପାନମହୁରି ଅର୍କ | " | ଟ ୦୮ | " | ଟ ୪( |
| ଅମୃତାଦି ପାଚନ | " | ଟ ୧୮ | " | ଟ୧୫( |
| ମାଳତୀକୁସୁମ ତୈଳ | " | ଟ ୦୮/ | " | ଟ ୭( |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ।

ଡାକ୍ତର ଶ୍ରୀ ଉମାଚରଣ ଦାସ ବାଲେଶ୍ୱର

# ଯାଦବର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ।

ଯେଉଁମାନେ ନାନାପ୍ରକାର ବାତରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ସୁଦ୍ଧା ତୁଳାଶ ବା ବିଫଳମନୋରଥ ହୋଇଅଛନ୍ତି, ଦାରୁଣ ଯନ୍ତ୍ରଣାରେ ନଚୋଦେଶ୍ୟରୂପେ, ସ୍ଥାୟୀରୂପେ ଏ ରୋଗ ହାତରୁ ତାଙ୍କ ପାଇବାର ଉପାୟ କରନ୍ତୁ ସେମାନେ ଏହି ସର୍ବକାଳର ସୁପରୀକ୍ଷିତ ସହସ୍ର ଲୋକଙ୍କ ଚିହ୍ନିତ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ। ମନୁଷ୍ୟ ଦେହର ଯାହା ଦୂଷିତ ପଶୁ ଦେହରେ ମାତ୍ରଶବା ଯାହା ପର୍ଯ୍ୟନ୍ତ ଭଲ ହୋଇ ଯାଉଅଛି। ଏହାର ଏପରି ଗୁଣସବୁ ଦେଖି ପ୍ରକୃତରେ ବନ୍ଧୁବର୍ଗଙ୍କ ଅନ୍ତର୍ଯ୍ୟାମୀ। ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି।

ମଲ୍ୟ ୧ ଡବା ଟ ୦।୶, ୩ ଟ ୧, ୬ ଟ ୧୮, ୧୨ ଟ ୩

# କାଟୁର ମହୌଷଧ।

ସର୍ବପ୍ରକାର କାଟୁ ବା ଖାଇଜ, କୁଣ୍ଡିଆ, ନାନାପ୍ରକାର ଚର୍ମଜାତ ରୋଗ, ଯା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି। ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅତିଅଳ୍ପ କାଳ ମଧ୍ୟରେ ରୋଗ ମନ୍ତ୍ରଶକ୍ତିପରି ଦୂର ହୋଇଯାଏ। ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି। ଅଳ୍ପକାଳ ମଧ୍ୟରେ ଏହା ସାମାନ୍ୟ ପଲ୍ଲୀବାସୀଙ୍କଠାରୁ ରାଜାଧିରାଜଙ୍କଠାରେ ସମାନ ଆଦର ପାଇଅଛି ପରୀକ୍ଷା ଏବାକୁ ବାଧ୍ୟକ ଏହୁନାହିଁ କହୁପାରୁଁ।

ମୂଲ୍ୟ ୧ଡବା ଟ ୦୮, ୩ ଟ ୧।୶, ୬ ଟ ୨୮, ୧୨ ଟ ୪୮

ପ୍ରାର୍ଥିମାନେ ନିଜନିଜର ନାମ, ଗ୍ରାମ, ଡାକଘର, ଜିଲା ଏବଂ ବାହାର କେଉଁ ଔଷଧରୁ କେତେଡବା ଆବଶ୍ୟକ ନିଭୁଲରୂପେ ଏ ସବୁ କଥା ଲେଖିବେ।

ଏକମାତ୍ର ପ୍ରାପ୍ତିସ୍ଥାନ।

ଶ୍ରୀ ରାମଚରଣ ସେନ

ତେଲି ଉତ୍କଳପ୍ରେସ, ବା ମାଣିକଗମ୍ ୭୯; ବାଲେଶ୍ୱର

# ଇଲେକ୍‌ଟ୍ରିକ ଡ୍ରପ।

ମେହ ପ୍ରମେହ ଓ ଧାତୁଦୌର୍ବଲ୍ୟର ମହୌଷଧ ବାଲ୍ୟର କୁସଙ୍ଗ ଓ ଯୌବନର ଅଯଥା ଅତ୍ୟାଚାରରେ ମେହ ପ୍ରମେହ ଧାତୁଦୌର୍ବଲ୍ୟ ଜନିତ ଶୁକ୍ରତାରଲ୍ୟ ମୁହୁର୍ମୁହୁ ପ୍ରସ୍ରାବ, ପ୍ରସ୍ରାବ କାଳରେ ଅସହ୍ୟ ଯନ୍ତ୍ରଣା, ସ୍ୱପ୍ନ ଧାତୁ ନିର୍ଗମ, ପିତ୍ତ ପ୍ରମେହ, ମୂତ୍ରାପଥ ଧାତୁ ପତନ ମସ୍ତକଘୂରଣ ଦ୍ୱାରା ମସ୍ତିଷ୍କର ଦୁର୍ବଳତାର କ୍ଷତ କୋଷ୍ଠବଦ୍ଧ ଓ ଯେତେ ପୁରାତନ ପ୍ରମେହ ହେଉ ନା କାହିଁକି ଚିହ୍ନୀପଥ ଆରୋଗ୍ୟ କରି ଶରୀର ପୁଷ୍ଟି ଓ ସବଳ କରେ କରେ ଏଥିରେ କୌଣସି ଦୂଷିତ ପଦାର୍ଥ ନାହିଁ, ଯେଉଁ ବ୍ୟକ୍ତି ଅନେକ ଦିନରୁ ନାନାପ୍ରକାର ଔଷଧ ବ୍ୟବହାର କରି କୌଣସି ଫଳ ପାଇ ନାହାନ୍ତି ଏହି ଏକମାତ୍ର ଔଷଧ।—

ମୂଲ୍ୟ ପ୍ରତି ଶିଶି ଡାକମାସୁଲ ସହିତ ଟ ୨ ଣା ଦୁଇଟଙ୍କା ମାତ୍ର।

ଆଡ, ଡି, ପତି
ନଂ ୨୨ ସେଣ୍ଟ ଜେମସଲେନ
କଲିକତା

R. D. Pati
22 St. James
Lane, Calcutta.

# ଦେଖନ୍ତୁ! ଦେଖନ୍ତୁ!! ଦେଖନ୍ତୁ!!!

ଘଡ଼ିର ଓ୍ୱାଚ ଅନାୟତ ମୂଲ; ଷ୍ଟ୍ୟାଣ୍ଡାର୍ଡ଼: ଟ ୩ ଣା; ଉଲ୍ଟାନ୍ତ ଓ୍ୱାଚ ଟ ୩୮; ରେଲୱେଇ ରେଗୁଲେଟର ଓ୍ୱାଚ ଟ ୪; କୋନସ୍‌ଟାଣ୍ଟାଇନ କୋଂ ଓ୍ୱାଚ ଟ ୧୬ ରୁ ଟ ୪୦ ଣା ପର୍ଯ୍ୟନ୍ତ; ନାନା ଟାଇମପିସ (ଘଣ୍ଟା ଓ ଘଣ୍ଟା ବାଜେ) ଟ ୪ ଣା। ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ରଖାଯାଏ ଓ ମାସୁଲ ସ୍ୱତନ୍ତ୍ର ଲାଗେ।

ଅନ୍ୟ ଅପଣଙ୍କର ପ୍ରୟୋଜନ;—ସଙ୍ଗୀତ ଗ୍ରନ୍ଥ (ଛୋଟ) ନୂଆ ଅନୁଯାୟୀ ୭ଟି ଟ ୧୮; ୧୨ଟି ଟ ୨୮; କେରସିନ୍ ହାରିକେନ ଲଣ୍ଠନ ଗୋଟିକୁ ଟ ୦ ।୶, ଉତ୍ତମ ଟ ୧ ଣା, ଖୋଲପ୍ରକାର ଦ୍ରବ୍ୟଯୁକ୍ତ ବୁଲ୍ସ ଗୋଟିଏ ଟ ୨୮; ହାର୍ଓ୍ୱାର ବକ୍ସ (ପାସ ଯଥେଷ୍ଟ ନାହିଁ) ଟ ୩୮; ସକେଟ ପ୍ରେସ ସଙ୍ଗେ ୨ ଓ ୩; ଜାଲଛବି (ଏକଶେ ୧୦×୭ ଇଞ୍ଚ) ଟ ୦ ।୶; ସୁନ୍ଦର ସୁନ୍ଦର ଖେଳନା ଟ ୦ । ଆଣ ଠାରୁ ଟ ୧୦ ଣା ପର୍ଯ୍ୟନ୍ତ; ନୂଆଇନ ଲଣ୍ଠନ ଟ ୧୮ ଠାରୁ ଟ ୧୦ ଣା ପର୍ଯ୍ୟନ୍ତ ମାସୁଲ ସ୍ୱତନ୍ତ୍ର। ଏହାବ୍ୟତୀତ ବହୁ ପ୍ରକାରର ଘଡ଼ି ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ। ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦି ଲେଖି ମୂଲ୍ୟ ଜାଣନ୍ତୁ।

ମେଲ ସପ୍ଲାଇ କୋଂ, ନଂ ୧୪ ବଳରାମ ଘୋଷ ଷ୍ଟ୍ରିଟ ଶ୍ୟାମବଜାର କଲିକତା।


Digitized by srujanika@gmail.com

Split by PDF Splitter



# ନିଲାମ ।

କଟକ ଜିଲ୍ଲାର ଶ୍ରୀଯୁତ ଶ୍ରୀ ସବାର୍ଡିନେଟ ଜଜ ସାହେବଙ୍କ ଅଦାଲତର ସନ ୧୯୦୫ ମସିହା । ନ ୨୭୯ ମ୍ବର ଡିକ୍ରୀଜାରୀ।

ରାସବେହାରୀ ଧର । ସା । ନ ୩ ମ୍ବର ଲୁପ-ଟନ ରାସ୍ତ ଷ୍ଟ୍ରିଟ କଲିକତା ଡିକ୍ରୀଦାର ।

ବନାମ ।

୰ ଜଗେନ୍ଦ୍ରନାଥ ମଲ୍ଲିକଙ୍କ ଷ୍ଟେଟର ଏଡ଼-ମିନିଷ୍ଟ୍ରେଟ୍ରିକ୍ସ୍ ଶ୍ରୀମତୀ ଗିରବାଲା ମିତ୍ର । ସା । ଅନୂଲ । ପ୍ର । ମଜଫରପୁର । ଜି । ହୁଗ୍ଲୀ ଦେଣଦାର ।

ଡିକ୍ରୀଦାରର ପାଉଣା । ବା । ଟ ୨୮୪୭ / ୨ ୧ । ଜି । କଟକ ଓ ସ୍ୱଃ ଡିଃ ଓ ସ୍ୱଃ ରେଃ । ମ୍ । କଟକ ଅନ୍ତର୍ଗତ । କ । ପର୍ଗଣା ସାମିଲ ମୌ । କଚ୍ଛପୁର, ସାମିଲ କଳବାଜପୁର, ପ୍ରତାପପୁର, ମୁରାଦପୁର ଓ ରାଧେପୁର ଏହି ସବୁର ମଉଜାର ଦାଏମ ଖଲାସି ବାଜେହାଲ ଲାଖ-ରାଜ ମା ୭୬୭।୬୧୯ ଜମିରେ ୰ ଜଗେନ୍ଦ୍ରନାଥ ମଲ୍ଲିକଙ୍କ । ଜ । ଟ ୦୫ ବନକ ଅଛି ; ତାହା ତା ୨୬।୧୧।୦୫ରେ ନିଲାମ ହେବ ।

---

ଗଭର୍ଣ୍ଣମେଣ୍ଟ ମେଡିକାଲ ଡିପ୍ଲୋମା ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

କଠିନ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ଦୃଢ଼, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ବିନାଶ ହୁଏ, ଓ କେଶ, ପଡ଼ିବା ନିବାରିତ ହୁଏ । ତୈଳ, ମସ୍ତିଷ୍କ ଦୌର୍ବଲ୍ୟ ସ୍ନାୟବୀୟ ଦୁର୍ବଳତା କଣ୍ଠ ମୂର୍ଚ୍ଛା ବୃଦ୍ଧି, ଦର୍ଶନହ୍ରାସ, ବୁଦ୍ଧି ଦୌର୍ବଲ୍ୟ ଏ ସାତର ବେଦନା ଅଗ୍ରୁଦାୟ୍ଶ୍ର ହୁଏ

ମୂଲ୍ୟ ଏକଭୋଲର ଟ ୧ ପାକ୍ଂ ଓ ଡାକମାସୁଲ ଟ ୦।୵

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ପ୍ରକାର ମେହ, ପୁରାତନ ମେହ, ଯନ୍ତ୍ରଣାତ୍ରସ୍ରାବ ପୂଲ ଏବଂ କ୍ଷତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ଗୃହେ ବସି ଚିକିତ୍ସା କରି ଆରୋଗ୍ୟ ଲାଭ କରିବ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା ଅନୁରୂପ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୵ ଡାକମାସୁଲ ଟ ୦ ।୵

# ଅଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ପେଟର ବେଦନା, ଗର୍ଭଗ୍ରହଣର ଅକ୍ଷମତା, ପ୍ରସବାନ୍ତରରେ ସନ୍ତାନ ରୋଗର ଅଶଙ୍କା ଦୂରୀଭୂତ କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୵ ଡାକ ମାସୁଲର ଟ ୦ ।୵

ଅମୃତ ବଲ୍ଲୀ କଷାୟ ।

ପାରଦକ୍ଷତଜନିତ ଓ ଉପଦଂଶର ଫଳପ୍ରଦ ମହୌଷଧ ପ୍ରତି ଶିଶିର ମୂଲ୍ୟ ଟ ୧୵ ଡାକମାସୁଲର ଟ ୦।୵

## ଶୋଣିତ ଶୋଧକ ।

ବାତ ରକ୍ତ ଓ କୁଷ୍ଠ ରୋଗର ଅଶୁ ପ୍ରତିକାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରୋପଯୋଗୀ ଔଷଧର ମୂଲ୍ୟ ଟ ୪ ଡାକମାସୁଲର ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚାଞ୍ଚଲ୍ୟ ବଶତଃ କୁତ୍ସିତ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତେଲ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦୫

# ପୁନର୍ନବାସବ ।

ଶୋଥ ଓ ଉଦରୀର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲର ଟ ୦ ।୵

ପ୍ରାପ୍ତି ସ୍ଥାନ

କବିରାଜ ଶାରଦା ପ୍ରସାଦ ଦାସ ଗୁପ୍ତ
କଟକର ଏକମାତ୍ର ଏଜେଣ୍ଟ:
ବାଲୁବଜାର, ଚାନ୍ଦନୀଚୌକ, କଟକ
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ଼
କଲିକତା

---

# ବିଜ୍ଞାପନ ।



# ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ପୃଥିବୀ ବ୍ୟାପିତ

# ସର୍ବଜ୍ୱରର ଗଜସିଂହ ।

୬ ଘଣ୍ଟା ମଧ୍ୟରେ ସର୍ବବିଧ ଜ୍ୱର ୧ ସପ୍ତାହରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ବଡ଼ ଟ ୧୵ ମଧ୍ୟମ ଟ ୧୧ ଛୋଟ ଟ ୦।୵ ଡାକମାସୁଲ ୧୦ାରୁ ୭ ଶିଶି ଟ ୦।୵

# କଣ୍ଡୁ ଦାବାନଳ ।

ଦାଦୁ ଆଦି ଚର୍ମରୋଗ ବିନା କ୍ଲେଶେ ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧୦ାରୁ ୭ ଶିଶି ଟ ୦୵

# ସର୍ବଦଦ୍ରୁ ହୁତାଶନ ।

୨୪ ଘଣ୍ଟାରେ ଦାଦୁ ଆଦି ଚର୍ମରୋଗ ବିନା ଉଷ୍ମରେ ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ୧୦ାରୁ ୧୨ ଶିଶି ଟ ୦୵

ଏବେ ନକଲ ହୋଇଅଛି ଏଥିପାଇଁ ଲାଲ ମୋହନ ସାହା ଶଙ୍ଖନିଧିର ନାମ ଓ ଶଙ୍ଖମାର୍କା ଦେଖି କ୍ରୟ କରିବେ । ଏହା ସକଳ ସହର ବଡ଼ ବଡ଼ ଦୋକାନରେ ପାଇବେ ନ ପାଇଲେ ପ୍ରସ୍ତୁତକାର ଯେ କୌଣସି ସ୍ଥାନରୁ କେହି ବ୍ୟକ୍ତି ସ୍ପଷ୍ଟାକ୍ଷରରେ ପତ୍ର ଲେଖିଲେ ଭି, ପି, ପାର୍ଶ୍ୱଲରେ ପଠାଉଁ । ଏହି ସମସ୍ତ ଔଷଧରେ ଅରୋଗ୍ୟ ନ ହେଲେ ମୂଲ୍ୟ ଫେରତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର ।

ଏଜେଣ୍ଟ କଟକ ବାଲୁବଜାର ଶ୍ରୀଯୁକ୍ତ ଧାନଦାପ୍ରସାଦ କର-ଗଞ୍ଜନ ଦେଖନ୍ତୁ ରାଖନ୍ତୁ ।

Lal Mohan Saha Sankhanidhi
Baburbazar, Dacca.

---

## ଉପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୟ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ସ୍ଥଳ ଭିନ୍ନ ଭେଲୁପେବଲ ପାର୍ଶ୍ୱଲରେ କାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜବାବୀ ଚିଠି ବା ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ବେରଙ୍ଗ ବା କମ୍ ମାସୁଲ ଦିଆ ହୋଇଥିବା ପତ୍ର ଗୃହୀତ ହୁଏ ନାହିଁ । ଔଷଧ ଛଡ଼ା ସୁଗନ୍ଧ ଦ୍ରବ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

| | |
|---|---|
| ଉପଦବନ୍ଧୁ ଔଷଧାଳୟ ଚଉଧୁରୀବଜାର,କଟକ ୩୦।୫।୧୯୦୪ | ଶ୍ରୀ ବାଳକୃଷ୍ଣଦାସ କବିରାଜ ଶ୍ରୀ ରାମକୃଷ୍ଣ ମିଶ୍ର ମାନେଜର |

---

# ପ୍ରଜାବନ୍ଧୁ ।

ଉତ୍କଳ ଭାଷାରେ ସମ୍ପାଦିତ, ଗଞ୍ଜାମ ପ୍ରଦେଶରୁ ପ୍ରକାଶିତ ଏକମାତ୍ର ସାପ୍ତାହିକ ସମ୍ବାଦପତ୍ର 'ପ୍ରଜାବନ୍ଧୁ' ତୃତୀୟ ବର୍ଷ ଅତିକ୍ରମ କରି ଏବେ ଚତୁର୍ଥବର୍ଷରେ ପଦାର୍ପଣ କରିଅଛି । ଗ୍ରାହକଙ୍କ ଉତ୍କଳ-ରେ ଏହାର ପ୍ରଚାର ସର୍ବାପେକ୍ଷା ଅଧିକ । ଦେଶର ଖ୍ୟାତ-ଶୀଳ ଲେଖକମାନଙ୍କ ପ୍ରବନ୍ଧ ଏହି ପତ୍ରିକାରେ ପ୍ରକାଶିତ ହୁଏ । ପତ୍ର ଲେଖିଲେ ଏକସଂଖ୍ୟା ନମୁନା ସ୍ୱରୂପ ପଠାଯିବ-ଅଗ୍ରୀମ ବାର୍ଷିକମୂଲ୍ୟ ଏକଟଙ୍କା ଆଠଅଣା ମାତ୍ର "ଉତ୍କଳମଧୁପ" ମାସିକ ପତ୍ରିକାର ଅଗ୍ରିମ ବାର୍ଷିକ ମୂଲ୍ୟ ଏଗାରଅଣା, ପ୍ରତିସଂଖ୍ୟାର ମୂଲ୍ୟ ଏକଅଣା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ରମ୍ଭା ପୋଃ, ଗଞ୍ଜାମ

Digitized by srujanika@gmail.com

Split by PDF Splitter



# Mitra Sarsa.

## ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରିବର୍ତ୍ତିତ ଏବ ଲକ୍ଷ୍ଣ କେମାଇତା ସାଲସାରୁ ଉତ୍ତମ ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ବିଷ ହରଣ କରିବାକୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ବୋତଲ ଟ ୧ ୧ ୦

## ମିତ୍ର ବଟିକା ।

ମ୍ୟାଲେରିୟା ଜ୍ୱର ମହୌଷଧ ।

ପରୀକ୍ଷାଦ୍ୱାରା ସ୍ଥିରୀକୃତ ହୋଇଅଛି, ମ୍ୟାଲେରିଆ ଜ୍ୱର ସର୍ବପ୍ରକାର ସ୍ୱଭାବ ପ୍ଲୀହା ସମ୍ବନ୍ଧ ଜ୍ୱରରୋଗ ନାଶର ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ କିଛିନ୍ତୁ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କରି ଶତସହସ୍ର ସ୍ୱସ୍ଥ ଓ ପ୍ଲୀହାଗ୍ରସ୍ତ ଜ୍ୱରଗ୍ରସ୍ତ ରୋଗୀ ଏହାଥିରେ ଚର୍ଯ୍ୟୋଷଧରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' କୁ ଅମୃତ କହିଲେ ବୃଥା ଅତ୍ୟୁକ୍ତି ହେବ ନାହିଁ ।

ଏକଥର ବ୍ୟବହାର କଲ ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱଗୁଣ ଏହି ଯେ ଏହା ସହଜ ଶରୀରରେ ମଧ୍ୟ ସେବନ କରାଯାଏ । ଏପରି ଜ୍ୱରରୋଗର ଉପକ୍ରମ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶରୀର, ହସ୍ତ, ପଦ କୁଞ୍ଚାଇ ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଏହିପରି ଅବସ୍ଥାରେ ଏହା ପୂର୍ବରୁ ବ୍ୟବହାର କରିବାକୁ ଆରମ୍ଭ କଲେ ମ୍ୟାଲେରିଆରୁ ନିଶ୍ଚିତ ରକ୍ଷା ହୁଏ ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୩ |
| ୧ " ୫୦ " | ଟ ୧ ୧ |

ଡାକଦ୍ୱାରା ପଠାଇଲେ ଟ ୦ ୵ ଡାକମାସୁଲ ଲାଗିବ ଏବ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ କମିଶନ ଲାଗିବ ।

N. N. Mitras Ringworm ointment.

ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସିପ୍ରକାର ଦୃଷିତ ଘାଦୁ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲ ମାତ୍ରେ ତାହା ଆରୋଗ୍ୟ ହେବ । ଅନେକ ବ୍ୟକ୍ତି ୮।୧୦ ବର୍ଷର ଘାଦୁରୋଗୀ ଅମ୍ଭମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକକାଳକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକଖର୍ଚ୍ଚ | ଟ ୦ ୵ |
| ଭି, ପି, | ଟ ୦ ୵ |
| ଏକ ଡଜନକୁ | ଟ ୨୵ |

ଡାକଖର୍ଚ୍ଚ ସ୍ୱତନ୍ତ୍ର

## N. N. Mitra's

ବନ୍ତ ରୋଗର ମହୌଷଧ
ମିତ୍ରର ଦନ୍ତରୋଗର ମହୌଷଧ

ଏହା ଦନ୍ତଦ୍ୱାର ବେଦନା ସ୍ଥଳରେ ଲଗାଇ ଦୁଇ ଏକଥର ଲଗାଇଲେ ଯନ୍ତ୍ରଣାରୁ ନିସ୍ତାର ମିଳେ । ମୂଲ୍ୟ ଟ ୦ । ସ୍ୱତନ୍ତ୍ର

ଉପରୋକ୍ତ ଔଷଧ ଏବ ଅନ୍ୟାନ୍ୟ ପେଟେଣ୍ଟ ଔଷଧ ଏବ ଡାକ୍ତରି ଔଷଧ ଓ ଅନ୍ନାଦି ଅମ୍ଭେମାନେ ପାଇକାରି ଦରରେ ସରବରାହ କରୁଅଛୁ ।

ଅମ୍ଭେମାନେ ବରାବର ଇଉରୋପ ଓ ଆମେରିକାରୁ ସମସ୍ତ ପ୍ରକାର ଔଷଧ ଓ ସମ୍ବାଦ ଉତ୍ତମ କରି ଅଣାଉଅଛୁ । ସେଥି ପାଇଁ ସର୍ବଦା ଟଙ୍କା ଓ ସୁଲଭ ମୂଲ୍ୟରେ ମଫସଲର ଗ୍ରାହକମାନଙ୍କୁ ସରବରାହ କରୁ ଥାଉ ।

ଅମ୍ଭେମାନେ ଅର୍ଡର ପାଇଲା ମାତ୍ରେ ଔଷଧ ଇତ୍ୟାଦି ପ୍ୟାକ କରି ସରବରାହ କରୁଅଛୁ ।

ଏନ, ଏନ, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବ ରିଟେଲ ଡ୍ରଗିଷ୍ଟ
ନ ୨୨୩ନମ୍ବର ବହୁବଜାର ଷ୍ଟ୍ରିଟ୍, କଲିକତା

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das, Mohorir
care of Kusum Kumar Sen Pleader
Cuttack.

## ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାସୁଲାଦି ଟ ୦ ।୵

ଉନ୍ମାଦଗ୍ରସ୍ତର ମହୌଷଧ ସେବନରେ ପେଟଫମ୍ପା ପେଟ କାମୁଡ଼ା, ଖାଇବା ଓ ଶୂଳ ଇତ୍ୟାଦି ପ୍ରବାଳ ରୋଗମାନ ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିୟା ବା ପୁୟ ମେହ । **ସୁଧାବୃଷ୍ଟି** ଅମୋଘ ଔଷଧ

ସେବନରେ ପୁଯ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଆଦି ଉପଦ୍ରବ ଶାନ୍ତ ହୁଏ, ସ୍ତ୍ରୀ ପୁରୁଷଙ୍କ ଗନୋରିୟା ଓ ସକଳ ମେହ ସର୍ବାବସ୍ଥାରେ ଆରୋଗ୍ୟଲାଭ ହୁଏ, ୭ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକଫାଇଲକୁ ଟ ୧୫ ଟା ଭି, ପି, ଟ ୦ ।୵ ।

## ସର୍ବକ୍ଷତାନ୍ତକମଲମ

( ପାରଦାଦି ଦୂଷିତଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ଟ ୧ ଟା ଭି, ପି ଟ ୦ ।୵

କଠିନ ଉପଦଂଶ ବ୍ୟାଳସର ଓ ସର୍ବବିଧ ଘାଆ ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ନଷ୍ଟ ଇନ୍ଦ୍ରିୟ ସତେଜ, ଦୁର୍ବଳ ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ କୃଶ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ । ସର୍ବଦା ଇହାର ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ତେଜାଦିଭାର ବୃଦ୍ଧି ସୁଖ ଅନୁଭବ କରନ୍ତି ଦିବ୍ୟ ଔଷଧପୂର୍ଣ୍ଣ ଏକ କୌଟାର ମୂଲ୍ୟ ଭି: ପି: ମାସୁଲ ସମେତ ଟ ୧ ୩ ଏଥିରେ ଗୁଙ୍ଗ ଅବା ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଚକ୍ରବର୍ତ୍ତୀ
ବୈଦ୍ୟ, ବେନ୍ଦଗା ୯ କାଶୀଧାମ

## ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | | |
|---|---|---|
| ଜନ୍ମପଞ୍ଚାଧ୍ୟାୟୀ ଅର୍ଥାତ ହରିଜନ୍ମ କଥା | | ଟ ୦୵ |
| ମନ୍ତ୍ରମଣ୍ଡଳଗୀତା | | ଟ ୦୵ |
| ଧର୍ମପୁରାଣ | | ଟ ୦। |
| ବସ୍ତ୍ରଲୀଳା | | ଟ ୦୵ |
| ବୈଶାଖମହାତ୍ମ୍ୟ ନୂତନ ସଂସ୍କରଣ | | ଟ ୦ ।୵ |
| ସଙ୍ଗୀତ ସଂସାର | " | ଟ ୦ ୵ |
| ରହସ୍ୟମଞ୍ଜରୀ | " | ଟ ୦ । |
| ଚଟଶାଳୀ ପାଠ | " | ଟ ୦ ।୵ |
| ବଦଗୁଚନ୍ଦ୍ରମଣି | " | ଟ ୧୲ |
| ଗୌରଦାସୀ ମାନ୍ତର | " | ଟ ୦ ୲ |
| ଚଉପଦୀ ଚନ୍ଦ୍ର | | ଟ ୦ । |

## ଉପନିଷଦସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଲବକାର ବାଜେନ, ତୈତିରୀୟ; ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ପଣ୍ଡିତ ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୲ ଡାକମାସୁଲ ଟ ୦ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ ।

## ହରିବଂଶ

## ମହାଭାରତାନ୍ତର୍ଗତ ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କଦ୍ୱାରା ଓଡ଼ିଆ ଭାଷାରେ ପଦ୍ୟରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଟା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି

| ନୂତନପୁସ୍ତକ | ନୂତନପୁସ୍ତ |
|---|---|
| ସଂଗୀତ କୁସୁମ ୧ମ | ଟ ୦ ୵ |
| ସଂଗୀତ କଳ୍ପଲତା ୧ମ | ଟ ୦ ୵ |
| ଶାନ୍ତମାଳତୀ | ଟ ୦ ।୵ |
| ନିତ୍ୟଧର୍ମସଙ୍ଗୀତ ୧ମ | ଟ ୦ ।୵ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ପ୍ରିଣ୍ଟିଂକମ୍ପାନୀରେ ପ୍ରାପ୍ତବ୍ୟ । ସଂଗୀତ କଳ୍ପଲତା ଓ ନିତ୍ୟଧର୍ମପଦ୍ଧତିର ଅନ୍ୟାନ୍ୟ ଭାଗମାନ ଶୀଘ୍ର ପ୍ରକାଶିତ ହେବ ।

ଜଗନ୍ନାଥବଲ୍ଲଭ } ଶ୍ରୀ ସୁଦର୍ଶନ ଦାସଶର୍ମା
ପୁରୀ

ଏହି ଉତ୍କଳଦୀପିକା ସମ୍ବାଦ ... କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C 81 

ସାପ୍ତାହିକ ସମ୍ବାଦ ପତ୍ରିକା ।

# THE UTKAL DIPIKA.

ଖଣ୍ଡ ୪୦ ଶ | ସଂ ୩୮ ସଂଖ୍ୟା

CUTTACK, SATURDAY THE 23rd September 1905.

୨୮ ଶ ଅଶ୍ୱିନ ସନ ୧୩୧୨ ସାଲ ଶନିବାର

କଟକ ... ପ୍ରିଣ୍ଟିଂ କମ୍ପାନି ... ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ଟ ୩ | ପଶ୍ଚାଦେୟ ଟ ୬

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ପ୍ରକାଶେ ଧାଡିପ୍ରତି ଟ ୦।୵ ଓ ଅର୍ଦ୍ଧମୂଲ୍ୟ ଟ ୵୯ ... ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ସଂଖ୍ୟା ଟ ୦ ... ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଦର ପ୍ରଥମ ଥରର ... ଓ ... ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

Wanted two passed Hindu compounders for the Mourbhanj State Dispensaries pay Rs. 15 rising to Rs. 20 per month. Apply stating age and with copies of testimonials to the undersigned on or before the 30th September next.

Mourbhanj 18-9-05 | D. C. Aich, *Chief Medical officer.*

## WANTED.

A Head Clerk and Sheristadar for the Narasingpur Raj Office on Rs. 40 per month. None need apply who has not passed the Entrance Examination. Preference will be given to the man who has experience in office work. Applications with the copies of the testimonials will be received by the undersigned up to 24th instant.

The climate of the place is very good and the Gurh ( Head quarter ) is only 3 miles off from the river Mahanady.

Narsingpur Raj Office, Via Kantilo P. O. 6-9-1905. | Damodar Patnaik, *Dewan*

## NOTICE.

### District Board, Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No. | Name of Work. | Amount of work to be done in 1905-1906 |
|---|---|---|
| 1 | Repairs to Giridhari Deb Temple in Dompara Gurh | Rs. 867 |
| 2 | Additional work in improving and metalling the road from Vyas Sarobar station to Jajpur. ... ... | Rs. 14000 |
| 3 | Reconstruction of a bridge on 39th mile Chandbali Road. ... ... ... | Rs. 340 |

### RULES.

1 All tenders which must be on Form No. 1 obtainable at this office ( price 0-8-0 each) must be enclosed in sealed covers and on the outside the name of the work legibly written.

2 All tenders must specify the rates at which the intending contractor will execute the work.

3 Tenders will be received up to 20th September 1905.

4 Tenders not in the proper Form above mentioned will be rejected.

5 The undersigned does not bind himself to accept the lowest or any tender.

CUTTACK 7—9—1905 | N. N. MITRA, *District Engineer* CUTTACK

## ADVERTISEMENT.

Wanted for the Baripada High English School, a certificated Vernacular Master as Second Pandit and Drawing Master, on a salary of Rs. 15 rising to Rs. 20, by bienniel increment of Re. 1. None need apply who has not passed the final Examination from the Cuttack Training School and does not hold a Drawing certificate. The selected candidate will have to join at once.

Apply to

Baripada 2-9-05 | S. N. Chakraverty, offg. Superintendent of Education, Mourbhanj State.

## FOR SALE

The property of

Mr. W. H. P. Driver,

CUTTACK.

Two young hounds aged six months ( Rampore Grey Hound ) are already beginning to tackle.

Price Rs. 50 each.

A Cabuli Gilding 15 hands. 6 years of age. Price Rs. 500. Believed sound and has been regularly driven by a lady.

Apply to

Abdul Kader

*Jockey*

Dewan Bazar, Cuttack

Digitized by srujanika@gmail.com

## ବିଜ୍ଞାପନ ।

ଏତଦ୍ୱାରା ସମସ୍ତ ଫେରେସ୍ତା ବଗୀ ଗାଡ଼ିର ମାଲିକମାନଙ୍କୁ ଜ୍ଞାତ କରାଯାଉଅଛି ଯେ ସେମାନେ ଆପଣା ଆପଣା ଗାଡ଼ି ଓ ଘୋଡ଼ାକୁ ନୂତନ ଉପବିଧି (byelaw) ଅନୁଯାୟୀ ଆପଣା ଆପଣା ଗାଡ଼ିମାନ ପ୍ରସ୍ତୁତ ଓ ସଜ୍ଜିତ କରି ଚଳିତ ସେପ୍ଟେମ୍ବର ମାସ ତା ୩୦ ଋଖ ଶନିବାର ସକାଳ ଘ ୮ ଘଣ୍ଟା ସମୟରେ କଟକ ମ୍ୟୁନିସି-ପାଲିଟି ଅଫିସର ଦ୍ୱାରେ ହାଜର କରିବେ । ଯେଉଁମାନଙ୍କର ଗାଡ଼ି ଓ ଘୋଡ଼ା ଉକ୍ତ ଉପବିଧି ଅନୁଯାୟୀ ପାସ ଅର୍ଥାତ୍ ମଞ୍ଜୁର ହେବ । ସେମାନେ ଅକ୍ଟୋବର ମାସ ତା ୧ ଋଖ ରବିବାର ବେଳ ଘ ୭ ଘଣ୍ଟା ସମୟରେ ଆପଣା ଆପଣା ଶ୍ରେଣୀ ଅନୁଯାୟୀ ଫିସ ଦାଖଲ କରି ସନ ୧୯୦୫।୬ ସାଲ ନିମନ୍ତେ ଲାଇସେନ୍ସ ଓ ଟିକଟ ଗ୍ରହଣ କରିବେ । ତା ୧୯ ଋଖ ସେପ୍ଟେମ୍ବର ସନ ୧୯୦୫

Ramsankar Roy
*Chairman.*

## ବିଜ୍ଞାପନ ।

ଷ୍ଟେଟ ମୟୂରଭଞ୍ଜ ଅନ୍ତର୍ଗତ ବାମନଘାଟି ସେଟଲମେଣ୍ଟ ଡିପାର୍ଟମେଣ୍ଟରେ ନିମ୍ନଲିଖିତ ଅଟେଷ୍ଟେସନ କର୍ମଚାରୀ ଆବଶ୍ୟକ । ଯେଉଁମାନେ ଓଡ଼ିଶା ଟେକନିକାଲ ସର୍ଭେ ଓ ସେଟଲମେଣ୍ଟ କାର୍ଯ୍ୟରେ ପାରଦର୍ଶିତା ଦେଖାଇ ପ୍ରଶଂସାପତ୍ରମାନ ନେଇ ଅଛନ୍ତି, ସେମାନେ ସ୍ୱ ପ୍ରଶଂସାପତ୍ର ସହ ଅକ୍ଟୋବର ମାସ ତା ୭ ଋଖ ମଧ୍ୟରେ ଆମ୍ଭ ନିକଟରେ ଉପସ୍ଥିତ ହେଲେ ସେମାନଙ୍କର ଉପଯୁକ୍ତତା ଦେଖାଯାଇ କାର୍ଯ୍ୟରେ ମନୋନୀତ କରାଯିବ ଅଛି ।

୧ ହେଡ୍ ମୋହରର ୧ ଜଣ ମାସିକ ଟ ୨୦ଙ୍କା ବେତନ ।
୨ ମୋହରର ୪୦ ଜଣ ମାସିକ ଟ ୧୫ ଙ୍କା
୩ ନକଲନବିଶ ୧୦ ଜଣ „ ଟ ୧୫ ଙ୍କା
୪ ଡ୍ରାଫ୍ଟ ସବଲନ୍ଦେଶ ... ୧ ଜଣ ମାସିକ ଟ ୨୦ ଙ୍କା ।

ସେଟଲମେଣ୍ଟ ଅଫିସ କରଞ୍ଜିଆ
ପୋଃ କରଞ୍ଜିଆ
ସଃ ଷ୍ଟେଃ ବାମନଘାଟି
ଷ୍ଟେଟ ମୟୂରଭଞ୍ଜ
ତାଃ ୧୨ । ୯ ମସିହା
} S. K. Chaterjee
ସେଟଲମେଣ୍ଟ ଅଫିସର

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ନଗର ଓସ୍ତାଦ ଅନାବୃତ ମୁଖ; ସୁବର୍ଣ୍ଣଖଚିତ; ଟ ୩ ଙ୍କା; ରୂପାର ଓସ୍ତାଦ ଟ ୩; ରେଲ୍‌ୱେ ରେଗୁଲେଟର ଓସ୍ତାଦ ଟ ୪; ହୋରିଜେଣ୍ଟାଲ ଲିଭର ଓସ୍ତାଦ ଟ ୧୫ ରୁ ୩୦ ଙ୍କା ପର୍ଯ୍ୟନ୍ତ; ବାଲା ଆଲମଣି (ସୁନା ଓ ରୁପା ରଖା ନାହିଁ) ଟ ୪ ଙ୍କା । ପ୍ରତ୍ୟେକ ଜିନିଷ ସଙ୍ଗରେ ଡାକମାସୁଲ ଓ ମାସୁଲ ସ୍ୱତନ୍ତ୍ର ଲାଗେ ।

ଅନ୍ୟ ଅପରଙ୍କର ପ୍ରୟୋଜନ; — ସମ୍ପୂର୍ଣ୍ଣ ଗନ୍ଧଦ୍ରବ୍ୟ (ତୋଲା) ମୂଲ୍ୟ ଅସ୍ୱେନ ୧୨ଟି ଟ ୧୫; ୧୨ଟି ଟ ୨; କେଶୋଦ୍ଧାରକ ସାବୁନ ଗୋଟିକୁ ଟ ୨ ।୰, ଡଜନଟିଏ ଟ ୧।୰, ସୋଲହୁକାର ଦ୍ରବ୍ୟଯୁକ୍ତ ଲୁଗା ଗୋଟିଏ ଟ ୨; ହାର୍ମୋନିୟମ (ପାସ ଲାଗେ ନାହିଁ) ଟ ୩; ପକେଟ ପ୍ରେସ ସମ୍ପୂର୍ଣ୍ଣ ୨ ଓ ୩; ଜଲଛବି (ଏକଖଣ୍ଡ ୧୦×୨ ଇଞ୍ଚ) ଟ ୦ ।୰; ମୁକ୍ତା ମୁକ୍ତା ଖେଳନା ଟ ୦ । ଏଣା ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ; ନାଟକ ଲଣ୍ଠନ ଟ ୧୫ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ମାସୁଲ ସ୍ୱତନ୍ତ୍ର । ଏତଦ୍‌ଭିନ୍ନ ବହୁବିଧ ଜିନିଷର ଦର ଓ ଅନ୍ୟାନ୍ୟ ତତ୍ତ୍ୱାବଧାନ ମିଳେ । ସୂଚୀ ବହି ଇଂରାଜୀ, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦ ଲେଖି ମଗାନ୍ତୁ ।

ମେଲ ଷ୍ଟୋର କୋଂ, ନ ୧୫ ବଲରାମ ଘୋଷ ଷ୍ଟ୍ରିଟ
ଶ୍ୟାମବଜାର କଲିକତା ।

## ବିଜ୍ଞାପନ ।

ଅନୁଗୁଳ ସବ୍‌ଡିଭିଜନ ଅନ୍ତର୍ଗତ ପୁରୁଣାକଟ କାଳିକା ବିଦ୍ୟାଳୟ ନିମନ୍ତେ ମାସିକ ଟ ୬୦ଙ୍କା ବେତନରେ ୧ ଜଣ ଶିକ୍ଷୟିତ୍ରୀ ଆବଶ୍ୟକ । ଯେଉଁମାନେ ମଧ୍ୟ-ଛାତ୍ରବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ହୋଇ ନିଜକୁ ବସ୍ତ୍ରର ଗାର୍ହସ୍ଥ୍ୟ ଧରଣରେ ଶିକ୍ଷା ଦେବାକୁ ସକ୍ଷମ ଓ ସିଲାଇ ଓ ବୁଣିବା କାର୍ଯ୍ୟ ଭଲରୂପେ ଜାଣିଥିବେ ସେହିମାନେ କେବଳ ଏ କାର୍ଯ୍ୟ ସକାଶେ ଆବେଦନ କରିପାରିବେ ।

ପ୍ରଶଂସାପତ୍ର ସହ ଦରଖାସ୍ତ ଚଳିତ ମାସ ତା ୩୦ ଋଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।

Angul Deputy Commissioner's office 8th September 1905 } E. Mc. Leod Smith
*Deputy Commissioner of Angul*

। କ । କନିକାର ଜମିର ବନ୍ଦୋବସ୍ତ କାର୍ଯ୍ୟ-ନିମନ୍ତେ ପୋଲ୍ୟଟେକ୍ନିକରେ ମାସିକ ଟ ୨୫ ଠାରୁ ଟ ୩୦ ଙ୍କା ବେତନରେ ଉପଯୁକ୍ତ ନିମନ୍ତେ ଶୃଙ୍ଖଳ ଇନ୍‌ସ୍ପେକ୍ଟର ନିଯୁକ୍ତ ହେବାରି ଆବଶ୍ୟକ । ଯେଉଁମାନେ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଇଲାକାରେ ଯୋଗ୍ୟତା-ସହିତ କାର୍ଯ୍ୟ କରିଥିଲେ ସେମାନେ ଆଦରଣୀୟ ହେବେ । ସୁଶ୍ୟାଙ୍କର ସହିତ କାର୍ଯ୍ୟ କଲେ ବନ୍ଦୋବସ୍ତ ଶେଷକେ ସ୍ଥାୟୀରୂପେ ନିଯୁକ୍ତ ହେବେ । କର୍ମପ୍ରାର୍ଥୀମାନେ ସ୍ୱ ପ୍ରଶଂସାପତ୍ରର ନକଲ ସହିତ ନିମ୍ନ ସ୍ୱାକ୍ଷରଙ୍କ ନିକଟ ଚଳିତ ମାସ ତା ୩୦ ଋଖ ମଧ୍ୟରେ ଆବେଦନପତ୍ର ପଠାଇବେ ଯେଉଁମାନଙ୍କୁ ନିଯୁକ୍ତ କରାଯିବ ସେମାନଙ୍କୁ ଆଗାମୀ ଅକ୍ଟୋବରମାସ ତା ୧୮ ଋଖ-ରେ ଗଞ୍ଜାମ ନୂଆଗାଁରେ କାର୍ଯ୍ୟରେ ଉପସ୍ଥିତ ହେବାକୁ ହେବ । ଇତି ।

ପୋଃ ଅଃ ଗଞ୍ଜାମ
। କ । କଟକ
ତା ୧୩ । ୯ । ୦୫
} K. C. Sarkar
ମେନେଜର । କ । କନିକା

## ବିଜ୍ଞାପନ ।

ମାସିକ ସାତଟଙ୍କା ବେତନରେ କଟକ ପରେଡ଼ସ୍ଥ ହିନ୍ଦୁ ବାଳିକା ବିଦ୍ୟାଳୟ ନିମନ୍ତେ ଜଣେ ଶିକ୍ଷୟିତ୍ରୀ ଆବଶ୍ୟକ । କିଣ୍ଡରଗାର୍ଟେନ୍ ପ୍ରଣାଳୀରେ ନିମ୍ନ ଶ୍ରେଣୀମାନଙ୍କରେ ପଢ଼ାଇ-ବାକୁ ହେବ । ବଙ୍ଗଳାଭାଷାରେ ଜ୍ଞାନଥିବା ଏକାନ୍ତ ଦରକାର । ଆବେଦନାର୍ଥିନୀମାନେ ଚଳିତ ମାସ ଶେଷ ସୁଦ୍ଧା ନିଜ ନିଜ ସାର୍ଟିଫିକେଟର ନକଲମାନ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ଆବେଦନପତ୍ର ପ୍ରେରଣ କରିବେ ।

କଟକ
୧୪।୯।୦୫
} ଭୂମେନ୍ଦ୍ର, ବସୁ
ସମ୍ପାଦକ
ପରେଡ଼ସ୍ଥ ହିନ୍ଦୁ ବାଳିକା ବିଦ୍ୟାଳୟ

## NERVE-VIGOR

## ସ୍ନାୟୁଶକ୍ତି ବର୍ଦ୍ଧନ




ଡାକ୍ତର ହାରଗ୍ରିଭସଙ୍କ ଆବିଷ୍କୃତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସମ୍ପୂର୍ଣ୍ଣ ସ୍ନାୟବୀୟ ରୋଗର ଅତ୍ୟନ୍ତ ଉପଯୋଗୀ ବୋଲି ବିଶେଷ ଗୁଣ-କର ମହୌଷଧରୂପେ ଭାରତର ସୁଚିକିତ୍ସକ ଡାକ୍ତର ବୈଦ୍ୟ କବିରାଜ;— ସ୍ନାୟବୀୟ ରୋଗମାନଙ୍କର ନାମ ଯଥା;—

୧ ଅତ୍ୟଧିକ ପରିଶ୍ରମଜନିତ ମାନସିକ ଅବସାଦ ସ୍ମୃତିଶକ୍ତି ଲୋପ, ଉନ୍ମାଦ ରୋଗ, ଅତ୍ୟଧିକ ବା ଶୀତଳଜନିତ ରୋଗ ହେତୁ ସ୍ନାୟବୀୟ ଦୁର୍ବଳତା, ଧାତୁ ଦୌର୍ବଲ୍ୟ, କାନ୍ଥା, ମାନସିକ ବା ଶାରୀରିକ ଦୌର୍ବଲ୍ୟ, ମସ୍ତିଷ୍କ ଘୂର୍ଣ୍ଣନ, ସ୍ମରଣ ଶକ୍ତିର ହ୍ରାସ, ମାନସିକ ଉତ୍ତେଜନା, ଉଦ୍ବେଗ, ଅନିଦ୍ରା, ଦୃଷ୍ଟିଶକ୍ତି ହ୍ରାସ, ହୃଦ୍‌ରୋଗ, ଅଧ୍ୟୟନ ବା କୌଣସି କାର୍ଯ୍ୟ ସକାଶେ ଅସମର୍ଥତା, ମାଂସପେଶୀ ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶୈଥିଲ୍ୟ, ଅକାଳବାର୍ଦ୍ଧକ୍ୟ, ଜୀବନୀ ଶକ୍ତିର କ୍ଷୀଣତା, ଅନ୍ୟାନ୍ୟ ଦୌର୍ବଲ୍ୟ—ସ୍ନାୟବୀୟ ଦୌର୍ବଲ୍ୟ ବା ରକ୍ତହୀନତା ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣସମ୍ପନ୍ନ ଔଷଧ ଅଶୁ କ୍ରିୟାକାରକ ଏବଂ ପରୀକ୍ଷିତ ଫଳପ୍ରଦ;

କେବଳ ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅଦୃଶ୍ୟ ହୁଏ ଏହା ନାଡ଼ୀରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏକମାସ ବ୍ୟବହାର ପରେ ଶାରୀରିକ ସୁସ୍ଥତା, ବଳ ଏବଂ ଶକ୍ତିର ସହିତ ସ୍ନାୟବୀୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କ ରୋଗୀ ବହୁକାଳ ଅନୁଭବ କରି ନ ଥିବ ତାହା ତତ୍‌କ୍ଷଣାତ୍ ଅନୁଭବ କରେ ।

ନୂତନ ସ୍ୱାଦ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧ ।
ଜାଲିଅନିଷ୍ଟକରଣର ପ୍ରତାରଣା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲ ଉପରେ ଆମ୍ଭର ନାମ ଏବଂ ଠିକଣା ଲେଖା ହୋଇଥିବା ଦେଖିନେବା ଉଚିତ । ଔଷଧ ତାଲିକା ମଗାନ୍ତୁ ।

ଠିକଣା—ଇ; ପି; ଏଣ୍ଡକୋଂ ଓ୍ୟାର୍କ୍‌ସ, ଇଣ୍ଟାଲି କଲିକତା

The E. P. & C. Works,
Intally CALCUTTA.

Digitized by srujanika@gmail.com

# ଉତ୍କଳଦୀପିକା ।

ଗତ ତା ୯ ଋଣରେ ଶେଷ ହେବା ସପ୍ତାହରେ ଭାରତର ପ୍ଲେଗ ମୃତ୍ୟୁ ୨,୫୮୨ ଥିଲା। ଏହା ତହିଁର ପୂର୍ବ ସପ୍ତାହର ମୃତ୍ୟୁଠାରୁ ୧୫୨ ଅଧିକ ଅଟେ । ବମ୍ବେଇର ମୃତ୍ୟୁ ୧,୨୧୪ରୁ ୧,୨୪୫ କୁ ଏବଂ ମାନ୍ଦ୍ରାଜର ମୃତ୍ୟୁ ୧୭୮ ରୁ ୨୫୧ କୁ ଉଠିଥିଲା। ଅନ୍ୟାନ୍ୟ ପ୍ରଦେଶର ହ୍ରାସବୃଦ୍ଧି ସାମାନ୍ୟ ଥିଲା ।

---

ଗଞ୍ଜାମ ଖଣ୍ଡିଗ ପରଗନାରେ ଗୋଟିଏ ଇଞ୍ଜିନିୟରିଂ କଲେଜ, ଗୋଟିଏ ଅପର୍ଣ୍ଣ ସ୍କୁଲ ଓ କଲେଜ ଏବଂ ଗୋଟିଏ କୃଷି ପରୀକ୍ଷା କ୍ଷେତ୍ର ସ୍ଥାପନେ ଗବର୍ଣ୍ଣମେଣ୍ଟ ନିଜ ବ୍ୟୟରେ ୨୨୧୭ ଏକର (ପ୍ରାୟ ୭୪୦ ମାଣ) ଜମି ଖରିଦ କରିବେ ବୋଲି ମାନ୍ୟବର ବର୍ଣ୍ଣାପୃ ଟେଲଫ୍ଟ ଜଣ୍ଡ ଗବର୍ଣ୍ଣର କଲିକତା ଗେଜେଟରେ ବିଜ୍ଞାପନ ହେଉଅଛନ୍ତି । ସୁତରାଂ ସେହି କଲେଜମାନ ସେଠାରେ ସ୍ଥାପିତ ହେବାର କଳ୍ପନା ସ୍ଥିର ହେଲା ଏବଂ ଶୀଘ୍ର କାର୍ଯ୍ୟାରମ୍ଭ ହେବ ।

---

ଉତ୍କଳ ସମ୍ମିଳନୀର ଆସନ୍ତା ଅଧିବେଶନ ସମ୍ବନ୍ଧରେ କେହି କେହି ପ୍ରଶ୍ନ କରିବାରୁ ଜଣାଉଅଛୁ କି ଗତ ଅଧିବେଶନରେ ସ୍ଥିର ହୋଇଥିଲା ଯେ ସମ୍ମିଳନୀର ଆସନ୍ତା ବାର୍ଷିକ ଅଧିବେଶନ ବାଲେଶ୍ୱରଠାରେ ବଡ଼ଦିନର ଛୁଟିସମୟରେ ହେବ । ଅତଏବ ତହିଁର ସମସ୍ତ ବନ୍ଦୋବସ୍ତର ଭାର ବାଲେଶ୍ୱର ଶାଖାସମିତି ହାତରେ ରହିଅଛି । ମାତ୍ର ବାଲେଶ୍ୱରବାସିମାନେ କି ଉଦ୍ୟମ କରୁଅଛନ୍ତି ଏପର୍ଯ୍ୟନ୍ତ କିଛି ଜଣା ପଡ଼ି ନାହିଁ ।

---

ଭାରତର ନୂତନ ଗବର୍ଣ୍ଣର ଜେନେରଲ ଲର୍ଡମେଣ୍ଟୋ ହାରସମ୍ପାଦକ ତା ଋଟରଙ୍କୁ ଜଣାଇଅଛନ୍ତି କି ସେ ଓ ତାହାଙ୍କର ପତ୍ନୀ ଓ କନ୍ୟାଗଣ ଓ ସଙ୍ଗୀ ବ୍ୟକ୍ତିମାନେ କର୍ମଚାରୀମାନେ ଆସନ୍ତା ଅକ୍ଟୋବର ମାସ ତା ୨୦ ଋଣରେ ମାରସେଲସ ବନ୍ଦରଠାରୁ ମେସେଡୋନିଆ ନାମକ ଜାହାଜରେ ଭାରତକୁ ଯାତ୍ରା କରିବେ ଏଥିରୁ ବୋଧହୁଅଇ ସେ ନବେମ୍ବର ମାସର ୨୩ ତାରିଖରେ ବମ୍ବେଇଠାରେ ପ୍ରବେଶ ହେବେ ।

---

କକେଶସ ଅଞ୍ଚଳରେ ଘୋର ଉପଦ୍ରବ ଲାଗିଅଛି । ରୁଷ ସମ୍ରାଟଙ୍କର ବିପଦ ପୂରିଅଛି । ତାତାର ଏବଂ ଅର୍ମିନିୟଙ୍କ ମଧ୍ୟରେ ଯୁଦ୍ଧ ଲାଗି ଶତ ଶତ ଲୋକ ହତ ଏବଂ ଆହତ ହୋଇଅଛନ୍ତି । ବାକୁଠାରେ ତେଲକାରଖାନା ଭଙ୍ଗିଦେବାରୁ ୩୦ କୋଟି ଟଙ୍କା ଲୋକସାନ ହୋଇଅଛି ଏବଂ ରୁଷିଆର ନାନାପ୍ରକାର ଶିଳ୍ପକାର୍ଯ୍ୟରେ ଘୋର କ୍ଷତି ଘଟିଅଛି । ଶ୍ରମଜୀବିଙ୍କର ବିଶେଷ ଦୁରବସ୍ଥା ହୋଇଅଛି । ନ ୨୦୦୦ ଜଣ ଲୋକଙ୍କର ଗୋଟିଏ ସଶସ୍ତ୍ର କୋସାକସେନା ଗୁଳି ଦାଗି ଶତ ଶତ ଲୋକଙ୍କୁ ହତ କରିଅଛନ୍ତି ।

---

ଗତ ତା ୧୪ ଋଣରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ପ୍ରକାଶ ଯେ ସେହି ସପ୍ତାହରେ ଅନେକ ସ୍ଥାନରେ ବୃଷ୍ଟି ହେବାରୁ ସାମୟିକ ଜଳର ଅଭାବ କିଛି ଊଣା ପଡ଼ିଥିଲା । ବିଶେଷତଃ ରାଜପୁତାନାର ଜଳକଷ୍ଟ ଅନେକ ପରିମାଣରେ ମେଣ୍ଟି ଯାଇଅଛି ଏବଂ ଫସଲର ଅବସ୍ଥା କିଛି ଆଶାପ୍ରଦ ଅଟେ । ତଥାପି ମାନ୍ଦ୍ରାଜ ପ୍ରଦେଶରେ ନ ୧୪୩ ଜଣ ବମ୍ବେଇରେ ନ ୧୨୫୦ ଜଣ ଏବଂ ରାଜପୁତାନାରେ ନ ୨୦,୦୫୧ ଜଣ କାର୍ଯ୍ୟ ଓ ଖଏରାତଦ୍ୱାରା ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ବରୋଦାରେ ମଧ୍ୟ ନ ୫,୭୧୮ ଜଣ ସାହାଯ୍ୟ ପାଉଥିଲେ ।

---

ବଙ୍ଗପ୍ରଦେଶର ଏକଅଂଶ ବଙ୍ଗରୁ କଟା ଯାଇ ଆସାମ ସଙ୍ଗେ ମିଶି ପୂର୍ବବଙ୍ଗ ଓ ଆସାମ ନାମରେ ଗୋଟିଏ ନୂତନ ପ୍ରଦେଶ ଗଢ଼ାଯିବାର ଏବଂ ମଧ୍ୟପ୍ରଦେଶରୁ ସମ୍ବଲପୁର ବଙ୍ଗରେ ମିଶିବାର ଘୋଷଣାପତ୍ର ବାହାରିଅଛି । ଏହି ନୂତନ ପ୍ରଦେଶ ଏବଂ ସମ୍ବଲପୁରରେ ବଙ୍ଗପ୍ରଦେଶର ଆଇନ କାନୁନ ପ୍ରଚଳିତ ହେବାର ଅବଶ୍ୟକ ହେବାରୁ ଗୋଟିଏ ଲେଟ ଅଲଗର ପାଣ୍ଡୁଲିପି ଭାରତୀୟ ବ୍ୟବସ୍ଥାପକ ସଭାରେ ଗତ ତା ୫ ଋଣରେ ଉପସ୍ଥିତ ହୋଇଥିଲା । ସମ୍ଭବତଃ ଆସନ୍ତା ସପ୍ତାହରେ ତାହା ବିଧିବଦ୍ଧ ହେବ।

---

ଏ ନଗର କାଠଯୋଡ଼ୀ ନଦୀର ଦକ୍ଷିଣଗଣ୍ଡାନ ସଡ଼କଠାରୁ ସେ ନଦୀର ସଡ଼କର ମା ୮ ଇଲ ପର୍ଯ୍ୟନ୍ତ ୧୧,୨୭୦ ଫିଟ ଲମ୍ବ ଏବଂ ୪୦ରୁ ୮୮ ଫିଟ ଚୌଡ଼ାରେ ଗୋଟିଏ ସଡ଼କ ଜମିର ଜମାବନ୍ଦି ଜଣା ପଡ଼ିଥିଲା । ପ୍ର । ବନ୍ଧୁରୂପା ମୌଜା ପଦ୍ମନାଭପୁର, ପାଟପୁର, ଫତାରପଡ଼ା ଓ କୁଞ୍ଜେଇପଡ଼ା ଇତ୍ୟାଦି ମଧ୍ୟରୁ ୯୬ ଏକର ୨୦ ପୋଲ ଜମି ଏଠା ଜଳ ବୋଇଡ଼ାର ଖରଚରେ ଖରିଦ ହେବାର ସ୍ଥିର ହୋଇଅଛି । ମାନ୍ୟବର ବର୍ଣ୍ଣାପୃ ଲେଫ୍ଟନାଣ୍ଟଗବର୍ଣ୍ଣରଙ୍କ ଆଦେଶରେ ଏଥିର ବିଜ୍ଞାପନ ଗତ ତା୧୩ଋଣର କଲିକତା ଗେଜେଟରେ ବାହାରିଅଛି ।

---

ରୁଷ ଜାପାନ ଯୁଦ୍ଧ ସନ୍ଧି ସମ୍ବନ୍ଧରେ କିଛି ସମ୍ବାଦ ଏ ସପ୍ତାହରେ ଆସି ନାହିଁ । ଯୁଦ୍ଧ ବନ୍ଦ ହୋଇଅଛି । ସନ୍ଧିର ସର୍ତ୍ତମାନ ଯୋଗୁଁ ଜାପାନରେ ଯେଉଁ ଅସନ୍ତୋଷ ଜାତ ହୋଇଥିଲା ତାହା ମଧ୍ୟ ନିବାରଣ ହୋଇଅଛି । ସେଠାର ପ୍ରଧାନ ସମ୍ପାଦକ ଜାପାନୀମାନଙ୍କୁ ବୁଝାଇ ଦେଉଅଛନ୍ତି କି କ୍ଷତିପୂରଣ ବାବଦ ଯାହା ପୋର୍ଟସ୍ମାଉଥର ସନ୍ଧିଠାରୁ ଅଧିକ ଦୁର୍ଗମ ଅଟେ ଏବଂ ଅନ୍ୟ କୌଣସି ଠାରେ ଶତ୍ରୁକୁ ସାଂଘାତିକ ରୂପେ ଆଘାତ କରିବା ସହଜ ନୁହେ । ଏହି କଥା ଶୁଣି ଯାପାନୀମାନେ ଚୁପ ହୋଇଅଛନ୍ତି ।

---

ଉତ୍କଳ ସଭାର ସମ୍ପାଦକ ବାବୁ ଗୌରୀଶଙ୍କର ରାୟ ବୃଦ୍ଧାବସ୍ଥା ଓ ଦୁର୍ବଳତା ହେତୁ ସେ ପଦ ତ୍ୟାଗ କରିବାରୁ ବାବୁ ରାମଶଙ୍କର ରାୟ ସମ୍ପାଦକ ଏବଂ ବାବୁ ବୈକୁଣ୍ଠନାଥ ଦତ୍ତ ସହକାରୀ ସମ୍ପାଦକ ହୋଇଅଛନ୍ତି । ପୁଣି ସେହି ସଭାର ସହକାରୀ ସଭାପତି ରାୟ ଯଜ୍ଞେଶ୍ୱରଚନ୍ଦ୍ର ବାହାଦୁର ଶାରୀରିକ ପୀଡ଼ା ହେତୁ ପଦ ତ୍ୟାଗ କରିବାରୁ ତାହାଙ୍କ ସ୍ଥାନରେ ବାବୁ ଜାନକୀନାଥ ବୋଷ ମନୋନୀତ ହୋଇଅଛନ୍ତି । ବାବୁ ଗୌରୀଶଙ୍କର ରାୟ ପଚିଶବର୍ଷ ଅଧିକ ଦକ୍ଷତା ସହିତ ସଭାର କାର୍ଯ୍ୟ ଚଳାଇ ଆସିଥିବାହେତୁ ତାହାଙ୍କୁ ଅଭିନନ୍ଦନପତ୍ର ଦେବାର ପ୍ରସ୍ତାବ ହୋଇଅଛି । ଗତ ରବିବାର ସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ସେହି ପ୍ରସ୍ତାବ ଧାର୍ଯ୍ୟ ହୋଇଅଛି ଏବଂ ସେହି ସଭା ସ୍ଥଳରେ ତହିଁର ବ୍ୟୟ ନିମନ୍ତେ ଶତାଧିକ ଟଙ୍କା ସ୍ୱାକ୍ଷରିତ ହୋଇଅଛି ।

---

ବଙ୍ଗବାସୀରେ ପାଠକଙ୍କ କୌତୂହଳ ଜନ୍ମାଉଅଛନ୍ତି, ଉତ୍ତରପାଡ଼ାର ବଦାନ୍ୟବର ଜମିଦାର ଶ୍ରୀଯୁକ୍ତ ଯୋଗେନ୍ଦ୍ରନାଥ ବୋଷ ଗରିବ ଛାତ୍ରମାନଙ୍କର ନାନାପ୍ରକାର ବ୍ୟବସାୟର ସାହାଯ୍ୟାର୍ଥେ କୋଡ଼ିଏ ହଜାର ଟଙ୍କାରେ ଫେଲୋସିପ୍ କରିବାର ଜନ୍ୟ ଗଣିଅଛନ୍ତି । ସେହି ଜନ୍ୟ ସମସ୍ତ ବଡ଼ ଖରଚରେ ଛାତ୍ରମାନଙ୍କୁ ଲୁଗା ବୁଣିବା କାରଣ ହେବାକୁ ସଙ୍କଳ୍ପ କରିଅଛନ୍ତି । ଗରିବ ଛାତ୍ରମାନଙ୍କୁ ନିଜ ବ୍ୟବସାୟରେ ପ୍ରବୃତ୍ତ କରିବା ତାହାଙ୍କର ଏକମାତ୍ର ଉଦ୍ଦେଶ୍ୟ ଅଟେ । ଜମିଦାର ମହାଶୟଙ୍କର ଏହି ବଦାନ୍ୟତା ଅତ୍ୟନ୍ତ ପ୍ରଶଂସନୀୟ ଅଟେ । ଅପର ଧନୀ ଓ ସାଧାରଣ ହିତୈଷୀମାନେ ଏହି ଭାବରେ କାର୍ଯ୍ୟ କଲେ

Split by PDF Splitter
Digitized by srujanika@gmail.com

ସ୍ୱଦେଶୀ ଦ୍ରବ୍ୟର ଆନ୍ଦୋଳନ ସଫଳ ହେବାକୁ ବିଳମ୍ବ ହେବ ନାହିଁ । କାର୍ଯ୍ୟହିଁ ମୂଳ, କେବଳ କଥାରେ କିଛି ହେବାର ନୁହେ । ପୁଣି ଦେଶୀ ଦ୍ରବ୍ୟ ବ୍ୟବହାରର ଚେଷ୍ଟା ସଙ୍ଗେ ଦେଶୀ ଦ୍ରବ୍ୟ ଉତ୍ପନ୍ନର ଚେଷ୍ଟା ଏକାନ୍ତ ଆବଶ୍ୟକ ।

---

ଗତ ତା ୧୫ ରିଖରେ ମାନ୍ଦ୍ରାଜଠାରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା କାରଣ ଏକ ଛାତ୍ରସଭା ହୋଇଥିଲା ଏବଂ ବଙ୍ଗଳାର ସ୍କୁଲ ଛାତ୍ରମାନଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହାନୁଭୂତି ଥିବା ବିଷୟ ପ୍ରକାଶ କରିବା ଏଥିର ଉଦ୍ଦେଶ୍ୟ ଥିଲା । ମାନ୍ଦ୍ରାଜ ନଗରର ସମସ୍ତ କଲେଜମାନଙ୍କର ଅନ୍ୟୂନ ଜ ୨୦୦୦ ଣ ଛାତ୍ର ସଭାରେ ଉପସ୍ଥିତ ହୋଇଥିଲେ ଏବଂ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ବନ୍ଧରେ କର୍ତ୍ତବ୍ୟ ନିରୂପଣାର୍ଥ ଅମୃତାଙ୍କର ଶିକ୍ଷାଦ ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଓ ବାଲଗୋବିନ୍ଦ ତିଲକ ମହୋଦୟମାନଙ୍କୁ ମାନ୍ଦ୍ରାଜକୁ ନେବାର ପ୍ରସ୍ତାବ ଧାର୍ଯ୍ୟ ହୋଇଥିଲା । ବର୍ତ୍ତମାନ ଭାରତର ଚତୁର୍ଦ୍ଦିଗରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ସମ୍ବନ୍ଧରେ ବିଶେଷ ଚର୍ଚ୍ଚା ଲାଗିଥିବାର ଦେଖି ମନରେ ପ୍ରକୃତ ଆନନ୍ଦ ହେଉଅଛି ଏବଂ ବଙ୍ଗଳାରେ ଏ ପ୍ରସ୍ତାବର ସୂଚନା ହେବା ମାତ୍ରେ ବୈଦ୍ୟୁତିକ ବେଗରେ ତାହା ସର୍ବତ୍ର ବ୍ୟାପ୍ତ ହୋଇଯାଇ ଭାରତକୁ ଜାଗରଣରେ ଉତ୍ଥିତ କରି ପ୍ରକୃତ ବଳରେ ଏକତା ସ୍ଥାପନ ପୂର୍ବକ ଭାରତୀୟମାନଙ୍କୁ ଏକତାରେ ସଙ୍ଗଠିତ କରିବାର ପଥ ପରିଷ୍କୃତ ହେଉଥିବାର ଦେଖି ସ୍ୱଦେଶ ହିତୈଷୀ ବ୍ୟକ୍ତି ମାତ୍ରେ ବିସ୍ମୟାନ୍ୱିତ ହୋଇଅଛନ୍ତି ।

---

କଲିକତା ବିଜ୍ଞାନ ଶିକ୍ଷା ଶିକ୍ଷାଦାନ ସମିତିର ଗୋଟିଏ ଅଧିବେଶନ ନିକଟରେ ହୋଇଥିଲା । ଏହି ସମିତି ସନ ୧୯୦୪ ସାଲ ସେପ୍ଟେମ୍ବର ମାସ ତା ୩ ରିଖରେ ସ୍ଥାପିତ ହୋଇଥିଲା । ସୁତରାଂ ଏହାର ବୟସ ଏକବର୍ଷ ପୂର୍ଣ୍ଣ ହୋଇଅଛି । ବଙ୍ଗ ବିହାର ଓଡ଼ିଶା ଏବଂ ଆସାମର ନାନାସ୍ଥାନରେ ଶାଖା ସମିତିମାନ ସ୍ଥାପିତ ହୋଇଅଛି ଏବଂ ଓଡ଼ିଶାରେ ଉତ୍କଳସମ୍ମିଳନୀ ଯୋଗ ଦେଇ ଏକବର୍ଷର ଭିତରେ ମଧ୍ୟ ଏକ ହଜାର ଟଙ୍କା ଦେଇଅଛନ୍ତି । ସଂସ୍ଥା ଏକ ବର୍ଷ ମଧ୍ୟରେ ଟ ୨୫,୩୫୯୷/ ଦେବା ଅଧିଲ ହୋଇଥିଲା । ତନ୍ମଧ୍ୟରୁ ଟ ୬,୦୫୮୷/୫ ବ୍ୟାଙ୍କରେ ଜମା ଅଛି ଏବଂ ଅବଶିଷ୍ଟ ଟଙ୍କା ବିଦେଶକୁ ଶିକ୍ଷାର୍ଥେ ପଠାଯାଇଥିବା ଛାତ୍ରଙ୍କ ବୃତ୍ତି ଏବଂ ସମିତିର ଅନ୍ୟାନ୍ୟ ଖରଚରେ ଖରଚ ହୋଇଅଛି । ବୃତ୍ତି ପାଇବା ଛାତ୍ର ଜ ୧୮ ଣ ମଧ୍ୟରୁ ଜ ୨ ଣ ଆମେରିକା, ଜ ୫ ଣ ବିଲାତ ଏବଂ ଜ ୧୧ ଣ ଜାପାନକୁ ପ୍ରେରିତ ହୋଇଅଛନ୍ତି । ସମିତି ଗୋଟିଏ ବ୍ୟାଙ୍କ ସ୍ଥାପନ ଏବଂ ସାବୁନ, ଦିଆସିଲାଇ; ଛୁରୀ, ଛୁଞ୍ଚି, ଇତ୍ୟାଦି ଲୁହାଦ୍ରବ୍ୟ, କାଚ, ଚିନାବାସନ, ପେନସିଲ, ଚମ ଇତ୍ୟାଦି ପ୍ରସ୍ତୁତ କରିବାର ଗୋଟିଏ କାରଖାନା ଫିଟାଇବାର ଉଦ୍ୟମ କରୁଅଛନ୍ତି ଏବଂ ମହାରାଜା ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ, ରାଜା ପ୍ୟାରୀମୋହନ ବାନର୍ଜ୍ଜୀ ପ୍ରଭୃତି କେତେକ ଜଣ ସମ୍ଭ୍ରାନ୍ତ ବ୍ୟକ୍ତି ଏହି ଦ୍ରବ୍ୟର କାରଖାନା ଚଳାଇବାକୁ ଅଙ୍ଗୀକାର କରିଅଛନ୍ତି । ଏ ପର କମ୍ପାନିମାନଙ୍କୁ ନିଜ ସ୍ଥାନରେ ଏକ ବା ଅଧିକ କାରଖାନା କରିବା ନିମନ୍ତେ ଅନୁରୋଧ କରାଯାଇଅଛି ।

---

ରୁଷ ଜାପାନ ଯୁଦ୍ଧରେ ଗତ ଜାନୁୟାରି ମାସ ପର୍ଯ୍ୟନ୍ତ ଜାପାନର ଅନ୍ତତଃ ୧୦,୫,୦୦୦ ସୈନ୍ୟ ମରି ପଡିଥିବାର ଏବଂ ତହିଁଉତ୍ତାରୁ ପ୍ରାୟ ୨୧,୦୦୦ ହତ ହୋଇଥିଲେ ଏରୂପେ ସର୍ବସୁଦ୍ଧା ଜ ୧,୨୨,୦୦୦ ଣ ସୈନ୍ୟ ନଷ୍ଟ ହୋଇଥିବାର ଏକ ସମ୍ବାଦପତ୍ର ଅନୁମାନ କରିଅଛନ୍ତି । ପ୍ରତ୍ୟେକ ଯୁଦ୍ଧରେ ଯେତେ ଜାପାନୀ ସୈନ୍ୟ ମରିପଡିବାର ଜାପାନିମାନେ ନିଜେ ଠିକ କରିଅଛନ୍ତି ଉପର ଲିଖିତ ଅଙ୍କ ତହିଁ ସଙ୍ଗେ ମିଶୁଅଛି । ଏପରି କେବଳ ଜ ୬୫୦ ଣ ଜାପାନସୈନ୍ୟ ରୁଷଦ୍ୱାରା ବନ୍ଦୀ ହୋଇଅଛନ୍ତି । ରୁଷର ସେନା କେତେ କ୍ଷୟ ହୋଇଅଛି ତାହା ଠିକ କରିବା ସହଜ ନୁହେ । ରୁଷର ସରକାରୀ ରିପୋର୍ଟ ସମ୍ବନ୍ଧରେ ସର୍ବଦା ଅଳ୍ପ ଖଣ୍ଡ ପ୍ରଦର୍ଶିତ ହୋଇଅଛି । ମାତ୍ର ଉଭୟ ପକ୍ଷରେ ସଂଗୃହୀତ ଅଙ୍କମାନ ଯୋଗ କରିବାରେ ରୁଷର ଅନ୍ୟୂନ ୩,୨୦,୦୦୦ ଲୋକ ଉଣା ଥିବାର ଜଣାଯାଉଅଛି ଏବଂ ତହିଁ ଉପରେ ଜ ୬୭,୨୦୦ ଣ ବନ୍ଦୀ ହୋଇଅଛନ୍ତି । ପଲଟନ ସେମାନଙ୍କର ଚୌପୁରରେ ଯେତେ ରୁଷ ହତ ହୋଇଅଛନ୍ତି ତାହା ଏହି ହେସାବରେ ଅସେ ନାହିଁ । ଶତ୍ରୁମାନେ ଜ ୩, ୩୭,୦୦୦ ରୁଷସୈନ୍ୟ ମରି ପଡିବାର ଅନୁମାନ କରନ୍ତି । ଯାହା ହେଉ ହତ, ବନ୍ଦୀ ଇତ୍ୟାଦି ସମସ୍ତ ଦେଖି ଗଲେ ରୁଷର କ୍ଷତି ପ୍ରାୟ ୬ ଲକ୍ଷ ହୋଇଅଛି । ତୋପ ବନ୍ଧୁକ ଇତ୍ୟାଦିରେ ଜାପାନର କ୍ଷତି ଏତେ ଅଳ୍ପ ଯେ ତାହା ଧର୍ତ୍ତବ୍ୟ ନୁହେ । ମାତ୍ର ରୁଷ ନିକାନ୍ତ ଯୁଦ୍ଧରେ ୭୫୦ ତୋପ, ୧,୨,୫,୦୦୦ ବନ୍ଧୁକ ଏବଂ ୩ କୋଟି ଗୋଟା ହରାଇଅଛି ଏବଂ ସେ ସମସ୍ତ ଜାପାନର ଲାଭ ହୋଇଅଛି । ଏହା ଛଡ଼ା ରୁଷର ଅନେକ ଜାହାଜ ଜାପାନ ବୁଡ଼ାଇଦେଇଅଛି ଓ ହାତ କରିଅଛି ମାତ୍ର ରୁଷ ଗୋଟିଏ ସୁଦ୍ଧା ଜାପାନୀ ଜାହାଜ ପାଇ ନାହିଁ । ରୁଷ ସଙ୍ଗେ ଯୁଦ୍ଧ କରି ଜାପାନ କେମନ୍ତ ବିକ୍ରମ ଦେଖାଇଅଛି ଏଥିରୁ ପାଠକମାନେ ବୁଝିବେ ।

---

ଭାରତର ଇରିଗେସନ ଅର୍ଥାତ୍ ଜଳ ଯୋଗାଇବା ନିମନ୍ତେ ଖୋଲା ହୋଇଥିବା ସରକାରୀ କାଲ ସମୂହର ସନ ୧୯୦୩।୦୪ ସାଲର ବାର୍ଷିକ ବିବରଣୀରୁ ପ୍ରକାଶ ଯେ ଅଧୁନାର କାଲମଧ୍ୟରୁ ବଙ୍ଗପ୍ରଦେଶର ୪ ବମ୍ବେଇର ୭ ଏବଂ ମାନ୍ଦ୍ରାଜର ଦୁଇ ଏପରି ୧୩ କାଲଶ୍ରେଣୀରେ ଯାହା ନିଟ ଆୟ ହୁଏ ତାହା ମୂଲଧନର ସୁଦକୁ ନିଅଣ୍ଟ । ଏ ସମସ୍ତ କାଲ ନିର୍ମାଣରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ ହୋଇଅଛି ଏବଂ ସେହି ଟଙ୍କା ଉପରେ ସରକାରୀ ବାର୍ଷିକ ସୁଦ ମଧ୍ୟରୁ ନିଟ ଆୟ କଟି ଯାଇ ୨୫ ଲକ୍ଷ ଟଙ୍କା ନିଅଣ୍ଟ ପଡିଥିଲା । ଏ ସମସ୍ତ କାଲ ଖୋଲା ହେବା ସମୟଠାରୁ ଯେତେ ସୁଦ ପାଉଣା ହୋଇଅଛି ତହିଁରୁ ନିଟ ଆୟ କଟିଯାଇ ମଧ୍ୟ ପ୍ରାୟ ୧୫ କୋଟି ଟଙ୍କା ନିଅଣ୍ଟ ହୋଇଅଛି । ମାତ୍ର ଅବଶିଷ୍ଟ ୨୮ ଟା କାଲ ଶ୍ରେଣୀର ନିଟ ଆୟ ଅଧିକ ହେବାରୁ ପ୍ରଥମ ଲିଖିତ ୧୩ କାଲର କ୍ଷତି ପୂର୍ତ୍ତି ହୋଇ ନିଟ ରାଜସ୍ୱ ଶତକଡା ପ୍ରାୟ ୬।୩ ହୋଇଅଛି । ଅତଏବ କାଲ ନିର୍ମାଣ ସ୍ଥଳରେ କ୍ଷତିକର ନ ହୋଇ ଲାଭଜନକ ଅଟେ । ପ୍ରତ୍ୟେକ ପ୍ରଦେଶର କାଲ ରାଜସ୍ୱର ଯେ ଶତକଡା ହେସାବ ବାହାରିଅଛି ତହିଁରୁ ଦେଖାଯାଏ ଯେ ପଞ୍ଜାବ ପ୍ରଦେଶରେ ଟ ୬ ୧ କା, ଯୁକ୍ତପ୍ରଦେଶରେ ଟ ୭.୧୬ ମାନ୍ଦ୍ରାଜରେ ଟ ୮.୮ ସିନ୍ଧୁରେ ଟ ୨ ବମ୍ବେଇରେ ଟ ୨.୧୯ ଏବଂ ବଙ୍ଗରେ ଟ ୧.୪୬ କା ରାଜସ୍ୱ ଆଦାୟ ହୋଇଥିଲା । ଅତଏବ ପଞ୍ଜାବରେ କାଲ କାର୍ଯ୍ୟ ସର୍ବାପେକ୍ଷା ଲାଭଜନକ ଅଟେ । ଏହି କାଲଶ୍ରେଣୀର ଫଳ ଦେଖିଲେ ପଞ୍ଜାବର ଚେନବା କାଲର ନିଟ ଲାଭ ୬୪ ଲକ୍ଷ ଟଙ୍କା ଓ ଶତକଡା ଟ ୨୫ ତହିଁ ତଳେ ଯୁକ୍ତପ୍ରଦେଶର ଲାଭ ଶତକଡା ଟ ୨୧୷ ହେଲେହେଁ ଅଠରଶ ୨୨ ହଜାରରୁ ଅଧିକ ନୁହେ । ପୁଣି ଏ କାଲ ଗୋଟିକର ଅମଳର ଥିବାରୁ ଏଥିର ମୂଲଧନ ଅଧିକ ନୁହେ । ବାସ୍ତବରେ ପଞ୍ଜାବରେ ସରକାରୀ ଅନ୍ୟ କୌଣସି ପ୍ରଦେଶରେ ବିଶେଷ ଲାଭକର ହୋଇ ନାହିଁ । ମାନ୍ଦ୍ରାଜରେ କାବେରୀ କାଲର ଲାଭ ଶତକଡା ଟ ୨୨ ସର୍ବାପେକ୍ଷା ଅଧିକ ମାତ୍ର ମୋଟ ଲାଭ ୨୫ ଲକ୍ଷରୁ ଅଧିକ ନୁହେ । ଏ ପ୍ରଦେଶରେ

Digitized by srujanika@gmail.com

ଗୋଦାବରୀ ଜିଲ୍ଲା ପ୍ରଧାନ ଓ ତହିଁର ନେଟ ଲାଭ, ପ୍ରାୟ ୨୦ ଲକ୍ଷ ଅର୍ଥାତ୍ ଶତକଡ଼ା ଟ ୧୭।୶ ଅଟେ ।

### ପୁରୀରେ ଜନ୍ମୋତ୍ସବ ।

ପୁରୀର ସମ୍ବାଦଦାତା ଲେଖିଅଛନ୍ତି କି ଜନ୍ମାଷ୍ଟମୀଠାରୁ ଭାଦ୍ର ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀକୃଷ୍ଣଙ୍କର ଯାବତୀୟ ଲୀଳା ଅର୍ଥାତ୍ ଜନ୍ମୋତ୍ସବ ପୂତନା ବଧ, ଅଘାସୁର, ବକାସୁର, ତୃଣାସୁର ଶକଟାସୁରାଦି ବଧ, ଦୋଳବନ୍ଧା, କାଳୀୟ ଦମନ, ଗୋବତ୍ସହରଣ, ଗୋବର୍ଦ୍ଧନୋଦ୍ଧାରଣ ଓ ବସ୍ତ୍ର ହରଣ ପ୍ରଭୃତି ଗୋପଲୀଳା ଏବଂ ଘୋଷଯାତ୍ରା ଜନ ବୃନ୍ଦାବନସ୍ଥାଗ୍ନି ଲବଣିଖିଅଠାରେ ମଥୁରାର ସମସ୍ତ କାର୍ଯ୍ୟ ନିର୍ବାହିତ ହୁଏ । ଏହି ଦିନ ୧୮ ଦିନରେ ପ୍ରାୟ ପ୍ରତିଦିନ ମନ୍ଦିରରୁ ଶ୍ରୀ ମଦନମୋହନ ଓ ରାମକୃଷ୍ଣ ଦେବମାନେ ଯାହାର ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ବିଜେ କରି ଦୈନିକ ଲୀଳା ଶେଷେ ଶୀତଳମଣୋହି ଓ ଆରତୀ ବନ୍ଦାପନା ସାରି ଫେରି ଆସନ୍ତି ।

ଏହି ଯାତ୍ରାମାନଙ୍କରେ ଶ୍ରୀଜୀଉଙ୍କ ସେବକମାନେ ନନ୍ଦ ଗୋପାଳାଦି ବେଶ ପରିଧାନ କରି ସେହି ସେହି ଦିନର ଯାତ୍ରା ନିର୍ବାହ କରନ୍ତି । ଯାହାର ଯେଉଁ ସେବା ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଅଛି । ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ହୁଏ । ଏ ଦିନ ସେବକ ନିଯୋଗର ଉଚ୍ଚ ଶ୍ରେଣୀଭୁକ୍ତ ଭିତରଚ୍ଛ ମହାପାତ୍ର ନନ୍ଦବେଶ ଧାରଣ କରି ସ୍ୱୟଂ ମନ୍ଦିରରେ ଗାଈଠାରୁ ଗୋପ୍ୟ ପାତ୍ରରେ ଦୁଗ୍ଧ ଦୋହନ କରି ଠାକୁରଙ୍କୁ ଭୋଗ ଦେବାର କାର୍ଯ୍ୟ ଏ ପର୍ଯ୍ୟନ୍ତ ଚଳି ଆସୁଅଛି । ମାତ୍ର ଅଧିକାଂଶ ଯାତ୍ରାରେ ଯାହାର ଯେଉଁ ସେବା ସେ ସେହି ସେହି କାର୍ଯ୍ୟରେ ଉପସ୍ଥିତ ନ ହେବାରୁ ଠାକୁରମାନେ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଯାତ୍ରା ଅସ୍ଥଳେ କେବଳ ଭୋଗ ସାରି ଫେରି ଆସୁଥିବାର ଦେଖାଯାଏ । କେବଳ ସେବକମାନଙ୍କର ଅବହେଳା ହେତୁ ଜାନଯାତ୍ରାର ଅଙ୍ଗହାନି ହେଉଅଛି । ଏ ବର୍ଷ ମଧ୍ୟ ବସ୍ତ୍ରହରଣ ବ୍ୟୋମାସୁର, ରାସ ଓ କେଶୀବଧାଦି ଅଭିନେତାମାନଙ୍କ ଅଭାବରେ ବନ୍ଦ ହୋଇଥିଲା । ଏବଂ ଶେଷଦିବସ ମଥୁରାବିଜୟ ଦିନ ଆମ୍ଭେ ଉପସ୍ଥିତ ଥାଇ ଦେଖିଲୁଁ ଯେ ଭୁକ୍ତା ଭିନ୍ନ ଅନ୍ୟ କୌଣସି ଯାତ୍ରା ହେଲା ନାହିଁ । ଠାକୁରମାନେ ଲବଣିଖିଅଠାରେ ଭୋଗ ସାରି କେବଳ କୁବ୍ଜାକୃପଧାର୍ଯ୍ୟ ଘଟୁଅଛଠାରୁ ଅଙ୍ଗରାଗ ନେଇ ଫେରିଲେ । ବାଟରେ ଦୁଇ ଛଅଟା ବାଜେ ଠାକୁରାଣୀ ମନ୍ଦିରରେ ଶେଷ ହେଲା । ଅକ୍ରୂର, ଗଜ, କଂସ ଓ କୁବଳୟା ହସ୍ତୀ ପ୍ରଭୃତିର କିଛି ନାହିଁ । ସୁତରାଂ ସେ ସମସ୍ତ ଲୀଳା ବନ୍ଦ ହେଲା । ପୁଣି କେତେକ ସେବକ ବେଶ ଧାରଣ ପୂର୍ବକ ଶ୍ରୀ ଜଉଙ୍କ ନାଟ କରିବାକୁ ଲଜ୍ଜା ବୋଧ କରି କେବେ କେବେ ପ୍ରତିନିଧିଦ୍ୱାରା କାର୍ଯ୍ୟ ନିର୍ବାହ କରଥାନ୍ତି ମାତ୍ର ଏଣିକି ତାହାସୁଦ୍ଧା ବନ୍ଦ ହେବାର ଦେଖି ବିଶେଷ ଦୁଃଖିତ ହେଲୁଁ । ଏହି ଜାନଯାତ୍ରା କଥି ଚଳାଇବା ସକାଶେ ସେମାନେ ଦୈଠାଖିଆ ଓ ଯେଯୁଁ ପାଇଥାନ୍ତି । ପୂର୍ବରୁ ଯାହା ଚଳିଆସୁଅଛି ଏବଂ ଯେ ଯେଉଁ ସେବା କରିବାର ନିୟମ ଅଛି ସେ ତାହା ନ କଲେ ତାହାର ଉପଯୁକ୍ତ ଶାସ୍ତି ବିଧାନ ମେନେଜରଙ୍କ ମହୋଦୟଙ୍କର ଅଧିକାର ବହିର୍ଭୂତ ନୁହେ । ଆଶା କରୁ ତାହାଙ୍କର ଏ ବିଷୟରେ ଦୃଷ୍ଟି ପଡ଼ିବ । ବେଶ, ଅଙ୍ଗଭଙ୍ଗୀ, କଥା ଗୀତ ଇତ୍ୟାଦିରେ ଯାହି, କଦର୍ଯ୍ୟ ବା ଅଶ୍ଳୀଳ ତାହା ରହିତ ହେବା ଉଚିତ । ସେ ପ୍ରକାର ଦୋଷ ଥିବାରୁ ସମ୍ଭବତଃ ସେବକମାନେ ଲଜ୍ଜା ବୋଧ କରୁଅଛନ୍ତି । ମାତ୍ର ଚେଷ୍ଟା କଲେ ଅନାୟାସରେ ସୁରୁଚି ସଙ୍ଗତ ମତେ ଯାତ୍ରା ହୋଇପାରିବ ଏବଂ ତହିଁର ମୂଳ ଉଦ୍ଦେଶ୍ୟ ଭଗବାନଙ୍କ ପ୍ରତି ଭକ୍ତି ଓ ପ୍ରେମ ଉଦ୍ରେକିତ ହେବ ।

### ବଙ୍ଗର ବହିର୍ବାଣିଜ୍ୟ ।

ସନ ୧୯୦୪।୫ ସାଲରେ ବଙ୍ଗପ୍ରଦେଶର ବିଦେଶ ସହିତ ସମୁଦ୍ରବାଟେ ଯେ ବାଣିଜ୍ୟ ହୋଇଥିଲା ତହିଁର ସରକାରୀ ବିବରଣ ପ୍ରକାଶିତ ହୋଇଅଛି । ବଙ୍ଗ ପ୍ରଦେଶ ସାମୁଦ୍ରିକ ବାଣିଜ୍ୟର ପ୍ରଧାନ ସ୍ଥାନ ବା ବନ୍ଦର କଲିକତା ଅଟେ । ତାହା ଛଡ଼ା ଚଟ୍ଟଗ୍ରାମ, ବାଲେଶ୍ୱର, କଟକ, ପୁରୀ ଓ ନାରାୟଣଗଞ୍ଜ ବନ୍ଦରମାନ ଅଛି ଯେ ସେ ସମସ୍ତର କାରବାର ସାମାନ୍ୟ ଅର୍ଥାତ୍ ଏକା କଲିକତାର ବାଣିଜ୍ୟ ଶତକଡ଼ା ୯୭.୨ ଚଟ୍ଟଗ୍ରାମ ୨.୫ ଏବଂ ଅବଶେଷ ବନ୍ଦର ସମସ୍ତର .୩ ଡେସିମଲ ଭାଗ ଅଟେ । ବର୍ଣ୍ଣିତ ବର୍ଷରେ ୫୩ କୋଟି ୬୯ ଲକ୍ଷ ଟଙ୍କା ମୂଲ୍ୟର ମାଲ ଆମଦାନି ଏବଂ ୬୪ କୋଟି ୫୯ ଲକ୍ଷ ଟଙ୍କାର ମାଲ ରପ୍ତାନି ହୋଇଥିଲା । ତହିଁ ପୂର୍ବବର୍ଷର ଅଙ୍କମାନ ଯଥାକ୍ରମେ ୪୭କୋଟି ୩୮ ଲକ୍ଷ ଏବଂ ୬୦ କୋଟି ୪୯ ଲକ୍ଷ ଥିଲା । ଏଥିରୁ ଦେଖାଯାଏ ଯେ ବଙ୍ଗଦେଶକୁ ଯେତେ ମୂଲ୍ୟର ଦ୍ରବ୍ୟ ଆସେ ତହିଁର ଅଧିକ ମୂଲ୍ୟର ଦ୍ରବ୍ୟ ବାହାରିଯାଏ । ମୋଟରେ ବାଣିଜ୍ୟ ବୃଦ୍ଧି ହେଉଅଛି ମାତ୍ର ଦେଶରୁ ଦ୍ରବ୍ୟ ବାହାରି ଯାଉଅଛି । ବର୍ଣ୍ଣିତ ବର୍ଷରେ କଲିକତାକୁ ବିଦେଶରୁ ଯେ ସମସ୍ତ ପଣ୍ୟଦ୍ରବ୍ୟ ଆସିଥିଲା ତହିଁମଧ୍ୟରୁ ପ୍ରଧାନ କେତେଟିର ତାଲିକା ମୂଲ୍ୟସମେତ ନିମ୍ନେ ପ୍ରକାଶ କଲୁଁ । ଯଥା;—

| | |
|---|---|
| ଛପା ଲୁଗା ଓ ସୂତା | ଟ ୧୮,୬୭,୮୭,୦୦୦ |
| ଧାତୁ | ଟ ୪,୩୦,୮୧,୦୦୦ |
| ଚିନି | ଟ ୨,୦୯,୫୨,୦୦୦ |
| କଳ ଯନ୍ତ୍ରାଦି | ଟ ୧,୯୦,୧୧,୦୦୦ |
| ତେଲ | ଟ ୧,୫୩,୨୯,୦୦୦ |
| ପଶମି ଲୁଗା | ଟ ୯୮,୩୦,୦୦୦ |
| ଲୁହାରଦ୍ରବ୍ୟ ଓ ଛୁରିଇତ୍ୟାଦି | ଟ ୮୮,୦୩,୦୦୦ |
| ଲୁଣ | ଟ ୫୩,୯୪,୦୦୦ |
| ମଦ | ଟ ୪୮,୦୭,୦୦୦ |
| ମସଲା | ଟ ୩୯,୦୧,୦୦୦ |
| ତାଟର ଜିନିସ | ଟ ୩୮,୫୭,୦୦୦ |

ଏପରି ଖିଲଣାଠାରୁ ଛତା ଓ ସାମାନ୍ୟ ଫଳ ଫୁଲ ପର୍ଯ୍ୟନ୍ତ ପ୍ରାୟ ସକଳ ପ୍ରକାର ଆବଶ୍ୟକୀୟ ଏବଂ ବିଳାସଦ୍ରବ୍ୟ ଆସିଥିଲା । ବାହୁଲ୍ୟ ଭୟରେ ସେ ସମସ୍ତ ଛାଡ଼ିଦେଲୁଁ ।

କଲିକତାରୁ ବିଦେଶକୁ ଯେତେ ଦ୍ରବ୍ୟ ଯାଇଥିଲା ତହିଁ ମଧ୍ୟରୁ ପ୍ରଧାନ କେତେଟାର ମୂଲ୍ୟ ସହିତ ତାଲିକା ନିମ୍ନେ ଦିଆଗଲା । ଯଥା;—

| | |
|---|---|
| ଜୋଟ | ଟ ୧୦,୭୭,୯୮,୦୦୦ |
| ଜୋଟ ତିଆରି ଦ୍ରବ୍ୟ | ଟ ୯,୮୮,୭୨,୦୦୦ |
| ଚାଉଳ ଓ ଧାନ | ଟ ୮,୨୯,୮୭,୦୦୦ |
| ଅଫିମ | ଟ ୭,୫୮,୩୨,୦୦୦ |
| ଚାହା | ଟ ୬,୨୦,୨୯,୦୦୦ |
| ଚମ | ଟ ୫,୭୫,୪୨,୦୦୦ |
| ତିଷା, ସୋରିଷପ୍ରଭୃତି ତୈଳଜ ଶସ୍ୟ | ଟ ୪,୫୮,୮୬,୦୦୦ |
| ଲାହା | ଟ ୩,୦୧,୦୩,୦୦୦ |
| କପା | ଟ ୮୩,୦୬,୦୦୦ |
| ନୀଳବଡ଼ି | ଟ ୫୬,୦୭,୦୦୦ |
| ପଥର କୋଇଲା | ଟ ୪୬,୩୫,୦୦୦ |
| କପାସୂତା | ଟ ୪୧,୫୧,୦୦୦ |
| ରେଶମ | ଟ ୩୬,୩୨,୦୦୦ |
| ସୋରା | ଟ ୩୫,୫୯,୦୦୦ |

ଏପରି ଛଣପଟ, ପଶମିଲୁଗା, ଅଭ୍ର, ସାର, ରଙ୍ଗ କରିବା ଦ୍ରବ୍ୟ, ଶିଙ୍ଗ, ମସଲା ପ୍ରଭୃତି ରପ୍ତାନି ହେବା ଦ୍ରବ୍ୟର ତାଲିକା ବାହୁଲ୍ୟ ଭୟରେ ଛାଡ଼ିଦେଲୁଁ ।

ଉପରଲିଖିତ ତାଲିକାରୁ ଦେଖାଯାଏ ଯେ ଆମଦାନି ମଧ୍ୟରେ କପାଲୁଗା ଏବଂ ରପ୍ତାନି ମଧ୍ୟରେ ଜୋଟ ସର୍ବ ପ୍ରଧାନ ଅଟେ । ଜୀବନ ନିର୍ବାହର ନିତାନ୍ତ ଆବଶ୍ୟକୀୟ ଦ୍ରବ୍ୟ ଲୁଗା, ଲୁଣ, ତେଲ ଓ ଚିନି ସକାଶେ ଆମ୍ଭେମାନେ ବିଦେଶର ଅଧୀନ ଏବଂ ତହିଁ ମଧ୍ୟରେ ଲୁଗାର ଅଧିକାଂଶ ଇଂରାଜଙ୍କର ରାଜ୍ୟରୁ ଆସେ । ଅନ୍ୟ ପକ୍ଷରେ ପ୍ରଧାନ ରପ୍ତାନି ଜୋଟର ଅଧିକାଂଶ ଇଂରେଜ ରାଜ୍ୟକୁ ଯାଏ । ଫଳେ ପୃଥିବୀର ସମସ୍ତ

Split by PDF Splitter
Digitized by srujanika@gmail.com

ମହାଦେଶର ପ୍ରଧାନ ରାଜ୍ୟମାନଙ୍କ ସହିତ ଭାରତର ବାଣିଜ୍ୟ ହେଉଥିଲେହେଁ ମୋଟ ବାଣିଜ୍ୟର ଶତକରା ୪୩ ଇଂରାଜ, ୨୫ ଜର୍ମାନୀ, ୮ ଆମେରିକାଯୁକ୍ତରାଜ୍ୟ ଏବଂ ୭ ଚିନ ସଙ୍ଗେ ଅଟେ । ପୂର୍ବବର୍ଣ୍ଣିତ ତୁଳନାରେ ଇଂରାଜ ରାଜ୍ୟ ସଙ୍ଗେ ବାଣିଜ୍ୟ କିଛି ଊଣା ଏବଂ ଜର୍ମାନୀ ସଙ୍ଗେ କିଛି ବଢ଼ିଅଛି । ତଥାପି ଇଂଲଣ୍ଡର ବାଣିଜ୍ୟ ଜରମାନୀଠାରୁ ପାଞ୍ଚଗୁଣ ଅଧିକ ଥିବା ସ୍ଥଳେ ଇଂଲଣ୍ଡକୁ ହଟାଇବାକୁ କେହି ସମର୍ଥ ନୁହେ ।

## ସ୍ୱଦେଶୀ ଆନ୍ଦୋଳନର ଫଳାଫଳ ।

ଦେଶୀୟଦ୍ରବ୍ୟ ବ୍ୟବହାର ପ୍ରସଙ୍ଗରେ ଇଂଲିସମାନ ସମ୍ବାଦପତ୍ରରେ ଲେଖାଅଛି କି ସନ ୧୯୦୪ ସାଲରେ ବିଲାତରୁ ଭାରତକୁ ୫୪ କୋଟି ୬୦ ଲକ୍ଷ ଟଙ୍କାର ଦ୍ରବ୍ୟ ଆସିଥିଲା ଏବଂ ଭାରତରୁ ବିଲାତକୁ ୬୨ କୋଟି ୩୧ ଲକ୍ଷ ଟଙ୍କାର ଦ୍ରବ୍ୟ ଯାଇଥିଲା । ଯାହା ବିଲାତରୁ ଆସିଥିଲା ତାହା ଭାରତବାସିମାନେ କିଣିଥିଲେ ଏବଂ ଯାହା ବିଲାତକୁ ଯାଇଥିଲା ତାହା ଭାରତବାସିମାନେ ବିକିଥିଲେ । ଯେଉଁ ବ୍ୟକ୍ତି ଯାହା କିଣେ ଯେବେ ତହିଁରୁ ଅଧିକ ବିକେ ତେବେ ତାହାକୁ ସେହି ପରିମାଣରେ ଧନୀ ବୋଲାଯିବ । ଏହି ନ୍ୟାୟରେ ସେ ଭାରତବାସିଙ୍କ ବିଲାତବାସିଙ୍କଠାରୁ ଧନୀ ସିଦ୍ଧାନ୍ତ ହଉଅଛନ୍ତି ଏବଂ ବିଲାତିଦ୍ରବ୍ୟ କିଣିବାରେ ଭାରତର ଉପକାର ହେଉଅଛି । ଏ କଥାଟା ଶୁଣିବାକୁ ଭଲ ମାତ୍ର ପ୍ରକୃତରେ ବିଲାତଠାରୁ ଭାରତ ଧନୀ କି ? ବାଣିଜ୍ୟବାଟେ ଭାରତର ଧନ ବିଲାତକୁ ବାହାରିଯାଉଅଛି ଏବଂ ଏ ଦେଶ ଦିନକୁଦିନ କଙ୍ଗାଳ ହେଉଅଛି ଭାରତବାସୀ ସର୍ବଦା ଏହି କଥା ଯାହା କହୁଅଛନ୍ତି ତାହା କି ସତ୍ୟ ନୁହେ ? ଟିକିଏ ବିସ୍ତାରିତ ବିବେଚନା କରି ଦେଖିଲେ ଭାରତବାସିଙ୍କର ଏହି ବିଶ୍ୱାସ ଅକ୍ଷରେ ଅକ୍ଷରେ ସତ୍ୟ ଅଟେ । ଗୃହଜାତ ଉତ୍ପାଦିତ ଦାନା ଏବଂ କପା, ଝୋଟ, ଚମପ୍ରଭୃତି ଅତ୍ୟାବଶ୍ୟକ ଜିନିଷ ବିକି ସେହି ସେହି ଜିନିଷରେ ପ୍ରସ୍ତୁତ ହୋଇ ଆସିବା ଓ ଅନ୍ୟାନ୍ୟ ମନୋହର ବିଳାସ ଦ୍ରବ୍ୟମାନ ଖରିଦ କରୁଅଛୁଁ । ଏଥିରେ ଏହି ଫଳ ହୋଇଅଛି ଯେ ଦେଶରୁ ଦାନା ବାହାରି ଯିବାରୁ ପେଟପୂରି ଖାଇବାକୁ ପାଉ ନାହୁଁ ଏବଂ କପା, ଝୋଟ ଓ ଚମ ପଠାଇ ବିଲାତର କାରିଗରମାନଙ୍କୁ ମୂଲ ଦେଇ ଦୋହରି ମୂଲ୍ୟରେ ପୁଣି ସେହି ଦ୍ରବ୍ୟମାନ ଲୁଗା, ଯୋତା ଇତ୍ୟାଦି ରୂପରେ କିଣୁଅଛୁଁ । ଏହା ଆପଣା ପେଟ ମାରି ଓ ଘର ଲୋକଙ୍କୁ ଉପାସିମାରି ପର ପୋଷିବା ନୁହେ କି ? ଯେବେ ସେହି କପା ଇତ୍ୟାଦିରେ ଲୁଗା ଯୋତା ଇତ୍ୟାଦି ପ୍ରସ୍ତୁତ କରନ୍ତି ପିଲା ବଳକା ପ୍ରସ୍ତୁତଦ୍ରବ୍ୟ ବିଦେଶକୁ ପଠାଉଥାନ୍ତୁ ତେବେ ଏ ଦେଶର ତନ୍ତୀ, ମୋଚି ପ୍ରଭୃତି କାରିଗର ଉପବାସରେ ମରନ୍ତେ ନାହିଁ ଏବଂ ବଳକା ଦ୍ରବ୍ୟ ବିଦେଶୀଙ୍କୁ ବିକି ଯଥାର୍ଥରେ ଧନବାନ୍ ହୁଅନ୍ତୁ । ଘରର ଜିନିଷ ବିକି ବଡ଼ାଣିଆ ଦେଖାଇବା ଲୋକର ଯେ ଅବସ୍ଥା ସେହି ଅବସ୍ଥା ଭାରତବାସିଙ୍କର ହୋଇଅଛି । ସୁତରାଂ ଅଧିକ ଟଙ୍କାର ଦ୍ରବ୍ୟ ବିକିବାଦ୍ୱାରା ଭାରତ ଧନୀ ହୋଇ ନ ପାରି କଙ୍ଗାଳ ହେଉଅଛି । ଯେଉଁ ସନ ୧୯୦୪ ସାଲର କଥା ପଡ଼ିଅଛି ସେହିବର୍ଷ ବିଲାତକୁ ଯାଇଥିଲା ୧୩ କୋଟି ଟଙ୍କାର ଚାଉଳ ଓ ଗହମ (ଗହମସହିତ) ୭ କୋଟି ଟଙ୍କାର କପା, ଓ ଝୋଟ ଏବଂ ୨୩ ଲକ୍ଷ ଟଙ୍କାର ଚମ । ଅନ୍ୟପକ୍ଷରେ ବିଲାତରୁ ଆସିଥିଲା ପ୍ରାୟ ୩୪ କୋଟି ଟଙ୍କାର କପାଲୁଗା ଓ ସୂତା । ଏହି ଏକ ଲୁଗାବାଟେ ଏ ଦେଶର କେତେ ଅର୍ଥ ବାହାରିଯାଉଅଛି । ଆମ୍ଭେମାନେ ଆଖି ଥାଉଁ ଥାଉଁ ଦେଖୁ ନାହୁଁ । ଏହା କି ସାମାନ୍ୟ ଦୁଃଖର କଥା । ଭାରତରେ ଯଥେଷ୍ଟ କପା ହେଉଅଛି ତନ୍ତୀମାନେ ବ୍ୟବସାୟ ନ ପାଇ କେତେକ ଗଡ଼ ମଲେଣି ଏବଂ କେତେ ମୂଲଲାଗି ବୁଲୁଅଛନ୍ତି । ଅଥଚ ଆମ୍ଭେମାନେ ଉପଚକ୍ଷଣ ଏବଂ ଦୁଇପଇସା ଶସ୍ତା ଦେଖି ବିଲାତିଲୁଗାରେ ଲଜ୍ଜା ନିବାରଣ କରୁଅଛୁଁ । ଟିକିଏ ହିସାବ କରି ଦେଖିଲେ ସ୍ପଷ୍ଟ ଜଣାଯିବ ଯେ ବିଲାତି ଲୁଗା ଯେମନ୍ତ ଶସ୍ତା ତେମନ୍ତ ନଲଦ ଚିରିଯାଏ । ବର୍ଷରେ ଦୁଇଖଣ୍ଡ ଦେଶୀଲୁଗାରେ ଚଳେ ମାତ୍ର ଖଣ୍ଡ ୫ ଶ୍ରୀ ବିଲାତିରେ ଚଳିବା କଷ୍ଟ । ଅତଏବ ଟଙ୍କାରେ ଅନ୍ତତଃ ଚାରିଅଣା ଅଧିକା ଦେଇ ଦେଶୀଲୁଗା କିଣିବା ଉଚିତ । ଏଥିରେ ନିଜର ତ୍ରୁଟି ନାହିଁ ଅଥଚ ଆପଣା ଦେଶୀ ଭାଇ ତନ୍ତୀଙ୍କର ଉପକାର ଅଛି । ଏହା କରିବାକୁ ଯେ କୁଣ୍ଠିତ ହେବ ସେ କି ମନୁଷ୍ୟପଦର ବାଚ୍ୟ । ଏହି ହେତୁ ଆମ୍ଭେମାନେ ଲକ୍ଷ୍ମୀଛଡ଼ା ହୋଇ ଦୁଃଖ ପାଉଅଛୁଁ ।

## ଗ୍ରାମ୍ୟ

( ପୂର୍ବପ୍ରକାଶିତ ପରରୁ )

ପ୍ରଭସ୍ୱେଧକ ଜିଲ୍ଲାରେ ଚୌକିଦାରର ଶକ୍ତି ଦେଖାଗଲା; ବର୍ତ୍ତମାନ ତାହାର କାର୍ଯ୍ୟକରୀ ଶକ୍ତି ଦେଖାଯାଉ ।

ଆଗେ ଦେଖୁଥିଲୁଁ ଗ୍ରାମମଧ୍ୟରେ କାହାରିକୁ ସାପ କାଟିଲେ କମ୍ବା କେହି ଜଳରେ ବୁଡ଼ି କମ୍ବା ଦଉଡ଼ି ଦେଇ ମଲେ ଚୌକିଦାର ଥାନାରେ ସମ୍ବାଦ ଦେବାକୁ ଯେବେ କେହି ପୁଲିଶକର୍ମଚାରୀ ତଦନ୍ତ କରିବାକୁ ଆସୁଥିଲେ ତାହାହେଲେ ସେ ଗ୍ରାମବାସିଙ୍କ ମଧ୍ୟରେ ଜଣେ ଲୋକ ଯେପରି ଅଳ୍ପେଅଳ୍ପେ କର୍ମଭୋଗୀ ନ ହୋଇଯାନ୍ତି ତହିଁରେ ଚେଷ୍ଟିତ ଥିଲା । ଆଜି କାଲି ପୋଲିସ ତାହାର କର୍ତ୍ତାକର୍ତ୍ତା ସବୁ; ସନ୍ଦେହ କରି ମଠାଏ ଖୋଇପାରିଲେ ସୁପାରିଶ ଦେବାର ଲୋଭଟା ସମ୍ବରଣ କରି ଚୌକିଦାର ପକ୍ଷରେ ଅସମ୍ଭବ । ଅଦ୍ଭୁତ ମଧ୍ୟ କଥାରେ ଅଛି ସାପ ଦେଖିଲେ ହାତ ଚଳେ । ଅତଏବ ଯାହାପରେ ବନାଟବାବାଲ ତାହାରି କେତେଟା ଗାଇ ବଳଦ, କେତେମାଣ ଶସ୍ୟ, ଦେଶ ଦେଶ ହାରବାର କଷ୍ଟ ଅଛି କି ନା, ଏ ସବୁ ଖବର ଚୌକିଦାର ଗୋଇନ୍ଦାଳି ହାକିମଙ୍କ ପାଖେ ପହଞ୍ଚାଏ, ଏହାର ଫଳଟା କଣ ହୁଏ ଯେଉଁମାନେ ମୋଫସଲବାସୀ ସେମାନେ ଭଲରୂପେ ଜାଣନ୍ତି । ଚୌକିଦାରମାନେ ପ୍ରାପ୍ତ ଜାଣି ଅଛନ୍ତି । ଏ ମୂଲଂରେ ପ୍ରଜାମାନେ ଏହି ପୁରସ୍କାର ପାଉଅଛନ୍ତି ତାହା ପ୍ରକାଶ କରି କହିଲେ ଭଲ ହେବ ।

ଚୌକିଦାରୀ ଟ୍ୟାକ୍ସ ଗବର୍ଣ୍ଣମେଣ୍ଟ ମାସିକ ଦୁଇପଇସାଠାରୁ ଏକଟଙ୍କା ପର୍ଯ୍ୟନ୍ତ ସ୍ଥିର କରି ଦେଇ ଲୋକମାନଙ୍କ ଅବସ୍ଥାଦୃଷ୍ଟିରେ ଟ୍ୟାକ୍ସ ଧାର୍ଯ୍ୟ କରିବାର ଭାର ସ୍ଥାନୀୟ ବ୍ୟକ୍ତିଙ୍କଦ୍ୱାରା ଗଠିତ ପଞ୍ଚାୟତ ଉପରେ ନ୍ୟସ୍ତ କରିଅଛନ୍ତି ଏବଂ ଯେଉଁମାନେ ମାସିକ ଦୁଇପଇସା ଦେବାକୁ ମଧ୍ୟ ଅକ୍ଷମ ସେମାନଙ୍କୁ ଟ୍ୟାକ୍ସରୁ ଛାଡ଼ି ଦେବାର ବ୍ୟବସ୍ଥା କରିଅଛନ୍ତି । "ସ୍ଥାନୀୟ ଲୋକମାନଙ୍କ ଉପରେ ଟ୍ୟାକ୍ସ ଧାର୍ଯ୍ୟ କରିବାର ଭାର ଦେଇ ଗବର୍ଣ୍ଣମେଣ୍ଟ ଅବଶ୍ୟ ଯଥେଷ୍ଟ ସୁବିଚାର କରିଅଛନ୍ତି ମାତ୍ର ଟ୍ୟାକ୍ସଦାତାଙ୍କ ମଧ୍ୟରୁ କେତେଜଣ ସୁବିଚାର ପାଉଥାନ୍ତି ? ଏ ବିଷୟରେ ଜଣେ ଚୌକିଦାର ରହିବ । ତାହାର ବେତନ ତହସିଲପଞ୍ଚାୟତର କମିଶନ ଓ ଅନ୍ୟାନ୍ୟ ବାଜେଖର୍ଚ୍ଚ ସକାଶ ମୋଟ ଉପରେ ବର୍ଷକୁ ପ୍ରାୟ ୮ ୬୦ ୯ ଙ୍କା ଯୋଗାଇବା ସେହି ପଞ୍ଚାୟତର କର୍ତ୍ତବ୍ୟ । ସେବେ ତହିଁ ମଧ୍ୟରେ ଅନେକଗୁଡ଼ିଏ ସରଳ ଲୋକ ଥାନ୍ତି ତାହା ହେଲେ ଯେଉଁମାନେ ଅତି ଗରିବ ସେମାନେ ଛାଡ଼ ପାଇଥାନ୍ତି ନଚେତ୍ ଅବଶ୍ୟକ ଟଙ୍କାପ୍ରଦ ଦୃଷ୍ଟିକର ପଞ୍ଚାୟତମାନେ ଲୋକମାନଙ୍କର ଅବସ୍ଥା ବିବେଚନା କରିଥାନ୍ତି ? ସୁତରାଂ ଅତି ଗରିବମାନଙ୍କର ଛାଡ଼ ପାଇବା ଅପେକ୍ଷାରେ ବର୍ଷା-ନରେ କଷ୍ଟବଦ୍ଧ ହୋଇ ରହିବା ଛଡ଼ା ଫଳରେ ଲୋକମାନଙ୍କର ଉପକାରରେ ଆସେ ନାହିଁ ଚୌକିଦାରୀ ଟ୍ୟାକ୍ସର କଠୋରତା ସମ୍ବନ୍ଧରେ କହିବାର ଅଧିକ ନେଇ ଅମ୍ଭେ ଉଚିତ ନାହିଁ

Split by PDF Splitter

Digitized by srujanika@gmail.com

Split by PDF Splitter



ପ୍ରଚଳିତ ଯାହା ଆଖି ଉପରେ ପଡୁଅଛି ତାହାର ଉପରେ ନିର୍ଭର କରି ଲେଖୁଅଛୁଁ । ଅନେକ ସମୟରେ ଟିକସ ଦେବାର କିସ୍ତି ନିକଟ ହୋଇ ଆସିଲେ ଲୋକେ ଉପବାସ ରହି ଦେୟଟି ସଂଗ୍ରହ କରି ରଖନ୍ତି । ଜାଣିଅଛୁଁ ମାସରେ ଦୁଇଟି ପଇସା ହାରରେ ସୁଧ ଦେଇ ନ ପାରିବାରୁ ତାହାର ଗୃହ ପାତ୍ରପଲ ଓଜନର ଏକମାତ୍ର ଯାନ-ପାତ୍ର ନିଲାମ କରିବା ସଙ୍ଗେ ତହସିଲଦାରମାନେ ପିଉଥିବା ହୋଡ଼ାଣିକୁ ଓଜ-ଡ଼ାଇ ଦେଇ ନେଉଅଛୁ । କିର୍ତ୍ତୀରତ ଟିକସ ଯେବେ ମାସକୁମାସ ଅସୁଲ ହେଉଥାନ୍ତା ତାହା ହେଲେ ଟିକିଏ ସୁବିଧା ଥାନ୍ତା । ମାତ୍ର ତାହା ନ ହୋଇ ତିନିମାସରେ ଥରେ ଅସୁଲ ହେଉଥିବାରୁ ଏକ ସମୟରେ ଛପଇସା ଦେଇ ପାରିବା ଗରିବ ଲୋକଙ୍କ ପକ୍ଷରେ ଅଧିକତର କଷ୍ଟକର । ମୋଫ-ସଲରେ ସାଧାରଣତଃ ମୂଲିଆମାନେ ଦିନରେ ଛପଇସା କି ଦୁଇଅଣା ରୋଜଗାର କରନ୍ତି ଏବଂ ମହାର୍ଘ ସମୟରେ ତଦ୍ୱାରା ଓଳିଏ ମାତ୍ର ସପରି-ବାରରେ ପେଟ ପୂରେଇ ଖାଇଥାନ୍ତି । ଏଣୁ ଦୂର ପ୍ରସଙ୍ଗ ଟିକସ କିସ୍ତି ଆସି ପହଞ୍ଚିଲା ତାହା ହେଲେ ସେମାନେ ସପରିବାରରେ ଦିନ ଗୋଟିଏ ଉପବାସ କରି ଟିକସ ଦେଇଥାନ୍ତି ବୋଲି ଆମ୍ଭ କ୍ଷୁଧା କଷ୍ଟ ସହ୍ୟ କରି ନ ପାରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେବାରେ କେହି ତ୍ରୁଟି କଲେ ଆଇନର ବିଧାନ ଅନୁସାରେ ତାହାଠାରୁ ଦଣ୍ଡ ସ୍ୱରୂପ ଡବଲ ଆଦାୟ କରାଯାଉଅଛି । ଏଥିରୁ ଦୟାବାନ୍ ଗଭର୍ଣ୍ଣମେଣ୍ଟ ଚୌକିଦାରୀ ବ୍ୟବସ୍ଥା ପ୍ରସାଦରୁ ଗରିବ ପ୍ରଜାମାନଙ୍କର ସୁଖସ୍ୱଚ୍ଛନ୍ଦତା ଅନୁମାନ କରନ୍ତୁ । ଏ ସବୁ ବିଷୟ ଉଚ୍ଚ ରାଜକର୍ମଚାରୀମାନେ ବିଶ୍ୱାସ କରନ୍ତୁ ନ ପାରନ୍ତି ଏବଂ ଗଭର୍ଣ୍ଣମେଣ୍ଟ ସେମାନଙ୍କର ଅଧସ୍ତନ ଅନୁସନ୍ଧାନପ୍ରସୂତ ରିପୋର୍ଟ ଉପରେ ନିର୍ଭର କରି ଭ୍ରାନ୍ତ ଧାରଣା ପୋଷଣ କରି ପାରନ୍ତି ମାତ୍ର ଏ ସବୁ ସତ୍ୟ—ନିରାଟ ସତ୍ୟ ।

ଅଦ୍ୟ ଏତଦ୍ଦରେ ବନ୍ଦ କଲୁଁ । ପରବର୍ତ୍ତୀ ସଂଖ୍ୟାରେ ପ୍ରସ୍ତାବିତ ଗ୍ରାମ୍ୟ ମଣ୍ଡଳ ସମ୍ବନ୍ଧେ ଅଲୋଚନା କରିବୁଁ ।

ମଧୁପୁର
୫ । ୧୨ । ୦୫ } ଶ୍ରୀ ପାରେଶ୍ୱର ମହାନ୍ତି

---

# ସାପ୍ତାହିକ ସମ୍ବାଦ ।

## କଟକ ଗେଜେଟ ।

କଟକ ଜିଲ୍ଲା ଜଗତ୍‍ସିଂହପୁରର ତାଲୁକ ତହସିଲଦାର ଡାର୍କ ହୋଲ୍ଡ କମିଟୀର ସଭ୍ୟ ପଦରେ ନିମ୍ନ ଲିଖିତ ଭଦ୍ରବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

ଜଗତ୍‍ସିଂହପୁର ଇଲାକାର ଲୋକାଲ ସବଡିଭିଜନାଲ ଅଫିସର

ଏଜନ୍ସି କଲେକ୍ଟର

ଏଜନ୍ସି ପୋଲିସ ସବଇନସ୍ପେକ୍ଟର

ବ, ତରଜନର ପୋଲିସ ଇନସ୍ପେକ୍ଟର

ଜଗତ୍‍ସିଂହପୁର ଇଲାକାର ସ୍କୁଲ ସବଇନସ୍ପେକ୍ଟର

ବାବୁ ଦୟାନିଧି ପଟ୍ଟନାୟକ

„ ବଦ୍ୟାଧର ସାହୁ

„ ଚାଣ୍ଡିଏଥି ଦାସ ସବରେଜିଷ୍ଟ୍ରାର

„ ଅଚ୍ୟୁତାନନ୍ଦ ମହାନ୍ତି

---

ଏ ଜିଲ୍ଲାର କଲେକ୍ଟର ଶ୍ରୀଯୁକ୍ତ ଫିସର ସାହେବ ପୂର୍ବବଙ୍ଗ ଓ ଆସାମ ପ୍ରଦେଶକୁ ବଦଳି ହେବା ଓ ତାଙ୍କ ସ୍ଥାନରେ ଶ୍ରୀଯୁକ୍ତ ଗାଲେଟ ସାହେବ ଅସିବାର ଜଣାଯାଉଅଛି । ଜାଜପୁରର ଗବର୍ଣ୍ଣମେଣ୍ଟ ଏଜେଣ୍ଟ ବାବୁ ଗୌରଶ୍ୟାମ ମହାନ୍ତି ମା ୬ ସର ଛୁଟି ନେଲେ । ତାଙ୍କ ସ୍ଥାନରେ କଟକର ସବଡେପୁଟୀ କଲେକ୍ଟର ମୌଲବୀ ଡାନମୁଲ ଅଲି ନିଯୁକ୍ତ ହୋଇ ଯାଇଅଛନ୍ତି ।

କଟକର ସବଡେପୁଟୀ କଲେକ୍ଟର ବାବୁ ଲକ୍ଷ୍ମୀଚରଣ-ଦାସ ବାଲେଶ୍ୱର ସଦର ମହକୁମାକୁ ବଦଳି ହୋଇ ଗଲେ ।

ଓଡ଼ିଶା କେନାଲରେଭେନ୍ୟୁର ଡେପୁଟୀ କଲେକ୍ଟରଙ୍କୁ ବାବୁ ବଳରାମ ଦାସ ଆଉ ଏକବର୍ଷ କାର୍ଯ୍ୟ କରିବାର ଅନୁମତି ପାଇଅଛନ୍ତି ।

ଶ୍ରୀଯୁତ ଜଜ ସାହେବ ପୁରୀକୁ ତଦନ୍ତ କାର୍ଯ୍ୟରେ ଯାଇ-ଅଛନ୍ତି । ଆସନ୍ତା ସୋମବାର ଫେରିଆସିବେ ।

ଏ ନଗର ମେରିଅ ବଜାରରେ ଜଣେ ଧୋବା ଘରେ ଗତ ସୋମବାରି ରାତ୍ରିରେ ଅଗ୍ନି ଲାଗି ଭସ୍ମୀଭୂତ ହୋଇ-ଯାଇଅଛି । ଏବର୍ଷ ଶୀତୁଆମାସରେ ଅଗ୍ନି ଦେବଙ୍କ କୋପଦୃଷ୍ଟି ପଡୁଅଛି ତଥାପି ଏ ନଗରରେ ଅଗ୍ନି ଲାଗିଅଛି ।

ଓଲାଉଠା ଏ ନଗରରୁ ଏକାବେଳେ ବିଦାୟ ହୋଇ ନାହିଁ । ମାତ୍ର ଏହାର ପ୍ରକୋପ ଊଣା ପଡ଼ିଅଛି । ଏ ସପ୍ତାହରେ ଜ ୧୪ ଣ ଆକ୍ରାନ୍ତ ଏବଂ ଜ ୭ ଣ ମୃତ ହେବାର ଜଣା ଯାଇଅଛି ।

ଏ ସପ୍ତାହରେ ଦୁଇଦିନ ଅତି ସାମାନ୍ୟ ବୃଷ୍ଟି ହୋଇ-ଥିଲା । ଜଳକଷ୍ଟ ଘୁଞ୍ଚି ନାହିଁ ।

ଗତ ରବିବାର ସନ୍ଧ୍ୟାରେ ଏଠା ଚୌଧୁରୀବଜାର ତେଲି-ଶାହିର ଗଣେଶ ପ୍ରତିମାର ବିସର୍ଜନ କାର୍ଯ୍ୟ ସମାରୋହରେ ହୋଇଥିଲା । ଏହାଙ୍କର ମେଢ଼ ଏ ନଗରରେ ସର୍ବୋତ୍କୃଷ୍ଟ ଥିଲା ଏବଂ ଚମତ୍କାର କାରିଗରୀର ପରିଚୟ ଦେଉଥିଲା ।

ଆନନ୍ଦ ସହିତ ପ୍ରକାଶ କରୁଅଛୁଁ କନିକାର ମହା-ଶୟ ଶ୍ରୀ କୈଳାସଚନ୍ଦ୍ର, ଉତ୍କଳ ସମ୍ମିଳନୀର ସାହାଯ୍ୟ ନିମନ୍ତେ ଟ ୧୦୦୧ ଙ୍କା ଚନ୍ଦା ପଠାଇଅଛନ୍ତି ।

ହିନ୍ଦୋଳ ଇଲାକାର ଟେନ୍ଥାନନ୍ଦ ନାମକ ବାଳକଟିକୁ ଉଠାଇ ନେଇ ମାରି ପକାଇଥିବା ସନ୍ଦେହ କରାଯାଇ ଶ୍ରୀଯୁତ ମଣ୍ଡି ସାହେବଙ୍କ ଦଗ୍ତରରେ ଗତ ତା ୨୦ ରଖରେ ପଣ୍ଡଶ୍ରମି ସହିତ ମା ୭ ସ କସୁଦଣ୍ଡ ଆଦେଶ ହୋଇଅଛି ।

ହିନ୍ଦୋଳ ଇଲାକାର ସୁହିଦ ଦାଗୀ ସେଖ ସଉକୁଲ ଓ ସେଖ ବଦୁଲ ଗତ ତା ୧୪ ରଖ ରାତ୍ରିରେ ଏକ ଘରେ ସିନ୍ଧି କାଟି ଅନ୍ୟ ଏକଜଣର ଛପର ଭେଙ୍ଗି ଚୁରି ଆଉ ଏକ ଘରର କବାଟ ଖୋଲି ଏପରି ଗୋଟିଏ ରାତ୍ରରେ ତିନି ଘରେ ଚୋରି କରିଥିବା ଅପରାଧରେ ଧରା ହୋଇ ହାଜତରେ ରହିଛନ୍ତି । ମୋକଦ୍ଦମା ଶ୍ରୀଯୁତ ମଣ୍ଡି ସାହେବଙ୍କ ଦଗ୍ତରରେ ଅଛି ।

## ଗଞ୍ଜାମ ବାଲୁଗାଁ ସମ୍ବାଦ ।

ଏଠା ଗ୍ରାମର ସୌଦାଗର ଜେ.ମାଜି ମହମ୍ମଦଙ୍କର ଏକ କୋଠାଘର ନିର୍ମାଣ ପ୍ରାୟ ଶେଷ ହୋଇଅଛି । ଏ ଅଞ୍ଚଳରେ ଏହାହିଁ ସବୁଠାରୁ ପ୍ରଧାନ କୋଠା

ଯଥେଷ୍ଟ ବର୍ଷା ହେବାରୁ କୃଷିମାନଙ୍କର ଦୁଃଖ ଘୁଞ୍ଚିଲା, ଗତ କାର୍ତ୍ତିକରେ ବଳକାହିଁରେ ପାଣି ହୋଇ କୃଷିମାନଙ୍କ ସୁବିଧା ହୋଇଅଛି ।

ଚକ୍ରବର୍ତ୍ତୀ ଦେଶରେ ଓ ମଲ୍ଲୁର ପ୍ରଭୃତି ଗ୍ରାମରେ ଝାଡ଼ାବାନ୍ତି ରୋଗ ପ୍ରବଳାକାର ଧାରଣ କରୁଅଛି ।

ଏ ଅଞ୍ଚଳର କୌଣସି ଆମ୍ବଗଛରେ ଅଦ୍ୟାପି ଆମ୍ବଫୁଲ ଦୃଷ୍ଟିଗୋଚର ହୁଏ । ସମ୍ବାଦଦାତା କହନ୍ତି ଅସିଲାବେଳେ ରାସ୍ତାରେ ଯେଉଁ କେତୋଟି ଆମ୍ବ ଗଛ ଥିଲା ତାହା ସବୁ ଫୁଲ ପରେ ପଇସଦ୍ଧ ହୋଇଗଲା । ଅତଏବ ଆମ୍ବ ଖାଇବାକୁ ବହୁ ଥିବ ।

---

କଲିକତାର ସଡ଼କ ଉପରେ ଜ ୭ ଣ ପଶ୍ଚିମା ଜୁଆ ଖେଳୁଥିବା ଅପରାଧରେ ଟ ୫୧ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି । ଏତେ ଅର୍ଥଦଣ୍ଡ ଦେଇ ସୁଦ୍ଧା ଲୋକେ ଅନ୍ୟାୟ ଉପାର୍ଜ୍ଜନର ଲୋଭ ଛାଡ଼ିପାରୁ ନାହାନ୍ତି ।

ଉଭୟ ରାଜ୍ୟରେ କେତେଗୁଡ଼ିଏ ପ୍ରଧାନ ସ୍ଥାନରେ ଅନାବୃଷ୍ଟି ହେଲେ ଯେଉଁ ଦୁର୍ଭିକ୍ଷ ହୋଇଥିଲା ତହିଁରେ ସହସ୍ର ସହସ୍ର ଲୋକ ମୃତ ଏବଂ ଗୃହଶୂନ୍ୟ ହୋଇଥିବାର ସମ୍ବାଦ ମିଳିଲା । ପାର୍ସେଲ ପ୍ରଦେଶରେ ଜ ୨୦୦ ଣ, ଖାପଲ ପ୍ରଦେଶରେ ଜ ୨୦୦ ଣ ଏବଂ ମାଣ୍ଡିରେ ନାଗାରେ ଜ ୨୦୦୦ ଣ ଲୋକ ମୃତ୍ୟୁ ମୁଖରେ ପଡ଼ିଅଛନ୍ତି ।

ହିମାଳୟ ପର୍ବତର କାଞ୍ଚନଜଙ୍ଘା ଶୃଙ୍ଗରେ ଜ ୫ ଣ ସାହେବ ଏବଂ ଜ ୫ ଣ ଦେଶୀୟ ଲୋକ ଚଢ଼ିବା ସାହାଯ୍ୟରେ ଚଢ଼ି ହଠାତ୍ ବରଫଖଣ୍ଡ ଖସିପଡ଼ିବାରୁ ତଳକୁ ପଡ଼ିଲେ । ଜ ୨ ଣ ସାହେବ ଅଲ୍ପର୍ଯ୍ୟନ୍ତରେ ବଞ୍ଚିପାଇଅଛନ୍ତି ମାତ୍ର ଅନ୍ୟମାନେ ବରଫରାଶିତଳେ ପଶିଯିବାରୁ ମରିଗଲେ ।

ଜାପାନର ଗୋଟିଏ ଯୁଦ୍ଧଜାହାଜରେ ଅଗ୍ନି ଲାଗିବାରୁ ବୁଡ଼ିଯାଇଥିବାର ସମ୍ବାଦ ମିଳିଲା । ଏଥିରେ ଥିବା ଜ ୫୯୯ ଣ [illegible] ମରିଅଛନ୍ତି । [illegible] ଧର୍ମବଳରେ ଜ ୧ ରକ୍ଷା ଏବଂ ଜାହାଜରେ [illegible] ପାଇଅଛନ୍ତି ।

ଲଣ୍ଡନଠାରେ ଆମ୍ଭମାନଙ୍କର ଯୁବରାଜ ମହୋଦୟ ଭାରତଭ୍ରମଣ ହେବା ଉପଲକ୍ଷରେ ସମ୍ପ୍ରତିମାନ ସ୍ମରଣ ନିମନ୍ତେ ତାଙ୍କରେ ଅଧିଲକ୍ଷ ଟଙ୍କା ଖର୍ଚ୍ଚ ହେବାର ସ୍ଥିର ହୋଇଅଛି । ଏତଦୁପଲକ୍ଷେ ଭାରତର ନାନାସ୍ଥାନରେ ଅନେକ ଟଙ୍କା ଖର୍ଚ୍ଚ ହେବ ଏବଂ ତଦ୍ୱାରା ଦେଶର କାରିଗର ଉତ୍ସାହ ଅବଶ୍ୟ ଯୋଗ୍ୟ ହେବେ ।

ଇଂଲଣ୍ଡର ମଙ୍ଗ ଅଜ୍ଞୟି ସି, ଅଇ, ଇଇ ଜଣାନ୍ତି ପ୍ରକାଶ କଲେ ଟ ୩୦୦୦ ଙ୍କା ପୁରସ୍କାର ଘୋଷଣା କରିଥିବାର ପାଠକମାନଙ୍କୁ ଜଣାଅଛି । ଇତିମଧ୍ୟରେ ସେ ଜଣା ଅଛି ଅପଣା ଚିତ୍ରାଳୟରେ ପଠାଇଅଛି । କେତେ ବୁଝିଲେକ ମିଳି ଗୁଣ କନ୍ୟାକୁ ଗୋଟିଏ ନୌକାରେ ଲୁଚାଇ ରଖିଥିଲେ ଏବଂ ଜଣେ କନ୍ୟାର ବିବାହ ହେବାର ବିଶେଷ ଇଚ୍ଛା । ଉଣିଥିଲା । କନ୍ୟା ସ୍ୱଇଚ୍ଛାରେ ଘରୁ ଯାଇଥିବା ଦଣ୍ଡିଯୁ ପ୍ରଥମେ ଏକ କେନେଡ଼ାଙ୍କ ସମ୍ମୁଖରେ ପ୍ରକାଶ କରିଥିଲା ମାତ୍ର ତାହା ଆସାମୀଙ୍କ କଥାରେ ପଡ଼ି କହିଥିବାର ପ୍ରକାଶ କରିଅଛି ।

ଆମ୍ଭମାନଙ୍କର ଯୁବରାଜ ଭାରତ ଭ୍ରମଣ ଉପଲକ୍ଷେ ମହୀଶୂର ରାଜ୍ୟରେ ଉପସ୍ଥିତ ହେଲେ ତ କରି ସନ୍ନିଧାନ, ଶୁଣିଲେ ସେଠାରେ ଏକ ଶିଳ୍ପ ପ୍ରଦର୍ଶନୀ କରି ଓ ଦେଶଜାତ ଦ୍ରବ୍ୟାଦି ଯୁବରାଜଙ୍କୁ ଦେଖାଇବା ସଙ୍ଗେ ସେଠା ଦେବାନ ପରାମର୍ଶ ଦେବାରୁ ମହାରାଜା ତାହା ମଞ୍ଜୁର କରିଅଛନ୍ତି । ଏ ପ୍ରସ୍ତାବ ଭଲ ଏବଂ ତଦ୍ୱାରା କୃଷି ଓ ଶିଳ୍ପୀମାନଙ୍କର ବିଶେଷ ଉତ୍ସାହ ହେବ ।

ଲୁଷିୟା ରାଜ୍ୟର ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସକାଶେ ୭ କୋଟି ଟଙ୍କାର ଶସ୍ୟ କିଣିବାର ମଞ୍ଜୁର ହୋଇଅଛି । ଏଥିରୁ ପାଠକମାନେ ଦୁର୍ଭିକ୍ଷର ଗୁରୁତ୍ୱ ଅନୁମାନ କରି ପାରିବେ ।

Digitized by srujanika@gmail.com

## ପତ୍ରପ୍ରେରକଙ୍କ ମତ ।

ଶ୍ରୀ ଦ୍ୟାନନ୍ଦନ ବୃତ୍ତି—କଟକର ଜଣେ ଲୋକ ଗଣେଶ ଚତୁର୍ଥୀରେ କଟକର କାଳିକେଶ୍ଵର ପ୍ରତିମା ସଜାଇ ମହାସମାରୋହରେ ପୂଜା କରିଥିଲେ । ଏହି ଉପଲକ୍ଷରେ ନାନା ସ୍ଥାନରୁ ଆସିଥିବା ୭୦ ଦଳ କୀର୍ତ୍ତନ, ୪୦ ଦଳ ଚହଲକାହାଳ ନୃତ୍ୟ, ଢୋଲ, ଚେଙ୍ଗୁଡ଼ା, ଅତସବାଜି ପ୍ରଭୃତି ହୋଇଥିଲା ଏବଂ ଏଥିରେ ସବୁମିଶି ପ୍ରାୟ ୩୦ ହଜାର ଟଙ୍କା ବ୍ୟୟ ହୋଇଥିଲା ।

ଜଣେକ ସଦସ୍ୟ—ଶାଳଗ୍ରାମ ରାଜଧାନୀରେ ଶ୍ରୀଯୁକ୍ତ ମୁକୁନ୍ଦଙ୍କର ଯତ୍ନ ଓ ଉତ୍ସାହରେ ଗତ ତା ୩ ରିଖଠାରୁ ଦେଶୀୟ ଶିଳ୍ପ, ବାଣିଜ୍ୟର ଚର୍ଚ୍ଚା ନିମନ୍ତେ ଗୋଟିଏ ସମିତି ସ୍ଥାପିତ ହୋଇଥିବାର ଲେଖିଅଛନ୍ତି । ଶ୍ରୀଯୁକ୍ତ ମୁକୁନ୍ଦ ଏ ସଭାର ସଭାପତି, ୨ୟ କୁମାର ହରିହର ସହକାରୀ ସଭାପତି ଏବଂ ସ୍କୁଲର ହେଡ଼ମାଷ୍ଟର ବାବୁ ... ସମ୍ପାଦକ ମନୋନୀତ ହୋଇଅଛନ୍ତି । ୧ମ ଓ ୨ୟ ଅଧିବେଶନରେ ବକ୍ତୃତା ପ୍ରବନ୍ଧପାଠାଦି ହୋଇଥିଲା । ଦେଶୀୟ ଦ୍ରବ୍ୟ ଉତ୍ପନ୍ନ ଓ ବ୍ୟବହାର ନିମନ୍ତେ ସମିତି ସଚେଷ୍ଟ ହେଉନ୍ତୁ ।

ଶ୍ରୀ ଦୁର୍ଯ୍ୟୋଧନ ଦାସ—ଦେଶୀୟ ଦ୍ରବ୍ୟ ବ୍ୟବହାର ଏବଂ ଉତ୍ପନ୍ନ ନିମନ୍ତେ ଯାଜପୁରରେ ସମିତି ହେବାର ଆବଶ୍ୟକ ବୋଲି ଜଣାଇଅଛନ୍ତି । ଏଥିର ଯଥେଷ୍ଟ ଚର୍ଚ୍ଚା ହେଉଥିବାରୁ ଉପେକ୍ଷିତ ହେଲା ।

ଶ୍ରୀଦେବାନନ୍ଦ କରଣ—ବ୍ରାହ୍ମଣମାନଙ୍କର ଦୁର୍ଗତି କର୍ଣ୍ଣନା କରି ଉନ୍ନତି ସଂସ୍କାର ନିମନ୍ତେ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଅନୁରୋଧ କରୁଅଛନ୍ତି । ପୁରୀ ବାଲେଶ୍ୱର ଓ କଟକର ବ୍ରାହ୍ମଣମାନେ ଏ ବିଷୟରେ ପତ୍ର ଲେଖିଲେ ଉତ୍ତମ ହେବ ।

ଶ୍ରୀବୃନ୍ଦାବନ ସିଂହ ... [illegible] ... ଶ୍ରୀ ... [illegible] ... ମାନଙ୍କ ସମକ୍ଷରେ ଦେଶୀମାନଙ୍କର ବିଦେଶୀ ... [illegible] ... ଦେଇ କେବଳ ଏକଠାରୁ କେହି କେହି ବିଦେଶୀ ଦ୍ରବ୍ୟ ବ୍ୟବହାର ନ କରିବାର ସଙ୍କଳ୍ପ କରିବାର ଲେଖିଅଛନ୍ତି । କେଣିକ ବିଦେଶୀ ଦ୍ରବ୍ୟ ନ କିଣିବା କଲ ମାତ୍ର ଯାହା ଅଛି ତାହା ନଷ୍ଟ ନ କରି ବ୍ୟବହୃତ ହେବା ସର୍ବଥା ଉଚିତ ନହେଁ ।

କେତେକ ଗ୍ରାମବାସୀ—ପୁରୀ କେନ୍ଦ୍ରାପାଡ଼ାରେ କଟକ ଡିଷ୍ଟ୍ରିକ୍ଟର ଶାଖା ସମିତିର ୩ୟ ଅଧିବେଶନ ଗତ ତାରିଖରେ ହୋଇଥିବାର ଲେଖି ଏଥିରେ ବଙ୍ଗ ସମିତି ବ ଷ୍ଟ୍ରିକ୍ଟର ଉନ୍ନତି ନିମନ୍ତେ ସମ୍ପାଦକଙ୍କ ଚେଷ୍ଟା କରି ଏ ସମ୍ପୂର୍ଣ୍ଣ ଯାଉ ନାହାନ୍ତି । ସୁଣି ଜଣେ ସଭ୍ୟ ଏହି କେନ୍ଦ୍ରପଡ଼ା ସବ୍‌ଡିଭିଜନ ଦ୍ରବ୍ୟ ବ୍ୟବହାର କରିବା ନିମନ୍ତେ ସ୍ଥିରକରି ଅପଣା ନିଜର ପୃଷ୍ଠକ ଉପଲକ୍ଷ ତ ଦେଶର ବସ୍ତ୍ର ଖଣ୍ଡ ଖଣ୍ଡାଧ୍ୱୀ ତପ ଉତ୍ତମ କରଣ ନିଷ୍ଟ କରିଥିଲେ । ସହାର ସମ୍ପାଦକ ଏପରି କଲେ ସାମାନ୍ୟ ଲୋକମାନେ ସ୍ୱଦେଶୀ ଦ୍ରବ୍ୟର ଆଦର କରିବାକୁ ଶିଖିବେ କି ?

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନନୀୟ ଉତ୍କଳଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଭୁଜଙ୍ଗ ଶିକ୍ଷା ଅନ୍ତର୍ଗତ ବହିଣୀ ଗ୍ରାମର ସ୍କୁଲରେ ଯକ୍ଷ୍ମାରୋଗର ମହାମାରୀ ସ୍ୱପ୍ନାଦେଶଦ୍ୱାରା ଅବତୀର୍ଣ୍ଣ ହୋଇଅଛନ୍ତି ଓ ତାହାଙ୍କ ମହିମା ସ୍ଥାନରେ ଲୁଣ୍ଠିତପେରୀ ମଧ୍ୟ ଆରୋଗ୍ୟ ହେଉଅଛନ୍ତି । ପ୍ରତି ସୋମବାର ଦିନ ବହୁ ଦୂରରୁ ପ୍ରାୟ ୫୦୦ ଯାତ୍ରୀ ପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଅଛନ୍ତି ।

ବଶମ୍ବଦ

ଅନନ୍ତପୁର } ଶ୍ରୀ ଶଶୀଭୂଷଣ ଦାସ
ତା ୨୦।୯।୦୫ } ହେଡ୍ ମାଷ୍ଟର
ଭୁଜଙ୍ଗ } ଅନନ୍ତପୁର ସ୍କୁଲ

---

ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ପୁରୀ ନଗରରେ ଓଲଉଠା ଉତ୍ପାତ ଗତ ଜୁଲାଇ ମାସ ତା ୧୫ ରିଖରୁ ଆରମ୍ଭ ହୋଇ ସାମାନ୍ୟଭାବରେ ଥିଲା । ତା ୨୦ ରିଖଠାରୁ ଅଗଷ୍ଟ ତା ୭ ରିଖ ପର୍ଯ୍ୟନ୍ତ ଏହାର ପ୍ରକୋପ ଅଧିକ । ପରେ କ୍ରମାଗତ ହ୍ରାସ ହୋଇ ଅଗଷ୍ଟ ତା ୨୦ ରିଖଠାରୁ ଉତ୍ପାତ ବନ୍ଦ ହୋଇଯାଇ ଅଛି ।

| | ପୀଡ଼ିତ | ମୃତ |
|---|---|---|
| ଜୁଲାଇ ତା ୧୫ ରିଖଠାରୁ ତା ୩୧ ରିଖ ପର୍ଯ୍ୟନ୍ତ | [illegible] | [illegible] |
| ଅଗଷ୍ଟ ତା ୧ ରିଖଠାରୁ ତା ୨୦ ରିଖ ପର୍ଯ୍ୟନ୍ତ | ୪୪୭ | ୩୧୯ |
| ମୋଟ | ୬୩୫ | ୪୮୦ |

ମୃତସଂଖ୍ୟା ପୁରୀରେ ଦୁଇ ଶହରଜାର ଲୋକ ହିସାବରେ ମରିଥିବା ଘଟଣା ସମ୍ପୂର୍ଣ୍ଣ ଅମୂଳକ ଅଟେ । କେବଳ ବାହିକା, ଦକ୍ଷିଣରେ ଭଦ୍ର ମଣ୍ଡଳରେ ରୋଗର ପ୍ରାଦୁର୍ଭାବ ପ୍ରବଳ ଥିବାରୁ ସାଧାରଣ ଲୋକେ ବଡ଼ ଭୀତ ହୋଇଥିଲେ ଏମନ୍ତ କି ଅନେକ ବ୍ୟକ୍ତି ସ୍ଥାନାନ୍ତରରେ ଆଶ୍ରୟ ନେଇଥିଲେ । ତତ୍କାଳ ସମୟରେ କର୍ତ୍ତୃପକ୍ଷ ଯଥୋଚିତ ସାହାଯ୍ୟ କରିଥିଲେ । ସହର ପରିଷ୍କାର ପରିଚ୍ଛନ୍ନ ରଖିବାରେ ଲେଶ ମାତ୍ର ତ୍ରୁଟି ଦେଖା ଯାଇ ନାହିଁ ।

ବର୍ତ୍ତମାନ ପୁରୀରେ ଓଲଉଠା ନାହିଁ । ଯାତ୍ରିମାନେ ଅନାୟାସରେ ପୁରୀ ଯାତାୟାତ କରି ପାରନ୍ତି ।

ବଶମ୍ବଦ

୨୦।୯।୦୫ } ଲୋକନାଥ ରଥ
ପୁରୀ } ଦୋଳମଣ୍ଡପସାହି ପୁରୀ

---

ମାନ୍ୟବର ଶ୍ରୀଲଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସନ୍ନିଧାନେଷୁ ।

ମହାଶୟ !

ଯାଜପୁର ସବ୍‌ଡିଭିଜନ ମଧ୍ୟରେ ଥିବା ମାଙ୍କଡ଼ା ଓ ଗୌଡ଼ବାଡ଼ି ନାମକ ଦୁଇ ମୌଜାରେ ଜଳର ନିତାନ୍ତ ଅଭାବ ହେବାରୁ ସେଠାର ପ୍ରଜାମାନେ ଶସ୍ୟରକ୍ଷା କରିବାର କୌଣସି ଉପାୟ ନ ଦେଖି ଅବଶେଷରେ ଖରସ୍ରୋତା ନଦୀ ବଢ଼ିବାର ଦେଖି ନିଜ ନିଜର ଘରୁ ଦେଲା, କଂସା ପ୍ରଭୃତି ବନ୍ଧକ ଦେଇ ଟ ୫୦୧ ଋଣଗ୍ରସ୍ତ ହୋଇ ମହାମାନ୍ୟବର ଗଭର୍ଣ୍ଣମେଣ୍ଟଙ୍କ ରୁଲ ଅନୁସାରେ ଉକ୍ତ ଯାଜପୁର ସବ୍‌ଡିଭିଜନରେ ଥିବା ପାଣିକର ଅଫିସରେ ଟଙ୍କା ଦାଖଲ କରି ଏବଂ ପ୍ରଜାମାନେ ନିଜ ନିଜର ଅବସ୍ଥା ମାନ୍ୟବର ଗଭର୍ଣ୍ଣମେଣ୍ଟଙ୍କ ସମ୍ମୁଖରେ ଅର୍ପଣ କରି ଶେଷରେ ସରକାରଙ୍କ ଆଦେଶମତେ ନଦୀରୁ ଜଳ ଆଣିବା ନିମନ୍ତେ ନଦୀ ବନ୍ଧକୁ କାଟି ପ୍ରାୟ ଦୁଇବାଟୀ ପର୍ଯ୍ୟନ୍ତ ଶସ୍ୟ କ୍ଷେତରେ ଜଳ ସାମାନ୍ୟ ପରିମାଣରେ ଜଳ ଭର୍ତ୍ତି ହେବା ପରେ ନଦୀରୁ ଜଳ ଛାଡ଼ି ଗଲା, ରୟତମାନେ ଅର୍ଥ ନାହିଁ ଈଶ୍ୱରଙ୍କୁ ପ୍ରାର୍ଥନା କରି ଶେଷରେ କପାଳରେ ହାତ ମାରି ଚୁପହୋଇ ରହିଲେ । ମାତ୍ର ଦୟାବାନ ପରମେଶ୍ୱରଙ୍କ କୃପାରୁ ଗତ ମାସ ତା ୧୫ ରିଖ ଶୁକ୍ରବାର ଠାରୁ ଶେଷ ହେବାରୁ ପ୍ରବଳ ବର୍ଷା ଅଛି ଏହି ସମୟ ମଧ୍ୟରେ ... [illegible] ... ପରିମାଣରେ ଜଳ ଅଧିକ ହେବାରୁ ଗ୍ରାମ ମଧ୍ୟରେ ଥିବା ସରକାରୀ ସଡ଼କ ପ୍ରଭୃତି ମଧ୍ୟରୁ ଅନେକ ସ୍ଥାନ ଜଳଦ୍ୱାରା ଭାଙ୍ଗି ଯାଇଅଛି ଏଥିରେ ରୟତମାନେ ଜାଣି ଗଭର୍ଣ୍ଣମେଣ୍ଟଙ୍କଠାରେ ଉଚିତ ସମୟରେ ଦାୟୀ ଓ କ୍ଷତିଗ୍ରସ୍ତ ହେବେ, ଏହି ଭୟରେ ହାହାକାର ସ୍ୱରରେ ଅତ୍ୟଧିକ କାନ୍ଦୁଅଛନ୍ତି । ମଧ୍ୟ ପ୍ରଜାମାନେ ଏଥି "ଆଗ" ମାନ୍ୟବର ଶ୍ରୀଯୁକ୍ତ ବାବୁ ପୂର୍ଣ୍ଣଚନ୍ଦ୍ର ଭୌମିକ ସବ୍‌ଡିଭିଜନ ଅଫିସରଙ୍କ ନିକଟରେ ସଡ଼କ ସମ୍ବନ୍ଧେ ଦରଖାସ୍ତ କରିଅଛନ୍ତି, ଏଠାର ଠିକାଦାର (contractor) ଲଛିରାମ ମିଶ୍ରଙ୍କର ଉଚିତ ଥିଲା ଯେ କୁସମୟରେ ଜଳ ଏପରି ଭୟଙ୍କର ରୂପେ ଆସି ସରକାରୀ ସଡ଼କମାନଙ୍କ ଉପରେ ଗଡ଼ାଗଡ଼ି କଲା ବେଳେ ସବ୍‌ଡିଭିଜନ ଅଫିସର ମହୋଦୟଙ୍କ ଆଜ୍ଞାନୁକ୍ରମେ ସଡ଼କର ନାନାସ୍ଥାନରେ ନଳା ପ୍ରଭୃତି ବସାଇ ଜଳ ବାହାର କରିଦେଇ ଥାଆନ୍ତେ । ମାତ୍ର ତାହା ନ କରି ସରକାରୀ ସଡ଼କ ନଷ୍ଟ କରାଉ ଅଛନ୍ତି, ଭୟଙ୍କର ଭାବରେ ଜଳ ଆସି ପୋଖରୀ ଓ ଗଡ଼ଆ ପ୍ରଭୃତି ପୂର୍ଣ୍ଣ ହୋଇଗଲାଣି ରୟତମାନେ ମହାନନ୍ଦେ କର୍ତ୍ତବ୍ୟ କରୁଅଛନ୍ତି । ଏହି ମାତ୍ର ପ୍ରାର୍ଥନା ମହାମାନ୍ୟବର ଗଭର୍ଣ୍ଣମେଣ୍ଟ ମହୋଦୟ ରୟତମାନଙ୍କର ଦୁର୍ଦ୍ଦଶା ମୋଚନ କରନ୍ତୁ ଏବଂ ଯେପରି ଭବିଷ୍ୟତରେ ରୟତମାନଙ୍କର ଶସ୍ୟ

Split by PDF Splitter
Digitized by srujanika@gmail.com

ନ ହୁଏ କାହାଯ୍ରର ଦୃଷ୍ଟି ନିକ୍ଷେପ କରିବା ହେଉନ୍ତୁ ଗସ୍ତିବମାନେ ମହା ମହିମ ଗଭର୍ଣ୍ଣମେଣ୍ଟଙ୍କର କୀର୍ତ୍ତି ଗାନ କରୁଅଛନ୍ତି ।

Yours faithfnlly
K. B. Das
Mashra, CUTTACK

---

ଶ୍ରୀଯୁକ୍ତ "ଉତ୍କଳଦୀପିକା" ସମ୍ପାଦକ ମହୋଦୟ
ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କରି ଉପକୃତ କରିବାହେବେ ।

ଗତ ଜୁଲାଇ ମାସ ତା ୨୯ ରଖର "ଦୀପିକା"ରେ ଆପଣ ପ୍ରକାଶ କରିଥିଲେ କଟକ ସଦର ଥାନା ଶୀଘ୍ର ବ୍ରଜଲଅଗଞ୍ଜକୁ ସ୍ଥାନାନ୍ତରିତ ହେବ । ପ୍ରଥମେ ଏହାକୁ କେବଳ ମାତ୍ର ଜନରବ ବୋଲି ମନେ କରିଥିଲୁଁ; ମାତ୍ର ବର୍ତ୍ତମାନ ଶୁଣୁଅଛୁଁ ଯେ ବାସ୍ତବିକ ଏହା ଶୀଘ୍ର କାର୍ଯ୍ୟ ପରିଣତ ହେବାର ଆୟୋଜନ ଲାଗିଅଛି । ଏଥିରେ ସାଧାରଣର ସୁବିଧା ଅସୁବିଧାର ବିଷୟ ବିଶେଷ ଭାବରେ ଜଡ଼ିତ ଥିବାରୁ ପଶ୍ଚାତ୍ ଲିଖିତ କେତେକ କଥା କର୍ତ୍ତୃପକ୍ଷମାନଙ୍କ ଗୋଚରରେ ନ ଆଣି ରହି ପାରିଲୁ ନାହିଁ । ଆଶା କରୁଁ ତତ୍ପ୍ରତି ଆପଣ ସେମାନଙ୍କ ଶୀଘ୍ର ଦୃଷ୍ଟି ଆକର୍ଷଣ କରିବାକୁ ସଚେଷ୍ଟ ହେବେ ।

ସର୍ବସାଧାରଣର ସୁବିଧାର୍ଥେ ସରକାରୀ କାର୍ଯ୍ୟାଳୟମାନ, ଯେତେ ଦୂର ସମ୍ଭବ, ନଗର କେନ୍ଦ୍ର ସ୍ଥଳରେ ସ୍ଥାପିତ ହୋଇଥାଏ । ଏହି ବିବେଚନାରେ କଟକ ସଦର ଥାନାଟି ବହୁ କାଳରୁ ବର୍ତ୍ତମାନ ସ୍ଥାନରେ ଅବସ୍ଥାପିତ ଥାଇ ସାଧାରଣର ସୁବିଧା ଜନକ ହୋଇଅଛି । ତଦ୍ଭିନ୍ନ ନାହିଁ ତ ଏହା ଏକ ନଗରରୁ ଛଅ ମାଇଲ ଦୂରକୁ ନିବାର ପ୍ରସ୍ତାବ ହେଲେ ଅମ୍ଭେମାନେ ବୁଝିବାକୁ ଅକ୍ଷମ । ଅଦ୍ୟ ଠାରୁ ନଗର ଲୋକେ ଛଅ ମାଇଲ ଦୂରବର୍ତ୍ତୀ ହେବାରୁ ଯେ ଅନେକ ଅସୁବିଧା ଓ କଷ୍ଟ ଭୋଗ କରିବେ ଏଥିରେ କୌଣସି ସନ୍ଦେହ ନାହିଁ । ଅମ୍ଭମାନଙ୍କର ସାନୁନୟ ପ୍ରାର୍ଥନା ଏହି ଯେ କର୍ତ୍ତୃପକ୍ଷ ସବିଶେଷ ବିବେଚନା ନ କରି କଦାପି ପ୍ରସ୍ତାବଟିକୁ କାର୍ଯ୍ୟ ପରିଣତ ହେବାକୁ ଦେବେ ନାହିଁ ।

ଏହି ସଦର ଥାନାସଙ୍ଗେ ଟାଉନ ଥାନାଟି ମିଳିତ ଅଛି । ଟାଉନର କେନ୍ଦ୍ରସ୍ଥଳ ଗୃହନାଗୌଣ ନୁହେ । ତେମ୍ପା ଉକ୍ତ ସ୍ଥାନଟି ସହରର ଘନ ବସତି ଅଞ୍ଚଳ ସ୍ଥଳ ମଧ୍ୟ ନୁହେ । ଚୌଧୁରୀବଜାର ବା ତନ୍ନିକଟବର୍ତ୍ତୀ ସ୍ଥାନ ଏହି ରୂପ ଅଟେ । ବୋଧ ହୁଏ ଏହି ହେତୁରୁ ପୂର୍ବେ ଟାଉନ ଥାନାଟି ଏହି ସ୍ଥାନରେ ଅବସ୍ଥିତ ଥିଲା । ନ କାରଣରୁ ତାହା ଏଠାରୁ ଉଠି ଆସିଲା ଅମ୍ଭେମାନେ ଜାଣୁ ନାହିଁ । ବକ୍ସିବଜାର ମଧ୍ୟ ଏ ସହରର ଗୋଟିଏ ଅତ୍ୟନ୍ତ ଜନତା ପୂର୍ଣ୍ଣ ସ୍ଥାନ । ଆଗାମୀ ଡିସେମ୍ବର ମାସରେ ଏଠା ପଲଟନ ଉଠିଯିବାର ସ୍ଥିର ହୋଇଅଛି । ବ୍ରଜଲଅଗଞ୍ଜର ପୁଲିଶ ପଲଟନ ବାରିକାଟି ପଡ଼ିଅଛିରେ ଅବସ୍ଥିତ କରିବାର ଶୁଣାଯାଏ । ତାହା ହେଲେ ଅମ୍ଭମାନଙ୍କ କ୍ଷୁଦ୍ର ବିବେଚନାରେ ଟାଉନ ଥାନାଟିକୁ ଚୌଧୁରୀବଜାର ବା ପଲଟନ ପଡ଼ିଅଛିରେ ସ୍ଥାପନ କରାଗଲେ ସର୍ବତୋଭାବେ ସୁବିଧା ଜନକ ହେବ । ପୁଲିଶ କର୍ମଚାରୀ ଏବଂ ସହର ବାସୀ ଉଭୟଙ୍କର ସୁବିଧାଜନକ ହେବ । ସଦର ଥାନାଟି ବର୍ତ୍ତମାନ ସ୍ଥାନରେ ଥାଉ । ଏଥି ପ୍ରତି ଅମ୍ଭେମାନେ ଶ୍ରୀଯୁକ୍ତ କମିସନର ଏବଂ ମାଜିଷ୍ଟ୍ରେଟସାହେବ ମହୋଦୟମାନଙ୍କର ଦୃଷ୍ଟି ଆକର୍ଷଣ କରୁ ଅଛୁଁ । ଅମ୍ଭେମାନେ ଅବଗତ ହେଲୁଁ ଏ ବିଷୟରେ ଖଣ୍ଡିଏ ବହୁ ସ୍ୱାକ୍ଷରଯୁକ୍ତ ଆବେଦନପତ୍ର ଶୀଘ୍ର ଗଭର୍ଣ୍ଣମେଣ୍ଟଙ୍କ ସମୀପକୁ ପ୍ରେରିତ ହେବାର ଆୟୋଜନ ହେଉଅଛି ।

କଟକ } ବଶମ୍ବଦ
୧୩।୯।୦୫ } ଶ୍ରୀ—

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀବାବୁ ଚନ୍ଦ୍ରାମଣି ମହାନ୍ତି ହେଃ ପଃ ଭଦ୍ରକନଗର ଅଲଗ୍ର | ଟ ୩ |
| „ ଗୋକୁଳାନନ୍ଦ ଚୌଧରୀ ଓକିଲ କଟକ | ଟ ୩ |
| „ ଭଗବତ ମହାନ୍ତି ବେଙ୍ଗାଲଙ୍ଗା କଲିକତା | ଟ ୨ |
| „ ଶ୍ରୀସ୍ନାଥ ଘୃଷ୍ଟ ଓକିଲ କଟକ | ଟ ୩ |
| „ ବୈକୁଣ୍ଠନାଥ ବାକଗୋଇ ହୁକୋନ | ଟ ୩ |
| „ ରାଜା । ବ । ବୌଦ | ଟ ୭ |
| „ ଚନ୍ଦ୍ରାମଣି ଦାଃ କଟକ | ଟ ୨ |
| ଜାନା ଜଗଣ୍ଣପଣ୍ଡେଣ୍ଟ ନରେନ୍ଦ୍ର ଗାରାସପ | ଟ ୧୪ |
| „ ରଘୁନାଥ ପଟ୍ଟଯୋଶୀ ବୃଜୁଡ଼ା | ଟ ୯ |
| „ ଜନ୍ମ ମହାପାତ୍ର ନୟାଗଡ଼ | ଟ ୩ |
| ମହମ୍ମଦ ଅକବର ସାଃ ଡାଃ କଲେକ୍ଟର ବେଡ଼୍ପଡ଼ା | ଟ ୧ |
| „ ବେନସାହୁ କେଶୀପୁର କେରାଙ୍ଗ | ଟ ୩ |

---

# ବିଜ୍ଞାପନ ।

ଅମ୍ଭ ଦୋକାନରେ ନିମ୍ନଲିଖିତ ଜିନିଷ ବିକ୍ରୟ ହେଉଅଛି ।

| | | |
|---|---|---|
| ମରଂକ୍ଲଥ | ମ ୧ ଟ ୪୮ | ଟ ୧ ଖାରୁ ସେ ୦ ୩/ |
| ଗୁଣ ଛିଟ | ମ ୧ ଟ ୪୦ | ଟ ୧ ଖାରୁ ସେ ୦ ୩/ |
| ଲୁଚନକାପଡ଼ | ମ ୧ ଟ ୪୦ | ଟ ୧ ଖାରୁ ସେ ୧ |
| ନ ୧ ସ୍ବର ମଇଦା | | ଟ ୧ ଖାରୁ ସେ ୫ ୩ |
| ଏକନ | | ଟ ୭୩/ ମ ୧ |
| ନ ୨ ସ୍ବର ମଇଦା | | ଟ ୧ ଖାରୁ ସେ ୭/ |
| ଏକନ | | ଟ ୭୩ ମ ୧ |
| ନ ୧ ସ୍ବର ଅଟା | | ଟ ୧ ଖାରୁ ସେ ୫୩ |
| ଏକନ | | ଟ ୭୩ ମ ୧ |
| ନ ୨ ସ୍ବର ଅଟା | | ଟ ୧ ଖାରୁ ସେ ୭୩ |
| ଏକନ | | ଟ ୫୩ ମ ୧ |
| ଦଃଟଜ | | ଟ ୧ ଖାରୁ ସେ ୩। |
| ଏକନ | | ଟ ୧୨ ରୁ ମ ୧ |
| କଲିକତା ସୋରଣ୍ଡ ତେଲ | | ଟ ୧। ରୁ ସେ ୨୩ |
| ନାଗପୁର ସୋରଣ୍ଡ ତେଲ | | ଟ ୧।/ ରୁ ସେ ୨୩ |
| ମିଶ୍ରି କଲିକତା | | ଟ ୦ ।/ ସେ ୧ |
| ଏକନ ଦେଶୀ | | ଟ ୦ ୩/ ରୁ ସେ ୧ |
| ମିଶ୍ରି ଚକ୍ରିଣୀ | | ଟ ୦ ୩/ ସେ ୧ |
| ଦ୍ରାକ୍ଷ ଗଗାତେଲ | | ଟ ୦ ୩/ ସେ ୧ |
| ଏକନ | | ଟ ୨୨( ମ ୧ |
| କର୍ପୂରତେଲ ନ ୧ ସ୍ବର | | ଟ ୦ ୩/ ସେ ୧ |
| „ | | ଟ ୨୧୩ ମ ୧ |
| ନଡ଼ିଆତେଲ ନ ୨ ସ୍ବର | | ଟ ୦ ୩ ସେ ୧ |
| ଏକନ | | ଟ ୧୮୩ ମ ୧ |
| କିରୋସିନ ହାତୀମାର୍କା | | ଟ ୧।/ ଡି ୧ ଣ |
| „ ଗୟାମାର୍କା | | ଟ ୧।/ ଡି ୧ ଣ |
| „ ଲକ୍ଷ୍ମୀମାର୍କା | | ଟ ୧। ଡି ୧ ଣ |
| „ ସାପମାର୍କା | | ଟ ୧। ଡି ୧ ଣ |
| ରେଢ଼ିତେଲ | | ଟ ୧ ସେ ୨।/ |
| ଏକନ | | ଟ ୧୭ ମ ୧ |
| ସୁନ | | ଟ ୦ ।/୭ ସେ ୧ |
| ଏକନ | | ଟ ୮୩ ମ ୧ |
| ଗୁଡ଼ ମସଲ | | ଟ ୧ ସେ ୫। |
| ଭୋଟର ବାଲାଣି ଗୁଡ଼ନ | | ଟ ୦ ।/ ସେ ୧ |
| ଏକନ | | ଟ ୧୪ ମ ୧ |
| ଚଡ଼ନ | | ଟ ୦ ।/୩ ସେ ୧ |
| ଏକନ | | ଟ ୧୪୩ ମ ୧ |
| ହରଡ଼ ଡାଲି | | ଟ ୦ ।/୩ ସେ ୧ |
| ଏକନ | | ଟ ୫ ମ ୧ |
| ବୁଟ ଡାଲି | | ଟ ୦ ।/୩ ସେ ୧ |
| ଏକନ | | ଟ ୫ ମ ୧ |
| ଶାଳମସୁର | | ଟ ୦ ।/୭ ସେ ୧ |
| ଏକନ | | ଟ ୫୩ ମ ୧ |
| ସୁହା | | ଟ ୦ ।/ ପାଂଭଣ |

ଚନ୍ଦ୍ରଶେଖରବଜାର ଛକ } ଶ୍ରୀ ସଦେଇ ପଟେଲ
କଟକ

---

# ଇଲେକ୍‌ଟ୍ରିକ ଭ୍ରପ ।

ମେହ ପ୍ରମେହ ଓ ଧାତୁଦୌର୍ବଲ୍ୟର ମହୌଷଧ ବାଲ୍ୟର ଚପଳ୍ୟ ଓ ଯୌବନର ଅସଥା ଅତ୍ୟାଚାରରେ ମେହ ପ୍ରମେହ ଧାତୁଦୌର୍ବଲ୍ୟ ଜନିତ ଶୁକ୍ରତାରଲ୍ୟ ମୁହୁର୍ମୁହୁ ପ୍ରସ୍ରାବ, ପ୍ରସ୍ରାବ କାଳରେ ଅସହ୍ୟ ଯନ୍ତ୍ରଣା, ସ୍ୱପ୍ନର ଧାତୁ ନିର୍ଗମ, ଲାଲ ପ୍ରସ୍ରାବ, ମୂତ୍ରାପର ଧାତୁ ପତନ ମୂତ୍ରନାଳୀର ଜ୍ୱାଳା ମୂତ୍ରଥଳି ମୂତ୍ରନାଳୀର କ୍ଷତ କୋଷ୍ଠବଦ୍ଧ ଓ ଯେତେ ପ୍ରକାର ପ୍ରମେହ ହେଉ ନା କାହିଁକି ତତ୍କ୍ଷଣାତ ଆରୋଗ୍ୟ କରେ ଶରୀର ପୁଷ୍ଟି ଓ ସବଳ କରେ ଏଥିରେ କୌଣସି ଦୂଷିତ ପଦାର୍ଥ ନାହିଁ, ଯେଉଁ ବ୍ୟକ୍ତି ଅନେକ ଦିନରୁ ନାନାପ୍ରକାର ଔଷଧ ବ୍ୟବହାର କରି କୌଣସି ଫଳ ପାଇ ନାହାନ୍ତି ଏହି ଏକମାତ୍ର ଔଷଧ ।—

ମୂଲ୍ୟ ପ୍ରତି ଶିଶିଡ଼ାକମାସୁଲ ସହିତ ଟ ୨ ଙ୍କା ଅଟଣ୍ଡ ମାତ୍ର ।

ପତ୍ର, ଦ୍ରବ୍ୟ, ଟଙ୍କା
ନ ୨୨ ସେଣ୍ଟ ଜେମସ୍‌ଲେନ
କଲିକତା
} R. D. Pati
22 St. James
Lane, Calcutta

Split by PDF Splitter
Digitized by srujanika@gmail.com

## IT'S SO EASY TO NEGLECT THAT COLD !

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says: That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.

## ନବରତ୍ନ ।



ଏହା ବହୁପରୀକ୍ଷିତ ଓ ବହୁକାଳ ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଅଡ଼ମ୍ବର ଅନାବଶ୍ୟକ ।

୧ । ଧନ୍ୱନ୍ତରୀ ବଟିକା—ଜ୍ୱରରେ ଧନ୍ୱନ୍ତରୀ । ଏହା ସମସ୍ତ ପାଳି, ଏକୁଆ, କମ୍ପ, ଦେଙ୍ଗୁ ଓ ଶୀତଜ୍ୱର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୂତିକା ଓ ପୁରାତନ ଜ୍ୱରସମସ୍ତରେ ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—୧ ନମ୍ବର ଡବା ( ୧୬ ବଟିକା ) ୦ ॥/ ୨ ନମ୍ବର ଡବା ( ୩୦ ବଟିକା ) ୧ । ୩ ନମ୍ବର ଡବା ( ୫୦ ବଟିକା ) ୧ ॥/ ।

୨ । ଦଦ୍ରୁ ଦାବାନଳ—ଏହା ଦାଦ, ପାମ୍ବୁଖଣ୍ଡ, ଘୋଡ଼ା ବା ଚର୍ମରୋଗ ଓ ଖୋସ ପ୍ରଭୃତି ସର୍ବପ୍ରକାର ଚର୍ମରୋଗର ପରୀକ୍ଷିତ ଓ ଅମୋଘ, ଜାଳା ଯନ୍ତ୍ରଣା ଶୂନ୍ୟ, ଅଶ୍ରୁଫଳ ପ୍ରଦ ଓ ମୂଳକ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ପୁନର୍ବାର ହୁଏ ନାହିଁ । ମୂଲ୍ୟ—୧ ଡବା ୦ ୵ । ଡାକଖର୍ଚ୍ଚ ୦ ୵୬ ।

୩ । କର୍ଣ୍ଣରୋଗାନଳ—ଏଥିରେ କାନ୍ଥ ବଣ ଓ ପ୍ରଭୃତି କାନରୋଗର ଉପଦ୍ରବ ଅତି ସହଜରେ ଆରୋଗ୍ୟ ହୁଏ ଓ କାନ୍ଥରେ ପୁଣି କଦାପି ଏପରି ହୁଏ ନାହିଁ । ମୂଲ୍ୟ ପ୍ରତି ଶିଶି ୦ ୵, ଡାକ ଖର୍ଚ୍ଚ ୦ ୵୬ ।

୪ । ଗଳକୁଷ୍ଠାନ୍ତକ—ଏଥିରେ ସର୍ବପ୍ରକାର ଗଳା ଘାଆ, ଶୀତପିତ୍ତ ବା ପ୍ରଭୃତି ଦୁଷ୍ଟକ୍ଷତ ଅତି ସହଜରେ ଓ ବିନା ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ଯେଉଁମାନଙ୍କର ଶ୍ୱେତକୁଷ୍ଠ ବା କଳଙ୍କ ବା ଚର୍ମ ଶ୍ୱେତ ରଙ୍ଗ ବା ଛପରେ ମନୋହର ବର୍ଣ୍ଣ କରେ । ମୂଲ୍ୟ—ପ୍ରତି ଡବା ୦ । ଓ ଡାକଖର୍ଚ୍ଚ ୦ ୵

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଡବା ୦ ।; ପ୍ରତି ଡାକବ୍ୟୟ ୦ ୵୬ ଣା

୬ । ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେହରୋଗ ଶରୀରର ପରମଶତ୍ରୁ । ଏହା ଶରୀରକୁ ଆକ୍ରମଣ କଲେ ଜୀବନର ସୁଖତା ଅଙ୍ଗବଳ ପର୍ଯ୍ୟନ୍ତ ନଷ୍ଟ କରେ ଏପରି ଭୀଷଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା । ଏଥିରେ ରୋଗର ବୀଜ ସମ୍ପୂର୍ଣ୍ଣରୂପେ ଶରୀରରୁ ନଷ୍ଟ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରୋଗ ଧାତୁଦୌର୍ବଲ୍ୟ ଓ ଦୁର୍ବଳତା ଧାତୁ ଦୌର୍ବଲ୍ୟ ଏବଂ ଅଶ୍ମରୀ ଓ ଅନ୍ୟ ସମ୍ବନ୍ଧୀୟ ରୋଗ ପକ୍ଷରେ ଅବ୍ୟର୍ଥ ଅମୋଘ ଔଷଧ । ମୂଲ୍ୟ—୧ ବୋତଲ ୦ ୧; ଡାକଖର୍ଚ୍ଚ ୦ ୵୬

୭ । ଚକ୍ଷୁ ଅମୃତ ବଟିକା—ଏହା ନୂତନ ଓ ପୁରାତନ ସର୍ବପ୍ରକାର ଚକ୍ଷୁରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ ମୂଲ୍ୟ ପ୍ରତି ଶିଶି—୦ ॥/; ଡାକଖର୍ଚ୍ଚ ୦ ୵୬ ଣା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ହଇଜା ଓ ଓଲଉଠା ରୋଗର ଅତ୍ୟନ୍ତ ଆଶୁଫଳପ୍ରଦ ଔଷଧ । ଅଧିକନ୍ତୁ ଏଥିରେ ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ, ପେଟ ଫମ୍ପା, ଗ୍ରହଣୀ, ଅତିସାର, ବାନ୍ତି, ପେଟ ଶୂଳ ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ୦ ।୵ ଓ ଡାକବ୍ୟୟ ୦ ୵୬ ଣା

୯ । ଭାସ୍କରତୈଳ—ଏହା ଅର୍ଦ୍ଧଶିର, ଅଗ୍ନିଦଗ୍ଧ ଅସ୍ଥିଭଙ୍ଗ ଓ ଆଘାତ ଜନିତ ବେଦନା ଓ ଅନ୍ୟ ସର୍ବପ୍ରକାର ନୂତନ ଓ ପୁରାତନ ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ୦ ୵, ଡାକ ଖର୍ଚ୍ଚ ୦ ୵୬ ଣା

ନବରତ୍ନ ବ୍ୟତୀତ ଅନ୍ୟ ଲିଖିତ ଔଷଧମାନ ଏଠାରେ ମିଳିବ ଯଥା—

| | | | | |
|---|---|---|---|---|
| ଟେପଇ ଏ ଅକ ଗୁଣ | ଶିଶି | ୦ ୵ | ଡାକବ୍ୟୟ | ୦ ୵୬ |
| ପାଚନଚୂର୍ଣ୍ଣ ଅର୍କ | " | ୦ ୵ | " | ୦ ୵୬ |
| ଅମୃତାଦି ପାଚନ | " | ୦ ୧ | " | ୦ ୧୬ |
| ମାଳତୀବ୍ରହ୍ମ ତୈଳ | " | ୦ ॥/ | " | ୦ ୬ |

ଡାକମାସୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଉଷାକରଚନ୍ଦ୍ର ଦାସ ବାଲେଶ୍ୱର

## ଯାଦବ ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଆୟୁର୍ବେଦିକ ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ସେମାନେ ଅନେକ ପ୍ରକାର ଉପାୟ କରି ସୁଦ୍ଧା ଡାକ୍ତର ବା କବିରାଜଙ୍କ ଦ୍ୱାରା ବୋଧହୁଏ, ଦୀର୍ଘକାଳ ଯନ୍ତ୍ରଣାରେ ଜର୍ଜରୀଭୂତ ହୋଇ, ସମ୍ପୂର୍ଣ୍ଣରୂପେ ଏ ରୋଗ ହାତରୁ ମୁକ୍ତ ହେବାର ଆଶା ଛାଡ଼ି ଦେଇଅଛନ୍ତି, ସେମାନେ ଏହି ସର୍ବକାଳର ସୁପରୀକ୍ଷିତ ସଦ୍ୟ ଫଳପ୍ରଦ ମହୌଷଧ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ମନୁଷ୍ୟ ଦେହରେ ଯାହା କଳ୍ପିତ ପଶୁ ଦେହରେ ମଧ୍ୟ ସେହି ଫଳ ଦେଖାଯାଇଅଛି । ଏହାର ଏପରି ଗୁଣକୁ ଦେଖି ପ୍ରକୃତରେ ବହୁଲୋକ ଆଶ୍ଚର୍ଯ୍ୟାନ୍ୱିତ । ଏ ଔଷଧରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡବା ୦ ॥/; ୩ ୦ ୧, ୬ ୦ ୧॥, ୧୨ ୦ ୩

## କାଟୁର ମହୌଷଧ ।

ସର୍ବପ୍ରକାର କାଟୁ ବା ଖାଇଁସ, କୁଣ୍ଡିଅଣ, ନାନାପ୍ରକାର ଚର୍ମଜାତ ରୋଗ, ଘା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅତଅଳ୍ପକାଳ ମଧ୍ୟରେ ରୋଗ ନିଶ୍ଚଳରୂପେ ଭଲ ହୋଇଯାଉଥାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବିସ୍ମିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସାମାନ୍ୟ ଗର୍ଭରୁ ଏହି ଗାଁର ଲୋକଙ୍କ ପାଖରୁ ନାନାଧ ଲୋକଙ୍କଠାରେ ସମାନ ଆଦର ପାଉଅଛି ପରୀକ୍ଷା କରି ଦେଖିବା ବିନତି କରୁଅଛୁ ।

ମୂଲ୍ୟ ୧ ଡବା ୦ ୵, ୩ ୦ ୧୵, ୬ ୦ ୨, ୧୨ ୦ ୪

ଗ୍ରାହକମାନେ ନିଜନିଜର ନାମ, ଗ୍ରାମ, ଡାକଘର, ଜିଲ୍ଲା ଏବଂ କାହାର କେଉଁ ଔଷଧରୁ ଦରକାର ଅଛି ତାହା ସ୍ପଷ୍ଟରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।

ଶ୍ରୀ ରାମଚନ୍ଦ୍ର ସେନ

ରେଲ ଷ୍ଟେସନ, ବା ମାଣିକଗଞ୍ଜ ପୋଃ; ବାଲେଶ୍ୱର

## ବିଜ୍ଞାପନ ।

## ସଞ୍ଜୀବନୀ ବଟିକା ।

ମାସୁଲ ୦ । ୵

ରକ୍ତାମାଶୟର ମହୌଷଧ ସେବନରେ ପେଟକାମୁଡ଼ି ପେଟ କନ୍ଦନ କରିବା ଓ ଶୂଳ ପ୍ରଭୃତି ପ୍ରକାର ରକ୍ତାମାଶୟ ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିଆ ବା ସ୍ୱପ୍ନ ମେହ । ## ସୁଧାରତ୍ନ ଅମୋଘ ଔଷଧ

ସେବନରେ ପୂଯ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ. ସ୍ତ୍ରୀ ପୁରୁଷଙ୍କ ଗନୋରିଆ ବ ସ୍ୱପ୍ନ ମେହ ସର୍ବାବସ୍ଥାରେ ଆରୋଗ୍ୟଲାଭ ହୁଏ, ୪ ଦିନ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକଶାଟକରୁ ୧ ୦ ଡା. ମା, ୦ ୵ ।

## ସର୍ବସିଦ୍ଧାନ୍ତକମଳମ

( ଯାଉଦାଦ ଦୁର୍ବିଷହଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାର ୦ ୧ ଡା ମା, ୦ ୵ । କଠିନ ଉପଦଂଶ କ୍ଷତ ଓ ସ୍ୱପ୍ନଦୋଷ ଦୁରାରୋଗ୍ୟ ରୋଗ ଶୀଘ୍ର ଆରୋଗ୍ୟ ହୁଏ ।

## କାମକଳ୍ପତରୁ ରସାୟନ ।

ଏହା ସେବନରେ ରତିଶକ୍ତି ବୃଦ୍ଧି ହୁଏ, ସୁକ୍ଷ୍ମ ମେହ ଯାଏ, ଶରୀର କାନ୍ତି ଓ ଧାରଣା ଶକ୍ତି ବୃଦ୍ଧି ହୁଏ ଦୁର୍ବଳ ଶରୀର ସ୍ଥୂଳ ( ମୋଟା ) ଓ ବଳିଷ୍ଠ ହୁଏ ସାଧାରଣଙ୍କରେ ସେବନ କଲେ ଅଲୌକିକ ଶକ୍ତି ଓ ଚମତ୍କାର ବୃତାନ୍ତ ସୁଖ ଅନୁଭବ କରନ୍ତି ପ୍ରତିଦିନ ଔଷଧପୂର୍ଣ୍ଣ ଏକ କୌଟାର ମୂଲ୍ୟ ଡା: ମା: ସମେତ ୦ ୧ ଏଥିରେ ଗୁଣ ଏବଂ ଅଫିମ ନାହିଁ ।

ଶ୍ରୀ ଭବାନୀପ୍ରସାଦ ବନ୍ଦ୍ୟୋପାଧ୍ୟାୟ

ବୈଦ୍ୟ, ସେହେଗା ୮ କାଶୀଧାମ


Digitized by srujanika@gmail.com

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଅସ୍ମ କାର୍ଯ୍ୟରେ ନିମ୍ନଲିଖିତ ସ୍ୱଳ୍ପ ଓ ଦାମ ଯାନମାନ ବିକ୍ରୀ ନିମନ୍ତେ ପ୍ରସ୍ତୁତ ଅଛି । ଯଥା:—

ବଡ଼ ସବାରି ଫୁ ୬୨ × ୩, ଦୋହର ଉଚ୍ଚାଟ ମଗର ଓ ଚକ୍ଡ଼ାଗୋଡଥି ଲଣ୍ଠନ, ଗଦି ଓ ଝାଲର ସହିତ ଏହା ଭିତର ଓ ଛତରେ

ସାଟିନ ଲୁଗା ମଡ଼ା ଟ ୬୦୦୯
ଏକପ ଛିଟ ଲୁଗା ମଡ଼ା ଟ ୧୦୦୯

ସାଧାରଣ ସବାରି ଗମ୍ବାଉ କାଠର ସବାରି

| | | |
|---|---|---|
| ଲମ୍ବ ଦୁ | ୧୦ଇ × ଫୁ ୬-୯ଇ | ଟ ୬୫୯ |
| ,, | ୭ × ୬-୭ | ଟ ୬୦ ୯ |
| ,, | × ୬-୭ | ଟ ୧୭ ୯ |

ଏହା ଛଡ଼ା ଅନ୍ୟ ବାଛିକ କାଠର ତିଆର ଏହି ମାପର ହେଲେ ଟ ୬୫ କୋ ସ୍ଥଲେ ଟ ୫୦ କୋ ସ୍ଥଲେ ଟ ୬୦ କୋ ସ୍ଥଲେ ୧୫ କାରେ ମିଳିବ । ଅନ୍ୟର ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାରି ଓ ଦାମକାର ଫରମାସ ହେବ ସେପରି ଶୀଘ୍ର ତିଆର କରି ଦେଉଁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨୧।୦୪ ଶ୍ରୀ ମାଗୁଣି ମହାରଣା
କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ
କଟକ ଦରଘାବଜାର

ଗଭର୍ଣ୍ଣମେଣ୍ଟ ମେଡେଲ ଉପାଧି ପ୍ରାପ୍ତ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।

ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, ନବାବିଷ୍କୃତ ଓ ଶାସ୍ତ୍ରୀୟ ଔଷଧର ସଂକ୍ଷିପ୍ତ ବିବରଣ

## କେଶରଞ୍ଜନ ତୈଳ ।

ଏହି ତୈଳ ବ୍ୟବହାର କଲେ କେଶ ବୃଦ୍ଧି, ପତନ ଏବଂ ପକ୍ୱ ଦୂର ହୁଏ, କେଶ ଘନ ପରିମାଣରେ ହୁଏ ... ମସ୍ତକ ଶୀତଳ ହୁଏ ... ସୌର୍ବଲ୍ୟ ... ଓ ବାଇର ବେଦନା ଅବଶ୍ୟ ଦୂର ହୁଏ

ମୂଲ୍ୟ ... ଟ ୧ ଓ ଡାକମାସୁଲ ଟ ୦ ।୵

## ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ... ମେହ, ... ଔଷଧ । ରୋଗୀ ... ଲେଖିଲେ ... ଔଷଧ ପଠାଯିବ ।

... ଓ ଏକ କୌଟା ... ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୵

## ଅର୍ଶୋନାଶିନୀ ।

ସର୍ବ ପ୍ରକାର ଅର୍ଶ ରୋଗର ମହୌଷଧ । ... ବେଦନା, ... ନଷ୍ଟ କରେ ।

... ଓ ଏକ କୌଟା ... ମୂଲ୍ୟ ଟ ୧ ଡାକ ମାସୁଲ ଟ ୦ ।୵

ଅମୃତ ବଲ୍ଲୀ କଷାୟ ।

... ମହୌଷଧ ... ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୵

## ଶୋଣିତ ଶୋଧକ ।

ରକ୍ତ ଓ ... ଅଶ୍ୱଗନ୍ଧାରିଷ୍ଟ ... ମହୌଷଧ । ... ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

## ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ... ଶୁକ୍ରକ୍ଷୟ, ... ଶୋଣିତର ... ପ୍ରଦାନ କରେ ।

ଏକ ତୋଳାର ... ଓ ... କୌଟା ବଟିକା ଟ ୪

ଡାକମାସୁଲ ପ୍ରଭୃତି ଟ ୦।୵

## ଚନ୍ଦନାସବ ।

ମେହ ଓ ... ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୵

ପ୍ରାପ୍ତି ସ୍ଥାନ

କବିରାଜ ... ଶାସ୍ତ୍ରୀୟ ଔଷଧାଳୟ
... ଏବେନ୍ୟୁ ...
... କଲିକତା

## ବିଜ୍ଞାପନ ।



## ଶ୍ରୀ ଲାଲମୋହନ ସାହା ଶଙ୍ଖନିଧିର ଯୂଟନ୍ଟି ବ୍ୟାପିତ

## ସବଜ୍ୱର ଗଜସିଂହ ।

... ଘଣ୍ଟା ମଧ୍ୟରେ ସର୍ବ ପ୍ରକାର ଜ୍ୱର ... ରେ ପ୍ଲୀହା ଓ ଯକୃତ ଆରୋଗ୍ୟ ହୁଏ ।

ମୂଲ୍ୟ ... ଟ ୧ ... ଟ ୦ ।୵ ଡାକମାସୁଲ ... ଟ ୦ ।୵

## ଜଣ୍ଡ ଦାବାନଳ ।

... ଶୀଘ୍ର ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ... ଟ ୦ ।୵

## ସର୍ବଦଦ୍ରୁ ହତାଶନ ।

... ଘଣ୍ଟାରେ ... ଆରୋଗ୍ୟ ହୁଏ ।

ମୂଲ୍ୟ ଟ ୦ ।୵ ଡାକମାସୁଲ ... ଟ ୦ ।୵

ଏହି ... ଔଷଧ ... ମୋହନ ସାହା ... ନାମ ଓ ... ପାଇବେ ନ ପାଇଲେ ... ଲେଖିଲେ ... କରେ ପଠାଇବୁଁ । ଏହି ସମସ୍ତ ଔଷଧରେ ଆରୋଗ୍ୟ ନ ହେଲେ ମୂଲ୍ୟ ଫେରସ୍ତ ଦେଉଁ ।

ଠିକଣା ଶ୍ରୀ ଲାଲମୋହନ ସାହା ଶଙ୍ଖନିଧି
ଢାକା ବାବୁରବଜାର

କଟକ ... ବାବୁ ... ପ୍ରସାଦ ... ଠାରେ ପାଇବେ ।

Lal Mohan Saha Sankhanidhi
Baburbazar, Dacca.

## ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ... ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ... ଔଷଧମାନ ଉଚିତ ମୂଲ୍ୟରେ ବିକ୍ରି ହୁଏ । ଉତ୍କଳଦୀପିକାର ସମ୍ପାଦକ ... ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ... ଜଣାଯାଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେଁ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ... ଦ୍ୱାରା ରୋଗ ... ଔଷଧର ସୁବ୍ୟବସ୍ଥା କରା ... ରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ... ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ... ଭେଲୁପେବଲ ପାର୍ଶ୍ୱଲରେ ... ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା ... ନ ଦେଲେ ଉତ୍ତର ଦିଆଯାଏ ନାହିଁ । ... ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ... ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ
ଚଉଧୁରୀବଜାର, କଟକ
୩୦।୧୧।୧୯୦୪

ଶ୍ରୀ ବାଳକୃଷ୍ଣଦାସ କବିରାଜ
ଶ୍ରୀ ... ମାନେଜର

## ପ୍ରଜାବନ୍ଧୁ ।

... ସମ୍ବାଦ, ... 'ପ୍ରଜାବନ୍ଧୁ' ... ବର୍ଷ ... ପ୍ରତି ଶନିବାରରେ ... ପ୍ରକାଶିତ ହୁଏ । ... ଲେଖିଲେ ... ଅଗ୍ରିମ ବାର୍ଷିକ ମୂଲ୍ୟ ... ଟଙ୍କା ମାତ୍ର ।

ମେନେଜର-ପ୍ରଜାବନ୍ଧୁ, ... , ଗଞ୍ଜାମ

Split by PDF Splitter
Digitized by srujanika@gmail.com

Split by PDF Splitter




# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ସାଲ୍‌ସା ଏବଂ ଅନ୍ୟାନ୍ୟ ଔଷଧର ଉପାଦାନରେ ପ୍ରସ୍ତୁତ ।

କୌଣସି ପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ଦୋଷ ହରଣ କରିବାରୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲ୍‌ସା ଟ ୧।

# ମିତ୍ର ବଟିକା ।

ମ୍ୟାଲେରିୟା ଜ୍ୱରର ମହୌଷଧ ।

ପରୀକ୍ଷା ଦ୍ୱାରା ସ୍ଥିର ହୋଇଅଛି, ମ୍ୟାଲେରିୟା ଜନିତ ସର୍ବପ୍ରକାର ପୁରାତନ ପ୍ଳୀହା ସମ୍ବଳିତ ଜ୍ୱରରୋଗ ନିବାରଣ ନିମନ୍ତେ ଉକ୍ତ ମହୌଷଧ ଅପେକ୍ଷା ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କଲେ ଶତସହସ୍ର ପୁରାତନ ଓ ପ୍ଳୀହାସମ୍ବଳିତ ଜ୍ୱରକ୍ଳିଷ୍ଟ ରୋଗୀ ଏକାଥରକେ ରୋଗମୁକ୍ତିରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିୟା ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ଅନୁଗ୍ରହ ହେଲେ ବୃଥା ଅତ୍ୟୁକ୍ତି ହେବ ନାହିଁ ।

ଏକଥର ବ୍ୟବହାର କଲେ ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହତ୍ତ୍ୱ ଏହି ଯେ ଏହା ସେବନ ଏକାବେଳେ ମଧ୍ୟ ସେବନ କରାଯାଏ । ଏପରି କି ଜ୍ୱରବେଗର ଉପକ୍ରମ, ଗାତ୍ର ଓ ହସ୍ତ ପଦ ଜ୍ୱାଳା, ଶୀତଳ, ହସ୍ତ, ପଦ ନିଶ୍ରାନ୍ତ ହେବା, ଶ୍ୱାସ ରୋଗ ଓ କୋଷ୍ଠବଦ୍ଧ, ଏହିସବୁ ଅବସ୍ଥାରେ ଏହା ପୂର୍ବରୁ ବ୍ୟବହାର କରିବାରୁ ଅଚିରେ ଜ୍ୱରରୁ ମ୍ୟାଲେରିୟାରୁ ନିଷ୍କୃତି ଲାଭ ହୁଏ ।

ମୂଲ୍ୟ ।

| | |
|---|---|
| ୧ ଶିଶି ୨୫ ବଟିକା | ଟ ୦ ॥ |
| ୧ " ୫୦ " | ଟ ୧ ୧ |

ଡାକଯୋଗେ ପଠାଇଲେ ଟ ୦ ।/ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ।/ କମିଶନ ଲାଗିବ ।

N. N. Mitras Ringworm ointment.

ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସି ପ୍ରକାର ପୁରାତନ ଦାଦୁ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲା ମାତ୍ରେ ତାହା ଆରୋଗ୍ୟ ହେବ । ଅନେକ ବ୍ୟକ୍ତି ୮।୧୦ ବର୍ଷର ଦାଦୁରୋଗରେ ଆମ୍ଭମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକକାଳକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାର | ଟ ୦ । |
| ଡାକଖର୍ଚ୍ଚ | ଟ ୦ ।/ |
| ଭି, ପି, | ଟ ୦ / |
| ଏକ ଡଜନ | ଟ ୨।/ |

ଡାକଖର୍ଚ୍ଚ ସ୍ୱତନ୍ତ୍ର

# N. N. Mitra's

ଦନ୍ତ ରୋଗର ମହୌଷଧ
ନିଶ୍ଚିତ ଦନ୍ତରୋଗର ମହୌଷଧ

ଏହା ଦ୍ୱାରା ଦନ୍ତବେଦନା ତତ୍‌କ୍ଷଣାତ୍ ଦୂର ହୁଏ ଏବଂ ଦନ୍ତ ଦୃଢ଼ ହୁଏ । ମୂଲ୍ୟ ଟ ୦ । ଡାକଖର୍ଚ୍ଚ ସ୍ୱତନ୍ତ୍ର

ଉପରୋକ୍ତ ଔଷଧ ଏବଂ ଅନ୍ୟାନ୍ୟ ପେଟେଣ୍ଟ ଔଷଧ ଏବଂ ଡାକ୍ତରି ଔଷଧ ଓ ଅସ୍ତ୍ର ଆମ୍ଭମାନେ ପାଇକାରୀ ଦରରେ ସରବରାହ କରୁଅଛୁ ।

ଆମ୍ଭେମାନେ ବଜାରର ଉପୃଷ୍ଟ ଓ ଅନେକ ଆଲୁ ସମସ୍ତ ପ୍ରକାର ଔଷଧ ଓ ଯନ୍ତ୍ରାଦି ଉପସ୍ଥିତ କରି ରଖାଇଥାଉଁ । ସେଥି ପାଇଁ ସବୁବେଳେ ଟଙ୍କା ଓ ସୁଲଭ ମୂଲ୍ୟରେ ମଫସଲର ଗ୍ରାହକମାନଙ୍କୁ ସରବରାହ କରି ଥାଉ ।

ଆମ୍ଭେମାନେ ଅର୍ଡର ପାଇବା ମାତ୍ରେ ଔଷଧ ଭିପିଯୋଗେ ପ୍ୟାକ କରି ସରବରାହ କରୁଥାଉଁ ।

ଏନ୍, ଏନ୍, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବଂ ରିଟେଲ ଡ୍ରଗିଷ୍ଟ
ନ ୨୨୩ନମ୍ବର ବହୁବଜାର ଷ୍ଟ୍ରିଟ୍, କଲିକତା
କଟକର ଏଜେଣ୍ଟ
ବାବୁ କୁସୁମକୁମାର ସେନ ପ୍ଲିଡରଙ୍କ ମୋହରିର
ବିଶ୍ୱନାଥ ଦାସ

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das, Mohorir
care of Kusum Kumar Sen Pleader
Cuttack.

# ନୂତନ ପୁସ୍ତକ ।

ଅମ୍ଭ ପ୍ରଣୀତ ଓ ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ କଟକ ଦର୍ଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଓ ବୁକ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଏବଂ ଚୌଦ୍ଧୁରୀବଜାର ରତ୍ନପୁର ପଣ୍ଡିତ ଶ୍ରୀ ଗଣେଶ୍ୱର ମିଶ୍ରଙ୍କ ପୁସ୍ତକ ଦୋକାନରେ ଅତ୍ୟନ୍ତ ସୁଲଭ ଅଳ୍ପ ମୂଲ୍ୟରେ ବିକ୍ରୟ ହେଉଅଛି । ଡାକରେ ବା ଭେଲ୍ୟୁପେବଲର ପାର୍ଶଲରେ ବହି ନେଲେ ତାଙ୍କ ନିକଟକୁ ଲେଖିବାକୁ ହେବ ।

| | |
|---|---|
| ଶ୍ରୀବତ୍ସଚମ୍ପୂ, (ପରିବର୍ଦ୍ଧିତ ସଂସ୍କରଣ) | ଟ ୦ / |
| ସଙ୍ଗୀତସାଗର ପ୍ରଥମ ତରଙ୍ଗ | ଟ ୦ ।/୨ |
| ଏଜନ ଦ୍ୱିତୀୟ ତରଙ୍ଗ | ଟ ୦ ।/ |
| ଏଜନ ତୃତୀୟ ତରଙ୍ଗ | ଟ ୦ ।/ |
| ଏଜନ ଚତୁର୍ଥ ତରଙ୍ଗ | ଟ ୦ ।/ |
| ଏଜନ ପଞ୍ଚମ ତରଙ୍ଗ | ଟ ୦ ।/ |
| ଏଜନ ଷଷ୍ଠ ତରଙ୍ଗ | ଟ ୦ ।/ |
| ସଙ୍ଗୀତ ସଂସାର | ଟ ୦ ।/ |
| ରସଲେଖା ( ଉପେନ୍ଦ୍ରଭଞ୍ଜ କୃତ ) | ଟ ୦ ।/ |
| ପାରିଜାତମାଳା (ଶ୍ରୀମତୀ ଲକ୍ଷ୍ମଣା ଦେବୀ କୃ | ଟ ୦ । |
| ଜାତୀୟ ସଙ୍ଗୀତ | ଟ ୦ ।/ |
| ବସନ୍ତରାଗ ବର୍ଣ୍ଣନା | ଟ ୦ ୧୨ |
| ସମରତରଙ୍ଗ | ଟ ୦ ।/ |
| ବାଲ୍ୟସାକ୍ଷୀ | ଟ ୦ / |

ଶ୍ରୀ ଦାମୋଦର ପଟ୍ଟନାୟକ

ନିମ୍ନଲିଖିତ ପୁସ୍ତକମାନ ନୂତନ ଛପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ଜଳପଥାଧ୍ୟାୟୀ ଅର୍ଥାତ ଦରଜନ୍ମ କଥା | ଟ ୦।/ |
| ମହାମଣ୍ଡଳଗୀତା | ଟ ୦।/ |
| ଧର୍ମପୁରାଣ | ଟ ୦।/ |
| କୃଷ୍ଣ ଲୀଳା | ଟ ୦।/ |
| ବୈଶାଖମହାତ୍ମ୍ୟ ନୂତନ ସଂସ୍କରଣ | ଟ ୦।/ |
| ସଙ୍ଗୀତସଂସାର " | ଟ ୦।/ |
| ରହସ୍ୟମଞ୍ଜରୀ " | ଟ ୦ / |
| ଚଉଁତିଶା ପାଠ " | ଟ ୦ /୨ |
| ଭବଭୂତିଚିନ୍ତାମଣି " | ଟ ୧୫ |
| ଗୀତଗୋବିନ୍ଦ ମାନସିଲ " | ଟ ୦ ୫ |
| ରହସ୍ୟ ରାସ | ଟ ୦ / |

# ଉପନିଷଦସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଳବକାର କାଠକ, ତୈତ୍ତିରୀୟ; ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ଉପନିଷଦ ଗୁଡ଼ିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ପଣ୍ଡିତ ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦ ମୂଲ୍ୟ ଟ ୦ ୫ ଡାକମାସୁଲ ଟ ୦ / କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

# ହରିବଂଶ
# ମହାଭାରତାନ୍ତର୍ଗତ
# ଖିଲ ହରିବଂଶ ପର୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ଫକୀରମୋହନ ସେନାପତି ଙ୍କଦ୍ୱାରା ଚଉପଦୀ ଛାନ୍ଦରେ ବୃତ୍ତରେ ଅନୁବାଦିତ । ମୂଲ୍ୟ ପ୍ରତିଖଣ୍ଡ ଟ ୧ ଟଙ୍କା ଡାକମାସୁଲ ସ୍ୱତନ୍ତ୍ର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି

| ନୂତନପୁସ୍ତକ | ନୂତନପୁସ୍ତ |
|---|---|
| ସଂଗୀତ କୁସୁମ ୧ମ | ଟ ୦ ।/ |
| ସଂଗୀତ କଲ୍ପଲତା ୧ମ | ଟ ୦ ।/ |
| ଶ୍ଳୋକମାଳିକା | ଟ ୦ /୨ |
| ନିତ୍ୟକର୍ମପଦ୍ଧତି ୧ମ | ଟ ୦ /୨ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ପ୍ରିଣ୍ଟିଂକମ୍ପାନୀରେ ପ୍ରାପ୍ତବ୍ୟ । ସଂଗୀତ କଲ୍ପଲତା ଓ ନିତ୍ୟକର୍ମପଦ୍ଧତିର ଅବଶିଷ୍ଟ ଭାଗମାନ ଶୀଘ୍ର ପ୍ରକାଶିତ ହେବ ।

ଜଗନ୍ନାଥବଲ୍ଲଭ } ଶ୍ରୀ ସୁଦର୍ଶନ ଦାଶଶର୍ମା
ପୁରୀ


ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀ ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା।

# THE UTKAL DIPIKA.

ଖ୍ରୀ ୪୦ ଶ } ୩୯ ସଂଖ୍ୟା

CUTTACK, SATURDAY THE 30th September 1905.

ତା ୧୫ ର ଆଶ୍ୱିନ ସନ ୧୩୧୬ ସାଲ ଶନିବାର

ସହର କଟକ ତରବାରକଜାର ଠିଣିଂକଶାଳ ର ୧୪ ଭଳ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

{ ଅଗ୍ରିମ ଟ ୩୧ / ପଶ୍ଚାଦେୟ ଟ ୩।


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ସ୍ଥାନରେ ଧାଡ଼ିପ୍ରତି ଟ° ।୵ ଓ ଅର୍ଦ୍ଧମୂଲ୍ୟ ଟ ୨ ପୂର୍ଣ୍ଣ ଏକ ମୂଲ୍ୟରୁ ଟ°୩ ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଶୁଳ୍କ ଟ° ୵ ଣାରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସ୍ଥାନରେ ଶୁଳ୍କ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସ୍ଥାନରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ । ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ ।

## NOTICE.

Wanted two passed Hindu compounders for the Mourbhanj State Dispensaries pay Rs. 15 rising to Rs. 20 per month. Apply stating age and with copies of testimonials to the undersigned on or before the 30th September next.

Mourbhanj 18-9-05 } D. C. Aich
*Chief Medical officer.*

WANTED a Head Pandit on a salary of Rs. 8 per mensem for 6 months for the Upper Primary School at Rajnagar in the Kanika Raj Estate. None need apply who has not passed the Central Class Examination of the Cuttack Training School and has no experience of teaching under the new system of Vernacular Education. The candidate should also possess some knowledge of English as he will have to keep charge of the local Post office for which he will get an allowance of Rs. 4 from the Postal Department. Apply with copies of testimonials to the undersigned before the 7th October next.

K. C. Sirkar
Manager Kanika Estate
P. O. Ganja, Dt. CUTTACK.
26-9-05

## NOTICE.

Is hereby given that a Talcher scholarship of Rs. 7 a month tenable for 2 years at the Ravenshaw College is vacant. Candidates are invited to apply to the Chairman of the Cuttack District Board before the 20th October 1905 in the following form.

1. Name of candidate.
2. Name of his father and his occupation.
3. Residence temporary or permanent.
4. What examination the candidate has passed and in what Division whether in the first chance or otherwise.
5. Name of the school and the class in which he is reading.
6. Certificates from respectable persons about the character and circumstance of the candidates.
7. Remarks giving other particulars which the candidate may wish to give.

Cuttack Dt. Bds. Office 25-9-05. } J. C. Chandra
*Vice-Chairman.*

## NOTICE.

A riding horse, some old musical instruments, threatre scenes, one phaeton four wheeled carriage and some glass wares belonging to the Estate of the late Hariharnath Pandit will be sold. Intending purchasers to apply within the 15th October next to the Receiver, Darpan Estate, Rajbati, Chandnichauk, Cuttack. The horse and the carriage may be seen at the Durpan stable Mahammadia Bazar, Cuttack from 10 A. M. to 4 P. M.

27-9-05 Cuttack } Gopal Chunder Paharaj
*Receiver, Darpan Estate*
CUTTACK

## ବିଜ୍ଞାପନ ।

ଈଶ୍ୱରକୁମାର ହରିହରନାଥ ପଣ୍ଡିତଙ୍କ ଇଷ୍ଟେଟର ଗୋଟିଏ ସବାରୁ ଘୋଡ଼ା, କେତେକ ପୁରୁଣା ବାଦ୍ୟଯନ୍ତ୍ର (ପିଆନୋ ପ୍ରଭୃତି), ଥିଏଟର ପରଦା ଓ ଲୁଗା ଓଗେର, ଏକଗୋଟି ଫିଟନଗାଡ଼ି ଓ କେତେକ କାଚ ଜିନିଷରୁ ବିକ୍ରୟ କରାଯିବାର ଅବଶ୍ୟକ । ଗ୍ରାହକମାନେ ଆଗାମୀ ଅକ୍ଟୋବରମାସ ତା ୧୫ ରିଖ ମଧ୍ୟରେ ଆମ୍ଭ ନିକଟ ଦରଖାସ୍ତ ଦେଇ ପାରିବେ । କଟକ ସହର ମହମ୍ମଦିଆ ବଜାରସ୍ଥ ଦର୍ପଣ ଅସ୍ତାବଲରେ ଘୋଡ଼ା ଓ ଗାଡ଼ି ଦେଖି ପାରିବେ ।

୨୭।୯।୦୫ କଟକ } ଗୋପାଳଚନ୍ଦ୍ର ପ୍ରହରାଜ
ରିସିଭର, ଦର୍ପଣ ଇଷ୍ଟେଟ
ସଦର ଅଫିସ ଚାନ୍ଦନୀଚୌକ
କଟକ

ଅନୁଗୁଳ ଜିଲ୍ଲାର ବନ୍ଦୋବସ୍ତ କାର୍ଯ୍ୟ ଉପଲକ୍ଷେ ଆସନ୍ତା ନଭେମ୍ବର ମାସ ତା ୧୫ ରିଖ ଠାରୁ ନିମ୍ନଲିଖିତମତେ ଆମିନ, ହେଡ଼ଆମିନ ମୁକରର କରାଯିବ, କାର୍ଯ୍ୟପ୍ରାର୍ଥୀମାନେ ସେମାନଙ୍କର ପ୍ରଶଂସାପତ୍ର ସହିତ ଆସନ୍ତା ଅକ୍ଟୋବର ମାସ ତା ୨୫ ରିଖ ପର୍ଯ୍ୟନ୍ତ ଆମ୍ଭ ନିକଟକୁ ଆବେଦନପତ୍ର ପଠାଇବେ, ଯେଉଁମାନେ ଓଡ଼ିଶା ସେଟଲମେଣ୍ଟ ଅଫିସରେ କାର୍ଯ୍ୟ କରିଥିବେ ଓ ହସ୍ତାକ୍ଷର ଭଲ ଲେଖୁଥିବେ ସେମାନଙ୍କୁ ମନୋନୀତ କରାଯିବ ।

ଆମିନ ନ ୫୦ ଣ ହେଡ଼ଆମିନ ନ ୨ ଣ

ଅନୁଗୁଳ ୨୬।୯।୦୫ } NARAYAN CHANDRA NAYAK
ସେଟଲମେଣ୍ଟ ଅଫିସର
ଅନୁଗୁଳ

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ଉତ୍କଳର ସମସ୍ତ ସମ୍ବାଦପତ୍ରମାନଙ୍କ ସମ୍ପାଦକ, ଜେନେରାଲ ଗୁଡ଼, ମହାରାଜା ଏବଂ ଜମିଦାର ମହାନୁଭବ ବ୍ୟକ୍ତିମାନଙ୍କ ନିକଟରେ ମୋହର ପ୍ରାର୍ଥନା ଏହି ଯେ ପ୍ରାୟ ତେରବର୍ଷ ପୂର୍ବରୁ ଅଦ୍ୟାବଧି ମୁଁ ନାନା ପ୍ରକାର ଧର୍ମ, ବିଜ୍ଞାନ, ସାହିତ୍ୟ ବିଷୟକ ଅନେକଗୁଡ଼ିଏ (୫୦,୦୦୦ ପଦ) ପଦ୍ୟ ପ୍ରବନ୍ଧ ରଚନା କରିଅଛି । ମୋହର ଆର୍ଥିକ ଅବସ୍ଥା ନିତାନ୍ତ ମନ୍ଦ ଥିବା ଯୋଗୁଁ ଉପରୋକ୍ତ ଗ୍ରନ୍ଥଗୁଡ଼ିକ ମୁଦ୍ରିତ କରାଇ ପ୍ରକାଶିତ କରିବା ସକାଶେ ସାହସ କରିପାରୁ ନାହିଁ । ଆପଣମାନଙ୍କ ନିକଟରେ ଜଣାଉଅଛି ଯେ ଯଦି କୌଣସି ମହାନୁଭାବ ବ୍ୟକ୍ତି ମଙ୍ଗଳ ହେତୁ ପୁସ୍ତକଗୁଡ଼ିକ ମୁଦ୍ରିତ କରିବାକୁ ଯତ୍ନ ଇଚ୍ଛା କରନ୍ତି ତାହାହେଲେ ସେମାନଙ୍କ ନିକଟକୁ ଅବଶ୍ୟ ହେବା ପୁସ୍ତକମାନ ପଠାଇ ଦେଇ ନିଜର ସତ୍ତ୍ୱ ହସ୍ତରେ ସମର୍ପଣ କରିଦେଇଥିବି । କେବଳ ପ୍ରତି ବର୍ଷ ହେଲେ ଜୀବନ ମୋହର ଯଥେଷ୍ଟ ଉପକାର ହେଲା ବୋଲି ମନେ କରିବି । ଯେଉଁ ମହାଶୟ ମୁଦ୍ରିତ କରିବେ ସେ ଗ୍ରନ୍ଥଗୁଡ଼ିକର ସେ ସମ୍ପୂର୍ଣ୍ଣ ଅଧିକାରୀ ହେବେ । ନିମ୍ନ ଠିକଣାରେ ପତ୍ର ଲେଖିଲେ ପ୍ରବନ୍ଧ ପଠାଯିବ । ପ୍ରବନ୍ଧ ଦେଖାଯାଇ ହେଲେ ଓ ଅପେକ୍ଷା କରାଯାଇ ପାରେ । ଇତି

ବୃହତ୍ ଜେଲେଣ୍ଡି ବୁର୍ଗ, ପୋଃ ଜଗତ୍ପୁର ଜିଃ କଟକ — ଶ୍ରୀମତୀ ଅନ୍ନପୂର୍ଣ୍ଣା ।

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି । ପ୍ର । ଉତ୍ତିଦଣ । ମୌ । ଜାଜପୁର ନିବାସୀ ବୈଂଶୀବଲ୍ଲଭ ମହାନ୍ତିଙ୍କ ଅମର ଜମିଦାରୀ ଭାଙ୍ଗିଥିବ ଇଜାରାର କାର୍ଯ୍ୟାଦି ବୃତ୍ତାନ୍ତ କରିବା ସକାଶେ ସୁପରଭାଇଜର କର୍ମରେ ନିଯୁକ୍ତ କରିଥିଲୁଁ ଓ ଉକ୍ତ ମୌଜା ନିବାସୀ ଜମାଇଚରଣ ମହାନ୍ତିଙ୍କୁ ଅମ୍ଭ ତରଫରୁ ଅସୁଲ ତହସିଲ କରିବା ସକାଶ ତହସିଲଦାର ଓ ତହବିଲଦାର କର୍ମରେ ନିଯୁକ୍ତ କରିଥିଲୁଁ କିନ୍ତୁ ଉକ୍ତ ବୈଂଶୀବଲ୍ଲଭ ମହାନ୍ତି ଅମ୍ଭ ନିକଟରେ ଅବିଶ୍ୱାସ କାର୍ଯ୍ୟ କରି ମଫସଲରୁ ହେତେକ ଟଙ୍କା ଅସୁଲ କରିଥିବା ଓ ଅନ୍ୟାନ୍ୟ ନେକେ ଅନ୍ୟାଯ୍ୟ କାର୍ଯ୍ୟ କରିଥିବାରୁ ଓ ଜମାଇଚରଣ ମହାନ୍ତି ନିୟମିତ ରୂପେ କାର୍ଯ୍ୟ ନ କରି ନେକେକ ଅନ୍ୟାଯ୍ୟ କର୍ମ କରିଥିବାରୁ ଉକ୍ତ ବୈଂଶୀବଲ୍ଲଭ ମହାନ୍ତିଙ୍କୁ ତାହାର ଉକ୍ତ ସୁପରଭାଇଜର କର୍ମରୁ ଗତ ସନ ଗତ ଜୁଲାଇ ମାସ ତା ୧୬ ରଖରୁ ବହିଷ୍କୃତ କରି ସସ୍ପେଣ୍ଡ କରାଯାଇ ଅଛି ଓ ଉକ୍ତ ଜମାଇଚରଣ ମହାନ୍ତିଙ୍କ ତାହାର ଉକ୍ତ ତହସିଲଦାର ଓ ତହବିଲଦାର କର୍ମରୁ ଉକ୍ତ ଜୁଲାଇ ମାସ ତା ୧୫ ରଖରୁ ବହିଷ୍କୃତ ସସପେଣ୍ଡ କରାଯାଇଅଛି ଓ ଉକ୍ତ ବୈଂଶୀବଲ୍ଲଭ ମହାନ୍ତି ଓ ଜମାଇଚରଣ ମହାନ୍ତିମାନଙ୍କ, ଦିଆଯାଇଥିବା ସମସ୍ତ କ୍ଷମତା ରଦ କରାଯାଇଅଛି ଓ ଉକ୍ତ ଉଭୟ ବ୍ୟକ୍ତିମାନଙ୍କ ଯେ ଅମ୍ଭ ତରଫରୁ ଅମଲ୍ମୋକ୍ତାର ନାମା ଇସ୍ତାହାପତ୍ର ଦିଆଯାଇଥିଲା ତାହା ମଧ୍ୟ ଅମ୍ଭେ ରଦ କରିଅଛୁଁ ସେମାନଙ୍କର କୌଣସି କାର୍ଯ୍ୟ ସକାଶେ ଅମ୍ଭେ ଦାୟୀ ବା ବାଧ୍ୟ ରହିବୁ ନାହିଁ ।

The 25 September 1905. — Shibendra Pada Banerjee, *Mahamudia Bazar* Cuttack.

## ନିଲାମ ।

ନିମ୍ନଲିଖିତ ଜଙ୍ଗଲମାନଙ୍କରେ ଶୁଖା କାଠର କଟର ଓ ବୁଣ ଓଜରେ ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ରେ ଖୋରଧା ମୁକାମ ଜଙ୍ଗଲ ଅଫିସଠାରେ ନିଲାମ କରାଯିବ ଡାକିବା ସରକାରୀ ସେହି ତାରିଖରେ ଲୁଣ୍ଡିଆ ଦିଆଯିବ ।

| | | |
|---|---|---|
| ତରିଙ୍ଗ | ୪୨ | ଏକର |
| ଚଣ୍ଡକା | ୨୪୨ | " |
| କାପତିଆ | ୨୫୨ | " |
| କଳିଙ୍ଗାଦ | ୩୬ | " |
| ପାଣିବନ୍ଧ | ୪୮ | " |
| ବଡ଼ିହି | ୫୪ | " |
| ଗୁରୁଧା | ୧୨୬ | " |
| ଘାଗରଗୁଲ | ୧୫ | " |
| ଦୁମୁଗୁଲ | ୬୬ | " |
| ଦଗିଲ | ୨୭ | " |
| ବେଣ୍ଡାପାଲ | ୨୪,୭ | " |
| ମାଲଣା | ୧୩ | " |
| ଡିଏନଗଲ | ୧୦ | " |
| ଜାଗାପଡ଼ି | ୪୭ | " |
| ତଲବାଦ | ୪୧ | " |

ଯେଉଁମାନେ ନିଲାମସାର ସର୍ତ୍ତ ଜାଣିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରଖ ପୂର୍ବରୁ ଉପରୋକ୍ତ ଜଙ୍ଗଲରେ ସବୁ ଜଙ୍ଗଲମାନ ଦେଖି ପାରନ୍ତି । ଫରେଷ୍ଟ ଗାର୍ଡମାନଙ୍କରେ ଉକ୍ତ ଅଫିସର ସବୋତ କଥା କୌଣସି ନେମଡାକ ମାନଙ୍କ ବଡ଼ିବାକୁ ବାଧ୍ୟ ହୁଅନ୍ତି ।

T. H, MONTEATH
*Deputy Conservator of forests*
*Puri Division*
23-3-05

## ବିଜ୍ଞାପନ ।

ଷ୍ଟେଟ ମୟୂରଭଞ୍ଜ ଅନ୍ତର୍ଗତ ବାମନଘାଟି ସେଟଲମେଣ୍ଟ ଡିପାର୍ଟମେଣ୍ଟରେ ନିମ୍ନଲିଖିତ ଅଫିସିଆଲମାନ ଦରକାର ଥିବାରୁ ଆବଶ୍ୟକ । ଯେଉଁମାନେ ଓଡ଼ିଆ ଜେକେଟ୍ରଷ୍ଟାଲ ସର୍ଭେ ଓ ସେଟଲମେଣ୍ଟ କାର୍ଯ୍ୟରେ ପାରଦର୍ଶିତା ଦେଖାଇ ପ୍ରଶଂସାପତ୍ରମାନ ନେଇ ଅଛନ୍ତି, ସେମାନେ ସ୍ୱ ସ୍ୱ ପ୍ରଶଂସାପତ୍ର ସହ ଅକ୍ଟୋବର ମାସ ତା ୭ ରଖ ମଧ୍ୟରେ ଅମ୍ଭ ନିକଟରେ ଉପସ୍ଥିତ ହେଲେ ସେମାନଙ୍କର ଉପଯୁକ୍ତତା ଦେଖାଯାଇ କାର୍ଯ୍ୟରେ ମନୋନୀତ କରାଯିବ ଇତି ।

୧ ହେଡ଼ ମୋହରର ନଂ ୮ ଣ ମାସିକ ଟ ୨୦ଙ୍କା ବେତନ ।
୨ ମୋହରର ନଂ ୫୦ ଣ ମାସିକ ଟ ୧୫ ଙ୍କା
୩ ବଦରଅମିନ ନଂ ୧୦ ଣ ,, ଟ ୧୫ ଙ୍କା
୪ ଡ୍ରାଫ୍ଟ ସବଲେଟର ନକସାନବିସ ନଂ ୮ ଣ ମାସିକ ଟ ୨୦ ଙ୍କା ।

ସେଟଲମେଣ୍ଟ ଅଫିସ ବହଳଦା, ପୋଃ ବହଳଦା, ସାଃ ଢୁଃ ବାମନଘାଟି, ଷ୍ଟେଟ ମୟୂରଭଞ୍ଜ, ୧।୯। ୫ ମସିହା — S. K. Chaterjee, ସେଟଲମେଣ୍ଟ ଅଫିସର

## ଦେଖନ୍ତୁ ! ଦେଖନ୍ତୁ !! ଦେଖନ୍ତୁ !!!

ଉତ୍ତମ ଓସ୍ତାଦ ଅଲାବନ୍ଦ ମୂଲ୍ୟ; ହରଦଖିଲ; ଟ ୩ ଙ୍କା ଦସ୍ତାନିଦ ଓସ୍ତାଦ ଟ ୩୮; କେଲର୍ଟବେ କେନୁଲେଶନ ଓସ୍ତାଦ ଟ ୪; ବୋଲଚ୍ଛରାର ଜୋଂ ଓସ୍ତାଦ ଟ ୧୨ ଠୁ ଟ ୧୮ ଙ୍କା ପର୍ଯ୍ୟନ୍ତ; ଭାଲା ହାରମନିୟମ (ବଡ଼ା ଓ ଛୋଟା ବାକ୍ସ) ଟ ୫ ଙ୍କା । ପ୍ରତ୍ୟେକ ଘଡ଼ିର ଗ୍ୟାରେଣ୍ଟି ବର୍ଷଯାଏ ଓ ମାସୁଲ ସ୍ୱତନ୍ତ୍ର ଲାଗେ ।

ଅତି ଆପଣଙ୍କର ପ୍ରୟୋଜନ; — ସମ୍ପୂର୍ଣ୍ଣ ଉପକରଣ (ଚୌକାଠ) ନୂଆ ଅକ୍ସିଡ଼ାଇଜଡ ଟ ୧୬; ୧୨ଟି ଟ ୨୫; କୋନସର୍ଟଡାଲର ସାଧାରଣ ଗୋଟିକୁ ଟ ୦ ।୬, ଡଜନାହିଁ ଟ ୧ ଙ୍କା, ଶୋଲପ୍ରକାର ଉପଯୁକ୍ତ ଛୁରୀ ଗୋଟିଏ ଟ ୨୮ ହାତ୍ୟାର କଲକ (ପାଞ୍ଚ ଲଗେ ଲାଇଁ) ଟ ୩୮; ପକେଟ ପ୍ରେସ ସମ୍ପୂର୍ଣ୍ଣ ୨ ୧୩; ଲଣ୍ଠନ (ଏକଡ଼େଇ ୧୦ × ୭ ଇଞ୍ଚ) ଟ ୦ ।୭; ସୁନ୍ଦର ସୁନ୍ଦର ଖେଳନା ୨ ୦ । ଅଣା ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ; ମହାଜନ ଲଣ୍ଠନ ଟ ୧୨ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ମାସୁଲ ସ୍ୱତନ୍ତ୍ର । ଏହାବ୍ୟତୀତ ବହୁ ପ୍ରକାରର ଘଡ଼ି ଓ ଅନ୍ୟାନ୍ୟ ଦ୍ରବ୍ୟାଦି ମିଳେ । ଛବି ସହ ତାଲିକା, ବଙ୍ଗଳା ବା ଓଡ଼ିଆ ଭାଷାରେ ନାମାଦ ଲେଖି ମୂଲ୍ୟ ଜାଣନ୍ତୁ ।

ମେଲ ସପ୍ଲାଇ କୋଂ, ନ ୧୫ ବଲରାମ ଘୋଷ ଷ୍ଟ୍ରିଟ ଶ୍ୟାମବଜାର କଲିକତା ।

# NERVE-VIGOR
## ସ୍ନାୟୁଶକ୍ତି ବର୍ଦ୍ଧନ




ଡାକ୍ତର ହାରଗ୍ରିଭ୍ସ ସାହେବଙ୍କର ଆବିଷ୍କୃତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ କୋଡ଼ିଏ ବର୍ଷ ହେଲା ସ୍ନାୟୁଜୀବୀ ଲୋକଙ୍କ ରୋଗ ଆରୋଗ୍ୟ ଏବ ବଶେଷ ସୁନାମ ଲାଭ ନହୋଇଅଛି ଏହା ଭାରତ ଭୂବନବିଖ୍ୟାତ ବୋଲି ବଶ୍ୱାସ କରନ୍ତୁ; — ସ୍ୱୟୀସ୍ଥ ଲୋକମାନଙ୍କର ଜ୍ଞାନ ଯଥା; —

୧ ଅତ୍ୟନ୍ତ ପ୍ରବଳମାନସିକ ମାନସିକ ଅବସାଦ ଅସ୍ୱାଭାବିକ ଜଳବାୟୁ, ଅତ୍ୟଧିକ ରୋଗ, ଅତ୍ୟନ୍ତ ବା ଦୀର୍ଘକାଳଜାତ ରୋଗ ହେତୁ ସ୍ୱାସ୍ଥ୍ୟ ଦୁର୍ବଳତା, ଶରୀର ଭସ୍ମ ହାନି, କ୍ଲାନ୍ତି, ମାନ ବା ଘୃଣାର ଶୈଥିଲ୍ୟ, ନଷ୍ଟଯୌବନ, ସ୍ମରଣ ଶକ୍ତିର ହାନି, ମାନସିକ ଦୌର୍ବଲ୍ୟ, ଉଦ୍ୟମର ହ୍ରାସ, ଶିରଃପୀଡ଼ା, ବୃଦ୍ଧି ଶକ୍ତିହୀନ, ଦୌର୍ବଲ୍ୟ, ଅଧ୍ୟୟନ ବା କୌଣସି କାର୍ଯ୍ୟ ସକାଶେ ଅସମର୍ଥତା, ମାଂସପେଶି ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶୈଥିଲ୍ୟ, ଅଜୀର୍ଣ୍ଣ, ଗାତ୍ରଜ୍ୱାଳା, ଶକ୍ତିର କ୍ଷୀଣତା, ଧାତୁଦୌର୍ବଲ୍ୟ ଇତ୍ୟାଦି — ସ୍ୱାସ୍ଥ୍ୟ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ବିଶେଷ ଗୁଣଶାଳୀ ଔଷଧ ଅଶୁ କ୍ରିୟାକାରକ ଏବଂ ଚିରସ୍ଥାୟୀ ଫଳପ୍ରଦ;

ସେବନର ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅଦୃଶ୍ୟ ହୁଏ ଏହା ଶରୀରରେ ସ୍ୱାସ୍ଥ୍ୟ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏହାର ବ୍ୟବହାର ଦ୍ୱାରା ପୁନର୍ବାର ସ୍ୱଚ୍ଛନ୍ଦତା, ବଳ ଏବଂ ଶକ୍ତିର ଉତ୍ସ ସ୍ୱାସ୍ଥ୍ୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ବହୁକାଳ ଅନୁଭବ କରି ନ ଥିଲା ତାହା ହଠାତ୍ ଅନୁଭବ କରେ ।

ଦୁଇସପ୍ତାହ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧୮ ଜାଲିଅନୁକରଣର ପ୍ରତାରଣା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲ ଉପରେ ଆମର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିନେବା ଉଚିତ । ଔଷଧ ତାଲିକା ମଗାନ୍ତୁ ।

ଠିକଣା—ଡାଃ ପିଃ ଏଣ୍ଡ କୋଂ ଓୟାର୍କସ୍, ଇଣ୍ଟାଲି କଲିକତା,
The E. P. & C. Works,
Intally, CALCUTTA.


Digitized by srujanika@gmail.com

Split by PDF Splitter



# NOTICE.

Wanted four apprentices for the Khurda Sub-Divisional and Khasmahal Combined office. None need apply who have not passed the Entrance Examination of the Calcutta University. Applications with certificates of character and respectability will be received by the undersigned up to the end of October 1905. The applicants should state their age and their relationship with any of the *amlas* of this office, in their applications.

Khurda Sub-Divisional office
28-9-05

A. W. Stark
*Sub-Divisional officer*

---

Wanted a Treasurer on Rs. 65 per mensem for the Puri Treasury for 7 months with the prospect of being made permanent afterwards. The selected candidate shall have to furnish a security of Rs. 10,000 in Government Promissary Notes. Applications will be received by the undersigned up to 31st October 1905.

Puri Collectorate
26-9-1905.

J. R. Blacwood
*Collector*

# FOR SALE.

A riding mare is for sale. It can be seen at Dhanmandul station B. N. R. or at Barchana Dak Bungalow. The animal is very hardy and will be of great use to any travelling officer.

K. C. NANDA
*owner of the animal*

Please write to:—
Manager's office
Durpun Estate, P. O. Burchana
28-9-05

# ଉତ୍କଳଦୀପିକା ।

ଶ୍ରୀ ଦୁର୍ଗାଦେବୀଙ୍କ ପୂଜା ପ୍ରଭୃତି ପର୍ବୋପଲକ୍ଷରେ ଏ ପ୍ରଦେଶର ସମସ୍ତ ଦେବାନୀ ଅଦାଲତ କଚେରୀ ଗତ ତା ୨୮ ରିଖ ଗୁରୁବାର ବନ୍ଦ ହୋଇଅଛି । ଏକମାସରୁ ଉର୍ଦ୍ଧ୍ୱକାଳ ବନ୍ଦ ରହି ଆଗାମୀ ଅକ୍ଟୋବର ମାସ ତା ୩୧ ରିଖ ମଙ୍ଗଳବାର ଦିନ ଫିଟିବ । କଲେକ୍ଟରୀ ଫଉଜଦାରୀ ଇତ୍ୟାଦି ସରକାରୀ କଚେରିମାନ ଆଗାମୀ ତା ୩ ରିଖ ମଙ୍ଗଳବାରଠାରୁ ତା ୧୪ ରିଖ ଶନିବାର ପର୍ଯ୍ୟନ୍ତ ବନ୍ଦ ଥାଇ ତା ୧୬ ରିଖ ସୋମବାରଦିନ୍ନ ଫିଟିବ । ରବିବାର ମିଶି ଏଥର ଦି ୧୩ ଟି ବନ୍ଦ ହେବ ।

---

ଦୁର୍ଗାପୂଜା ଉପଲକ୍ଷରେ କଟକ ପ୍ରିଣ୍ଟିଙ୍ଗ କମ୍ପାନୀର କାର୍ଯ୍ୟାଳୟ ପ୍ରଚଳିତ ପ୍ରଥା ଅନୁସାରେ ଆଗାମୀ ତା ୩ ରିଖ ମଙ୍ଗଳବାରଠାରୁ ତା ୧୫ ରିଖ ରବିବାର ପର୍ଯ୍ୟନ୍ତ ବନ୍ଦ ହେବ । ଅତଏବ ଆଗାମୀ ତା ୭ ରିଖ ଏବଂ ତା ୧୪ ରିଖରେ ଉତ୍କଳଦୀପିକା ବାହାରିବ ନାହିଁ । ଗ୍ରାହକ ଓ ପାଠକବର୍ଗଙ୍କଠାରୁ ତୁଇସପ୍ତାହ ବିଦାୟ ନେଇ ଏହି ଅନୁରୋଧ କରୁଅଛୁଁ କି ସ୍ୱଦେଶୀ ଦ୍ରବ୍ୟରେ ଜଗନ୍ମାତାଙ୍କର ପୂଜା ଉତ୍ସବରେ ମତ୍ତ ହୋଇ ସ୍ୱଦେଶ ପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଖାଇବେ ।

---

ବାଲେଶ୍ୱର ଜିଲ୍ଲାରେ କାନ୍ତି ଖାଖା ନାଳ ସନ୍ନିକଟେ ନୋଳଗଡ଼ପାର ମୌଜା କାନ୍ତିଗ୍ରାମ ଓ ମହମ୍ମଦ ନମାପୁର ଗ୍ରାମ ପ୍ରଭୃତିରେ ୩ ଏକର ୧୨୪ ପୋଲ ଜମି ସରକାରୀ ବ୍ୟୟରେ ଖରିଦ ହେବାର ସରକାରୀ ବିଜ୍ଞାପନ ଗତ ତା ୨୦ ରିଖର କଲିକତା ଗେଜେଟରେ ବାହାରିଅଛି ।

---

ଉତ୍କଳସମ୍ମିଳନୀର ବ୍ୟୟନିର୍ବାହାର୍ଥେ ଚାନ୍ଦା ଦେବା କାରଣ ଏଣିକି ଲୋକଙ୍କର ଆଗ୍ରହ ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ମାତ୍ର ଏପର୍ଯ୍ୟନ୍ତ ଯେତେ ଚାନ୍ଦା ପ୍ରାପ୍ତ ହୋଇଅଛି ତାହା କଲିକତାର ବଙ୍ଗଳା ବ୍ୟାଙ୍କରେ ଟ ୨୦୦୦୯ କାଳେ ଜମା ଅଛି । ଏଥିଉପରେ ସମ୍ମିଳନୀର ଅନ୍ୟାନ୍ୟ ବ୍ୟୟ ଅନେକ ଅଛି ଅତଏବ ସମ୍ମିଳନୀର ସଭ୍ୟ ଓ ସମ୍ପର୍କୀୟ ବ୍ୟକ୍ତିମାନଙ୍କୁ ଉକ୍ତ ସାହାଯ୍ୟଦାନ କରିବାକୁ ବିଶେଷ ଅନୁରୋଧ କରୁଅଛୁଁ ।

---

ଗତ ତା ୧୬ ରିଖରେ ଶେଷ ହେବା ସପ୍ତାହରେ ଭାରତର ପ୍ଲେଗ ମୃତ୍ୟୁ ସଂଖ୍ୟା ତହିଁପୂର୍ବ ସପ୍ତାହର ୨,୪୮୨ ଠାରୁ ୨,୮୭୧ କୁ ବଢ଼ିଅଛି । ତହିଁମଧ୍ୟରେ ଏକା ବମ୍ବେଇ ପ୍ରଦେଶର ମୃତ୍ୟୁ ୨,୧୦୩ ଏବଂ ତାହା ପୂର୍ବସପ୍ତାହ ଠାରୁ ୩୪୮ ଅଧିକ । ମାନ୍ଦ୍ରାଜ, ବଙ୍ଗ, ଯୁକ୍ତପ୍ରଦେଶ, ବ୍ରହ୍ମ, ମହୀଶୂର, ହାଇଦରାବାଦ ଏବଂ ପଞ୍ଜାବର ମୃତ୍ୟୁ ପୂର୍ବସପ୍ତାହ ସଙ୍ଗେ ପ୍ରାୟ ସମାନ; କେବଳ ମଧ୍ୟପ୍ରଦେଶର ମୃତ୍ୟୁ ୧୨୪ ରୁ ୧୬୯ କୁ ବଢ଼ିଅଛି ।

---

ସ୍ୱଦେଶୀ ଆନ୍ଦୋଳନ ଏ ନଗରରେ ଆଶାତୀତ ସଫଳ ହେବାର ଜଣାଯାଏ । ଅଜି କାଲି ପୂଜାର ବଜାରରେ ବିଲାତିଲୁଗା ବିକ୍ରେତା ମାରୁଆଡ଼ି ଦୋକାନ ପ୍ରାୟ ଖାଲି ପଡ଼ିଅଛି ଏବଂ ପ୍ରାୟ ସମସ୍ତେ ଦେଶୀଲୁଗା ଖୋଜି ବୁଲୁଅଛନ୍ତି । ଅନ୍ୟାନ୍ୟ ବିଦେଶୀ ଦ୍ରବ୍ୟ ମଧ୍ୟ ଅଳ୍ପ ଲୋଡ଼ା ଅଛନ୍ତି । ସ୍ତ୍ରୀମାନେ ସୁଦ୍ଧା ଅତି ମନୋହର ବିଦେଶି କାଚ ଛାଡ଼ି ଦେଶୀ କାଚ ଆନନ୍ଦରେ ଗ୍ରହଣ କରୁଅଛନ୍ତି । ଲୋକଙ୍କର ଏହି ମତ ଯେବେ ସ୍ଥାୟୀ ହେବ ତେବେ ଭାରତର ଭାଗ୍ୟ ଫେରିବ ସନ୍ଦେହ ନାହିଁ ।

---

ହୁଗଲୀ ଜିଲ୍ଲା ଶ୍ରୀରାମପୁରର ଜମିଦାର ବାବୁ ଉପେନ୍ଦ୍ରଲାଲ ଗୋସ୍ୱାମୀ, ବାବୁ କିଶୋରୀ ଲାଲ ଗୋସ୍ୱାମୀ, ବାବୁ ଗଣେଶ, ଲାଲ ଗୋସ୍ୱାମୀ ଓ ବାବୁ ରାଧିକାଲାଲ ଗୋସ୍ୱାମୀ ସେମାନଙ୍କର ମାତାଙ୍କ ନାମ ଗୋବିନ୍ଦ ସୁନ୍ଦରୀ ଉତ୍ତରଣସର ନାମଧେୟରେ ଶ୍ରୀରାମପୁର ହାସପାତାଲ ସଂଲଗ୍ନରେ ଗୋଟିଏ ଦାତବ୍ୟ ଔଷଧାଳୟ ନିର୍ମାଣ ଏବଂ ନିର୍ବାହାର୍ଥେ ଟ ୧୧,୦୦୯ ଙ୍କା ଦାନ କରିବାରୁ ମାନ୍ୟବର ବଙ୍ଗର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଦାତାମାନଙ୍କୁ ଧନ୍ୟବାଦ ଦେଇ କଲିକତା ଗେଜେଟରେ ଏ ବିଷୟ ପ୍ରଚାର କରିଅଛନ୍ତି । ଗତ ଅଗଷ୍ଟ ମାସରେ ମାନ୍ୟବର ମହୋଦୟ ସ୍ୱୟଂ ଏହି ଗୃହ ନିର୍ମାଣରେ ଶୁଭ ଦେଇ ଆସିବାର ଜଣାଇଅଛନ୍ତି ।

---

ପୁରୀରେ ଜନରବ ଉଠିଅଛି ଯେ ଖୋର୍ଦ୍ଧାଠାରେ ଗୋଟିଏ ମୁନସଫୀ କଚେରୀ ବସିବ ଏବଂ ପୁରୀରେ ବର୍ତ୍ତମାନ ଯେଉଁ ଅଧିକା ମୁନସଫ ଅଛନ୍ତି ସେ ଖୋର୍ଦ୍ଧାକୁ ଯିବେ । ଖୋର୍ଦ୍ଧାବାସୀ ଏହା ଶୁଣି ବଡ଼ ଆନନ୍ଦିତ ଅଛନ୍ତି ଏବଂ ବାସ୍ତବରେ ଯେବେ ତାହା ହୁଏ ତେବେ ବଡ଼ ଉତ୍ତମ ହେବ । କଚେରୀମାନ ଘର ନିକଟରେ ହେଲେ ଲୋକଙ୍କର ଯେମନ୍ତ ସୁବିଧା ନ୍ୟାୟ ବିଚାରର ତେମନ୍ତ ସହାୟତା ଅଟେ । ପରନ୍ତୁ ମୁନସଫୀ କଚେରୀଟି ଖୋର୍ଦ୍ଧାର ବର୍ତ୍ତମାନ୍ ସଦର ମୁକାମରେ ସ୍ଥାପିତ ନ ହୋଇ ଜଟନିରେ ହେଲେ ଅଧିକ ଉତ୍ତମ ଏବଂ ସୁବିଧାଜନକ ହେବ । ନିକଟ ଭବିଷ୍ୟତରେ ଜଟନି ଖୋର୍ଦ୍ଧା ସବଡିଭିଜନର ସଦର ମୁକାମ ହେବ ଏପରି ଆଶା କରିବାର ଅନେକ କାରଣ ଅଛି ।

---

କଲିକତାର ହିନ୍ଦୁ ସମାଜର ବିଖ୍ୟାତ ଦଳପତି ଏବଂ ସଦ୍‌ବୋଧ ସମ୍ଭ୍ରାନ୍ତ ବଂଶୀୟ ମହାରାଜା ସର ଯତୀନ୍ଦ୍ରମୋହନ ଠାକୁର ବାହାଦୁର କେ, ସି, ଏସ, ଆଇ ନିଜ ପ୍ରାସାଦରେ ଏଥର ଶ୍ରୀ ଦୁର୍ଗା ଦେବୀଙ୍କ ପୂଜା ଯଥାର୍ଥ ସ୍ୱଦେଶୀୟ ଭାବରେ ସମ୍ପନ୍ନ କରିବାକୁ ଦୃଢ଼ସଂକଳ୍ପ କରିଅଛନ୍ତି । ପ୍ରତିମାର ସାଜଠାରୁ ବଳିଦାନର ନୈବେଦ୍ୟ ସକଳ ଜିନିସ କେବଳ ବଙ୍ଗଜାତ ଦ୍ରବ୍ୟ ହେବାର ଆୟୋଜନ ହେଉଅଛି । କଲିକତାର ଅନ୍ୟାନ୍ୟ ସମ୍ଭ୍ରାନ୍ତ ଓ ଭଦ୍ରଲୋକମାନେ ଏହି ଭାବରେ ପୂଜା କରିବାର ଉଦ୍ୟମ କରୁଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶାକରୁଁ କି ଏହି ବିଧିରେ ପୂଜା କରିବାକୁ ସମସ୍ତେ କୃତ ଚିତ୍ତରେ ଯତ୍ନବାନ୍ ହେବେ ଏବଂ ଏଥିରେ ମା ଜଗଦମ୍ବା ଅଧିକ ପ୍ରସନ୍ନା ହୋଇ ଦୁଃଖୀ ସନ୍ତାନମାନଙ୍କର ମଙ୍ଗଳ ବିଧାନ କରିବେ ସନ୍ଦେହ ନାହିଁ ।

---

ଗତ ତା ୨୧ ରିଖରେ ଶେଷ ହେବା ସପ୍ତାହରେ ଭାରତର ପ୍ରାୟ ସମସ୍ତ ପ୍ରଦେଶରେ ବୃଷ୍ଟି

Digitized by srujanika@gmail.com

Split by PDF Splitter



ହୋଇଥିଲା । ମାତ୍ର ଜଳର ପରିମାଣ ଉଣା ଥିବାରୁ ଯେ ସକଳ ସ୍ଥାନକୁ ପୂର୍ବରୁ ବାଧିଥିଲା ସେ ସକଳ ସ୍ଥାନର ବିଶେଷ ଉପକାର ନାହିଁ । ଏ ପ୍ରକାର ଖଣ୍ଡ୍ରପାଳନ ହେତୁ ଖାଦ୍ୟ ସର୍ବ୍ବଶସ୍ୟାଦିର ମୂଲ୍ୟ ବଢ଼ିଅଛି । ଗତ ତା ୧୬ ଉଷ୍ଟରେ ଶେଷ ହେବା ସାପ୍ତାହିକ ରିପୋର୍ଟରୁ ଜଣାଯାଏ ଯେ ମାନ୍ଦ୍ରାଜର ଚିଙ୍ଗଲପଟ ଜିଲ୍ଲାରେ ନ ୯୧୪ ଣ ବମ୍ବେର ଅହମଦ ନଗର, ପୁନା, ବେଲଗାଁ ଏବଂ ବିଜାପୁର ଜିଲ୍ଲାରେ ନ ୩,୩୬୬ ଣ ଏବଂ ରାଜପୁତାନାର ଅଜମେର, ଯୋଧପୁର, ମାଡ଼ବାଡ଼ ଓ ମେରବାଡାରେ ନ ୬୯,୪୯୫ ଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ପୂର୍ବ ସପ୍ତାହର ତୁଳନାରେ ମାନ୍ଦ୍ରାଜରେ ନ ୩୦ ଣ ଉଣା ମାତ୍ର ଅନ୍ୟ ଦୁଇ ପ୍ରଦେଶରେ ଯଥାକ୍ରମେ ନ ୧,୧୬୬ ଣ ଏବଂ ନ ୧,୪୪୪ ଣ ବଢ଼ିଥିଲା ।

---

ପ୍ରଜାବନ୍ଧୁରେ ପ୍ରକାଶ ଯେ ପାରଲାଖେମଣ୍ଡି କୋର୍ଟ ଅଫ ୱାର୍ଡସ ଅଧୀନରେ ଆସିବାରୁ ଶ୍ରୀଯୁକ୍ତ ମେ ସାହେବ ଟ୮୦୦୯ ଙ୍କା ବେତନରେ ମାନେଜର ହେଉଅଛନ୍ତି ଏବଂ ସ୍ୱର୍ଗୀୟ ରାଜାଙ୍କର ଜଣେ ମାନେଜର ଶ୍ରୀଯୁକ୍ତ ଉପ୍ସାହେବ ମାଁ ୧୦୦୯ ଙ୍କା ବେତନରେ ବିଧବା ରାଣୀଙ୍କର ପ୍ରାଇଭେଟ ସେକ୍ରେଟେରୀ ନିଯୁକ୍ତ ହୋଇଅଛନ୍ତି । ନାବାଳଗ ରାଜା ମାନ୍ଦ୍ରାଜର ନିବଂଟନସ୍କୁଲରେ ପଢ଼ିବାକୁ ଯିବାର ସ୍ଥିର ହୋଇଅଛି । ପୁଣି ସେ ରାଜ୍ୟର ଶବରମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ନିମନ୍ତେ ରେଭରେଣ୍ଡ ଗ୍ଲେଣ୍ଡେନ ଲାଙ୍ଗ ସାହେବ ନିଯୁକ୍ତ ହୋଇଅଛନ୍ତି ଓ ପାରଲାଖେମଣ୍ଡିରେ ଗିର୍ଜ୍ଜାଘର ଓ ପ୍ରଚାରକ ଘର ତିଆରି ଲାଗିଅଛି । କୋର୍ଟଅଫ୍‌ୱାର୍ଡସର ବନ୍ଦୋବସ୍ତ ସଙ୍ଗେ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରସଙ୍ଗ ଲେଖାଥିବାରୁ ବୋଧ ହେଉଅଛି ଯେମନ୍ତ ଏହା ମଧ୍ୟ ଉକ୍ତ ମହକୁମାର ଗୋଟିଏ କାର୍ଯ୍ୟ ଅଟେ । ଅଣାକରୁ ତାହା କହେ ।

---

ଡାକ ପଡ଼ିଥିବା ଡାକଟିକଟ ଡାକମାସୁଲ ସ୍ୱରୂପ ନିଆ ନ ଯିବାର ଗବର୍ଣ୍ଣମେଣ୍ଟ ଅନେକ ଦିନରୁ ନିୟମ କରିଅଛନ୍ତି । ସେହି ନିୟମ ସନ ୧୯୦୫ ସାଲ ଅକ୍ଟୋବର ମାସ ତା ୧ ରଖ ଅର୍ଥାତ୍ ଆସନ୍ତା କାଲିଠାରୁ ଦୃଢ଼ରୂପେ ପ୍ରତିପାଳିତ ହେବ । ଅତଏବ ଡାକବିଭାଗର ଡିରେକ୍ଟର ଜେନେରଲ ବିଜ୍ଞାପନ ଦେଇଅଛନ୍ତି କି ଆସନ୍ତା କାଲିଠାରୁ ଡାକଘରେ ଯେ ଚିଠି, ପାକେଟ ପାରସଲ ଇତ୍ୟାଦି ପଡ଼ିବ ତହିଁରେ ଲାଗିଥିବା ଟିକଟ ଉପରେ ଯେବେ କଲମର ଗାର, କାଳି, ଦସ୍ତଖତ ଇତ୍ୟାଦି କିଛି ଦାଗ ଲାଗିଥିବ ତେବେ ତାହାକୁ ଡାକମାସୁଲ ସ୍ୱରୂପ ନିଆଯିବ ନାହିଁ ଓ ସେ ସବୁ ଚିଠି ଇତ୍ୟାଦି ଉପରେ ବେରଂ ମାସୁଲ ପଡ଼ିବ । ସର୍ବସାଧାରଣଙ୍କୁ ଏ ବିଷୟରେ ଅତ୍ୟନ୍ତ ସାବଧାନ କରିଦିଆଯାଉଅଛି ଯେମନ୍ତ କି ଅଭ୍ୟାସ ବଶତଃ କେହି ଟିକଟ ଉପରେ କିଛି ଲେଖିବେ ନାହିଁ କିମ୍ବା କଲମର ଗାର ଟାଣିବେ ନାହିଁ ।

---

ଅବକାରୀ କମିଶନସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଏହି ନିର୍ଦ୍ଧାରଣ ବାହାରିଅଛି । ଏହି କମିଶନର ସଭାପତି ଶ୍ରୀଯୁକ୍ତ ଟମସନ ସାହେବ ଏବଂ ସମ୍ପାଦକ ଶ୍ରୀଯୁକ୍ତ ଷ୍ଟେଡ ହ୍ୱାର ସାହେବ ଅଟନ୍ତି ଅନ୍ୟ ନ ୪ ଣ ମେମ୍ବରଙ୍କ ମଧ୍ୟରେ କେବଳ ମାନ୍ୟବର କେ, ଜି, ଗୁପ୍ତ ଦେଶୀୟ ଲୋକ ଅଛନ୍ତି । ଏହି କମିଶନ ବା ସମିତି ଏ ଦେଶରେ ମଦ୍ୟବିକ୍ରୟ ଏବଂ ତହିଁର ଟିକସ ଘଟିତ ସକଳ କଥାର ଅନୁସନ୍ଧାନ କରି ଗବର୍ଣ୍ଣମେଣ୍ଟକୁ ଜଣାଇବେ । ଆସନ୍ତା ଅକ୍ଟୋବର ମାସର ମଧ୍ୟଭାଗରେ ସମିତି ପ୍ରଥମେ ମାନ୍ଦ୍ରାଜଠାରେ ଏକତ୍ର ହୋଇ କାର୍ଯ୍ୟାରମ୍ଭ କରିବେ ଏବଂ ଅପ୍ରେଲମାସ ଶେଷ ସୁଦ୍ଧା ରିପୋର୍ଟ ପଠାଇବେ । ବିଲାତି ମଦ, ଦେଶୀମଦ, ତାଡି ଏବଂ ସଦରଷ୍ଟି ଓ ମୋଫସଲଷ୍ଟି ସମ୍ବନ୍ଧୀୟ ସକଳ ବିଷୟ ସମିତି ତଦନ୍ତ କରିବେ । କେବଳ ବରମା ପ୍ରଦେଶରେ ଆଫୁର ଚଳ ପ୍ରଧାନ ଏବଂ ମଦର ଚଳ ଅତି ସାମାନ୍ୟ ଥିବାରୁ ସମିତି ସେଠାର କଥା କିଛି ବୁଝିବେ ନାହିଁ ।

---

ସନ ୧୯୦୭ ସାଲରେ ଓଡ଼ିଶାର ନିମ୍ନ ପ୍ରାଇମେରୀ ବୃତ୍ତି ସକାଶେ ମାକମିଲନ କମ୍ପାନୀର ନିମ୍ନ ପ୍ରାଥମିକ ବିଜ୍ଞାନପାଠ ଓ ମକବୁଲିନର ପ୍ରାଥମିକ ଅଙ୍କପାଠ ଅଥବା ଘୋଷ ଓ ଦାସର ଅଙ୍କ ପୁସ୍ତକ ଏବଂ ଉଚ୍ଚ ପ୍ରାଇମେରୀ ବୃତ୍ତି ସକାଶେ ଶ୍ରୀମତୀ ଅବନ୍ତୀ ଦେବୀଙ୍କ ସାହିତ୍ୟ ମଞ୍ଜୁଷା, ମାକମିଲନ କମ୍ପାନୀର ଉଚ୍ଚ ବିଜ୍ଞାନ ପାଠ, ଉଚ୍ଚ ପ୍ରାଇମେରୀ ଇତିହାସ ପାଠ, ଓ ଉଃ ପ୍ରାଃ ଭୂଗୋଳପାଠ, ଘୋଷ ଓ ଦାସ ଅଥବା ଉମେଶଚନ୍ଦ୍ର ବସୁର ଅଙ୍କପୁସ୍ତକ ୨ୟଭାଗ ଏବଂ ଉମେଶଚନ୍ଦ୍ର ବସୁର ବ୍ୟବହାରିକ ଜ୍ୟାମିତି ଓ କ୍ଷେତ୍ରପରିମାଣ ପାଠ୍ୟପୁସ୍ତକ ବୋଲି ଧାର୍ଯ୍ୟ ହୋଇଅଛି । ଏପରି ମଧ୍ୟବୃତ୍ତି ସକାଶେ ସାହିତ୍ୟ ତରଙ୍ଗ, ମାକମିଲନର ବିଜ୍ଞାନପାଠ, ଭାରତ ଇତିହାସ, ଭୂଗୋଳ, ଅଙ୍କପୁସ୍ତକ ୨ୟ ଭାଗ ଅଥବା ପାଟିଗଣିତ ୨ୟ ଭାଗ, ସୀତାନାଥ ଘୋଷ ଜ୍ୟାମିତି, ମାକମିଲନର ବ୍ୟବହାରିକ ଜ୍ୟାମିତି ଏବଂ ମାର୍ସଡେନ ଓ ଏମ, ଏନ୍, ବସୁର ଇଙ୍ଗ୍ଲିଶ ଫର ମିଡଲ କ୍ଲାସ ଇନ୍ ବେଙ୍ଗଲ ଧାର୍ଯ୍ୟ ହୋଇଅଛି ।

---

ପୁରୀର ମାଜିଷ୍ଟ୍ରେଟ କଲେକ୍ଟର ଶ୍ରୀଯୁକ୍ତ ବ୍ଲାଡ଼ଉଡ଼ ସାହେବ ଯଦ୍ୟପି କ ବିଶେଷ ଗୁଣ ଦେଖାଇ ନାହାନ୍ତି ବରଂ ଜଗନ୍ନାଥବଲ୍ଲଭ ମଠର ମାମଲା ଏବଂ ଧର୍ମଶାଳାରେ ଅଯଥା ହସ୍ତକ୍ଷେପଦ୍ୱାରା ଅଖ୍ୟାତି ରଖିଗଲେ ତଥାପି ସାଧାରଣ ଫଉଜଦାରୀ ମାମଲାରେ ନିଜେ ସଇଜମିନକୁ ଯାଇ ମଧ୍ୟସ୍ଥ ସ୍ୱରୂପ ଭାଙ୍ଗିଦେବା ଇତ୍ୟାଦି ନେକନ କାର୍ଯ୍ୟଦ୍ୱାରା ଯେଉଁ ସଦାଶୟତାର ପରିଚୟ ଦେଇଥିଲେ ତହିଁରେ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇଥିଲେ । ତାହାଙ୍କ ସମ୍ମାନ ସହିତ ବିଦାୟ ଦେବା ଉପଲକ୍ଷରେ ପୁରୀବାସୀ ଜଣକେତେ ଭଦ୍ରଲୋକ ମିଶି ମଜଲିସ ଘୋଷଣାଇ ଇତ୍ୟାଦି କରିବା ଉଦ୍ୟମ ହୋଇଅଛି । ମାତ୍ର ଯେଉଁ ମଜଲିସରେ ସନ୍ନ ମହନ୍ତ ଓ ପଣ୍ଡାମାନେ ସାହେବ ମହୋଦୟଙ୍କୁ ଭେଟିବା କାରଣ ଏକତ୍ରିତ ହୋଇଥିଲେ ସେଠାରେ ବାଦ୍ୟନାଚ ଓ ସାହେବୀ ଜଳପାନର ବ୍ୟବସ୍ଥା ଏବଂ ଅନେକ ଖରଚ କରି କଲିକତାରୁ ଖେମ୍ଟାବାଈ ଆଣିବା ନେଇ ଲୋକଙ୍କୁ ଭଲ ନ ଲାଗିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଯହିଁରେ ସମସ୍ତଙ୍କର ଯୋଗ ମଜଲିସରେ ଡାକାଇ ହେବା ଉଚିତ ।

---

ଫରାସଡାଙ୍ଗା ଚନ୍ଦନନଗରର ବାବୁ ବସନ୍ତକୁମାର ଘୋଷଙ୍କର କାରଖାନାରେ ବର୍ତ୍ତମାନ ୧୩ଟା ତନ୍ତ ଅଛି ଯେ ତହିଁମଧ୍ୟରୁ ୧୦ଟା ତନ୍ତରେ ଦଶାଣ ଖ ୪୦ ଶ୍ର ଅଥବା ଗ ୬୦୦ ନ ଲୁଗା ବୁଣା ହେଉଅଛି । ଏ ସମସ୍ତ ତନ୍ତ ଯେଉଁ ଧୂଆଁ କଳଦ୍ୱାରା ଚାଳିତ ହେଉଅଛି ସେହି କଳ ଗୋ ୫୦ ଟା ତନ୍ତ ଚଳାଇବାକୁ ସକ୍ଷମ । ସୁତରାଂ ଦୈନିକ ୧୦୦୦ ଗଜ ବା ଯୋ ୧୦୦ ଯୋଡ଼ା ଲୁଗା ବୁଣା ହୋଇ ପାରେ । କଳ, ତନ୍ତଘର ଇତ୍ୟାଦି ସମସ୍ତ ଉପକରଣରେ ସେ ପ୍ରାୟ ଙ୍କ ୫୦,୦୦୦ ଙ୍କା ବ୍ୟୟ କରିଅଛନ୍ତି । କେବଳ ମଣ୍ଡ ଦେବା କାର୍ଯ୍ୟରେ ଟିକିଏ ଅସୁବିଧା ଅଛି ଏ କାର୍ଯ୍ୟ ସ୍ତ୍ରୀମାନଙ୍କଦ୍ୱାରା ହେବା ଏ ଦେଶର ପୁରୁଣା ରୀତି ଏବଂ ବସନ୍ତ ବାବୁ ତହିଁର ବ୍ୟତିକ୍ରମ କରିବାକୁ ଇଚ୍ଛା କରନ୍ତି ନାହିଁ । ମାତ୍ର ସେ ଯେପରି ଚେଷ୍ଟା କରୁଅଛନ୍ତି ସେ ଅସୁବିଧା ଅଳ୍ପକାଳରେ ଘୁଞ୍ଚିଯିବ । ବସନ୍ତ ବାବୁ ଲୁଗା ବୁଣାର ଏହି ନୂତନ ପ୍ରଣାଳୀର ପଥ ପ୍ରଦର୍ଶକ ହୋଇଅଛନ୍ତି । ଏହି ରୀତିରେ ସ୍ଥାନେ ସ୍ଥାନେ କାରଖାନା ଖୋଲିଲେ ଲୁଗାର ଅଭାବ ଏ ଦେଶରେ ରହିବ ନାହିଁ ଏବଂ ତନ୍ତୀକୁଳ ରକ୍ଷା ପାଇଯିବ ।

---

ସରକାରୀ ରିପୋର୍ଟରୁ ପ୍ରକାଶ ଯେ କ୍ରିମିନ ବା ଲାଭ ଟଙ୍କା କ ପରିମାଣରେ ଚଳ ପ୍ରଚଳ

Digitized by srujanika@gmail.com

ହେଉଅଛି ତାହା ବୁଝିବା କାରଣ ଗତ ମଇ ମାସରେ ପରୀକ୍ଷା ହୋଇଥିଲା । ତହିଁରେ ଦେଖାଗଲା ଯେ କଲିକତାରେ ପ୍ରତି ଲକ୍ଷ ଟଙ୍କାରେ ୧୪୫, ଏଲାହାବାଦରେ ୭, ଲାହୋରରେ ୪୦, ବମ୍ବେଇରେ ୧୮୫ ଏବଂ ମାନ୍ଦ୍ରାଜରେ ୧୬୫ ଖରାପ ଟଙ୍କା ବାହାରିଥିଲା । କଲିକତାର ଖଜଣାଖାନାରେ ଏତେ ଅଧିକ ଜାଲ ଟଙ୍କା ବାହାରିବାର କାରଣ ଦେଖୁ ପ୍ରଦର୍ଶିତ ହୋଇ ନାହିଁ । ମାତ୍ର ଅନ୍ୟାନ୍ୟ ସ୍ଥାନର ବିଶେଷତଃ ମାନ୍ଦ୍ରାଜର ଖଜଣାଖାନାରେ ଏତେ ଅଳ୍ପ ବାହାରିବାର ଏହି ହେତୁ ଲେଖାଅଛି ଯେ ଖଜଣାଖାନାକୁ ଆସିବା ପୂର୍ବେ ଟଙ୍କା ବଛା ହୋଇଥାଏ । ବଜାରରେ ଅନେକ ଖରାପ ଟଙ୍କା ଚଳପ୍ରଚଳ ହେଉଅଛି, ତାହା ଜାଣିବାର ସହଜ ଉପାୟ ନାହିଁ । ମାତ୍ର ଲୋକେ କ୍ଷତିଗ୍ରସ୍ତ ହେଉଅଛନ୍ତି । ଟଙ୍କାର ମୂଲ୍ୟ ରୂପାଠାରୁ ଅଧିକ ହେବା ଏହି ଅନର୍ଥର ମୂଳ ଅଟେ ଏବଂ ଏଥିର ପ୍ରତୀକାର ଏକା ସରକାରଙ୍କ ହାତରେ । ସରକାର ନ ବୁଝିଲେ ଆଉ କିଏ ରକ୍ଷା କରିବ ?

---

ଆସନ୍ତା ଅକ୍ଟୋବରମାସ ତା ୧୬ ରଖରେ ସମ୍ବଲପୁରଜିଲ୍ଲା ଓ ତହିଁର ଅନ୍ତର୍ଗତ କେତେକ ଗଡ଼ଜାତ ଭାରତ ଗବର୍ଣ୍ଣମେଣ୍ଟଙ୍କର ଘୋଷଣାପତ୍ର ଅନୁସାରେ ମଧ୍ୟପ୍ରଦେଶରୁ ଆଲଗା ହୋଇ ଓଡ଼ିଶାସଙ୍ଗେ ମିଶିବ । ଶୁଣାଯାଏ ସେହି ସମସ୍ତ ରାଜ୍ୟର ଭାର ନେବା କାରଣ ଓଡ଼ିଶାର କମିଶନର ଯେ କି ବର୍ତ୍ତମାନ ଦାରଜିଲିଂରେ ଅଛନ୍ତି ମାନ୍ୟବର ଲେପ୍ଟେନାଣ୍ଟ ଗବର୍ଣ୍ଣରଙ୍କ ସହିତ ସେହି ଆଗାମୀ ଅସନ୍ତା ତା ୧୩ ରିଖରେ ସମ୍ବଲପୁରକୁ ଆସିବେ ଏବଂ ସେ ଜିଲ୍ଲା ଓ ରାଜ୍ୟସମୂହର ଭାର ଗ୍ରହଣ ଏବଂ କାର୍ଯ୍ୟନିର୍ବାହର ବନ୍ଦୋବସ୍ତ କରି ଏ ନଗରକୁ ପ୍ରତ୍ୟାଗମନ କରିବେ । ଅଧିକ ଶୁଣାଯାଏ ଯେ ଶ୍ରୀଯୁକ୍ତ ଉଡ଼ିକ ସାହେବ ଗଡ଼ଜାତର ପୋଲିଟିକାଲ ଏଜେଣ୍ଟ ପଦରେ ଅସ୍ଥାୟୀରୂପେ ନିଯୁକ୍ତ ହୋଇ ଆସୁଅଛନ୍ତି । ଆପାତତଃ ତାହାଙ୍କର ସଦର ମୁକାମ ସମ୍ବଲପୁରଠାରେ ହେବ ଏବଂ ସେ ସମ୍ବଲପୁର ଅନ୍ତର୍ଗତ ଗଡ଼ଜାତମାନଙ୍କ ସହିତ ଛୋଟନାଗପୁରରୁ ଓଡ଼ିଶାକୁ ବାହାରିଆସିବା ଗାଙ୍ଗପୁର ଓ ବଣାଇ ରାଜ୍ୟର ତତ୍ତ୍ୱାବଧାନର ଭାର ଗ୍ରହଣ କରିବେ । ଏହି ଦୁଇରାଜ୍ୟ ଉତ୍କଳର ଅନ୍ତର୍ଗତ ହେବା ବଡ଼ ସୁଖର ବିଷୟ ଅଟେ । ମାତ୍ର ସରଗୁଜା, ଯଶପୁର ପ୍ରଭୃତି କେତୋଟି କ୍ଷେତ୍ର ଓଡ଼ିଆ ଗଡ଼ଜାତକୁ ଓଡ଼ିଶାକୁ ନ ଆସି ଛୋଟନାଗପୁର କମିଶନରଙ୍କ ଅଧୀନରେ ରହିବା ବଡ଼ ଦୁଃଖ ନାହିଁ । ଆଶାକରୁ ଅଚିରେ ସେହି ରାଜ୍ୟମାନ ଓଡ଼ିଶାର ଅନ୍ତର୍ଗତ ହେବା ପକ୍ଷରେ ଗବର୍ଣ୍ଣମେଣ୍ଟ ମନୋଯୋଗ କରିବେ ।

---

ଗତ ପୂର୍ବ ଶୁକ୍ରବାରଠାରୁ ପୂର୍ବୋକ୍ତ ସପ୍ତାହ ସହିତ ବ ୪ ଦ ପର୍ଯ୍ୟନ୍ତ ଯେଉଁ ବୃଷ୍ଟି ହୋଇ ଗତ ସୋମବାରରେ ଶେଷ ହୋଇଥିଲା ତାହା ଏ ନଗରରେ ସାମାନ୍ୟରୂପେ ଜଣା ଯାଇଥିଲା । ମାତ୍ର ପୂର୍ବ ଉପକୂଳରେ ତାହା ବଡ଼ ପ୍ରବଳ ହୋଇଥିଲା ଏବଂ ଏ ଅଞ୍ଚଳକୁ ତହିଁର କୌଣସି ଆଘାତ ବାହାର ଆସିଥିଲା । ସମ୍ବାଦପତ୍ରରୁ ପ୍ରକାଶ ଯେ ଗତ ସୋମବାର ପ୍ରବଳ ବନ୍ୟାରେ ପୂର୍ବ ଉପକୂଳର ରେଲବାଟ ଚିକାକୁଲଠାରୁ ଘଜାନଗର ପର୍ଯ୍ୟନ୍ତ ପୁଣି ଚଁପିଲ ପାଲଠାରୁ ନୂଆପଡ଼ା ପର୍ଯ୍ୟନ୍ତ ରେଲବାଟ ଧୋଇ ନେଇ ଯାଇଅଛି । ନୂଆପଡ଼ା ଅଞ୍ଚଳର ରେଲବାଟ ଏପରି ଭାଙ୍ଗି ଯାଇଅଛି ଯେ ମରାମତି ହେବାକୁ ୨।୩ ସପ୍ତାହ ଲାଗି ଯିବ । ସେଠାରେ ଜଳର ବଳ ଅତ୍ୟନ୍ତ ଅଧିକ ଥିଲା । କଥିତ ହୁଏ ସମୁଦ୍ରରୁ ଢେଉ ଉଠି ଆସିଥିଲା ଏବଂ ତହିଁ ସଙ୍ଗେ ଘୋର ବୃଷ୍ଟି ଜଳ ମିଶି ଭୟଙ୍କର ଅବସ୍ଥା କରିଥିଲା । ଯଥାର୍ଥ ପରିମାଣ ଜଣା ଯାଇ ନାହିଁ । ମାତ୍ର ଯେତେବେଳେ ସମୁଦ୍ରକୂଳରୁ ରେଲ ବାଟ ପର୍ଯ୍ୟନ୍ତ ସ୍ଥାନେ ମା ୩୦ ଇଞ୍ଚ ପର୍ଯ୍ୟନ୍ତ ଭୂମି ଧୋଇ ଯାଇଅଛି ସେ ସ୍ଥଳେ ତାହା ଅଳ୍ପ ନୁହେ । ରେଲ ବାଟ ଓ ଷ୍ଟେସନ ଘରମାନ ଭାଙ୍ଗି ଯିବା ଛଡ଼ା ରେଲ ଗାଡ଼ି ବା ଯାତ୍ରୀର କ୍ଷତି ହୋଇ ନାହିଁ । ବର୍ତ୍ତମାନ କଲିକତାରୁ କେବଳ ନୂଆପଡ଼ା ପର୍ଯ୍ୟନ୍ତ ରେଲଗାଡ଼ି କଳା କାଳରେ ଯାଉଅଛି । ନାଉପଡ଼ାରୁ ଦକ୍ଷିଣକୁ ଯିବା ଆସିବାର କି ବନ୍ଦୋବସ୍ତ ହୋଇଅଛି ଏ ପର୍ଯ୍ୟନ୍ତ ଜଣା ପଡ଼ି ନାହିଁ । ଦଶହରା ନିମନ୍ତେ ଦକ୍ଷିଣରୁ ବହୁତ ଯାତ୍ରୀ ଆସିବାର ଥିଲେ ସେ ସମସ୍ତ ବାଟରେ ଅଟକି ରହିଅଛି ।

---

ଭାଲଚେର ବ୍ରାହ୍ମଣସମିତିର ଗୋଟିଏ ନିୟମ ଏହି ହୋଇଅଛି କି ଯେ ବ୍ରାହ୍ମଣ ଆପଣାର ପିଲାଙ୍କୁ ସ୍କୁଲରେ ନ ପଢ଼ାଇବ ସେ ସମାଜଚ୍ୟୁତ ହେବ । ଏଥକୁ ଆମ୍ଭେମାନେ ପଚାରିଥିଲୁଁ କି ଘରେ ପଢ଼ାଇଲେ କି ଚଳିବ ନାହିଁ ? ସହଯୋଗୀ ଗଡ଼ଜାତବାସିଙ୍କ ଉତ୍ତର ଦେଇଅଛନ୍ତି କି ଯେବେ ଘରେ ପଢ଼ାଇଲେ ଶିକ୍ଷା କାର୍ଯ୍ୟ ସୁଶୃଙ୍ଖଳାରେ ଚଳୁଥାନ୍ତା ତେବେ ଗବର୍ଣ୍ଣମେଣ୍ଟ ଏତେ ବ୍ୟସ୍ତ କରି ସ୍ଥାନେ ସ୍କୁଲ ସ୍ଥାପନ କରନ୍ତେ ନାହିଁ । ପୁଣି କହୁଅଛନ୍ତି କି ଯେତେବେଳେ ପଢ଼ାଇବା ପ୍ରତି ଲୋକଙ୍କର ଯତ୍ନ ନାହିଁ ସେତେବେଳେ ପ୍ରଥମେ କିଛିଏ ଜବରଦସ୍ତି ନ କଲେ ସାମାଜିକ ଜୁଲମ ବିନା ଶିକ୍ଷା ପ୍ରଚାର ହୋଇ ନ ପାରେ । ଏହି ଉତ୍ତରରୁ ବୁଝିବାକୁ ହେବ ଯେମନ୍ତ ସ୍କୁଲରେ ନ ପଢ଼ିଲେ କଦାପି ଶିକ୍ଷା ଅର୍ଜିତ ହୋଇ ନ ପାରେ ମାତ୍ର ଯେତେବେଳେ ସ୍କୁଲ ନ ଥିଲା ସେତେବେଳେ ଯେମନ୍ତ ଏ ଦେଶରେ ବ୍ରାହ୍ମଣମାନେ ଅର୍ଜିତ ପଢ଼ୁ ନ ଥିଲେ ବା କେତେ ଲୋକ ପଣ୍ଡିତ ହୋଇ ନାହାନ୍ତି ନ ଥିଲେ । ସ୍କୁଲ ସ୍ଥାପନଦ୍ୱାରା ବିଦ୍ୟା ଶିକ୍ଷାର ଅଧିକ ସୁବିଧା ହୋଇଅଛି ଏବଂ ଏତେ ସୁବିଧା ଥାଉଁ ଯେ ଆପଣା ପିଲାକୁ ନ ପଢ଼ାଏ ତାହାକୁ ଜୁଲମଦ୍ୱାରା ବାଧ୍ୟ କରିବା ଅନ୍ୟାୟ ବୋଲଯାଇ ନ ପାରେ । ମାତ୍ର ଯେ ନିଜେ ବା ଶିକ୍ଷକ ରଖି ଆପଣା ପିଲାଙ୍କୁ ଘରେ ପଢ଼ାଇବ ତାହା ପ୍ରତି ଜୁଲମ କରିବା ଯେ ଅନ୍ୟାୟ ନୁହେ ଏହା ଆମ୍ଭେମାନେ ବାସ୍ତବରେ ବୁଝିବାକୁ ଅକ୍ଷମ । ପରନ୍ତୁ ବ୍ରାହ୍ମଣର ପାଠ ସ୍କୁଲରେ ମିଳିବାର ସମ୍ଭବ କି ? ମୂଳ କଥା ବିଦ୍ୟାର ଆଦର ନ ଥିବାରୁ ମୂର୍ଖତା ବୃଦ୍ଧି ହୋଇଅଛି । ଯେ ପର୍ଯ୍ୟନ୍ତ ସମାଜରେ ମୂର୍ଖ ବ୍ରାହ୍ମଣମାନେ ପ୍ରଶ୍ରୟ ପାଉଥିବେ ସେପର୍ଯ୍ୟନ୍ତ ଶିକ୍ଷା ପ୍ରତି ସେମାନଙ୍କର ଆସ୍ଥା ହେବ ନାହିଁ ।

---

ସନ ୧୯୦୦ ସାଲଠାରୁ ସନ ୧୯୦୪ ସାଲ ପର୍ଯ୍ୟନ୍ତ ପାଞ୍ଚବର୍ଷରେ ବଙ୍ଗପ୍ରଦେଶର କେଉଁ ଜିଲ୍ଲାରେ କେତେ ବନ୍ଧୁକର ପାସ ପ୍ରବଳ ଥିଲା ତହିଁର ଏକ ତାଲିକା ବଙ୍ଗୀୟ ବ୍ୟବସ୍ଥାପକ ସଭାର ଗତ ଅଧିବେଶନରେ ଉପସ୍ଥିତ ହୋଇଥିଲା । ତହିଁରୁ ଓଡ଼ିଶାର ତିନି ଜିଲ୍ଲାର ଗତ ୩ ବର୍ଷର ଅଙ୍କ ନିମ୍ନେ ପ୍ରକାଶ କଲୁଁ ।

| ଜିଲା | ସନ ୧୯୦୨ | ସନ ୧୯୦୩ | ସନ ୧୯୦୪ |
|---|---|---|---|
| | ଅନୁମତିପ୍ରାପ୍ତ ବନ୍ଧୁକର ସଂଖ୍ୟା । | | |
| କଟକ | ୧୧୫୭ | ୧୦୩୨ | ୯୭୩ |
| ବାଲେଶ୍ୱର | ୬୪୮ | ୬୩୦ | ୬୦୮ |
| ଅନୁଗୁଳ | ୧୨୯ | ୨୨୪ | ୬୨୯ |
| ପୁରୀ | ୫୯୪ | ୬୩୨ | ୬୬୧ |

ଏଥିରୁ ଦେଖାଯାଏ ଯେ କଟକ ଓ ବାଲେଶ୍ୱରରେ ବନ୍ଧୁକ ଲାଇସେନସ କ୍ରମେ ଊଣା ପଡ଼ି ଆସୁଅଛି । ପାଞ୍ଚବର୍ଷ ପୂର୍ବେ କଟକରେ ୧୧୯୫ ଓ ବାଲେଶ୍ୱରରେ ୭୧୩ ଲାଇସେନସ ଦିଆ ଯାଇଥିଲା । ପୁରୀରେ ଏଣିକି କ୍ରମେ ବଢ଼ିବାର ଦେଖା ଯାଉଥିଲେହେଁ ପୂର୍ବଠାରୁ ଊଣା ଅର୍ଥାତ୍ ସନ ୧୯୦୦ ସାଲରେ ୭୪୦ ଲାଇସେନସ ଦିଆଯାଇଥିଲା । ଅନୁଗୁଳ ନୂତନ ଜିଲ୍ଲା ଏବଂ ବଣଅରଣ୍ୟ । ସେଠାରେ ଅନେକ ଲାଇସେନସ ଦେବା ଉଚିତ ଏବଂ ତାହା ହେଉଅଛି । କଟକ ବାଲେଶ୍ୱର ଓ ପୁରୀରେ ଧନ ପ୍ରାଣ ବା ଫସଲରକ୍ଷାର ପ୍ରୟୋଜନ ପଡ଼ି-

Split by PDF Splitter
Digitized by srujanika@gmail.com

Split by PDF Splitter



ପାରୁ ଭଣା ହୋଇଅଛି ଏମନ୍ତ ବୋଲିବାର କୌଣସି ହେତୁ ନାହିଁ । ବରଂ ପଢ଼ା ନ ଯାଇବା ହେତୁ ବନ୍ଦୁକର ବ୍ୟବହାର କମେ କମେ ହେବାରୁ ବାଘ ଓ ଜଙ୍ଗଲି ପଶୁ ଅଧିକ ମାରିବାର ସୁବିଧା ଶୁଣାଯାଏ । ମୂଳକଥା ବନ୍ଦୁକର ଲାଇସେନସ ଦେବା ସ୍ଥାନୀୟ ଅବସ୍ଥା ଉପରେ ନିର୍ଭର ନ କରି ଜିଲ୍ଲା ହାକିମଙ୍କର ଖେୟାଲ ଇଚ୍ଛା ଉପରେ ନିର୍ଭର କରେ ଏବଂ ଏହାହିଁ ଭଣା ଅଧିକର କାରଣ ଅଟେ ।

---

ଗତ ରବିବାର ସକାଳବେଳା ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସମିତିର ଏକ ଅଧିବେଶନ ହୋଇଥିଲା । ସମ୍ବଲପୁର ଏବଂ ଗଡ଼ଜାତ ରଜୋଡ଼ା ବା ଫିଉଡେଟରୀ ରାଜ୍ୟମାନ ଓଡ଼ିଶା ସଙ୍ଗେ ଯୋଗ ହେବାରୁ ସେ ସମ୍ପର୍କରେ ସମ୍ମିଳନୀର କର୍ତ୍ତବ୍ୟ ସ୍ଥିର କରିବା ଏହି ଅଧିବେଶନର ପ୍ରଧାନ କାର୍ଯ୍ୟ ଥିଲା । ସର୍ବସମ୍ମତିରେ ଧାର୍ଯ୍ୟ ହେଲା ଯେ ସେହି ସମସ୍ତ ରାଜ୍ୟର ଭ୍ରାତାମାନଙ୍କୁ ଏହି ଶୁଭସଂଯୋଗ ଉପଲକ୍ଷରେ ଜଣାଇବା କାରଣ ସମ୍ମିଳନୀ ପକ୍ଷରୁ ପ୍ରତିନିଧି ପଠାଯିବ । ବାବୁ ଦାମୋଦର ଦାସ ଜଣେ ପ୍ରତିନିଧିସ୍ୱରୂପ ମନୋନୀତ ହେଲେ ଏବଂ ତାହାଙ୍କୁ ଭାର ଦିଆଗଲା ଯେ ସେ ବାବୁ ଶଶୀଭୂଷଣ ରାୟ ଏବଂ ରାୟଙ୍କର ଅସୁବିଧା ହେଲେ ଅନ୍ୟ କେହି ଭଦ୍ରଲୋକଙ୍କୁ ତାହାଙ୍କ ସଙ୍ଗୀ ପ୍ରତିନିଧି ଠିକ କରି ସଭାକୁ ଜଣାଇ ଦୁର୍ଗାପୂଜା [illegible] ସମୟରେ ସେ ସବୁ ସ୍ଥାନକୁ ଯାଇ କାର୍ଯ୍ୟ ନିର୍ବାହ କରି ଆସିବେ । ପ୍ରତିନିଧିମାନଙ୍କର ଭ୍ରମଣର ବ୍ୟୟ ସମ୍ମିଳନୀରୁ ଦିଆଯିବ ।

ସମ୍ମିଳନୀର ବାର୍ଷିକ ଅଧିବେଶନ ବଡ଼ଦିନ ଛୁଟିସମୟରେ ବାଲେଶ୍ୱରଠାରେ ହେବାର ଧାର୍ଯ୍ୟ ହୋଇଥିଲା । ଏଥିକୁ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁରଙ୍କ ପତ୍ରରୁ ଜଣାଗଲା ଯେ ସେହି ସମୟରେ ଅର୍ଥାତ ଡିସେମ୍ବରମାସ ତା ୨୯ ରିଖରେ ମହାମାନ୍ୟ ଯୁବରାଜ କଲିକତାରେ ବିରାଜମାନ ହେବେ ଏବଂ ତାହାଙ୍କୁ ଭେଟିବା କାରଣ ଉତ୍କଳର ରାଜନ୍ୟବର୍ଗ ଏବଂ ଅନ୍ୟ ସମ୍ଭ୍ରାନ୍ତବ୍ୟକ୍ତିମାନେ ଯୁବରାଜଙ୍କ ପୂର୍ବରୁ କଲିକତାକୁ ଯିବେ । ସୁତରାଂ ବାଲେଶ୍ୱରରେ ସମ୍ମିଳନୀର ଅଧିବେଶନ ସେ ସମୟରେ ନ ହୋଇ ଗୁଡ଼୍ଫ୍ରାଇଡ଼େ ଛୁଟିରେ ହେବା ସୁବିଧାଜନକ ଅଟେ । ରାଜାବାହାଦୁରଙ୍କର ସେହି ପ୍ରସ୍ତାବ ସ୍ୱୀକାର ହୋଇ ଗୁଡ଼୍ଫ୍ରାଇଡ଼େ କଚେରୀ ବନ୍ଦ ସମୟରେ ସମ୍ମିଳନୀର ଆଗାମୀ ବାର୍ଷିକ ଅଧିବେଶନ ହେବାର ସର୍ବସମ୍ମତିରେ ଧାର୍ଯ୍ୟ ହୋଇଅଛି ।

---

## ବଙ୍ଗବିଭାଗ ଓ ସ୍ୱଦେଶୀ ଆନ୍ଦୋଳନ ।

ଗତ ତା ୨୨ ରିଖ ଅପରାହ୍ନରେ କଲିକତାର ଟାଉନ ହଲ ଗୃହରେ ପୁଣି ଏକ ବିରାଟ ସଭା ହୋଇଥିଲା । ରାଜା ମହାରାଜାଠାରୁ ସାମାନ୍ୟ ଲୋକ ପର୍ଯ୍ୟନ୍ତ ଏବଂ ହିନ୍ଦୁ, ମୁସଲମାନ, ବଙ୍ଗାଳି, ମାରୁଆଡ଼ି, ମରହଟ୍ଟା, ଶୋଟ୍ଟା ପ୍ରଭୃତି ସକଲ ସମ୍ପ୍ରଦାୟର ପ୍ରାୟ ୮ । ୧୦ ହଜାର ଲୋକ ଉପସ୍ଥିତ ଥିଲେ । ସ୍କୁଲ ଛାତ୍ରମାନେ ପତାକା ହାତରେ ଧରି ଏବଂ ଜାତୀୟ ସଙ୍ଗୀତ ଗାୟନ କରି ଦଳବଦ୍ଧହୋଇ ସଭାକୁ ଆସିବାର ଦୃଶ୍ୟ ବଡ଼ ସୁନ୍ଦର ହୋଇଥିଲା । ଶାନ୍ତିରକ୍ଷା ସକାଶେ ଅଧିକା ପୁଲିସ ନିଯୁକ୍ତ ହୋଇଥିଲେ ମାତ୍ର ସେମାନଙ୍କୁ କିଛି କରିବାକୁ ହୋଇ ନ ଥିଲା । କାରଣ ଲୋକେ ଶାନ୍ତିଭାବରେ କାର୍ଯ୍ୟ କରିଥିଲେ । ଟାଉନ ହଲ ଉପରମହଲା ଓ ତଳମହଲା ପୂର୍ଣ୍ଣ ହୋଇଯିବାରୁ ଅବଶିଷ୍ଟ ୭ । ୭ ହଜାର ଲୋକ ସମ୍ମୁଖର ମଇଦାନରେ ରୁଣ୍ଡ ହୋଇଥିଲେ । ପୂର୍ବସଭା ସ୍ଥଳରେ ଏଥର ମଧ୍ୟ ତିନିସ୍ଥାନରେ ୩ ସଭା ହୋଇଥିଲା, ସଭାପତି ଛଡ଼ା ଅନ୍ୟ କେହି କିଛି ବକ୍ତୃତା କରି ନ ଥିଲେ ଏବଂ ଏକଇ ପ୍ରସ୍ତାବମାନ ୩ ସ୍ଥାନରେ ଆଗତ ଓ ଅବଧାରିତ ହୋଇଥିଲା । ଉପର ମହଲାର ସଭାପତି ବାବୁ ଲାଲମୋହନ ଘୋଷ, ତଳମହଲାର ସଭାପତି ବାବୁ ମୋତିଲାଲ ଘୋଷ ଏବଂ ମଇଦାନର ସଭାପତି ମାନ୍ୟବର ବାବୁ ଭୂପେନ୍ଦ୍ରନାଥ ବୋଷ ହୋଇଥିଲେ ଏବଂ ସେହିମାନେ ଏକା ବକ୍ତୃତା କରିଥିଲେ । ସଭାର କାର୍ଯ୍ୟାରମ୍ଭ ହୁଅନ୍ତେ ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଜଣାଇଲେ ଯେ ଗତ ଦ ୧୫ ଦିନରେ ବଙ୍ଗଳାର ଭିନ୍ନ ସ୍ଥାନରେ ୧୬୭ ସଭା ହୋଇଥିଲା ଏବଂ ତହିଁରେ ପ୍ରାୟ ୭୫ ଲକ୍ଷ ଲୋକ ଉପସ୍ଥିତ ହୋଇଥିଲେ । ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ବଙ୍ଗ ବିଭାଗ ଘଟିତ ଘୋଷଣାପତ୍ର ପ୍ରଜାର ଲୋକଙ୍କୁ ଥୟ ନ କରି ଅଧିକ ଉତ୍ତେଜିତ କରୁଅଛି । ଏ ସଭାରେ ଗୋଟିଏ ଅଭିନବ ଦୃଶ୍ୟ ଏହି ଦେଖାଗଲା ଯେ ମଇମନସିଂହର ମହାରାଜା ବର୍ମେଇ କଲର ସାଧାରଣ ଧୋତି ଓ ଚାଦର ପିନ୍ଧି ସଭାକୁ ଆସିଥିଲେ ଏବଂ ଅନ୍ୟାନ୍ୟ ପ୍ରାୟ ସମସ୍ତେ ଦେଶୀଲୁଗା ପିନ୍ଧିଥିଲେ । ସ୍ଥାନାଭାବରୁ ସଭାପତିଙ୍କ ବକ୍ତୃତାର ସଂକ୍ଷେପ ମର୍ମ ସୁଦ୍ଧା ପ୍ରକାଶ କରିବାକୁ ଅକ୍ଷମ ହୋଇ କେବଳ ନିର୍ଦ୍ଧାରଣମାନଙ୍କର ସାର ମର୍ମ ନିମ୍ନେ ପ୍ରକାଶ କଲୁଁ ଯଥା—

୧ । ବଙ୍ଗର ବିଭାଗ ବିଷୟ ବିଲାତର ପାର୍ଲିଆମେଣ୍ଟ ସଭାରେ ସ୍ଥିର ହେବା ଏବଂ ନୂତନ ଗବର୍ଣ୍ଣର ଜେନେରଲଙ୍କର ଆଗମନପୂର୍ବେ କାର୍ଯ୍ୟରେ ପରିଣତ ହେବା ଉଚିତ ନୁହେ । ଅତଏବ ବିଲାତର ନିଷ୍ପତ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଉ ।

୨ । ଏଦେଶୀୟ ଲୋକ ଏବଂ ଏ ଦେଶରେ ବାସ କରୁଥିବା ଇଂରାଜଙ୍କ ଅଭିପ୍ରାୟମତେ ବଙ୍ଗପ୍ରଦେଶର ଶାସନକାର୍ଯ୍ୟ ନିର୍ବାହ ନିମନ୍ତେ ଜଣେ ଗବର୍ଣ୍ଣର ନିଯୁକ୍ତ କରାଯାଉ । ଏହାହିଁ ଭାରତଗବର୍ଣ୍ଣମେଣ୍ଟ ସମ୍ବନ୍ଧୀୟ ସନ ୧୮୩୩ ଏବଂ ସନ ୧୮୫୩ ସାଲର ଆଇନମାନଙ୍କର ଅଭିପ୍ରାୟ ଅଟେ ।

୩ । ସ୍ୱଦେଶୀଦ୍ରବ୍ୟ ବ୍ୟବହାର ବଢ଼ାଇବା ବିଷୟରେ ସଭା ସାଧ୍ୟମତେ ଚେଷ୍ଟା କରୁନ୍ତୁ ।

୪ । ବଙ୍ଗଲାଭାଷା, ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ଓ ସଂଯୋଗ ରକ୍ଷା କରିବା ନିମନ୍ତେ ଗୋଟିଏ ସଂଯୋଗସମିତି ଗଠିତ ହେଉ ଏବଂ ଗତ ଅଗଷ୍ଟମାସ ତା ୭ ରିଖରେ ଗଠିତ ହୋଇଥିବା କମିଟିକୁ ଏହି ସମିତିର ସାଧାରଣ ସଭ୍ୟ ହେବା କାରଣ ଅନୁରୋଧ କରାଯାଉ ।

ଏହି ସଭାର ପରଦିନ ଅର୍ଥାତ ଗତ ରବିବାର ସନ୍ଧ୍ୟା ସମୟରେ ରାଜାବଜାର ଉଦ୍ୟାନରେ ମୁସଲମାନମାନଙ୍କର ଏକ ବୃହତ ସଭା ହୋଇଥିଲା । ଏ ସଭାରେ ପ୍ରାୟ ଆଠହଜାର ଲୋକ ଏବଂ ତହିଁମଧ୍ୟରେ ଅନେକ ସମ୍ଭ୍ରାନ୍ତ ଲୋକ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଏ, ରସୁଲ ସଭାପତିର ଆସନ ଗ୍ରହଣ କରି କାର୍ଯ୍ୟ ନିର୍ବାହ କରିଥିଲେ । ସଭାପତିଙ୍କ ବକ୍ତୃତା ଉତ୍ତାରୁ ନିମ୍ନଲିଖିତ ନିର୍ଦ୍ଧାରଣମାନ ସ୍ଥିର ହୋଇଥିଲା ଯଥା;—

୧ । ବଙ୍ଗ ବିଭାଗ ପ୍ରସଙ୍ଗରେ ମୁସଲମାନମାନଙ୍କର ହିନ୍ଦୁଙ୍କ ସହିତ ଐକ୍ୟତା ନ ଥିବାର ଯେ ଜନରବ ଉଠିଅଛି ତାହା ଅମୂଳକ ଏବଂ ଏ ସଭାରେ ଉପସ୍ଥିତ ଥିବା ମୁସଲମାନମାନେ ଦୃଢ଼ ରୂପେ ପ୍ରକାଶ କରୁଅଛନ୍ତି ଯେ ଏହି ସ୍ୱଦେଶାନୁରାଗ ବ୍ୟାପାରରେ ସେମାନଙ୍କର ହିନ୍ଦୁମାନଙ୍କ ସହିତ ସଂପୂର୍ଣ୍ଣ ସଂଯୋଗ ଓ ସହାନୁଭୂତି ଅଛି ।

୨ । ଯେମନ୍ତ ଉପସ୍ଥିତ ବଙ୍ଗବିଭାଗ ଓ ସ୍ୱଦେଶୀଦ୍ରବ୍ୟ ପ୍ରସଙ୍ଗରେ ତେମନ୍ତ ବଙ୍ଗୀଜାତିଙ୍କର ସ୍ୱାର୍ଥଘଟିତ ସମସ୍ତ ପ୍ରସଙ୍ଗରେ ମୁସଲମାନମାନଙ୍କର ହିନ୍ଦୁଙ୍କ ସଙ୍ଗେ ଯୋଗଦେବାର ଉଚିତ ଏବଂ ଏ ସଭା ତାହା କରିବାକୁ ପ୍ରସ୍ତୁତ ଅଛନ୍ତି ଓ ସର୍ବଦା ଯୋଗ ଦେବେ ।

୩ । ସ୍ୱଦେଶଜାତ ଦ୍ରବ୍ୟ ବ୍ୟବହାର କରିବା ମୁସଲମାନମାନଙ୍କର କର୍ତ୍ତବ୍ୟ ଏବଂ ସ୍ୱଦେଶୀ ଆନ୍ଦୋଳନରେ ମନର ସହିତ ଯୋଗ ଦେଇଥିବାର ଏ ସଭା ପ୍ରକାଶ କରୁଅଛନ୍ତି ।

ସଭା ଭଙ୍ଗ ହୁଅନ୍ତେ ହିନ୍ଦୁ ଓ ମୁସଲମାନ-

Digitized by srujanika@gmail.com

Split by PDF Splitter



ମାନେ ପ୍ରତ୍ୟେକର ନ ୨ ଣ ନେଇଥାଏଁ ସଙ୍ଗ ହୋଇ ସଭାକୁ ବାହାର ଗଲେ ଏବଂ ସ୍କୁଲ ଛାତ୍ରମାନେ ସେହି କ୍ରମରେ ଚାରି୨ ହୋଇ ଅନେକ ଦୂର ପର୍ଯ୍ୟନ୍ତ ଯାଇଥିଲେ । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ହିନ୍ଦୁ ଓ ମୁସଲମାନମାନେ ସାଧାରଣ ସ୍ୱାର୍ଥ ରକ୍ଷଣରେ ଏକଯୋଗରେ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଏହା ଅବଶ୍ୟ ଶୁଭଲକ୍ଷଣ ବୋଲିବାକୁ ହେବ ।

---

## ବଙ୍ଗ ବିଭାଗରେ କାହାର କି ଲାଭ ।

ଭାରତ ଗଭର୍ଣ୍ଣମେଣ୍ଟଙ୍କ ଗତ ସେପ୍ଟେମ୍ବର ମାସର ପହିଲାତାରିଖ ଘୋଷଣାପତ୍ରର ମର୍ମାନୁଯାୟୀ ଆଗାମୀ ଅକ୍ଟୋବର ମାସର ତା ୧୬ ରିଖ ବା କାର୍ତ୍ତିକର ପ୍ରଥମଦିନ ବଙ୍ଗଦେଶ ପକ୍ଷେ ଏକ ଐତିହାସିକ ଦିନ । ମହାମାନ୍ୟ ଲର୍ଡକର୍ଜନ ବାହାଦୂର ଭାରତ ଶାସନର ସର୍ବଶକ୍ତିମାନ କର୍ଣ୍ଣଧାର ଥିବା ପ୍ରତ୍ୟକ୍ଷେ ଏହି ଦିନ ଯେ ସମସ୍ତ ବଙ୍ଗ ଦ୍ୱିଖଣ୍ଡରେ ବିଭକ୍ତ ହୋଇଯିବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ପ୍ରତିବାଦର କନ୍ଦୁକକୁ ଘରୁ ବିଦେଶଯାଏ ଲଗିଅଛି ଓ ଲଗିଥିବ । ସେଥିରେ କାହାର କି ଯାଏ ଆସେ । ଭାଷାଗତ ସମାଜଗତ ଓ ଶାସନଗତ ବିବିଧ ଅସୁବିଧାମାନ ଦେଖାଇ ଦେଲେହେଁ କିଏ ଦେଖୁଅଛି ? ମର୍ମଯନ୍ତ୍ରଣାରେ ଗଗନଭେଦୀ ରବ ଉଠେଇଲେହେଁ ବା କିଏ ଶୁଣୁଅଛି ? ଆମ୍ଭମାନଙ୍କର ହିତାକାଂକ୍ଷୀ ଗଭର୍ଣ୍ଣମେଣ୍ଟ ଆମ୍ଭମାନଙ୍କର ହିତସାଧନୋଦ୍ଦେଶ୍ୟରେ ଯାହା ସ୍ଥିର କରିଅଛନ୍ତି ତାହା ଅବଶ୍ୟ କାର୍ଯ୍ୟରେ ପରିଣତ କରିବେ । ଆମ୍ଭେମାନେ ନାଚ ନାଚ ଥେଇ, ଆଉ ଗଭର୍ଣ୍ଣମେଣ୍ଟ ଯାହା ଗାଉଛନ୍ତି ସେହି—ପ୍ରଭେଦ ଏତିକି ମାତ୍ର, କିନ୍ତୁ ଭ୍ରମ ନୁହେଁ ?

କିନ୍ତୁ ଯେତେବେଳେ ଅବଶ୍ୟମ୍ଭାବୀ ଓ ଏଥି କରୁକ୍ଷେ ନାନାପ୍ରକାର ଉପରୋକ୍ତ ଆପତ୍ତିମାନ ଉପସ୍ଥାପିତ ହୋଇଥିଲେହେଁ ସେ ସବୁ ଯେତେବେଳେ ଅକିଞ୍ଚିତ୍କର ବୋଲି ଗଭର୍ଣ୍ଣମେଣ୍ଟ ମନେ କରୁଅଛନ୍ତି, ତେତେବେଳେ ଏ ପ୍ରସ୍ତାବକୁ ବାଧ୍ୟ ହୋଇ ଅବନତ ମସ୍ତକରେ ଗ୍ରହଣ କରିବା ପୂର୍ବରୁ ଏଥିରେ କାହାର କି ଲାଭ ଆମ୍ଭମାନଙ୍କର ଦେଖିବା ଏକାନ୍ତ ଉଚିତ ନୁହେଁ କି ? ଏ ସମ୍ବନ୍ଧରେ ଗଭର୍ଣ୍ଣମେଣ୍ଟ ଓ ପ୍ରଜା ଉଭୟଙ୍କ ମଧ୍ୟରେ ମତଭେଦ ଘଟିଥିବାରୁ ପ୍ରଥମତଃ ଗଭର୍ଣ୍ଣମେଣ୍ଟଙ୍କ କି ଲାଭ ସମ୍ଭାବନା ଦେଖାଯାଉ, ଶେଷରେ ପ୍ରଜାଙ୍କର କି ଲାଭ ଦେଖାଯିବ । ଗଭର୍ଣ୍ଣମେଣ୍ଟ ଆମ୍ଭମାନଙ୍କୁ ଆଶ୍ୱାସ ବଚନରେ କହୁଅଛନ୍ତି ଯେ ବଙ୍ଗ ଶାସନଭାର ଏକପକ୍ଷେ ଏକଜଣଙ୍କ ବଳାଇଥିବାରୁ ଏଥିର ଲାଘବ ଯେପରି ଏକାନ୍ତ ପ୍ରୟୋଜନୀୟ ହୋଇଅଛି, ଅନ୍ୟପକ୍ଷେ ଆସାମର ଶ୍ରୀବୃଦ୍ଧିକରଣ ମଧ୍ୟ ତଦନୁରୂପ ଆବଶ୍ୟକୀୟ ହୋଇଅଛି । ଏଣୁକରି ବଙ୍ଗ ଓ ଆସାମର ସୁସୌଷ୍ଠବ ଶାସନ ସମ୍ପାଦନ ଉଦ୍ଦେଶ୍ୟରେ ଗଭର୍ଣ୍ଣମେଣ୍ଟ ଗତ୍ୟନ୍ତର ହୋଇ ଏ ବିଭାଗରେ ପ୍ରବୃତ୍ତ ହୋଇଅଛନ୍ତି । ଏଥିରେ ଗଭର୍ଣ୍ଣମେଣ୍ଟଙ୍କ ଆର୍ଥିକଲାଭ କିଛିହିଁ ନାହିଁ ବରଂ ଦୁଇ ପ୍ରଦେଶର ଶାସନ ବ୍ୟୟ ବର୍ତ୍ତମାନ ବ୍ୟୟର ପ୍ରାୟ ଦ୍ୱିଗୁଣ ପଡ଼ିବ । କିନ୍ତୁ ପ୍ରତ୍ୟକ୍ଷେ ତାଙ୍କର ଲାଭ ନ ହେଲେହେଁ ପରୋକ୍ଷେ ଯେ ତାଙ୍କର ଲବ୍ଧ ପ୍ରତିଷ୍ଠ ବରିଷ୍ଠ ସିଭିଲସ୍ୱନମାନଙ୍କର ବିଶେଷ ଲାଭ ହେବ ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ସାକ୍ଷାତ୍ ସିଭିଲସ୍ୱନ ଶାସିତ ଭାରତରେ ସିଭିଲସ୍ୱନ ପ୍ରତିଷ୍ଠା ହ୍ରାସ କଦାପି ଗଭର୍ଣ୍ଣମେଣ୍ଟଙ୍କ ବାଞ୍ଛନୀୟ ନୁହେ । ଏତ ଗଲା ଗଭର୍ଣ୍ଣମେଣ୍ଟଙ୍କ ପ୍ରଥମ ଲାଭ । ଗଭର୍ଣ୍ଣମେଣ୍ଟଙ୍କ ଦ୍ୱିତୀୟ ଲାଭ ଏହି କି ସେ ବଙ୍ଗପ୍ରଦେଶକୁ ଏପରିଭାବରେ ବିଭକ୍ତ କରିବାକୁ ବସିଅଛନ୍ତି ଯେ ପୂର୍ବବଙ୍ଗରେ ମୁସଲମାନ୍ ପ୍ରତିଷ୍ଠା ଓ ପଶ୍ଚିମ ବଙ୍ଗରେ ହିନ୍ଦୁ ପ୍ରତିଷ୍ଠାର ଆଧିକ୍ୟ ବ୍ୟବସ୍ଥାଦ୍ୱାରା ହିନ୍ଦୁ ଓ ମୁସଲମାନ ଉଭୟ ସମାଜରେ ଭେଦଜ୍ଞାନ ବପନ କରି ନିଜର ଶାସନ ଅଧିକତର ପ୍ରବଳ କରିଅଛନ୍ତି । ସର୍ବୋପରି ତାଙ୍କର ଲାଭ ଏହି କି ଉଭୟ ପ୍ରଦେଶରେ ପ୍ରଭୂତ ବଙ୍ଗାଳୀଙ୍କର ପ୍ରତିଷ୍ଠା ହ୍ରାସଦ୍ୱାରା ଭବିଷ୍ୟତରେ ସେମାନଙ୍କର ଏକପ୍ରକାର ମୁଖ ବନ୍ଦ କରିଦେଇଅଛନ୍ତି, ସୁତରାଂ କାଳକ୍ରମେ ଯଦି ଗଭର୍ଣ୍ଣମେଣ୍ଟ ଆବ୍ରହ୍ମସ୍ତମ୍ବପର୍ଯ୍ୟନ୍ତ ନିଜ ଇଚ୍ଛାମତ ଶାସନ କରିବାକୁ ବସନ୍ତି ତାହା ହେଲେ ସେ ନିର୍ବାଧରେ ଶାସନ କରିପାରିବେ ।

ସ୍ଥୂଳରେ ଏ ଦର୍ଶିତ ଗଭର୍ଣ୍ଣମେଣ୍ଟଙ୍କର ପ୍ରଧାନ ଲାଭ । ପ୍ରଜାଙ୍କ ଲାଭ ସମ୍ବନ୍ଧେ ସେ କହନ୍ତି ଯେ ଏ ବନ୍ଦୋବସ୍ତଦ୍ୱାରା ଉଭୟ ପ୍ରଦେଶର ପ୍ରଜାବର୍ଗଙ୍କ ଅଭାବ ଓ ଅଭିଯୋଗ ଅକ୍ଲେଶରେ ଗଭର୍ଣ୍ଣମେଣ୍ଟଙ୍କ ଗୋଚରକୁ ଆସିବ । ଦ୍ୱିତୀୟତଃ କଠୋର ପ୍ରତିଯୋଗିତାଦ୍ୱାରା ପ୍ରଜାମାନେ ନିଜ ନିଜ ଅବସ୍ଥାର ଓ ବ୍ୟବସାୟ ବାଣିଜ୍ୟଦ୍ୱାରା ନିଜ ନିଜ ପ୍ରଦେଶର ଉନ୍ନତିସାଧନ କରିପାରିବେ । ତୃତୀୟତଃ ପଶ୍ଚିମବଙ୍ଗରେ ନ ହେଉ ଅନ୍ତତଃ ପୂର୍ବବଙ୍ଗର ଅଧିବାସୀମାନେ ଏଣିକି ଅଧିକ କ୍ଷମତା ଓ ସମ୍ମାନର ଅଧିକାରୀ ହେବେ । ଏତ ଗଲା ଗଭର୍ଣ୍ଣମେଣ୍ଟଙ୍କ ହିସାବରେ ପ୍ରଜାଙ୍କ ଲାଭ । ପ୍ରଜାଙ୍କ ହିସାବରେ ସେମାନଙ୍କର ଲାଭ ଏହି କି ସେମାନେ ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ଏହି ପ୍ରସଙ୍ଗରେ ଯେତେ ଉପେକ୍ଷିତ ହେଉଅଛନ୍ତି ସେମାନଙ୍କର ଜାତୀୟ ଭାବ ସେତେ ଜାଗ୍ରତ ହେଉଅଛି । କାରଣ ପକ୍ଷରେ ସେମାନେ ଯେ ଏକ ମାତୃଭୂମିର ସନ୍ତାନ ଏ ଭାବଟା ଯେମନ୍ତ କି ସେମାନଙ୍କର ମନ ଓ ପ୍ରାଣକୁ କ୍ରମେ ଅଧିକାର କରୁଅଛି । ଅବଶ୍ୟ ଯେ ଯାଏ ସମାନ ଭାଷା, ସମାନ ସାହିତ୍ୟ, ସମାନ ସାମାଜିକ ନିୟମ, ସମାନ ଆଚାର ବ୍ୟବହାର ଓ ସମାନ ଆକାଂକ୍ଷା ଓ ଅଭିଳାଷ ରହିଅଛି ସେ ଯାଏ ଏହି ଶାସନ ଘଟିତ ବୈଷମ୍ୟରେ ଏହି ଜାତୀୟ ଭାବର ସମ୍ୟକ୍ ପରିସ୍ଫୁରଣ କଠିନ ନୁହେ ବରଂ କଲିକତା ଛଡ଼ା ଢାକା ପ୍ରଭୃତି ଭିନ୍ନ ଭିନ୍ନ କେନ୍ଦ୍ରରେ ଏହି ଭାବ କ୍ରମେ ଘନୀଭୂତ ହେଉଥିଲେ ଜାତୀୟ ଜୀବନର ପରିପୁଷ୍ଟି ମଧ୍ୟ କ୍ରମେ ସାଧିତ ହେଉଥିବ ।

ଏ ପ୍ରସଙ୍ଗରେ ଆମ୍ଭମାନଙ୍କର ଅର୍ଥାତ୍ ଉତ୍କଳବାସୀଙ୍କର ଲାଭ ଯେବେ ପଦେ ଅଧେ କଥା କହିଲେ ବୋଧ ହୁଏ ଅପ୍ରାସଙ୍ଗିକ ହେବ ନାହିଁ । ସମସ୍ତ ଉତ୍କଳଭାଷି ପ୍ରଦେଶକୁ ଏକତ୍ର କରିବା ଗଭର୍ଣ୍ଣମେଣ୍ଟଙ୍କ ପ୍ରଥମ ଅଭିପ୍ରାୟ ଥିଲା । ଆମ୍ଭେମାନେ ଆଶା କରିଥିଲୁଁ ଯେ ଗଭର୍ଣ୍ଣମେଣ୍ଟଙ୍କର ଏ ସଦିଚ୍ଛା ଶୀଘ୍ର କାର୍ଯ୍ୟରେ ପରିଣତ ହେବ । କିନ୍ତୁ କାର୍ଯ୍ୟକାଳେ ଏହା ସମ୍ପୂର୍ଣ୍ଣ ପରିଣତ ନ ହେଉଥିବାର ଦେଖି ଆମ୍ଭେମାନେ ବରଂ ନିରାଶ ହୋଇଅଛୁଁ । ଯାହାହେଉ ଅତୀତସ୍ତୁ ଛଡ଼ି ସମ୍ବଲପୁର ବର୍ତ୍ତମାନ ବଙ୍ଗପ୍ରଦେଶକୁ ଆସୁଥିବା ପ୍ରତ୍ୟକ୍ଷେ ଆମ୍ଭେମାନେ ଗଭର୍ଣ୍ଣମେଣ୍ଟଙ୍କଠାରେ ଆମ୍ଭମାନଙ୍କର କୃତଜ୍ଞତା ଅଞ୍ଜଳି ଅର୍ପଣ କରୁଅଛୁଁ । କିନ୍ତୁ ଏଥି ସଙ୍ଗେ ଆମ୍ଭମାନଙ୍କ ମନରେ ଗୋଟିଏ କଥାର ଖଟକା ହେଉଅଛି । ତାହା ଏହିକି ଗଭର୍ଣ୍ଣମେଣ୍ଟଙ୍କ ଗତ ଜୁଲାଇମାସର ନିର୍ଦ୍ଧାରଣରୁ ପ୍ରକାଶ ଯେ ସମ୍ବଲପୁର ଜିଲ୍ଲା ସଙ୍ଗେ୨ ମଧ୍ୟପ୍ରଦେଶାନ୍ତର୍ଗତ ପାଞ୍ଚଗୋଟି କରଦ ରାଜ୍ୟ ଅର୍ଥାତ୍ ବାମଣ୍ଡା, ପାଟଣା, ସୋନପୁର, ରେଢ଼ାଖୋଲ ଓ କଳାହାଣ୍ଡି ବଙ୍ଗପ୍ରଦେଶାନ୍ତର୍ଗତ ହେବ ଓ ସମସ୍ତ ଗଡ଼ଜାତ ମହାଲ ଓ କରଦରାଜ୍ୟ ସକାଶ ଜଣେ ଇଂରାଜ ପୋଲିଟିକେଲ ଅଫିସର ରହିବେ । ଅବଶ୍ୟ ଏହି ପୋଲିଟିକେଲ ଅଫିସର ରହିବେ କି ନା ବର୍ତ୍ତମାନ ଗଭର୍ଣ୍ଣମେଣ୍ଟଙ୍କ ବିବେଚନାଧୀନ । ଆମ୍ଭମାନଙ୍କର ପରମ ସୌଭାଗ୍ୟ ଯେ ସକଳପ୍ରକାର ଦେଶହିତକର ଅନୁଷ୍ଠାନରେ ଆମ୍ଭେମାନେ ଆମ୍ଭମାନଙ୍କର ଗଡ଼ଜାତ ରାଜାମାନଙ୍କଠାରୁ ପ୍ରଭୂତ ଉପକାର ପାଉଁ । ସୁତରାଂ ଆଉ ପାଞ୍ଚଜଣ ରାଜାଙ୍କ ସମାଗମଦ୍ୱାରା ଆମ୍ଭମାନଙ୍କର ଆଉ ଅଧିକ ଉପକାର ପାଇବାର ସମ୍ଭାବନା । ତେବେ ଆମ୍ଭମାନଙ୍କର ବର୍ତ୍ତମାନ ପ୍ରଶ୍ନ ଏହି ଯଦି ଏହି ପୋଲିଟିକେଲ ଅଫିସର ଆମ୍ଭମାନଙ୍କ ମାନନୀୟ କମିସନର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଧୀନରେ

Digitized by srujanika@gmail.com

Split by PDF Splitter



ବାକୁ ହେବ ନାହିଁ । ଯେଉଁମାନେ ଅଶିକ୍ଷିତ ତଉଷର ସେମାନଙ୍କୁ ବ୍ରାହ୍ମଣ ବ୍ୟତୀତ ଆଉ କିଏ ଏହି ହବ୍ୟଜ୍ଞାନ ଶିକ୍ଷା ଦେବ? ଅତଏବ ହେ ବ୍ରାହ୍ମଣ ! ସେହି ତଉଷର ଯଜମାନମାନଙ୍କୁ ଆଦେଶ କର ସେମାନେ ଯେପରି ଅଜ୍ଞାତସାରେ ମଧ୍ୟ ବିଦେଶୀ ବସ୍ତ୍ର ଚିମ୍ବା ବିଦେଶୀ ଦ୍ରବ୍ୟ ବ୍ୟବହାର ନ କରନ୍ତି ଏବଂ ସ୍ୱଦେଶଜାତ ବସ୍ତ୍ର ଓ ଅନ୍ୟାନ୍ୟ ଦ୍ରବ୍ୟ ବ୍ୟବହାର କରିବାପାଇଁ ଯେପରି ଧର୍ମ୍ମତଃ ବାଧ୍ୟ ହୁଅନ୍ତି । ଯେବେ କେହି ଏଥିର ବହିର୍ଭୂତ କାର୍ଯ୍ୟ କରେ, ବ୍ରାହ୍ମଣଙ୍କର ଆଜ୍ଞା ଅବଜ୍ଞା କରେ, ତାହାକୁ ମହାପାତକୀରୂପେ ଜ୍ଞାନ କରି ପତିତ କର । ସେ ପ୍ରାୟଶ୍ଚିତ୍ତ ନ କରି ଶୌଚ ନ ହେବା ପର୍ଯ୍ୟନ୍ତ କେହି ତାହାକୁ ସ୍ପର୍ଶ କରି ପାରିବେ ନାହିଁ । ଯେବେ ଅନ୍ୟ କେହି ତାହାର ଏହି ମହାପାତକର ପୃଷ୍ଠପୋଷକତା କରନ୍ତି, ତାହାଙ୍କୁ ମଧ୍ୟ ପତିତ କର ଏବଂ ଗ୍ରାମେ ୨ ଘୋଷଣା କରିଦଅ ଯେ ଉକ୍ତ, ଜାତିଚ୍ୟୁତ ହୋଇ ସେ ଶୌଚ ନ ହେବା ପର୍ଯ୍ୟନ୍ତ କେହି ତାହାର କାର୍ଯ୍ୟ କରି ପାରିବେ ନାହିଁ ଏହାହିଁ ଭାରତଜନନୀର ମଙ୍ଗଳର ଏକମାତ୍ର ଉପାୟ ।

ଭିଗରପଡ଼ା
କଟକ
୨୬।୯। ୦୫
} ବଶମ୍ବଦ
ଶ୍ରୀ ବାମନଚନ୍ଦ୍ର ମହାପାତ୍ର ଶର୍ମ୍ମା

☞ କଲିକତାର ପଣ୍ଡିତମାନେ ସବୁ ଜାତି ବିଦେଶୀ ଦ୍ରବ୍ୟ, ଲୁଣ, ଚିନି ପ୍ରଭୃତି ପୂଜା ତର୍ପଣ ଶ୍ରାଦ୍ଧରେ ନିଷେଧ କରିବାର ପ୍ରସ୍ତାବ କରିଅଛନ୍ତି ସ—

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ଜଗମୋହନ ଦାସ | ମଣ୍ଡାପଡ଼ା କଟକ | ଟ ୧ |
| „ । ତ । ଗୌରଚନ୍ଦ୍ର ପାଲ | ଗୌରଗାର କଟକ | ଟ „ |
| „ ବାସୁଦେବ ମହାନ୍ତି ନାଜର | ପାଇଲହଡ଼ା | ଟ „ |
| „ ଇଶାମଣି ନାୟକ କୋର୍ଟ, ମଛଡେରା | | ଟ „ |
| ମହନ୍ତ ମିଜୋ ହେମାସୋବ୍ରୁଲ | ନରସିଂହପୁର | ଟ „ |
| ଶ୍ରୀ ବାବୁ ଗୋବିନ୍ଦପ୍ରସାଦ ମାହାନ୍ତି | ପୁରୁଷୋତ୍ତମପୁର ଜଟ୍ରସ | ଟ „ |
| „ ଜଗନ୍ନାଥ କିଆଲ | ଭଗରପଡ଼ା କଟକ | ଟ „ |
| „ ଉଦ୍ଧବାନନ୍ଦ ମହାନ୍ତି ମୋହରର ବସନ୍ତିଆ | ପୋଲସ | ଟ „ |
| „ ସଚ୍ଚିଦାନନ୍ଦ ମିଶ୍ର ହେଃ ପଃ କୋଣାର ଦୂଲ | ଅନଗୁଳ | ଟ „ |
| „ କୃଷ୍ଣଚରଣ ଅଗ୍ରଯ୍ୟ | ଗୋପାଳପୁର | ଟ „ |

## ନୂତନ ପୁସ୍ତକ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ଛାପାହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

| | |
|---|---|
| ଶ୍ରୀମଦ୍‌ଭାଗବତ ଦଶମ ଗୋପଲୀଳା ନୂତନ ସଂ | ଟ ୦।୵ |
| ଜନ୍ମପତ୍ରୀଧାର୍ଯ୍ୟ ଅର୍ଥାତ ହରଜନ୍ମ କଥା | ଟ ୦।୵ |
| ବ୍ରହ୍ମମଣ୍ଡଳଗୀତା | ଟ ୦।୵ |
| ଧର୍ମ୍ମପୁରାଣ | ଟ ୦।୵ |
| ବୃନ୍ଦାଲୀଳା | ଟ ୦।୵ |
| ବୈଶାଖମହାତ୍ମ୍ୟ ନୂତନ ସଂସ୍କରଣ | ଟ ୦।୵ |
| ଆଗତଭବିଷ୍ୟ | ଟ ୦ ୶ |
| ଚଟଶାଳୀ ପାଠ „ | ଟ ୦।୵ |
| ହରଗୁପ୍ତ ବ୍ରାହ୍ମଣି „ | ଟ ୧୨ |
| ଗୌରୀକଣ୍ଠାଭରଣ ମାନୁଏଲ „ | ଟ ୦ ୵ |
| ରତ୍ନପଦ୍ମ ଚକ୍ର | ଟ ୦ ୵ |
| ବୈଦ୍ୟଜୀବନ ଶ୍ଳୋକ ଓ ଅର୍ଥ | ଟ ୦।୵ |
| ହନୁମାନ ଚୌତିଶା | ଟ ୦ ୧୨ |

ଶ୍ରୀଧାରସାମନ୍ତ ଗୀତା ଟ ୦।୵

## ଉପନିଷତ୍‌ସଂଗ୍ରହ ।

ଈଶ, ପ୍ରଶ୍ନ, କଠ, ଶ୍ୱେତାଶ୍ୱତର, ଐତରେୟ, ମୁଣ୍ଡକ, ତଲବକାର ବା କେନ, ତୈତ୍ତିରୀୟ, ମାଣ୍ଡୁକ୍ୟ, ମୁଣ୍ଡକ ଓ କୈବଲ୍ୟ, ଏହି ବିଷୟ ଗୁଡିକ ସଂସ୍କୃତ ମୂଳଗ୍ରନ୍ଥରୁ ଶ୍ରୀ ପଣ୍ଡିତ ମୋହନ ସେନାପତିଙ୍କଦ୍ୱାରା ପଦ୍ୟାନୁବାଦିତ ମୂଲ୍ୟ ଟ ୦ ୵ ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ମିଳେ

## ହରିବଂଶ
## ମହାଭାରତାନ୍ତର୍ଗତ
## ଖିଲ ହରିବଂଶ ପର୍ବ୍ବ ।

ଅତି ଉତ୍କୃଷ୍ଟ ପୁସ୍ତକ ।

ଏହା ମୂଳ ସଂସ୍କୃତରୁ ଶ୍ରୀଯୁକ୍ତ ପଣ୍ଡିତମୋହନ ସେନାପତିଙ୍କଦ୍ୱାରା ନାନାଛନ୍ଦ ଭାଗବତ ବୃତ୍ତରେ ଅନୁବାଦିତ ମୂଲ୍ୟ ପ୍ରତିଖଣ୍ଡ ଟ ୧ ଙ୍କା ଡାକମାସୁଲ ସମେତ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ନୂତନ ପୁସ୍ତକ, ନୂତନ ପୁସ୍ତକ, ନୂତନ ପୁସ୍ତକ ।

## ଆରବ୍ୟକୁସୁମ ।

ବା

ଆରବ୍ୟ ଉପନ୍ୟାସର ଓଡ଼ିଆ ଅନୁବାଦ

୨ୟ ଖଣ୍ଡ

ପୃ ୬୬—୧୨୦ ସ୍ତୁ

ଏଥିରେ କଲ୍ୟ ଉପନ୍ୟାସର ସ୍ୱଜନପୂଜିତ କଥା ( ଧୀବର ଓ ଦୈତ୍ୟର ଅବଶିଷ୍ଟାଂଶ) ଓ ସିନ୍ଦବାଦ ନାବିକର ବାଣିଜ୍ୟ ଯାତ୍ରାର ସାତଗୋଟି ଅତି ଅଦ୍ଭୁତ ବିବରଣ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ୵ ଡାଃ ମାଃ ଟ ୦ ୧ ୨

ପ୍ରଥମ ଖଣ୍ଡର ଅତି ଅଳ୍ପସଂଖ୍ୟକ ମାତ୍ର ଅବଶିଷ୍ଟ ଅଛି ।

ମୂଲ୍ୟ ଟ ୦ । ଡାଃ ମାଃ ଟ ୦ ୧ ୨

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଓ ପୁରୀ ଜଗନ୍ନାଥ ପ୍ରେସରେ ପ୍ରାପ୍ତବ୍ୟ ।

ନୂତନପୁସ୍ତକ ନୂତନପୁସ୍ତ

| | | |
|---|---|---|
| ସଂଗୀତ କୁସୁମ | ୧ମ | ଟ ୦ ୵ |
| ସଂଗୀତ ପଲ୍ଲବ | ୧ମ | ଟ ୦ ୵ |
| ଶ୍ରକ୍ତିମାଳିକା | | ଟ ୦ ୵ |
| ନାଟ୍ୟଧର୍ମପଦ୍ଧତି | ୧ମ | ଟ ୦ ୵ |

ଏହି ପୁସ୍ତକମାନ ପୁରୀ ଜଗନ୍ନାଥପ୍ରେସ ଓ କଟକ ପ୍ରିଣ୍ଟିଂକମ୍ପାନୀରେ ପ୍ରାପ୍ତବ୍ୟ । ସଂଗୀତ ପଲ୍ଲବ ଓ ନାଟ୍ୟଧର୍ମପଦ୍ଧତିର ଅନ୍ୟାନ୍ୟ ଭାଗମାନ ଶୀଘ୍ର ପ୍ରକାଶିତ ହେବ ।

ଜଗନ୍ନାଥବଲ୍ଲଭ
ପୁରୀ
} ଶ୍ରୀ ସୁଦର୍ଶନ ଜନଶର୍ମ୍ମା


IT'S SO EASY TO NEGLECT THAT COLD ,

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says:—That it is a safe and reliable remedy.

Batliwalla & Co's Cholerol, specific for cholera and Batliwalla's Ague Mixture or Pills, may be had of DR. H. L. BATLIWALLA's, Worli—Dadar Bombay and everywhere.

At Re. 1 per bottle Discount to the Trade.


## ଇଲେକ୍‌ଟ୍ରିକ ତ୍ରପ ।

ମେହ ପ୍ରମେହ ଓ ଧାତୁଦୌର୍ବଲ୍ୟର ମହୌଷଧ ବାଲ୍ୟର କୁଅଭ୍ୟାସ ଓ ଯୌବନର ଅଯଥା ଅତ୍ୟାଚାରରେ ମେହ ପ୍ରମେହ ଧାତୁଦୌର୍ବଲ୍ୟ ଜନିତ ଶୁକ୍ରତାରଲ୍ୟ ମୂତ୍ରକୃଚ୍ଛ୍ର ପ୍ରସ୍ରାବ, ସ୍ତ୍ରୀ ଗମନ କାଳରେ ଅସହ୍ୟ ଯନ୍ତ୍ରଣା ସ୍ୱପ୍ନ ଧାତୁ ନିର୍ଗମ, ଘନ ୨ ପ୍ରସ୍ରାବ, ମୂତ୍ରାଶୟ ଧାତୁ ପତନ ମୂତ୍ରନାଳର ଜ୍ୱାଳା ମୂତ୍ରଥଳି ମୂତ୍ରନାଳର ଷତ କୋଷ୍ଠବଦ୍ଧ ଓ ଯେତେ ପ୍ରକାର ପ୍ରମେହ ହେଉ ନା କାହିଁକି ଏହା ବ୍ୟବହାର ଅନେକ ବାର ପରୀକ୍ଷିତ ଶୀଘ୍ର ଓ ସଫଳ ହେବେ ଏଥିରେ କୌଣସି ବିପଦ ପ୍ରତ୍ୟାଶା ନାହିଁ, ଯେଉଁ ବାବୁ ଅନେକ ବିଷୟ ନାନାପ୍ରକାର ଔଷଧ ବ୍ୟବହାର କରି ବିଫଳରେ ପଡ଼ିଅଛନ୍ତି ସେମାନଙ୍କ ପାଇଁ ଏହି ଏକମାତ୍ର ଔଷଧ ।—

ମୂଲ୍ୟ ପ୍ରତି ଶିଶି ଡାକମାସୁଲ ସହିତ ଟ ୨ ଙ୍କା ଯାହା ମାତ୍ର ।

ଆର, ଡି, ପତି
ନ ୨୨ ସେଣ୍ଟ ଜେମସ୍ ଲେନ
କଲିକତା
} R. D. Pati
22 St. James
Lane, Calcutta

Digitized by srujanika@gmail.com

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଅମ୍ଭ ନିକଟରେ ନିମ୍ନଲିଖିତ ସବାର ଓ ତାମ୍ବୁ ଯାନମାନ ବଡ଼ି ନିର୍ମିତ ପ୍ରସ୍ତୁତ ଅଛି । ଯଥା:—

ବଡ଼ ସବାରି ପୁ ୬୨ X ୩, ଦୋହର କନାଟ ମଗର ଓ ଜଳଭ୍ରାଗୋଡ଼ିଆ ଲଣ୍ଡନ, ଗଦି ଓ ଝାଲର ସହିତ ଏବଂ ଭିତର ଓ ବାହାରେ

ସାଟିନ ଲୁଗା ମଡ଼ା ଟ ୨୦୦୲

ଏକନ ଛିଟ ଲୁଗା ମଡ଼ା ଟ ୧୦୦୲

ସାଧାରଣ ସବାର ଗମ୍ଭାର କାଠର ସବାରି

ଲମ୍ବ ଦୁ ୫-୧୦ଇ X ପୁ ୨-୯ଇ ଟ ୨୫୲

,, ୫ ୬ X ୨-୬ ଟ ୨୦୲

,, ୫ X ୨-୬ ଟ ୧୬୲

ଏହା ଛଡ଼ା ଅନ୍ୟ ବାଜେ କାଠର ତୟାର ଏହି ମାପର କେଲେ ଟ ୨୫୲ କୋ ସ୍ଥଳେ ଟ ୮୲ ଟ ୨୦୲ କୋ ସ୍ଥଳେ ଟ ୧୬୲ କୋ ଏବଂ ଟ ୧୬୲ କୋ ସ୍ଥଳେ ୧୩୲ କାରେ ମିଳିବ । ଅନ୍ୟର ମଧ୍ୟ ଯାହାଙ୍କର ଯେଉଁ ପ୍ରକାର ସବାର ଓ ତାମ୍ବୁ ଫରମାସ ହେବ ସେପର ଶୀଘ୍ର ତୟାର କରି ଦେବୁ । ନିମ୍ନଲିଖିତ ଠିକଣାରେ ଲେଖିବାକୁ ହେବ ।

୨।୯।୦୪ } ଶ୍ରୀ ମାଗୁଣି ମହାରଣା
କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ
ନିକଟ ଦରଘାବଜାର

---

ଗଭର୍ଣ୍ଣମେଣ୍ଟ ମେଡିକଲ ଉପାଧି ପ୍ରାପ୍ତ
ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।
ବହୁ ପରୀକ୍ଷିତ, ପ୍ରଶଂସା ଫଳପ୍ରଦ, କବାଟରୁ ଓ ଶାସ୍ତ୍ରୀୟ ଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଳ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ଜନ୍ମେ କେଶ୍ନ ନରମ ହୁଏ, ମସ୍ତକର ରୁକ୍ଷ ନିବାରଣ ହୁଏ, ଓ କେଶ, ପତନ ନିବାରଣ ହୁଏ । ଖଲି, ମସ୍ତିଷ୍କ ଦୌର୍ବଲ୍ୟ ସ୍ୱପ୍ନଦୋଷ ଶିଥିଳତା ଜନିତ ମୁଣ୍ଡ ବୁଲା, ଚକ୍ଷୁଦାହ, ବୁଦ୍ଧି ଦୌର୍ବଲ୍ୟ ଏ ପ୍ରଭୃତି ବେଦନା ଅପ୍ରଶମ୍ୟ ହୁଏ

ମୂଲ୍ୟ ପ୍ରତିବୋତଲ ଟ ୧ ପ୍ୟାକିଂ ଓ ଡାକମାସୁଲ ଟ ୦ ।୵

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିୟାର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ର ଯନ୍ତ୍ର ସମ୍ବନ୍ଧୀୟ ସବୁ ରୋଗ ମେହ, ପୁରାତନ ମେହ, ଯନ୍ତ୍ରଣାପ୍ରସ୍ରାବ ପୂଯ ଏବଂ ରକ୍ତ ପ୍ରଭୃତିର ପ୍ରଧାନ ଔଷଧ । ରୋଗୀ ସ୍ୱହେ କରି ଉତ୍ତରରେ ଜଣ ଅପେକ୍ଷା ରଖ କରନ୍ତୁ । ରୋଗର ସବିଶେଷ ବିବରଣ ଲେଖିଲେ ପରୀକ୍ଷା-ପୂର୍ବକ ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତିଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକମାସୁଲ ଟ ୦ ।୵

# ଅର୍ଶୋକାରିଷ୍ଟ ।

ସର୍ବ ପ୍ରକାର ସ୍ତ୍ରୀ ରୋଗର ମହୌଷଧ । ଋତୁ ଅନିୟମ ଋତୁର ବେଦନା, ଗର୍ଭଧାରଣର ଅକ୍ଷମତା, ପ୍ରସବାନ୍ତରେ ଦୁର୍ବଳତା ରୋଗର ଅଶେଷ କଷ୍ଟ ଦୂର କରେ ।
ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୲ ଡାକ ମାସୁଲ ଟ ୦ ।୵

ଅମୃତ ବଲ୍ଲୀ କଷାୟ ।
ପାରଦଦୋଷ ନାଶକ ଓ ରକ୍ତ ପରିଷ୍କାରକ ମହୌଷଧ ପ୍ରତି ଶିଶି ମୂଲ୍ୟ ଟ ୧୲ ଡାକମାସୁଲ ଟ ୦ ।୵

## ଶୋଣିତ ଶୋଧକ ।

ବାତ ରକ୍ତ ଓ ଦୃଷ୍ଟ ରୋଗର ଅଶ୍ୱ ବ୍ରହ୍ମାରକ ଅବ୍ୟର୍ଥ ମହୌଷଧ । ଦୁଇ ସପ୍ତାହ ବ୍ୟବହାରରେ ଶାନ୍ତି ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ଉପାୟରେ ଶୁକ୍ରକ୍ଷୟ, ଯୌବନ ସ୍ୱଳନ ଶୈଥିଲ୍ୟ ବଶତଃ ଲୁପ୍ତବଳ ଅପରିମିତ ସହବାସ ହେତୁ ସ୍ୱପ୍ନ ସ୍ଖଳନ ପ୍ରଭୃତି ପ୍ରକ୍ରିୟାର ଦେହର ସାର, ଶୋଣିତର ସାର, ଶୁକ୍ରର ଅପବ୍ୟୟ ପୁନଃ ପ୍ରଦାନ କରେ ।

ଏକ ବୋତଲ ତେଲ ଓ ଦୁଇ କୌଟା ବଟିକା ଟ ୪
ଡାକମାସୁଲ ପ୍ରଭୃତି ଟ ୦ ୵

# ପୁନର୍ନବାସବ ।

ଶୋଥ ଓ ଉଦରର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।୵

ପ୍ରାପ୍ତି ସ୍ଥାନ

କଟକରେ ଶାରଦା ପ୍ରସାଦ ଭ୍ରାମ ସ୍ତୁକ
କଟକର ଏକମାତ୍ର ଏଜେଣ୍ଟ:
ଚାନ୍ଦିବଜାର, ଚାନ୍ଦନୀଚୌକ, କଟକ
ଶ୍ରୀ ନଗେନ୍ଦ୍ରନାଥ ସେନ କବିରାଜ
୧୮।୧ ଓ ୧୯ ଲୋୟରଚିତପୁର ରୋଡ
କଲିକତା

---

# ବିପଦବନ୍ଧୁ ଔଷଧାଳୟ ।

କଟକ ଚୌଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଧୌତିକ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ-ନୀୟ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିର୍ଣ୍ଣିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଶାସ୍ତ୍ରୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନହେ ଏପରି ଔଷଧ ଏଠାରେ ରଖା ଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ବିନା ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଇଂରାଜୀ ବା ଓଡ଼ିଆରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ । ପରନ୍ତୁ ମୂଲ୍ୟ ଭିପି ରେଲୁଏପେବଲ ପାର୍ସଲରେ ତାହାର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା କାରଣ ଜୁଲପଇସିଆ ଡାକଟିକଟ ନ ଦେଲେ ଉତ୍ତର ଦିଆଯାଏ ନାହିଁ । ନେଇଙ୍କ ବା ନମୁନାସଲ ଦୟା

ହୋଇଥିବା ପତ୍ର ଗ୍ରାହ୍ୟ ହୁଏ ନାହିଁ । ଔଷଧ ଛଡ଼ା ପୁସ୍ତକାଦି ଓ ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା କଉଡ଼ି ମେନେଜରଙ୍କ ନାମରେ ପଠାଇବେ ।

ବିପଦବନ୍ଧୁ ଔଷଧାଳୟ } ଶ୍ରୀ ବାଳକୃଷ୍ଣଦାସ
ଚୌଧୁରୀବଜାର, କଟକ } କବିରାଜ
୩୦।୬।୧୯୦୪ } ଶ୍ରୀ ରାମକୃଷ୍ଣ ରାୟ
ମାନେଜର

---

# Mitra Sarsa.

# ମିତ୍ର ସାଲସା ।

ରକ୍ତ ପରିଷ୍କାର କରିବାର ଏହା ଅଦ୍ୱିତୀୟ ଔଷଧ ।

ଏହା ପାରଦବର୍ଜିତ ଏବଂ ଉତ୍କୃଷ୍ଟ ଜେମାଇକା ସାଲସାରୁ ପ୍ରସ୍ତୁତ ।

କୌଣସିପ୍ରକାର ବାତ, ପାରଦଦୋଷ ଓ ଉପଦଂଶ ଦୋଷ ହରଣ କରିବାକୁ ଏହା ଅଦ୍ୱିତୀୟ ।

ମୂଲ୍ୟ ପ୍ରତି ଶିଶି ସାଲସା ଟ ୧୲

# ମିତ୍ର ବଟିକା ।

ମ୍ୟାଲେରିଆ ଜ୍ୱରର ମହୌଷଧ ।

ପରୀକ୍ଷାଦ୍ୱାରା ସ୍ଥିରିକୃତ ହୋଇଅଛି, ମ୍ୟାଲେରିଆ ଜନିତ ସର୍ବପ୍ରକାର ପୁରାତନ ପ୍ଲୀହା ସଂଯୁକ୍ତ ଜ୍ୱରରୋଗ ନାଶର ଏମନ୍ତ ଉତ୍କୃଷ୍ଟ ମହୌଷଧ ଆଉ ଦ୍ୱିତୀୟ ନାହିଁ ।

ଏହା ନିୟମିତରୂପେ ବ୍ୟବହାର କଲେ ଶତସହସ୍ର ଯକୃତ ଓ ପ୍ଲୀହାଯୁକ୍ତ ଜ୍ୱରାକ୍ରାନ୍ତ ରୋଗୀ ଏକାଥରକେ ନିର୍ଦ୍ଦୋଷଭାବରେ ଆରୋଗ୍ୟ ଲାଭ କରିଅଛନ୍ତି ।

ମ୍ୟାଲେରିଆ ପ୍ରପୀଡ଼ିତ ଦେଶ ପକ୍ଷରେ ଏହି 'ମିତ୍ର ବଟିକା' ଦ୍ୱ ଧନ୍ୱନ୍ତରୀ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ

ଏକଥର ବ୍ୟବହାର କରି ସମସ୍ତେ ଏହି ବଟିକାର ଗୁଣରେ ମୁଗ୍ଧ ହୋଇଅଛନ୍ତି ।

ଏହାର ଗୋଟିଏ ମହଦ୍ଗୁଣ ଏହି ଯେ ଏହା ଜ୍ୱରର ସମୟରେ ମଧ୍ୟ ସେବନ କରାଯାଏ । ଏପରି କି ଜ୍ୱରକାଳର ଉପଦ୍ରବ, ଚକ୍ଷୁ ଓ ହସ୍ତ ପଦ ଜ୍ୱାଳା, ଶିରଃ, ହସ୍ତ, ପଦ ବିଶ୍ରାନ୍ତ ହେବା, କ୍ଷୁଧାମାନ୍ଦ୍ୟ ଓ କୋଷ୍ଠବଦ୍ଧ, ଏହିପରି ଅବସ୍ଥାରେ ଏହା ପ୍ରଥମରୁ ବ୍ୟବହାର କରିବାକୁ ଆରମ୍ଭ କଲେ ମ୍ୟାଲେରିଆରୁ ନିସ୍ତାର ଲାଭ ହୁଏ ।

ମୂଲ୍ୟ ।

| | |
|---|---|
| ୧ କୌଟା ୨୪ ବଟିକା | ଟ ୦ ୲ |
| ୧ ,, ୪୦ ,, | ଟ ୧୲ |

ଡାକଦ୍ୱାରା ପଠାଇଲେ ଟ ୦ ।୵ ଡାକମାସୁଲ ଲାଗିବ ଏବଂ ଭି, ପି, ରେ ପଠାଇଲେ ଅତିରିକ୍ତ ଟ ୦ ୵ କମିସନ ଲାଗିବ ।

N. N. Mitras Ringworm ointment.

## ଏନ୍ ଏନ୍ ମିତ୍ରଙ୍କର ଦାଦୁର ମଲମ ।

ଏଥିରେ ପାରଦ ସଂଯୁକ୍ତ କୌଣସି ଦ୍ରବ୍ୟାଦି ନାହିଁ । ଏହା ବ୍ୟବହାରରେ ଜ୍ୱାଳା ଯନ୍ତ୍ରଣା ନାହିଁ ।

ଯେ କୌଣସିପ୍ରକାର ଦୂଷିତ ଦାଦୁ ହେଉନା କାହିଁକି, ଏହି ଔଷଧ ଦୁଇ ତିନିଦିନ ବ୍ୟବହାର କଲେ ମାତ୍ର ତାହା ଆରାମ ହେବ । ଅନେକ ଲୋକେ ୮।୧୦ ବର୍ଷର ପୁରାତନ ଅସ୍ୱମାନଙ୍କର ଏହି ଔଷଧ ଏକ କୌଟା ବ୍ୟବହାର କରି ଏକକାଳକେ ଆରୋଗ୍ୟ ଲାଭ କରିଅଛନ୍ତି ।

| | |
|---|---|
| ମୂଲ୍ୟ ଏକ କୌଟାକୁ | ଟ ୦ । |
| ଡାକବର୍ଚ୍ଚ | ଟ ୦ ୵ |
| ଭି, ପି | ଟ ୦ ୵ |
| ଏକ ଡଜନକୁ | ଟ ୨୵ |

ଡାକବର୍ଚ୍ଚ ସ୍ୱତନ୍ତ୍ର

Digitized by srujanika@gmail.com

Split by PDF Splitter





# N. N. Mitra's

ଦନ୍ତ ରୋଗର ମହୌଷଧ
ମିଷ୍ଟର ଦନ୍ତବ୍ୟେଗର ମହୌଷଧ

ଏହା ବ୍ୟବହାର କେବଳ ଦିନରେ କଥରେ ଘୂଇ ଏକ-ଥର ଲଗାଇଲେ ଯନ୍ତ୍ରଣାରୁ ନିସ୍ତାର ମିଳେ । ମୂଲ୍ୟ ୫ ୦ । ସ୍ବପ୍ନଦତ୍ତ

ଉପବେଦ୍ୟ ଔଷଧ ଏବଂ ଡଲିଆମ୍ସ ପେଟେଣ୍ଟ ଔଷଧ ଏବଂ ଡାକ୍ତରୀ ଔଷଧ ଓ ଅସ୍ତ୍ର ଆମ୍ଭେମାନେ ପାଇକାରୀ ଦରରେ ସରବରାହ କରିଥାଉଁ ।

ଆମ୍ଭେମାନେ କଲିକତାର ଉପଦେଷ୍ଟା ଓ ଆମେରିକାରୁ ସମସ୍ତ ପ୍ରକାର ଔଷଧ ଓ ଦ୍ରବ୍ୟାଦି ଉତ୍କୃଷ୍ଟ କରି ଆଣାଇଥାଉଁ ସେଥି ପାଇଁ ସବଦା ଟଙ୍କା ଓ ମୂଳର ମୂଲ୍ୟରେ ମଫସଲର ଗ୍ରାହକମାନଙ୍କୁ ସରବରାହ କରି ଥାଉ ।

ଆମ୍ଭେମାନେ ଅର୍ଡର ପାଇବା ମାତ୍ରେ ଔଷଧ ଉତ୍ତମରୂପେ ପ୍ୟାକ କରି ସରବରାହ କରୁଥାଉଁ ।

ଏନ୍, ଏନ୍, ମିତ୍ର ଏଣ୍ଡ କୋଂ
ହୋଲସେଲ ଏବଂ ରିଟେଲ ଡ୍ରଗିଷ୍ଟ
ନଂ ୨୨୩ନମ୍ବର ବହୁବଜାର ଷ୍ଟ୍ରିଟ; କଲିକତା
କଟକର ଏଜେଣ୍ଟ
ବାବୁ କୁସୁମକୁମାର ସେନ ଓକିଲଙ୍କ ମୋହରର
ବିଶ୍ୱନାଥ ଦାସ

N. N. Mitra & Co.
Wholesale & Retail Druggists
No. 223 Bowbazar Street
Calcutta
Agent
Biswanath Das Mohorir
care of Kusum Kumar Sen Pleader
Cuttack.

# ବିନାମୂଲ୍ୟେ ବିତରିତ

ନିମ୍ନଲିଖିତ ନଅ କିସା ଗଦପ୍ରକାର ଔଷଧ ମଧ୍ୟରୁ ଯେ କୌଣସି ଏକ ପ୍ରକାରରୁ ଏକ ଡଜନ କ୍ରୟ କଲେ ବା ପ୍ରତ୍ୟେକରୁ ଏକ ଏକ ପ୍ୟାକେଟ ଲଗ୍ନ ନଅ କିସା ଗୁଦ୍ର ପ୍ରକାରରୁ ଏକାଥରେ ନେଲେ ଏକଟଙ୍କା ମୂଲ୍ୟର ସୁନ୍ଦର ଓ ନବ ମୁଦ୍ରିତର ସଞ୍ଜୀବନଦ୍ୱାର ଏକ ରକା ବିନାମୂଲ୍ୟେ ଦିଆଯିବ ।

# ନବରତ୍ନ ।

ଏହି ଶାସ୍ତ୍ରସମ୍ମତ ଓ ବହୁଦିନର ପରୀକ୍ଷିତ, ସୁତରାଂ ଏହାର ଉପକାରିତା ବିଷୟରେ ବିଜ୍ଞାପନର ଆଡ଼ମ୍ବର ନିଷ୍ପ୍ରୟୋଜନ ।

୧ । ଧନ୍ୱନ୍ତରୀ ବଟିକା—ଜ୍ୱରଜନିତରେ ଧନ୍ୱନ୍ତରି । ଏହା-ଦ୍ୱାରା ପାଳି, ଏକୁଆ, ଡେଙ୍ଗୁ, ଡେଙ୍ଗୁ ଓ ଜୀର୍ଣ୍ଣଜ୍ୱର, ପ୍ଲୀହା ଏବଂ ଯକୃତ ସମ୍ବନ୍ଧୀୟ ଜ୍ୱର, ସୁତିକା ଓ ପାଲଜ୍ୱର, ସ୍ନାୟୁବଳମାନେ ଓ ଅନ୍ୟାନ୍ୟ ସର୍ବପ୍ରକାର ଜ୍ୱର ଅଳ୍ପକାଳ ମଧ୍ୟରେ ଆରୋଗ୍ୟ ହୁଏ । ମୂଲ୍ୟ—ନଂ ୧ ନମ୍ବର ଡିବା ( ୧୫ ବଟିକା ) ୫ ୦୵୵ ନଂ ୨ ନମ୍ବର ଡିବା ( ୩୦ ବଟିକା ) ୫ ୧୵ । ନଂ ୩ ନମ୍ବର ଡିବା ( ୫୦ ବଟିକା ) ୫ ୧୵୵ ।

୨ । ବହୁମୂତ୍ରାନ୍ତକେନ୍ଦ୍ର—ଏହା ହାଲିଆ, ଚିମ୍ଫୁଆ, ଫୋଡ଼ ବା ଦେହରୁ ଓ ଅଣ୍ଡାଗାରୁ ପ୍ରଭୃତି ସର୍ବପ୍ରକାର ଧାତୁର ପରୀକ୍ଷିତ ଓ ଅମୋଘ, ନାନା ଯନ୍ତ୍ରଣା ଦୂର୍, ଅଶୁଫଳ ପ୍ରଦ ଓ ସୁଲଭ ଔଷଧ । ଏଥିରେ ରୋଗ ଥରେ ସମ୍ପୂର୍ଣ୍ଣ ଭଲ ହେଲେ ପୁନର୍ବାର ହୁଏ ନାହିଁ । ମୂଲ୍ୟ—୧ ଡିବା ୫ ୦ । ଡଜନ ୫ ୬

୩ । କଣ୍ଠମାଳାନଳ—ଏଥିରେ ଗଳା ଫୁଲା ଓ ପ୍ରଭୃତି ନାନା ପ୍ରକାର ଗଣ୍ଡମାଳ ରୋଗ ଅତି ସହଜରେ ଆରୋଗ୍ୟ ହୁଏ ଓ ଗଳାରେ ଥିବା ଗାଣ୍ଠିଗୁଡ଼ିକ ଅବିଳମ୍ବେ ନଷ୍ଟ ହୁଅନ୍ତି । ମୂଲ୍ୟ ପ୍ରତି ଡିବା ୫ ୦ । ପ୍ରତି ଡଜନ ୫ ୬ ।

୪ । ଘାଭଲ୍ଲାନ୍ତକ—ଏଥିରେ ସର୍ବପ୍ରକାର ଘା ଯଥା: ଗର୍ମି, ଶିଙ୍ଗାଡ଼ିଆ ଘା ପ୍ରଭୃତି ଦୁଷ୍ଟଘାଉ ଅତି ସହଜରେ ଓ ବିନା ଯନ୍ତ୍ରଣାରେ ଆରୋଗ୍ୟ ହୁଏ । ପିଲାମାନଙ୍କର ଗ୍ରୀଷ୍ମକାଳୀନ ଘା ଦଉଦ ବା କଉଁଚା ଓ ଗଙ୍ଗା ଘା ଉପରେ ମନ୍ତ୍ରବତ କର୍ମ କରେ । ମୂଲ୍ୟ—ଦୁଇ ଡିବା ୫ ୦ । ଓ ଡଜନ ୫ ୬

୫ । ଶୂଳଗଜାଙ୍କୁଶ—ଏଥିରେ ବାୟୁଶୂଳ, ପିତ୍ତ ବା ଅମ୍ଳଶୂଳ ପ୍ରଭୃତି ସର୍ବପ୍ରକାର ଶୂଳ ଓ କୋଷ୍ଠବଦ୍ଧ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତି ଡିବା ୫ ୧; ପ୍ରତି ଡଜନ ୫ ୧୨ ଙ୍କା

୬ । ପ୍ରମେହସୁଧା—ଯୌବନର ପ୍ରଥମାବସ୍ଥାରେ ପ୍ରମେହରୋଗ ଶରୀରର ପରମଶତ୍ରୁ । ଏହା ଶରୀରକୁ ଆକ୍ରମଣ କଲେ ଜୀବନ୍ମୃତ ସୁଦ୍ଧା ଅଗୌରବ ପଙ୍କ ନଷ୍ଟ କରେ ଏପରି ଭୀଷଣ ରୋଗର କବଳରୁ ରକ୍ଷା ପାଇବାପାଇଁ ଏକ ମାତ୍ର ଔଷଧ ପ୍ରମେହସୁଧା । ଏଥିରେ ରୋଗର ବିଷ ସମ୍ପୂର୍ଣ୍ଣରୂପେ ଦେହରୁ ନଷ୍ଟ ହୁଏ ଓ ୨୪ ଘଣ୍ଟା ମଧ୍ୟରେ ଜ୍ୱାଳା ଯନ୍ତ୍ରଣା ନିବାରଣ ହୁଏ । ଏହା ରୋଗ ଧାତୁପଡ଼ା ଓ ଦଉଡ଼ ଧାତୁ ଦୌର୍ବଲ୍ୟ ଏବଂ ଅଜୀର୍ଣ୍ଣ ଓ ଅନ୍ୟ କାହାରି ଦାଗ ଅତ୍ୟାବଶ୍ୟକ ଅଟେ; ଆଶୁଫଳପ୍ରଦ ଅମୋଘ ଔଷଧ । ମୂଲ୍ୟ—ପ୍ରତିଡବା ୫ ୧୨; ପ୍ରତିଡଜନ ୫୧୫( ଙ୍କା

୭ । କର୍ଣ୍ଣାମୃତତୈଳ—ଏହା କୁଡ଼କ ଓ ସମସ୍ତ ସର୍ବପ୍ରକାର କାନପଚା ରୋଗର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ ପ୍ରତି ଶିଶି—୫ ୦ ।୵; ବାରଶିଶି ୫ ୪( ଙ୍କା

୮ । ଅମୃତରସ—ଯେପରି ନାମ ସେହିପରି ଗୁଣ ହଇଜା ଓ ଉଦରାମୟ ରୋଗର ଅତ୍ୟନ୍ତ ଆଶୁଫଳପ୍ରଦ ଔଷଧ । ଅଜୀର୍ଣ୍ଣ ମନ୍ଦ ଏଥିରେ ଅମ୍ଳଶୂଳ, ଜୀର୍ଣ୍ଣସୂତ୍ର ପାତଳ ଝାଡ଼ା, ଗ୍ରହଣୀ, ଅତିସାର, ବାନ୍ତି, ଶର୍ଦ୍ଧି ପ୍ରଭୃତି ରୋଗ ଆରୋଗ୍ୟ ହୁଏ । ମୂଲ୍ୟ—ପ୍ରତିଶିଶି ୫୦୨ ଓ ଡଜନ ୫୫ ଙ୍କା

୯ । ଭାସ୍କରଣତୈଳ—ଏହା ଅଣ୍ଡାଧର, ଅଣ୍ଡୁଗଣ୍ଠି ଅମବାତ ଓ ଅସାଧ୍ୟ ଜଳନ ବେଦନା ଓ ଅନ୍ୟ ସର୍ବପ୍ରକାର ଜଳନ ଓ ଗୁରୁତର ବେଦନାର ପରୀକ୍ଷିତ ଅବ୍ୟର୍ଥ ଔଷଧ । ମୂଲ୍ୟ—ପ୍ରତି ଶିଶି ୫ ୦୩, ବାର ଶିଶି ୫ ୪( ଙ୍କା

ନବରତ୍ନ ବ୍ୟତୀତ ନିମ୍ନ ଲିଖିତ ଔଷଧମାନ ଏଠାରେ ବିକ୍ରୟ ହୁଏ ଯଥା—

| | | | | |
|---|---|---|---|---|
| ପେପର ମେଣ୍ଟ ଅଳ ପ୍ରତି | ଶିଶି | ୫ ୦୩ | ବାରଶିଶି | ୫ ୪( |
| ପାଚନମନ୍ତ୍ର ଅର୍କ | „ | ୫ ୦୪ | „ | ୫ ୪( |
| ଅମୃତାଦ୍ୟ ପାଚନ | „ | ୫ ୧୧ | „ | ୫୧୫( |
| ମାଳତୀକୁସୁମ ତୈଳ | „ | ୫ ୦୵୵ | „ | ୫ ୭( |

ଡାକମାଶୁଲ ସ୍ୱତନ୍ତ୍ର ଲାଗିବ

ପ୍ରାପ୍ତିସ୍ଥାନ ।

ଡାକ୍ତର ଶ୍ରୀ ଇଶାନଚନ୍ଦ୍ର ଦାସ ବାଲେଶ୍ୱର

# ଯାଦବର ଅବ୍ୟର୍ଥ ମହୌଷଧ

ଏପରି ସଦ୍ୟ ଫଳପ୍ରଦ ମହୋପକାରୀ ଔଷଧ ଆଉ ନାହିଁ ।

ଯେଉଁମାନେ ନାନାପ୍ରକାର ଯାଦୁରୋଗର ଅସହ୍ୟ ଯନ୍ତ୍ରଣା ଭୋଗୁଅଛନ୍ତି, ଯେଉଁମାନେ ଅନେକ ପ୍ରକାର ଉପାୟ କରି ଦୁରା ଦଉଡ଼ ବା ବିଫଳମନୋରଥ ହୋଇଅଛନ୍ତି, ଦଉଡ଼ ନାନା ଯନ୍ତ୍ରଣାରେ ନିର୍ବୋଧରୂପେ, ସ୍ଥାୟୀରୂପେ ଏ ରୋଗ ହାତରୁ ଖାଲି ପାଇବାର ଚେଷ୍ଟା କରନ୍ତି ସେମାନେ ଏହି ସର୍ବକାଳର ସୁପରୀକ୍ଷିତ ସହ, ୨ ସେବନାର ପ୍ରସଙ୍ଗରେ ମହୌଷଧକୁ ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ଅନ୍ୟୂନ ତେରର ଯାଦୁ ବ୍ୟାଧିତ ପଶୁ ଦେହରେ ମାତ୍ର ଏକ ସେବା ଯାଦୁ ସର୍ବାଙ୍ଗ ଭଲ ହୋଇ ଯାଉଅଛି । ଏହାର ଏପରି ଗୁଣସବୁ ଦେଖି ପ୍ରକୃତରେ ବହୁଲୋକ ଅନ୍ତର୍ଯାମୀକୃତ । ଏ ଔଷଧ-ରେ ଏପର୍ଯ୍ୟନ୍ତ ବହୁ ସହସ୍ର ଲୋକ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ଲାଭ କରିଅଛନ୍ତି ।

ମୂଲ୍ୟ ୧ ଡିବା ୫ ୦।୵, ୩ ନଂ ୧, ୬ ୫ ୧୩, ୧୨ ୫ ୩

# କାଟୁର ମହୌଷଧ ।

ସର୍ବପ୍ରକାର କାଟୁ ବା ଖାଉଜ, ଦୁଦ୍ରିଆ, ନାନାପ୍ରକାର ଚର୍ମଜାତ ରୋଗ, ଘା ଉପରେ ଏ ଔଷଧର ଅସୀମ କ୍ଷମତା ଅଛି । ଏ ସବୁ ରୋଗରେ ଏହି ଔଷଧ ଲଗାଇଦେଲେ କୌଣସିପ୍ରକାର ଯନ୍ତ୍ରଣା ନ ହୋଇ ଅଳ୍ପକାଳ ମଧ୍ୟରେ ରୋଗ ମନ୍ତ୍ରଶକ୍ତିପରି ଦୂର ଯାଇଥାଏ । ଅନେକେ ଏହାର ଏମନ୍ତ ଚମତ୍କାର ଶକ୍ତି ଦେଖି ବର୍ଦ୍ଧିତ ହୋଇ ଧନ୍ୟ ଧନ୍ୟ କରୁଅଛନ୍ତି । ଅଳ୍ପକାଳ ମଧ୍ୟରେ ଏହା ସାଧାରଣ୍ୟ ପର୍ଣ୍ଣବୃଷ୍ଟି ବାହିନିଠାରୁ ଭାଗ୍ୟବାନଙ୍କଠାରେ ସମାନ ଆଦର ପାଇଅଛି ପରୀକ୍ଷା ଏକାନ୍ତ ବାଞ୍ଛନୀୟ ଏଥିପାଇଁ ବହୁପାଞ୍ଚ ।

ମୂଲ୍ୟ ୧ ଡିବା ୫ ୦୨, ୩ ୫ ୧।୵, ୬ ୫ ୨୩, ୧୨ ୫ ୪

ପ୍ରାର୍ଥିମାନଙ୍କେ ନିଜନିଜର ନାମ, ଗ୍ରାମ, ଡାକଘର, ଜିଲ୍ଲା ଏବଂ କାହାର କେଉଁ ଔଷଧକୁ ଦେବେଲୁବା ଅବଶ୍ୟକ ଉତ୍ତମରୂପେ ଏ ସବୁ କଥା ଲେଖିବେ ।

ଏକମାତ୍ର ପ୍ରାପ୍ତିସ୍ଥାନ ।
ଶ୍ରୀ ରାମଚାନ୍ଦ୍ର ସେନ
ଚେଞ୍ଜ ଉତ୍କଳପ୍ରେସ, ବା ନାଁଟକରନ୍ ଷ୍ଟ୍ରିଟ; କାଟେଲ୍କଠ

# ବିଜ୍ଞାପନ ।

# ସଞ୍ଜୀବନୀ ବଟିକା ।

ମାଶୁଲ ୫ ୦ ।୵

ଉଦ୍ଧାମାଶୟ ମହୌଷଧ ସେବନରେ ପେଟକାମୁଡ଼ା ପେଟ ବନ୍ଦ କରିବା ଓ ଶୂଳ ଚଣ୍ଡାଳରୁ ଉଦ୍ଧାର ଉଦରାମୟ ଶୀଘ୍ର ଆରୋଗ୍ୟ ହୁଏ ।

ଗନୋରିୟା ବା ସପ୍ତ ମେହ । **ସୁଧାରଶ୍ମି** ଅମୋଘ ଔଷଧ

ସେବନରେ ପୂଜ ରକ୍ତ ପ୍ରସ୍ରାବରେ ଜ୍ୱାଳା ଯନ୍ତ୍ରଣା ଅତି ଉପଦ୍ରବ ଶାନ୍ତ ହୁଏ, ଯେ ପୁରୁଷଙ୍କ ଗନୋରିୟା ବ ସପ୍ତ ମେହ ସବାବସ୍ଥାରେ ଆରୋଗ୍ୟଲାଭ ହୁଏ, ୭ ୩୬ ଘ ମଧ୍ୟରେ ଚମତ୍କାର ସୁଫଳ ଦେଖାଯାଏ ।

ମୂଲ୍ୟ ଏକସାତଦିନର ୧୨ ଟା ଉ, ପ ୨ ୦।୵ ।

# ସର୍ବ୍ୱ ଶତାମୃତକମଲମ

( ଯାବଦାବ ଦୁଷ୍ଟଜଦ୍ରବ୍ୟ ଶୂନ୍ୟ )

ମୂଲ୍ୟ ଏକ କୌଟାକୁ ୨ ୧ ଙ୍କା ଉ, ପ ୦।୵
ବଡ଼ିନି ଉଦରଂଶ ବ୍ୟାଦିବର ଓ ସର୍ବବିଧ ବ୍ରାହ୍ମି ଘା ଶୀଘ୍ର ଆରୋଗ୍ୟ ହୁଏ ।

# କାମକଳ୍ପତରୁ ରସାୟନ ।

ଏହା ସେବନରେ ଉତ୍କଟ ଚତୁର୍ବିଧ ଉପଦ୍ରବ, ସୁନ୍ଦର ମେହ ଶାନ୍ତ, ଶୁକ୍ରର ଗାଢ଼ତା ଓ ଧାରଣା ଶକ୍ତି ବୃଦ୍ଧି ହୁଏ ବୃଦ୍ଧ ଦୁର୍ବଳ ଅପର ଯୁବ ( ମୋଟା ) ଓ ବଳିଷ୍ଠ ହୁଏ ସାମ୍ପ୍ରତକାଳରେ ସେବନ କଲେ ଅଲୌକିକ ସ୍ଫୂର୍ତ୍ତି ଓ ବଳାଧିକାର ଚୂଡ଼ାନ୍ତ ସୁଖ ଅନୁଭବ କରିବ ବିବିଧ ଔଷଧପୂର୍ଣ୍ଣ ଏକ କୌଟାର ମୂଲ୍ୟ ଡାଃ ପଃ ମାଶୁଲ ସମେତ ୫ ୧ ୨ ଏଥିରେ ଭିନ୍ନ ଏବା ଅଧିକ ନାହିଁ ।

ଶ୍ରୀ ଭବାନୀପ୍ରସାଦ ଚକ୍ରବର୍ତ୍ତୀ
ହିମେଲ, ସ୍ୱେଚ୍ଛା ୭ କାଶୀଧାମ



☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନି ଲିମିଟେଡଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା !

Digitized by srujanika@gmail.com

Split by PDF Splitter



REGISTERED No. C 81

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା।

# THE UTKAL DIPIKA.

| ୪୦ ଭାଗ<br>୪୦ ସଂଖ୍ୟା | CUTTACK, SATURDAY THE 21st October 1905.<br>୨୧ ଶ କାର୍ତ୍ତିକ ସନ ୧୩୧୩ ସାଲ ଶନିବାର<br>ସହର କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ | ଅଗ୍ରୀମ ଟ ୩୲<br>ପଶ୍ଚାଦେୟ ଟ ୬୲ |
|---|---|---|

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;— ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ଟ ୦ ।/ ଓ ଅର୍ଦ୍ଧସ୍ତମ୍ଭକୁ ଟ ୨୲ ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲ ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଶସ୍ତା ଟ ୦ ।, ଠାରୁ ନ୍ୟୁନ ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଶର୍ତ୍ତ ପ୍ରଥମ ଥରର ତେହ୍ରା ଓ ଦୁଇଗୁଣ ଯଥାକ୍ରମେ ହେବ। ଅଧିକ ଥର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ। ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗେ ପଠାଇବାକୁ ହେବ।

## NOTICE.

Wanted a Peshkar for the Baramba Manager's office on a salary of Rs. 20 (Twenty only) per mensem. None need apply who has not passed the Entrance Examination of the Calcutta University and has no experience in Pesh work. Applications with copies of testimonials and certificate of good conduct will be received by the undersigned up to the 7th proximo.

Baramba Manager's office. 16-10-1905. } Bhagawan Mohapatra
*Manager*

## NOTICE.

Wanted four apprentices for the Khurda Sub-Divisional and Khasmahal Combined office. None need apply who have not passed the Entrance Examination of the Calcutta University. Applications with certificates of character and respectability will be received by the undersigned up to the end of October 1905. The applicants should state their age and their relationship with any of the *amlas* of this office, in their applications.

Khurda Sub-Divisional office 28-9-05 } A. W. Stark
*Sub Divisional officer*

## NOTICE.

Is hereby given that a Talcher scholarship of Rs. 7 a month tenable for 2 years at the Ravenshaw-College is vacant. Candidates are invited to apply to the Chairman of the Cuttack District Board before the 20th October 1905 in the following form.

1. Name of candidate.
2. Name of his father and his occupation.
3. Residence temporary or permanent.
4. What examination the candidate has passed and in what Division whether in the first chance or otherwise.
5. Name of the school and the class in which he is reading.
6. Certificates from respectable persons about the character and circumstance of the candidates.
7. Remarks giving other particulars which the candidate may wish to give.

Cuttack Dt. Bds. Office 25-9-05. } J. C. Chandra
*Vice-Chairman.*

## IT'S SO EASY TO NEGLECT THAT COLD!

IT'S so fatally easy to let that cold turn into Ague and fever.

But it's easy, also, to find a good remedy in Batliwalla's Ague Mixture or Pills for it which are equally useful in Malarious, intermittent, and Bilious Fevers, and mild form of Plague, Surgeon, Major Jayakar says:—"that it is a safe and reliable remedy.

Batliwalla & Co's Choleral, specific for cholera and Batliwalla's Ague Mixture or Pills, may be had of DR H. L. BATLIWALLA'S, Worli—Dadar Bombay and everywhere.

At Re. 1 per bottle Discount to the Trade

ଅନୁଗୁଳ ଜମି ବନ୍ଦୋବସ୍ତ କାର୍ଯ୍ୟ ଉପଲକ୍ଷେ ଆସନ୍ତା ନଭେମ୍ବର ମାସ ତାରିଖ ଠାରୁ ନିମ୍ନଲିଖିତମତେ ଆମୀନ, ଟ୍ରେସର ମୁହରିର ନିଯୁକ୍ତ କରାଯିବ, କାର୍ଯ୍ୟପ୍ରାର୍ଥୀମାନେ ସେମାନଙ୍କର ପ୍ରଶଂସାପତ୍ର ସହିତ ଆସନ୍ତା ଅକ୍ଟୋବର ମାସ ତା ୨୫ ରିଖ ପର୍ଯ୍ୟନ୍ତ ଏହି ଅଫିସକୁ ଆବେଦନପତ୍ର ପଠାଇବେ, ଯେଉଁମାନେ ଓଡ଼ିଶା ସେଟଲମେଣ୍ଟ ଅଫିସରେ କାର୍ଯ୍ୟ କରିଥିବେ ଓ ହସ୍ତାକ୍ଷର ଭଲ ଲେଖିଥିବେ ସେମାନଙ୍କୁ ମନୋନୀତ କରାଯିବ।

ଆମୀନ ଜ ୪୦ ଜଣ ଟ୍ରେସର ଆମୀନ ଜ ୭ ଜଣ

ଅନୁଗୁଳ ୨୨।୯।୦୫ } NARAYAN CHANDRA NAYAK
ସେଟଲମେଣ୍ଟ ଅଫିସର,
ଅନୁଗୁଳ

## ଇଲେକ୍‌ଟ୍ରିକ ପିଲ।

ମେହ ପ୍ରମେହ ଓ ଆନୁଷଙ୍ଗିକ ରୋଗର ମହୌଷଧ ବାଲ୍ୟର କୁସଙ୍ଗ ଓ ଯୌବନର ଅପଥ୍ୟ ଅତ୍ୟାଚାରରେ ମେହ ପ୍ରମେହ ଆଦି ରୋଗ ଜନିତ ଶୁକ୍ରତାରଲ୍ୟ ମୂତ୍ରକୃଚ୍ଛ୍ର ପ୍ରସ୍ରାବ, ସ୍ୱପ୍ନଦୋଷ କାଳରେ ଅସହ୍ୟ ଯନ୍ତ୍ରଣା ସ୍ୱପ୍ନ ଆଦି ଉପସର୍ଗ, ଘନ ଘନ ପ୍ରସ୍ରାବ, ମୂତ୍ରାଶୟ ଆଦି ସ୍ଥାନର ଜ୍ୱାଳା ମୂତ୍ରଥଳୀ ମୂତ୍ରନାଳୀର କ୍ଷତ ବେଦନା ଓ ଯେତେ ପୁରାତନ ପ୍ରମେହ ହେଉ ନା କାହିଁକି ଇତ୍ୟାଦିରେ ଏ ଔଷଧ ସେବନ କଲେ ଏଥିରେ କୌଣସି କୁଫଳ ପଡ଼ିବା ନାହିଁ, ଯେଉଁ ବାଟେ ଅନେକ ଲୋକ ନାନାପ୍ରକାର ଔଷଧ ବ୍ୟବହାର କରି କୌଣସି ଫଳ ପାଇ ନାହାନ୍ତି ଏହି ଏକମାତ୍ର ଔଷଧ।—

ମୂଲ୍ୟ ପ୍ରତି ଶିଶି ଡାକମାସୁଲ ସହିତ ଟ ୨ ଦୁଇଟଙ୍କା ମାତ୍ର।

ଆର, ଡି, ପତି
ନ ୨୨ ସେଣ୍ଟ ଜେମସ୍ ଲେନ
କଲିକତା
} R. D. Pati
22, St. James Lane, Calcutta

Digitized by srujanika@gmail.com

Split by PDF Splitter

470





# ନିଲାମ ।

ନିମ୍ନଲିଖିତ ଜଙ୍ଗଲମାନଙ୍କରେ ଥିବା ଜାଳେଣି କାଠ ଓ ଝୁଣ୍ଟ ଓସେର ସନ ୧୯୦୫ ମସିହା ଅକ୍ଟୋବର ମାସ ତା ୨୦ ଶରେ ଖୋର୍ଦ୍ଧା ମୁକାମ ଜଙ୍ଗଲ ଅଫିସଠାରେ ନିଲାମ କରାଯିବ ଉକ୍ତ ଜଙ୍ଗଲମାନ ସେହି ତାରିଖରେ ଖୁଣ୍ଟାଇ ଦିଆଯିବ ।

| | | |
|---|---|---|
| ଟଙ୍ଗି | ୪୨ | ଏକର |
| ଭଣ୍ଡା | ୨୪୨ | " |
| ବାଲୁପିଣ୍ଡା | ୨୫୨ | " |
| ଭଲୁଣାଇ | ୫୨ | " |
| ଘାଟଟିକ | ୬– | " |
| କଟିଙ୍କ | ୬୫ | " |
| ସୁଦର୍ଶ | ୧୨୫ | " |
| ଉଉଉପୁର | ୯୫ | " |
| ରାମପୁର | ୩୫ | " |
| ରବର | ୨୨ | " |
| ମେଣ୍ଢାଶାଳ | ୨୫,୨ | " |
| ମାନଣା | ୧୩ | " |
| ଶିବନଙ୍ଗଲ | ୧୦ | " |
| ନାରୋପଟ୍ଟି | ୩୬ | " |
| ଉଉଜିର | ୫୯ | " |

ସେହିମାନେ ନିଲାମଦ୍ୱାରା ଖରିଦ କରିବାକୁ ଇଚ୍ଛା କରନ୍ତି ସେମାନେ ଅକ୍ଟୋବର ମାସ ତା ୨୦ ରୁଣ ଦିନକୁ ଉପରୋକ୍ତ ସ୍ଥାନମାନଙ୍କରେ ଥିବା ଜଙ୍ଗଲମାନ ଦେଖି ପାରନ୍ତି । ପରେକ୍ଷ ଉକ୍ତ ଅଫିସର ଷ୍ଟେଟ ଜମା ନେବେ ସେମାନଙ୍କ ମଞ୍ଜୁର କରିବା କଥା ହେବନି ।

T. H, MONTEATH
*Deputy Conservator of forests*
*Puri Division*
23-3-05

---

ଗବର୍ଣ୍ଣମେଣ୍ଟ ମେଡ଼ିକାଲ ଡିପ୍ଲୋମା ପ୍ରାପ୍ତ
ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ସେନ କବିରାଜ ।
ବହୁ ପରୀକ୍ଷିତ, ପ୍ରତ୍ୟକ୍ଷ ଫଳପ୍ରଦ, କବିରାଜୀ ଓ ଶାସ୍ତ୍ରୀୟ ଔଷଧର ସଂକ୍ଷିପ୍ତ ବିବରଣ

# କେଶରଞ୍ଜନ ତୈଲ ।

ଏହି ତେଲ ବ୍ୟବହାର କଲେ କେଶ ବୃଦ୍ଧି, ପରିଷ୍କାର ଏବଂ ସତେଜ ହୁଏ, କେଶ ବହୁଳ ପରିମାଣରେ ବଢ଼େ କେଶ ନରମ ହୁଏ, ମସ୍ତକର ରୁକ୍ଷ ନାଶ ହୁଏ, ଓ କେଶ, ପତନ ନିବାରିତ ହୁଏ । ଏହା, ମସ୍ତିଷ୍କ ରୋଗ, ସ୍ୱାଭାବିକ ଦୁର୍ବଳତା ନାଶ ମୁଣ୍ଡ ଘୂରା, ଚକ୍ଷୁର ଜ୍ୟୋତି, ବୁଦ୍ଧି ଶୈତ୍ୟ ଏବଂ ଶରୀର ବେଦନା ଅପନୋଦନ ହୁଏ

ମୂଲ୍ୟ ଗୋଟିଏ ଶିଶି ଟ ୧ ଟଙ୍କା ଓ ଡାକମାସୁଲ ଟ ୦ ।/

# ପ୍ରମେହ ବିନ୍ଦୁ ।

ସର୍ବପ୍ରକାର ମେହ ବା ଗନୋରିଆର ମହୌଷଧ । ଜନନେନ୍ଦ୍ରିୟ, ମୂତ୍ରସମ୍ବନ୍ଧୀୟ ସବୁ ପ୍ରକାର ମେହ, ପୁରାତନ ମେହ, ସନ୍ଧ୍ୟାପ୍ରଭାବ ପୂର ଏବଂ କ୍ଷତ ଦୂରୀଭୂତ ପ୍ରଧାନ ଔଷଧ । ରୋଗୀ ଯେତେ ଦିନ ଏହି ଔଷଧ ସେବନ କରିବେ । ରୋଗର ସବିଶେଷ ବିବରଣ ଲେଖିଲେ ପତ୍ର ଦ୍ୱାରା ଉପଯୁକ୍ତ ଔଷଧ ପଠାଯାଏ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।/

# ଅର୍ଶୋଜ୍ୱାଳିଷ୍ଟ ।

ସବୁ ପ୍ରକାର ଅର୍ଶ ରୋଗର ମହୌଷଧ । ଏହା ଅର୍ଶଜନିତ ବେଦନା, ରକ୍ତସ୍ରାବ ଅକ୍ଷମତା, ଦୁର୍ବଳତାରେ ଶୀଘ୍ର ଉପକାର କରେ ।

ପ୍ରତି ଶିଶି ଓ ଏକ କୌଟା ବଟିକାର ମୂଲ୍ୟ ଟ ୧୷ ଡାକମାସୁଲ ଟ ୦ ।/

ଅମୃତ ବଲ୍ଲୀ କଷାୟ ।

ପାରଦଦୋଷ, ନାଶକ ଓ ଉପଦଂଶର ଫଳପ୍ରଦ ମହୌଷଧ

ପ୍ରତି ଶିଶିର ମୂଲ୍ୟ ଟ ୧୷ ଡାକମାସୁଲ ଟ ୦ ।/

ଶୋଣିତ ଶୋଧକ ।

ରକ୍ତ ଶୁଦ୍ଧି ଓ ନୂଆ ରକ୍ତ ବୃଦ୍ଧି ପାଇଁ ମହୌଷଧ । ଦୁଇ ସପ୍ତାହ ବ୍ୟବହାର ଯୋଗ୍ୟ ଔଷଧର ମୂଲ୍ୟ ଟ ୪ ଡାକମାସୁଲ ଟ ୧

# ରତିବିଳାସ ।

ଧାତୁ ଦୌର୍ବଲ୍ୟ ଓ ଶୁକ୍ର ଦୋଷଜାତ ସମସ୍ତ ପୀଡ଼ାର ମହୌଷଧ ।

ଅନିୟମିତ ରୂପ ସ୍ୱପ୍ନରେ ଶୁକ୍ରକ୍ଷୟ, ଯୌବନ ସୁଲଭ ଚଞ୍ଚଳତା ବଶତଃ ଅତ୍ୟଧିକ ଅପବ୍ୟୟ ହେତୁ ଦୁର୍ବଳ ତ୍ରୁଟି ପ୍ରଭୃତି ରୋଗର ଶାନ୍ତି, ଶୋଣିତର ଧାତୁ, ଶୁକ୍ରର ଅପବ୍ୟୟ ପୁନଃ ପୂରଣ କରେ ।

ଏକ ଶିଶିର ତୈଳ ଓ ଦୁଇ କୌଟା ବଟିକା ଟ ୪ ଡାକମାସୁଲ ପ୍ରଭୃତି ଟ ୦୷

# ପୁନର୍ନବାସବ ।

ଶୋଥ ଓ ଉଦରୀ ରୋଗର ମହୌଷଧ ଏକ ବୋତଲ ମୂଲ୍ୟ ଟ ୧ ଡାକମାସୁଲ ଟ ୦ ।/

ପ୍ରାପ୍ତି ସ୍ଥାନ

କବିରାଜ ନଗେନ୍ଦ୍ରନାଥ ସେନ ଗୁପ୍ତ
କବିରାଜ ଏବଂ ମାନେଜର

ବାସ୍ତୁଭିଟା, ଢାକା, ଗୋବିନ୍ଦରୋଡ଼,
ଅଥବା ନଗେନ୍ଦ୍ରନାଥ ସେନ କବିରାଜ
୧୮ ଓ ୧୯ ଲୋୟର ଚିତପୁର ରୋଡ଼
କଲିକତା

---

# ବିପଦବନ୍ଧୁ ଔଷଧାଳୟ ।

କଟକ ଚଉଧୁରୀ ବଜାର ଛକ ନିକଟରେ ସ୍ଥାପିତ । ଏଠାରେ ଆୟୁର୍ବେଦୀୟ ଅବଲୋପିତ ଓ ପେଟେଣ୍ଟ ପ୍ରତ୍ୟକ୍ଷ ଫଳପ୍ରଦ ଓ ଅକୃତ୍ରିମ ଔଷଧମାନ ଉଚିତ ମୂଲ୍ୟରେ ବିକ୍ରୀ ହୁଏ । ଉତ୍କଳଦୀପିକାର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ସହାନୁଭୂତି ଓ ତତ୍ତ୍ୱାବଧାନରେ ଔଷଧାଳୟ ପରିଚାଳିତ । ଯେ ଔଷଧର ଫଳ ପରୀକ୍ଷାଦ୍ୱାରା ନିଶ୍ଚିତ ହୋଇଅଛି କେବଳ ସେହି ଔଷଧମାନ ଏଠାରେ ବିକ୍ରୟ ହୁଏ । ଆୟୁର୍ବେଦୀୟ ହେଲେ ମଧ୍ୟ ଯାହା ପ୍ରତ୍ୟକ୍ଷ ଫଳପ୍ରଦ ନୁହେ ଏପରି ଔଷଧ ଏଠାରେ ରଖାଯାଏ ନାହିଁ । ଜଣେ ସୁଦକ୍ଷ ଚିକିତ୍ସକଙ୍କଦ୍ୱାରା ରୋଗ ନିର୍ଣ୍ଣୟ ହୋଇ ଔଷଧର ସୁବ୍ୟବସ୍ଥା ଅଳ୍ପ ମୂଲ୍ୟରେ ଦିଆଯାଏ । ସ୍ଥାନାନ୍ତରର ରୋଗୀ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଡାକଯୋଗରେ ବା ଓଭରଥରେ ସ୍ପଷ୍ଟରୂପେ ଲେଖି ପଠାଇଲେ ଉପଯୁକ୍ତ ଔଷଧର ବ୍ୟବସ୍ଥା ପଠାଯାଏ, ପଥ୍ୟର ସ୍ଥୂଳ ଉପରେ ସେ ଅନୁସାରେ ପାର୍ଶ୍ୱରେ ଡାକ୍ତର ନିକଟକୁ ଔଷଧ ପଠାଯାଏ ନାହିଁ । ଉତ୍ତର ପାଇବା ନିମନ୍ତେ ଟିକଟ ପଠାଇଲେ ଉତ୍ତର ଦିଆଯାଏ ନାହିଁ । କେବଳ ବା ଜନ୍ମକୁଣ୍ଡଳୀ ଲେଖାଥିବା ପତ୍ର ସୁଗ୍ରହଣ ହୁଏ ନାହିଁ । ଔଷଧ ଛଡ଼ା ସୁଗନ୍ଧ ଓ ଅତ୍ୟାବଶ୍ୟକ ଦ୍ରବ୍ୟ ମଧ୍ୟ ଏ ଦୋକାନରେ ବିକ୍ରୟ ହୁଏ ।

ଚିଠିପତ୍ର ଓ ଟଙ୍କା ଇତ୍ୟାଦି ମେନେଜରଙ୍କ ନାମରେ ପଠାଇବେ ।

| | |
|---|---|
| ବିପଦବନ୍ଧୁ ଔଷଧାଳୟ,<br>ଚଉଧୁରୀବଜାର, କଟକ<br>୩୦।୫।୧୯୦୫ | ଶ୍ରୀ ବାଳକୃଷ୍ଣ ଦାସ<br>କବିରାଜ<br>ଶ୍ରୀ ରାମକୃଷ୍ଣ ମୈତ୍ର<br>ମାନେଜର |

---

# NERVE-VIGOR

# ସ୍ନାୟୁଶକ୍ତି ବର୍ଦ୍ଧନ

ଭାରତ ଗଭର୍ଣ୍ଣମେଣ୍ଟର ରେଜେଷ୍ଟରୀ କରା ଅନୁମୋଦିତ ଏହି ଅତ୍ୟାଶ୍ଚର୍ଯ୍ୟ ଔଷଧ ଗତ ବହୁତ ବର୍ଷ ହେଲା ସମ୍ପୂର୍ଣ୍ଣ ସୁଖ୍ୟାତିର ସହିତ ଅତ୍ୟନ୍ତ ଫଳପ୍ରଦ ହୋଇ ଏ ଦେଶରେ ସୁପରିଚିତ ମହୌଷଧରୂପେ ଗଣ୍ୟ ଉତ୍ତମ ଗୁଣକାରୀ ଏବଂ ନିମ୍ନଲିଖିତ ସ୍ନାୟବୀୟ ରୋଗମାନଙ୍କର ନାଶ ଯଥା:—




୧ ଅତ୍ୟଧିକ ପରିଶ୍ରମଜନିତ ମାନସିକ ଅବସାଦ ଅସ୍ୱାସ୍ଥ୍ୟକର ଜଳବାୟୁ, ଇନ୍ଦ୍ରିୟ ଦୋଷ, ଅପଥ୍ୟାହାର ବା ବଂଶାନୁକ୍ରମିକ ରୋଗ ହେତୁ ସ୍ନାୟବୀୟ ଦୁର୍ବଳତା, ସ୍ମରଣଶକ୍ତି ହ୍ରାସ, ଜାଡ୍ୟ, ମାନସିକ ବା ଶାରୀରିକ ଦୌର୍ବଲ୍ୟ, ମସ୍ତିଷ୍କଘୂର୍ଣ୍ଣନ, ଦୃଷ୍ଟିଶକ୍ତିର ହ୍ରାସ, ମାନସିକ ଚିନ୍ତାଶକ୍ତିର ଦୁର୍ବଳ ଇତ୍ୟାଦି, ଅନିଦ୍ରା, ବୁଦ୍ଧିଶକ୍ତି ହ୍ରାସ, ହିଷ୍ଟିରିଆ, ଅଥବା ଯା କୌଣସି କାର୍ଯ୍ୟ କରିବାରେ ଅକ୍ଷମତା, ମାଂସପେଶୀ ଏବଂ ଅଙ୍ଗ ପ୍ରତ୍ୟଙ୍ଗର ଶୈଥିଲ୍ୟ ଅକାଳବାର୍ଦ୍ଧକ୍ୟ, ଜୀବନୀ ଶକ୍ତିର କ୍ଷୀଣତା, ଧ୍ୱଜଭଙ୍ଗ ଇତ୍ୟାଦି—ସ୍ନାୟବୀୟ ଦୌର୍ବଲ୍ୟ ବା ତତ୍ସମ୍ବନ୍ଧୀୟ ରୋଗମାନଙ୍କ ଉପରେ ଏହି ଉପଦେଶ ଗୁଣସମ୍ପନ୍ନ ଔଷଧ ଅଶୁ କ୍ରିୟାକାରକ ଏବଂ ଚିରସ୍ଥାୟୀ ଫଳପ୍ରଦ;

ରୋଗର ସମସ୍ତ କଷ୍ଟପ୍ରଦ ଲକ୍ଷଣମାନ ଅବିଳମ୍ବେ ଅଦୃଶ୍ୟ ହୁଏ ଏହା ବାସ୍ତବରେ ସ୍ନାୟୁ ଏବଂ ମସ୍ତିଷ୍କରେ ନୂତନ ଶକ୍ତି ପ୍ରଦାନ କରେ । ଏପରି କି ଏହାର ବ୍ୟବହାର ପରେ ସ୍ୱାଭାବିକ ସ୍ଫୂର୍ତ୍ତି, ବଳ ଏବଂ ଶକ୍ତିର ସହିତ ସୁସ୍ୱାସ୍ଥ୍ୟ ଏବଂ ମାନସିକ ଶକ୍ତିର ବୃଦ୍ଧି ଯାହା କି ରୋଗୀ ବହୁକାଳ ଅନୁଭବ କରି ନ ଥିଲା ତାହା ପୁନଃ ଅନୁଭବ କରେ ।

ଦୁଇସପ୍ତାହ ବ୍ୟବହାର୍ଯ୍ୟ ଏକବୋତଲର ମୂଲ୍ୟ ଟ ୧।

ଜାଲିଆତମାନଙ୍କର ପ୍ରବଞ୍ଚନା ନିବାରଣ ନିମନ୍ତେ ପ୍ରତ୍ୟେକ ବୋତଲ କେଉଟରେ ଆମର ନାମ ଏବଂ ଠିକଣା ଛପା ହୋଇଥିବା ଦେଖିନେବା ଉଚିତ । ଔଷଧ ଡାକରେ ମଗାନ୍ତୁ ।

ଠିକଣା—ଇ: ପି; ଏଣ୍ଡକୋଂ ୱାର୍କସ୍, ଇଣ୍ଟାଲି କଲିକତା

The E. P. & C. Works,
Intally **CALCUTTA.**



Digitized by srujanika@gmail.com

## NOTICE.

The sale of the articles of the Estate of the late Harihar Nath Pandit, deceased Cuttack, advertised in the Utkal Dipika of the 30th September last, has been postponed by the District Judge on my report as I was informed by Babu Raj Narayan Pandit that the minor Ranee did not want that these should be sold to outsiders.

| | |
|---|---|
| Cuttack<br>Chandinchowk<br>19-10-05. | Gopal Ch. Paharaj<br>Receiver Darpan<br>Estate. |

## ବିଜ୍ଞାପନ ।

ଗତ ସେପ୍ଟେମ୍ବର ମାସ ତା ୩୦ ଉତ୍ତାର ଉତ୍କଳଦୀପିକାରେ ସ୍ୱର୍ଗୀୟ ହରିହର ନାଥ ପଣ୍ଡିତ, କଟକଙ୍କର ଯେଉଁ ଯେଉଁ ପଦାର୍ଥମାନ ବିକ୍ରୟ ହେବାର ନୋଟିସ ବାହାର ଥିଲା, ଉକ୍ତ ପଦାର୍ଥମାନ ବାହାରର ଲୋକଙ୍କୁ ବିକ୍ରୟ କରା ନ ଯିବାର ନାବାଳଗ ରାଣୀ ଇଚ୍ଛା ପ୍ରକାଶ କରିବାରୁ ଓ ତାହା ଆମ୍ଭଙ୍କୁ ବାବୁ ଶ୍ରୀ ରାଜନାରାୟଣ ପଣ୍ଡିତ ଜଣାଇବାରୁ ଆମ୍ଭେ ଜିଲ୍ଲା ଜଜ ସାହେବଙ୍କ ନିକଟ ରିପୋର୍ଟ କରିଥିଲୁଁ ଏବଂ ସାହେବମହୋଦୟ ଉକ୍ତ ବିକ୍ରୟ ସ୍ଥଗିତ ରଖିବାର ଆଦେଶ ପ୍ରଦାନ କରିଅଛନ୍ତି ।

| | |
|---|---|
| କଟକ<br>ଚାନ୍ଦିନୀଚୌକ<br>୧୯।୧୦।୦୫ | ଗୋପାଳଚନ୍ଦ୍ର ପ୍ରହରାଜ<br>ରିସିଭର<br>ଦର୍ପଣ ଷ୍ଟେଟ |

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ । ଢ । ଢେଙ୍କାନାଳ ସବ୍‌ଡିଭିଜନ ମଧ୍ୟ ମୁକାମରେ, ବ୍ରାହ୍ମଣୀ ନଦୀ କୂଳରେ ଓ ଉକ୍ତ ନଦୀ ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ପଡ଼ିଥିବା "୧୨ ଠାରୁ ୪୨" ପର୍ଯ୍ୟନ୍ତ ମୋଟର ଓ '୧୫ଠାରୁ ୧୭' ପର୍ଯ୍ୟନ୍ତ ଲମ୍ବର ଗୋ ୪୯୯୨ ଖଣ୍ଡ ଜଙ୍ଗଲ ସାଲୁଆ ଓ ଅନାଖାଦ୍ୟ କାଠ ଢେଙ୍କାନାଳ ରାଜର ଜଙ୍ଗଲ ଫରେଷ୍ଟ ଅଫିସରଙ୍କ ଦ୍ୱାରା ଆଗାମୀ ନବେମ୍ବର ମାସ ତା ୧ ଉତ୍ତାରେ ନିଲାମ ହୋଇଯିବ ଯେଉଁ ମାନଙ୍କର ନିଲାମରେ କାଠ ଧରିବାର ଇଚ୍ଛା ଥିବ ସେମାନେ ଉକ୍ତ ତାରିଖରେ ଉକ୍ତ ମଧ୍ୟ ମୁକାମରେ ଉପସ୍ଥିତ ହୋଇ ନିଲାମ ଧରିପାରିବେ ଓ ଉକ୍ତ କାଠମାନଙ୍କର ସମସ୍ତ ହାଲ ଜଙ୍ଗଲ ଫରେଷ୍ଟ ଅଫିସରଙ୍କଠାରୁ ବୁଝି ପାରିବେ ।

| | |
|---|---|
| Dhenkanal<br>Manager's office<br>18-10-1905 | Jagannath Dutt<br>Asstt Manager<br>For Manager. |

## NOTICE.

### CUTTACK JEWELLERY WORKS.

ଏତଦ୍ୱାରା ଆମ୍ଭେମାନେ ଆନନ୍ଦର ସହିତ ଜଣାଉଅଛୁଁ କି ଯେ କଟକ ବକ୍ସିବଜାରଠାରେ ଆମ୍ଭେମାନେ ଦେଶୀୟ ଓ ବିଦେଶୀୟ ନୂତନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରିବାର ଯେଉଁ ଗୋଟିଏ ନୂତନ କାରଖାନା ଖୋଲିଅଛୁ ତାହା ଅନୁମାନ ପ୍ରାୟ ଦଶମାସ ହେବ ଖୁବ ସୁଖ୍ୟାତିର ସହିତ ଚଳିଆସୁଅଛି । ଏହି ଅଳ୍ପ ସମୟ ମଧ୍ୟରେ ଏହି କାରଖାନା ଯାହା ଉନ୍ନତି ଲାଭ କରିଅଛି ତାହା, ତଳଲିଖିତ ବଡ଼ପଦସ୍ଥ ମହାମହଙ୍କୁ ସମସ୍ତେ ଅବଗତ ହୋଇପାରିବେ । ବର୍ତ୍ତମାନ ଆମ୍ଭେମାନେ ଉକ୍ତ କାରଖାନାକୁ ଗୋଟିଏ ବୃହତ୍ କମ୍ପାନୀ ସ୍ୱରୂପ ଗଠନ କରି ସିଳସମାନ ଅଂଶର ସସ୍ତା ମୂଲ୍ୟରେ ଦେବା ନିମନ୍ତେ ମନସ୍ଥ କରିଅଛୁ । ଉକ୍ତ କମ୍ପାନୀରେ ଯେଉଁମାନେ ଅଂଶୀଦାର ହେବାକୁ ଇଚ୍ଛା କରନ୍ତି ସେମାନେ ଆଗତ ଡିସେମ୍ବର ତା ୨୮ ଉତ୍ତ ମଧ୍ୟରେ ତଳଲିଖିତ ଠିକଣାକୁ ଲେଖି ପଠାଇଲେ ସମସ୍ତ ବିଷୟ ଜାଣି ପାରିବେ । ପ୍ରକାଶ ଥାଉକି ଉକ୍ତ କାରଖାନା ସହିତ ଆମ୍ଭେମାନେ ସଡ଼ୀ ଓ ଚଷମା ଇତ୍ୟାଦିର ଗୋଟିଏ ନୂତନ ଶାଖା ଖୋଲିଅଛୁ । ଆଶାକରୁଁ ଦେଶ ହିତୈଷୀ ଭଦ୍ର ବ୍ୟକ୍ତି ମାନେ ଥରେ ଆସି ଦେଖିବାଦ୍ୱାରା ଆମ୍ଭମାନଙ୍କୁ ଚରିତାର୍ଥ କରିବେ।

| | |
|---|---|
| କଟକ<br>୨୧।୧୦।୦୫ | ଶ୍ରୀ ପରମାନନ୍ଦପ୍ରୁଷ୍ଟି ମେନେଜର<br>କଟକ ଯୁଏଲର ଓର୍ଦ୍ଦର୍<br>ବକ୍ସିବଜାର କଟକ |

Mr. F. N. FISCHER, the late Collector of Cuttack, who visited the above firm on the 9th October 1905, writes:— "Visited the Cuttack Jewellery works. The designs are neat and the work fine. I have ordered several things in filegree.

Mr. W. TEUNON, I. C. S. the late Session Judge of Orissa who took some silver stoppers from the above writes in a letter from Bhagalpure; "Messrs G. C. Prusty & Co. of Buxibazar supplied me with two silver stoppers. They were of very neat workmanship."

Babu BIDHU BHUSAN CHAKERBRATTY, the late Sudjudge of Cuttack who was a great patron of the above firm and visited several times writes:— "Visited the Cuttack Jewellery Works of G. C. Prusty & Co. of Buxibazar Cuttack. I was satisfied with every thing I saw. The workmanship is nice and the prices charged are moderate. I wish the concern every success. It deserves public encouragement and patronage."

Babu SURJONARAYAN DAS, additional Subjudge of Cuttack writes:—"I have much pleasure to certify that the firm of G. C. Prusty & Co. of Buxibazar Cuttack are turning out Jewellries and filigree works of good design and choyce. Recently I bought some of them which in respect of design and workmanship were creditable to the good reputation of the firm and gave me entire satisfaction. I trust the public will patronize as the articles appear to be cheaper than many other similar firms."

Babu G. C. GANGULI, professor, Ravenshaw College, who visited the workshop on the 5th March 1905. writes :— The time has come when our arts and industries should be actively encouraged by our countrymen. The workmanship of the Art Wares I have seen is neat indeed, and I shall be glad to hear of the success of this business in the near future" Besides these there are several others which can be seen in our Visitor's book.

# ଉତ୍କଳଦୀପିକା ।

ମା ଅନ୍ନପୂର୍ଣ୍ଣା ଆମ୍ଭମାନଙ୍କୁ ଗୁରୁତର ଅନ୍ନକଷ୍ଟରୁ ରକ୍ଷା କରିବା ପାଇଁ ଆଗମନ କରିଥିଲେ । ଆମ୍ଭେମାନେ ସମସ୍ତେ ଉକ୍ତ ଅନ୍ନ ଉତ୍ସବରେ ତାଙ୍କର ସେବାରେ ବ୍ୟସ୍ତ ଥିଲୁଁ । ବର୍ତ୍ତମାନ ସମସ୍ତେ ସାଂସାରିକ କାର୍ଯ୍ୟରେ ବ୍ୟସ୍ତ ହେଲେଣି । ମାଙ୍କ ସେବା ସହାସେ ଯାହା ଅବକାଶ ପାଇଥିଲୁଁ ତାହା ଶେଷ ହେଲା । ଆମ୍ଭେମାନେ ସ୍ୱଦେଶରେ ଉପସ୍ଥିତ ହୋଇ ଉତ୍ସବ ଅନୁଷ୍ଠାନ ସମସ୍ତଙ୍କୁ ଯଥାବିଧି ଅଭିବାଦନ କରୁଅଛୁଁ ଓ ଆଶାକରୁଁ ସେମାନେ ପୂର୍ବବତ୍ ଆମ୍ଭମାନଙ୍କୁ ଅନୁଗ୍ରହ, ସ୍ନେହ ଓ ଦୟାଦ୍ୱାରା ଉତ୍ସାହିତ କରିବେ ।

ମା ଅନ୍ନପୂର୍ଣ୍ଣା ମର୍ତ୍ତ୍ୟଭୂମିରେ କ୍ରୀଡ଼ା କରି ସ୍ୱଧାମକୁ ଗଲେଣି । ଆମ୍ଭେମାନେ ବର୍ତ୍ତମାନ ସଂସାର ଚକ୍ରରେ ଉପସ୍ଥିତ ହୋଇଅଛୁଁ । ଏହା ଗୁରୁତର କଥା ଯାହାରେ ମାଙ୍କ ସେବା ହୋଇଥିଲା । ଅବାଧ ନିର୍ମଳ ହୋଇ ମାଙ୍କ ସନ୍ତାନ ସନ୍ତତିମାନେ ତାଙ୍କର ଦର୍ଶନ ଅନ୍ତେରେ ପାଇଅଛନ୍ତି । ମାଙ୍କ ମେଘ ବର୍ଷଣ ହେବାରୁ ଯାହା ବଛ ଫସଲର ଆଶା କରୁଥିଲେ ସେଥି ପ୍ରତି ସନ୍ଦେହ ଉପସ୍ଥିତ ହୋଇଅଛି । ଖାଦ୍ୟ ଫସଲ ଏ ଦେଶରେ ବଡ଼ ଉତ୍ତମ ହୋଇଅଛି । କିନ୍ତୁ ଆଶାନୁରୂପ ହେଲା ନାହିଁ । ଶାରଧ ଭାଳକୂଳରେ ଅବା ଭାଇ ଜଳ ପ୍ରାପ୍ତ ସ୍ଥାନରେ ଆଶାନୁରୂପ ହୋଇଥିଲେହେଁ ଉପର ପାଣି ନ ପଡ଼ିବାରୁ ଫସଲ ଉପୁଜିବାରେ ନଷ୍ଟ ହେବାର ଆଶଙ୍କା । ଅତ୍ୟଧିକ ସ୍ଥାନରେ ବୃଷ୍ଟି ଅଭାବରୁ ଧାନଗଛ ପ୍ରତି ବାଧା ଉପସ୍ଥିତ ହୋଇଅଛି । ପୋଖରୀ ଗାଡ଼ିଆରେ ପାଣି ନାହିଁ ଯେ ଯେଖାଣରେ କୋହ ବଞ୍ଚିବ ପାଣି ମଡ଼ାଇବଥିବ । ମାଙ୍କୁ ଜଣାଏ ହେଲ ବର୍ତ୍ତମାନ ଆମ୍ଭେମାନେ ଭାବନାରେ ପଡ଼ିଅଛୁଁ । କୃଷିମାନେ ଧାରିଲୁ ଗୃହେ ଧର ଅନାଇ ବସିଛନ୍ତି । ଏ ସମ୍ବନ୍ଧରେ ମେଘ ବାହାରିଅଛି ମାତ୍ର କଣା ଏପର୍ଯ୍ୟନ୍ତ ହୋଇ ନ ଥିଲା ଭଲ ବର୍ଷା କହିବେ ବର୍ଷା ଆରମ୍ଭ ହୋଇ ଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter



ଗତ ତା ୭ ରିଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ମୃତ୍ୟୁ ସଂଖ୍ୟା ୩୬୨୪ ହୋଇଅଛି । ତନ୍ମଧ୍ୟରେ ଏକା ବୋମ୍ବାଇରେ ୨୩୨୭ ଥିଲା ମାନ୍ଦ୍ରାଜରେ ୧୮୬ ବଙ୍ଗଳାରେ ୯୭, ସଂଯୁକ୍ତ ପ୍ରଦେଶରେ ୯୫, ପଞ୍ଜାବରେ ୩୧, ବ୍ରହ୍ମଦେଶରେ ୧୧୨ ମଧ୍ୟପ୍ରଦେଶରେ ୪୭୮, ମହୀସୂରରେ ୧୦୬, ହାଇଦରାବାଦରେ ୧୮୨, ମଧ୍ୟଭାରତରେ ୧୮, ରାଜପୁତନାରେ ୧ ଓ କାଶ୍ମୀରରେ ୧ ଥିଲା । ବୋମ୍ବାଇରେ ମୃତ୍ୟୁସଂଖ୍ୟା ବୃଦ୍ଧି ହେବାର ଦେଖାଯାଉଅଛି ।

---

ଏ ନଗରରେ ଅନେକବର୍ଷରୁ ଲକ୍ଷ୍ମୀପ୍ରତିମା ହେଉ ନ ଥିଲା । ଗତ କେତେକ ବର୍ଷ ହେଲା ଚୌଧୁରୀବଜାରର ଜନାର୍ଦ୍ଦନ ମଲ୍ଲିକ ଲକ୍ଷ୍ମୀପୂଜା କରୁଥିବାରୁ ସେ ଅଭାବ ଦୂରୀଭୂତ ହୋଇଅଛି । ଗତ କୁମାରପୂର୍ଣ୍ଣିମା ଦିନର ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲେହେଁ ଗତ କାଲି ପ୍ରତିମା ଜଳଶାୟୀ ହେଲେ । ପ୍ରାୟଂ ଦେବୀ ୬ ଦିନକାଳ ଭୋଗ ଖାଇଲେ । ସେ ଯାହା ହେଉ ପ୍ରତିମା ଅତୀବ ସୁନ୍ଦର ହୋଇଥିଲା । ମେଢ଼ଟି ନୂଆ ହେଲେହେଁ ସାଜସଜ୍ଜା ମନ୍ଦ ନ ଥିଲା । ଅନ୍ୟସ୍ଥାନପ୍ରଚଳିତ ପଦ୍ମାସନା ନ ହୋଇ ଦେବୀଙ୍କ ବାହାନ ଗଜ ହୋଇଥିଲା ଏବଂ ମୂର୍ତ୍ତିଟି ଚତୁର୍ଭୁଜା ଥିଲା । ଗତ ଦୁଇ ବର୍ଷ ହେଲା କାଳିବଜାରରେ ମଧ୍ୟ ଲକ୍ଷ୍ମୀପ୍ରତିମା ହେଉଅଛି । ଏ ପ୍ରତିମା ସାଧାରଣ ପଦ୍ମାସନା ଚତୁର୍ହସ୍ତ ବିଶିଷ୍ଟା ଥିଲା ଏବଂ ସାଜସଜ୍ଜା ଓ ପ୍ରତିମା ମନ୍ଦ ନ ଥିଲା । ସେଠା ଲକ୍ଷ୍ମୀ କୁମାରପୂର୍ଣ୍ଣିମାର ବାସି ଦିନ ଜଳଶାୟୀ ହୋଇଥିଲେ ।

---

ଗତମାସ ତା ୧୬ ରିଖ କାର୍ତ୍ତିକ ୧ ଦିନ ବଙ୍ଗଦେଶ ଦ୍ୱିଖଣ୍ଡିତ ହେବା ହେତୁ ସେହିଦିନଟି ବଙ୍ଗଳା ଅଧିବାସୀମାନଙ୍କର ଗୋଟିଏ ସ୍ମରଣୀୟ ଦିନ ଥିଲା । ସେହି ହେତୁ ଏ ନଗରରେ ମଧ୍ୟ ପ୍ରତିପାଳିତ ହୋଇ ଥିଲା । ତା ୧୬ ରିଖ ପ୍ରାତଃକାଳରେ ଅନେକ ବଙ୍ଗବାସୀଙ୍କ ସହିତରେ ଶତାଧିକ ସ୍କୁଲଛାତ୍ର "ବନ୍ଦେମାତରଂ" ଲିଖିତ ପତାକା ଧରି ଜାତୀୟ ସଙ୍ଗୀତ ଗାନ କରି ନଗର କୀର୍ତ୍ତନ କରି ବୁଲି ଥିଲେ । ସମସ୍ତେ ହସ୍ତରେ ରାକ୍ଷି ବନ୍ଧନ କରିଥିଲେ ଏବଂ ବଜାରରେ ଅନେକ ଲୋକଙ୍କ ହସ୍ତରେ ରାକ୍ଷି ବାନ୍ଧି ଦେଉଥିଲେ । ଏକତା ବନ୍ଧନ ଏହି ରାକ୍ଷିର ଉଦ୍ଦେଶ୍ୟ ଥିଲା ସୁତରାଂ ଏହି ବନ୍ଧନରେ ଜାତି ନିର୍ବିଶେଷ କରା ନ ଥିଲା । ଝୁଲଣ ପୂର୍ଣ୍ଣିମା ଦିନ କେବଳ ହିନ୍ଦୁମାନଙ୍କ ହସ୍ତରେ ରାକ୍ଷିବନ୍ଧା ଥିବାର ଦେଖାଯାଏ କିନ୍ତୁ ଏହି ଦିନରେ ହିନ୍ଦୁ ମୁସଲମାନ ସମସ୍ତଙ୍କ ହସ୍ତରେ ରାକ୍ଷିବନ୍ଧା ଥିବାର ଦେଖିବା ଗୋଟିଏ ନୂତନ ଦୃଶ୍ୟ ହୋଇଥିଲା । କେହି ରାକ୍ଷିବାନ୍ଧିବା ସକାଶେ ହାତ ଦେଖାଇବାକୁ କୁଣ୍ଠିତ ହେଉ ନ ଥିଲେ । ଏହା ଅବଶ୍ୟ ସୁଖର ବିଷୟ ଅଟେ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ପ୍ରଧାନ ଜମିଦାର ସାମନ୍ତ ରଜତରଞ୍ଜନ ଦାସ ଗତ ତା ୭ ରିଖ ନବମୀ ଦିବସ ଇହ ସଂସାର ପରିତ୍ୟାଗ କରିଅଛନ୍ତି । ସାମନ୍ତ ମହୋଦୟ ବାଲେଶ୍ୱରରେ ଜଣେ ପ୍ରଥମ ଗଣ୍ୟ ମାନ୍ୟ ବ୍ୟକ୍ତି ଥିଲେ । ସେ ଅତ୍ୟନ୍ତ ଧର୍ମପରାୟଣ, ପ୍ରଜାବତ୍ସଳ, ଶାନ୍ତ ଓ ହିତାନୁଷ୍ଠାନବାନ୍ ଥିଲେ । ତାଙ୍କର ଦୟାଗୁଣ ଅତ୍ୟଧିକ ଥିଲା ମୃତ୍ୟୁସମୟରେ ତାଙ୍କର ବୟସ ୫୩ ବର୍ଷ ହୋଇଥିଲା । ସୁତରାଂ ଅପରିପକ୍ୱ ବୟସରେ ଇହସଂସାରରୁ ବିଦାୟ ନେବାକୁ ହେଲା ବଡ଼ ଆକ୍ଷେପର ବିଷୟ ଅଟେ । ସହଯୋଗୀ ସମ୍ବାଦବାହିକା ବ ୧୩ ବର୍ଷ କାଳ ଏ ମହାତ୍ମାଙ୍କ ସାହାଯ୍ୟରେ ଚଳିଆସୁଥିଲେ । ଏ ସମୟରେ ଏହାଙ୍କ ଦୁଃଖ ଅଧିକ । ସାମନ୍ତଙ୍କର କେହି ପୁତ୍ର ନାହାନ୍ତି ମାତ୍ର ତାଙ୍କର ଯୋଗ୍ୟ ଭ୍ରାତୃଷ୍ପୁତ୍ର ସାମନ୍ତ ରାଧାଚରଣଦାସ ଓଡ଼ିଶାରେ ସୁପରିଚିତ; ବର୍ତ୍ତମାନ ସେ ଓ ତାଙ୍କର ଅନ୍ୟ ଏକ ଭାଇ ସାମନ୍ତ ମହୋଦୟଙ୍କର ଉତ୍ତରାଧିକାରୀ ଅଟନ୍ତି । ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍ଗତି ପ୍ରାର୍ଥନା କରୁଅଛୁଁ ।

---

ପୁରୀରେ ସ୍ୱଦେଶୀ ଆନ୍ଦୋଳନ ବିଶେଷରୂପେ ଲାଗିଅଛି । ପୂଜା ଅବସରରେ ଅନେକ ବଙ୍ଗୀୟ ଭଦ୍ରଲୋକ ଆସି ଏଠାର ଛାତ୍ରମାନଙ୍କ ସହିତ ଯୋଗ ଦେଇ " ବନ୍ଦେ ମାତରଂ " ଶବ୍ଦରେ ପୁରୀ ନଗରୀ ପ୍ରତିଧ୍ୱନିତ କରୁଥିଲେ । କୁମାର ପୂର୍ଣ୍ଣିମାରେ ସ୍ଥାନୀୟ ଉତ୍କଳୀୟମାନେ ଅନେକ ନୂତନ ବସ୍ତ୍ର କ୍ରୟ କରନ୍ତି । ଏଥି ହେତୁରୁ ଛାତ୍ରମାନେ ପତାକା ହସ୍ତେ ସାହି ବୁଲି ଓ ଛକ ଜାଗାମାନଙ୍କରେ ଠିଆ ହୋଇ ସ୍ୱଦେଶୀୟ ବସନ ଭୂଷଣାଦିର ବ୍ୟବହାର ପ୍ରତି ଲୋକମାନଙ୍କୁ ପ୍ରବର୍ତ୍ତାଇଥିଲେ ଏବଂ କୁମାରପୂର୍ଣ୍ଣିମା ଦିନ ଯେପରି ବିଲାତି ବସ୍ତ୍ର ବିକ୍ରୟ ନ ହୁଏ ସେଥି ପ୍ରତି ଛାତ୍ରମାନେ ସବିଶେଷ ପରିଶ୍ରମ କରିଥିଲେ । ସେମାନଙ୍କ ଚେଷ୍ଟାରେ ଏବର୍ଷ ଅନ୍ୟାନ୍ୟବର୍ଷଠାରୁ ବିଲାତି ଲୁଗାର ବିକ୍ରୟ ଅନେକ ଊଣା ଥିଲା । ଏଠାର ପ୍ରଧାନ ଅଧିବାସୀ ସେବକମାନେ ଏପର୍ଯ୍ୟନ୍ତ ପୂଜା କାର୍ଯ୍ୟ ନିମନ୍ତେରେ ପ୍ରାୟ ବିଲାତି ଲୁଗା ବ୍ୟବହାର କରନ୍ତି ନାହିଁ ମାତ୍ର ହାଲ ବର୍ଷକୁ କେହି୨ ସୌଖିନ ରୂପ ବିଲାତିଲୁଗା ପରିଧାନ କରୁଅଛନ୍ତି । ଛାତ୍ରମାନଙ୍କ ଉତ୍ତେଜନାରେ ଅନେକେ ସାଧାରଣ ବିଲାତିଦ୍ରବ୍ୟ ପରିହାର କରିବା ସକାଶେ ପ୍ରତିଜ୍ଞା କରିଅଛନ୍ତି ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ରାୟ ହରିବଲ୍ଲଭ ବସୁ ବାହାଦୁର ଆପଣାର କଲିକତାସ୍ଥ ଆବାସ ଗୃହରେ ଗତ ରବିବାର ସନ୍ଧ୍ୟାସମୟରେ ଇହଲୀଳା ସମ୍ବରଣ କରିଅଛନ୍ତି । ଓଡ଼ିଶାମଧ୍ୟରେ ରାୟ ବାହାଦୁର ଯେ ଜଣେ ବିଶିଷ୍ଟ ଲୋକ ଥିଲେ ଏଥିରେ ସନ୍ଦେହ ନାହିଁ ଏବଂ ସେ ଯୋଗ୍ୟତା ସହିତ ବହୁକାଳ ସରକାର ଓକିଲ କାର୍ଯ୍ୟ ଚଳାଇ ସୁଖ୍ୟାତି ଅର୍ଜିଥିଲେ । ଓକାଲତିରେ ସେ ଯେମନ୍ତ ଯୋଗ୍ୟ ଥିଲେ ତେମନ୍ତ ଧନ ମଧ୍ୟ ଅର୍ଜିଥିଲେ । କିନ୍ତୁ ଅର୍ଥବ୍ୟୟରେ ସାଧାରଣ ଉପକାର ଜନକ ସ୍ଥାୟୀ କୀର୍ତ୍ତି ସ୍ଥାପନର କଳ୍ପନା ତାଙ୍କ ମନରେ ଜାଗ୍ରତ ହୋଇଥିଲେହେଁ ଦୈବଯୋଗେ ତାହା ମୂର୍ତ୍ତିମନ୍ତରେ ପରିଣତ କରିପାରି ନାହାନ୍ତି । ତଥାପି ତାଙ୍କର କ୍ଷୁଦ୍ର୨ ଦାନର ସୀମା ନ ଥିଲା । କୌଣସି ପ୍ରାର୍ଥୀ ଖାଲି ଅର୍ଥରେ ତାଙ୍କଠାରୁ ଫେରି ଆସି ନାହାନ୍ତି ଏବଂ ତାଙ୍କର ମୃତ୍ୟୁରେ ଅନେକ ନିର୍ଦ୍ଦିଷ୍ଟ ଦାନଭୋଗୀ ଶୋକସାଗରରେ ନିମଗ୍ନ ହୋଇଅଛନ୍ତି । ତାଙ୍କପରି ଦାନଶୀଳ ବ୍ୟକ୍ତି ଓ ପରମାର୍ଥଦାତା ଓଡ଼ିଶାରେ ଅଳ୍ପ ନାହାନ୍ତି ଏବଂ ଏଭଳି ଲୋକଙ୍କର ବିରହରେ ଆମ୍ଭେମାନେ ଯେ ବିଶେଷ ଦୁଃଖିତ ହୋଇଅଛୁଁ ବୋଲିବା ବାହୁଲ୍ୟ । ଈଶ୍ୱର ତାଙ୍କର ଆତ୍ମାର କୁଶଳ ବିଧାନ କରନ୍ତୁ ଏହିକ ପ୍ରାର୍ଥନା ।

---

ମାନ୍ୟବର ଲେପ୍ଟେନେଣ୍ଟ ସାର ଏଣ୍ଡ୍ରୁ ଫ୍ରେଜର ବାହାଦୁର ଗତ ତା ୧୩ ରିଖରୁ ଦାର୍ଜିଲିଙ୍ଗ ପରିତ୍ୟାଗ କରି ଗସ୍ତରେ ବାହାରି ଅଛନ୍ତି । ତା ୧୯ ରିଖ ଦିବସ ହାଉଡ଼ାରେ ପହଞ୍ଚି ପୁଣି ଉକ୍ତ ସ୍ଥାନ ପରିତ୍ୟାଗ କରି ଖୋର୍ଦ୍ଧା ସ୍ଥାନରେ ୧୦ଟା ସମୟରେ ଉପସ୍ଥିତ ହୋଇଥିବେ ଓ ସେଠାରେ ଦୁଇଘଣ୍ଟା କାଳ ଅବସ୍ଥାନ କରି ଦିବା ଘ ୧୨।୩୮ ମିନିଟ ସମୟରେ ଉକ୍ତ ସ୍ଥାନ ପରିତ୍ୟାଗ କରି ଅପରାହ୍ନ ଘ ୫।୩୮ ମିନିଟ ସମୟରେ ଖାସ ଗାଡ଼ିରେ ସମ୍ବଲପୁରରେ ଉପସ୍ଥିତ ହେବାର ସ୍ଥିର ହୋଇଥିଲା । ସଙ୍ଗରେ ଲେଡି ଫ୍ରେଜର ପ୍ରାଇଭେଟ ସେକ୍ରେଟରୀ ଗୋରଲେ, ଏଡ଼ିକଂ । କାପ୍ତାନ ବ୍ରେଣ୍ଡୀ ଓ ଅମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଡ, ଏଫ, ଗ୍ରଉସ ଓ ବ୍ରିଟିଶ ସରକାର ଡାଇରେକ୍ଟର ମିଃ ଜେ, ଏଚ, କର ଗମନ କରୁଅଛନ୍ତି । ଶେଷ ଦୁଇଜଣ ସମ୍ବଲପୁରଠାରେ ସଙ୍ଗଯୋଗ କରିବେ । କୋବଲେଟ ବାହାଦୁର ସେଠାରେ

Digitized by srujanika@gmail.com

ତା ୨୦ ରିଖ ଶେଷ ପର୍ଯ୍ୟନ୍ତ ଅବସ୍ଥାନ କରି ତା ୨୧ ରିଖ ଦିବସ ପ୍ରାତଃ ଘ ୭ ଟା ସମୟରେ ଖାସ ଗାଡ଼ି ଦ୍ୱାରା ଝାରସୁଗୁଡ଼ାକୁ ବିଜେ ମାନ କରିବେ ପୁଣି ସେଠାରୁ ଚକ୍ରଧରପୁର ଦେଇ ଚାଇବସାରେ ଉପସ୍ଥିତ ହେଲା ବେଳକୁ ଅପରାହ୍ନ ଘ ୪ ଟା । ଚୈବସାରେ ତିନିଦିନ ଅବସ୍ଥାନ କରି ତା ୨୪ ରିଖ ଦିବସ ଉକ୍ତ ସ୍ଥାନ ପରିତ୍ୟାଗ କରି ଚକ୍ରଧରପୁର ବାଟେ ଝାରସୁଗୁଡ଼ାକୁ ପ୍ରତ୍ୟାଗମନ କରିବେ । ଝାରସୁଗୁଡ଼ାରେ ପହଞ୍ଚିଲା ବେଳକୁ ବେଳ ରାତ୍ର ଘ ୪।୩୦ ମିନଟ ହେବ । ଲେପ୍ଟେନେଣ୍ଟ ବାହାଦୁରଙ୍କ ଉପରୋକ୍ତ ସ୍ଥାନକୁ ଗମନ ପ୍ରାଇଭେଟ ହେବ ସୁତରାଂ କଲିକତାରେ ପହଞ୍ଚିଲେ ନିଯୁମିତ ସଲାମି ତୋପ ଦିଆଯିବ ।

———

ଭଗବତୀ ଜଗଜ୍ଜନନୀଙ୍କ କୃପାରୁ ଏବର୍ଷ ଯୁକ୍ତିର ପୂଜା ମହୋତ୍ସବ ନିର୍ବିଘ୍ନେ ଅତିବାହିତ ହୋଇଅଛି । ସେଠାରେ ତା ୪ ରିଖ ବୁଧବାର ସପ୍ତମୀପୂଜା ହୋଇ ତା ୭ ରିଖ ଶନିବାର ଦଶହରାଦିନ ବିସର୍ଜନ ହୋଇଥିଲା । ରବିବାର ତା ୮ ରିଖ ଦିନ ଅପରାହ୍ନ ଘ ୫ ଟାଠାରୁ ମୂର୍ତ୍ତି ଗୁଡ଼ିକମାନେ ସିଂହଦ୍ୱାରରେ ଏକତ୍ରିତ ହୋଇଥିଲେ । ଅନ୍ୟାନ୍ୟବର୍ଷଠାରୁ ଏବର୍ଷ ମୂର୍ତ୍ତିମାନଙ୍କ ସାଜସଜ୍ଜା କୌଣସିରୂପେ ଊଣା ନ ଥିଲା କେତେକେତେକ ପ୍ରତିବିମ୍ବ ମୂର୍ତ୍ତି ଆକାରରେ ଛୋଟ ହୋଇଥିଲେ । ମେଢ଼ ମଧ୍ୟରେ କୁମଣ୍ଡା ଦେଖି ଉତ୍କୃଷ୍ଟ ଥିଲେ । ଏବଂ ବାଲିବାଟୀ ମୂର୍ତ୍ତି ପୂର୍ବ ପ୍ରାୟ ସାଜ ସଜ୍ଜା ଓ ଉଚ୍ଚତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ଅତି ମଧ୍ୟ ମାଝିମଣ୍ଡପସାହିର ଶୂନ୍ୟମୂର୍ତ୍ତି ବିଶେଷ ଆଶ୍ଚର୍ଯ୍ୟପ୍ରଦ ହୋଇଥିଲା । କେବଳ ସିଂହ ଏକପାଦ ମାତ୍ର ଭୂମିରେ ରଖି ଦେହ ଅନ୍ୟ ତିନିପାଦ ଶୂନ୍ୟରେ ରଖି ଶୂନ୍ୟସ୍ଥ ମହିଷାସୁରକୁ କାମୋଡ଼ି ରହିଅଛି ତଦୁପରି ଭଗବତୀ ସ୍ୱମାହାତ୍ମ୍ୟ ଧାରଣ କରି ଦଣ୍ଡାୟମାନ ହୋଇଥିଲେ । ଛୋଟ ବଡ଼ ୧୦।୧୫ ଗୋଟି ନାଗା ମଧ୍ୟରୁ ଘାଇସାହି ନାଗା ଅତି ସାଜ ଓ ବେଶ ଭୂଷାରେ ସୁସଜ୍ଜିତ ହୋଇଥିଲା । ମହାଦେବ, ଗଣେଶ, ରାମ କୃଷ୍ଣ, ମାଳି, ମହନ୍ତ ଏବଂ ସାଧୁଅ ହେଲା ପ୍ରଭୃତି ବାଜେ ପ୍ରତିମା ମଧ୍ୟରେ ବନ୍ଦିଅଣ୍ଡା ମହାଦେବ ଓ ଚୈତନ୍ୟ ମୂର୍ତ୍ତି ଅତି ସୁନ୍ଦର ହୋଇଥିଲେ ଲାଉଡ଼ି ଗଉଡୁଣୀଙ୍କ ମୋହନମାନେ ସାହେବଙ୍କର ଭଳି ଦେଖିବା ଦୃଶ୍ୟ କୌତୁକୋଦ୍ଦୀପକ ହୋଇଥିଲା । ରାତ୍ର ଘ ୧୨ ଟା ପରେ ମୂର୍ତ୍ତି ସବୁ ଜଳଶାୟୀ ହୋଇଥିଲେ । ଏ ଦିନ ମଫସଲରୁ ଅନେକ ଲୋକ ଆସିଥିଲେ । ପ୍ରାୟ ୨୦।୨୫ ହଜାର ଦର୍ଶକ ସମାଗମ ହୋଇଥିଲା ଏବଂ ବର୍ଷା ନ ଥିବାରୁ ଲୋକେ ଆନନ୍ଦରେ ବୁଲି ଦେଖିଥିଲେ ।

———

ଆମ୍ଭମାନଙ୍କର ଲେପ୍ଟେନାଣ୍ଟ ବାହାଦୁର ମହାମାନ୍ୟ ଶ୍ରୀଯୁକ୍ତ ସର ଏଣ୍ଡ୍ରୁ ଫ୍ରେଜର ଗତତ ମାସର ତା ୧୩ ରିଖ ଭୋର ଦାର୍ଜିଲିଂରୁ ବାହାରି ତା ୧୫ ରିଖ ଭୋର ସମ୍ବଲପୁରଠାରେ ପହଞ୍ଚିଅଛନ୍ତି । ତାହାଙ୍କର ଅଭ୍ୟର୍ଥନା ସକାଶ ଛତିଶଗଡ଼ର କମିଶନର ଶ୍ରୀଯୁକ୍ତ ଲର ସାହେବ, ସମ୍ବଲପୁରର ଡେପୁଟି କମିଶନର ଶ୍ରୀଯୁକ୍ତ ଚିଟନିସ ସାହେବ ଓ ଅଙ୍ଗ୍ୟାଙ୍ଗ୍ୟ ହେଭେନ୍ସ ସାହେବ ଓ ସ୍ଥାନୀୟ କର୍ମଚାରୀମାନେ ଷ୍ଟେସନଠାରେ ଉପସ୍ଥିତ ଥିଲେ । ଏ ଦିନ ଅପରାହ୍ନ ପାଟଣା, ସୋନପୁର, ବାମଣ୍ଡା, ରେଢ଼ାଖୋଲ ଓ ଗାଙ୍ଗପୁରର ରାଜାମାନେ ଲେପ୍ଟେନାଣ୍ଟଙ୍କ ସହିତ ବନ୍ଧୁତ୍ୱ କଲ୍ୟାଣ ଦେଖା କରିଥିଲେ । କଳାହାଣ୍ଡିର ରାଜା ନମା ବ ୧୦ ବର୍ଷ ବୟସ୍କ ଥିବାରୁ ସ୍ୱୟଂ ନ ଆସି ତାଙ୍କ ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରତିନିଧି ସ୍ୱରୂପ ପଠାଇଥିଲେ । ତା ୧୬ ରିଖ ଅପରାହ୍ନ ନବନିର୍ମିତ ଭିକ୍ଟୋରିଆ ଟାଉନ ହଲରେ ଲେପ୍ଟେନାଣ୍ଟ ବାହାଦୁରଙ୍କୁ ମିଉନିସିପାଲିଟି ଓ ଡିଷ୍ଟ୍ରିକ୍ଟ କାଉନ୍ସିଲ ପକ୍ଷରୁ ଗୋଟିଏ ଅଭିନନ୍ଦନ ପତ୍ର ଦିଆଯାଇଥିଲା । ଶାରୀରିକ ଅସୁସ୍ଥତା ଯୋଗୁଁ ଆମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ ଗ୍ରାଉସ୍ ସାହେବ ଏ ଦିନ ସେଠାରେ ଉପସ୍ଥିତ ନ ଥିଲେ । ଅଭିନନ୍ଦନ ପତ୍ରରେ ମ୍ୟୁନିସିପାଲିଟିର ଶ୍ରୀବୃଦ୍ଧି, ଆଗାମୀ ବର୍ଷରୁ ପ୍ରାଥମିକଶିକ୍ଷା ସକାଶ ମ୍ୟୁନିସିପାଲିଟିର ଟ ୩,୭୦୦ ଙ୍କା ଦାନ, ପଶୁଚିକିତ୍ସାଳୟ ସ୍ଥାପନ, ଡିଷ୍ଟ୍ରିକ୍ଟ କାଉନ୍ସିଲର ଅତି ଅଳ୍ପ ଆୟ ଦୃଷ୍ଟିରେ ଗଭର୍ଣ୍ଣମେଣ୍ଟ କର୍ତ୍ତୃକ ପ୍ରଚୁର ସାହାଯ୍ୟ, ଜଣେ ଜିଲ୍ଲା ଜଜ ସେଠାରେ ରହିବାର ପ୍ରାର୍ଥନା ଆଦି କେତେକ ବିଷୟର ଉଲ୍ଲେଖ ଥିଲା । ପ୍ରତ୍ୟୁତ୍ତରରେ ଲେପ୍ଟେନାଣ୍ଟ ବାହାଦୁର ତାହାଙ୍କର ଅଭ୍ୟର୍ଥନାରେ ବିଶେଷ ଆନନ୍ଦ ପ୍ରକାଶ କରି ମାମୁଲି କେତେଗୁଡ଼ିଏ ଉପଦେଶ ପୂର୍ଣ୍ଣ କଥାଦ୍ୱାରା ସମସ୍ତ ଲୋକଙ୍କୁ ଆପ୍ୟାୟିତ କରିଥିଲେ । ପାଟନା ଆଦି ପଞ୍ଚରାଜ୍ୟ ଓ ବଣାଇ ଓ ଗାଙ୍ଗପୁରରାଜ୍ୟ ଓଡ଼ିଶା ସହିତ ମିଳିତ ହେବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ । କଳାହାଣ୍ଡି ଭିନ୍ନ ଆଉ ଚାରି ଫିଉଡ଼େଟରି ରାଜାମାନଙ୍କ ସହିତ ତାଙ୍କର ଯେଉଁ କଥାବାର୍ତ୍ତା ହୋଇଥିଲା ସେଥିରୁ ସେ ବୁଝିଥିଲେ ଯେ ଦୁଇଜଣ ରାଜା ଏ ଅପୂର୍ବ ମିଳନରେ ଅତି ସନ୍ତୁଷ୍ଟ ଓ ଅପର ଦୁଇ ରାଜା ଓଡ଼ିଶା ରାଜାମାନଙ୍କ ପ୍ରାୟ ହେଲେ ସେମାନଙ୍କର କ୍ଷମତାର ହ୍ରାସ ହେବ ବୋଲି ସଶଙ୍କିତ । ଏ ଭୟ ସେମାନଙ୍କର ନିତାନ୍ତ ଅମୂଳକ କାରଣ ସନନ୍ଦରେ ସେମାନଙ୍କୁ ଯେଉଁ କ୍ଷମତା ପ୍ରଦତ୍ତ ହୋଇଅଛି ତହିଁର କାହିଁକି ବ୍ୟତିକ୍ରମ ଘଟିବ । ସମସ୍ତ ଫିଉଡ଼େଟରି ରାଜାମାନେ ଜଣେ ପୋଲିଟିକେଲ ଏଜେଣ୍ଟ ଲୋଡ଼ିଥିବାରୁ ସେ ଜଣେ ପ୍ରବୀଣ କର୍ମଚାରୀଙ୍କୁ ଏ କର୍ମରେ ନିଯୁକ୍ତ କରିଅଛନ୍ତି । ଏ ଓଡ଼ିଶାର କେତେକ ରାଜ୍ୟ ପରିଦର୍ଶନ କରିବେ । ସମ୍ପ୍ରତି କେତେକ ମାସ ଉର୍ଦ୍ଧ୍ୱକୁ ଉତ୍କୃଷ୍ଟ ଶାସନପ୍ରଣାଳୀ ବ୍ୟବସ୍ଥା ହୋଇଗଲେ ସମସ୍ତ ଓଡ଼ିଶା ଗଡ଼ଜାତ ପୋଲିଟିକେଲ ଏଜେଣ୍ଟଙ୍କ ସାହାଯ୍ୟ ଓ ପରିଦର୍ଶନାଧୀନ ରହିବ । ଇତିମଧ୍ୟରେ ଯଦି କୌଣସି ରାଜାଙ୍କର କିଛି ଆପତ୍ତି ଥାଏ ତାହାହେଲେ ସେ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି । ଏ ଦିନ ସନ୍ଧ୍ୟାସମୟରେ ମହାମାନ୍ୟ ଲେପ୍ଟେନାଣ୍ଟ ବାହାଦୁର ପ୍ରଧାନ ୨ କର୍ମଚାରୀମାନଙ୍କୁ ସାର୍କିଟ ହାଉସରେ ଏକ ଭୋଜି ଦେଇଥିଲେ ଏବଂ ପରଦିନ ସନ୍ଧ୍ୟାସମୟରେ ଶ୍ରୀଯୁକ୍ତ ଡେପୁଟି କମିଶନର ସାହେବ ମଧ୍ୟ ସେମାନଙ୍କୁ ତାଙ୍କ କୋଠିରେ ଆଉ ଏକ ଭୋଜି ଦେଇଥିଲେ ।

———

ବଙ୍ଗଦେଶରେ ସ୍ୱଦେଶୀ ଆନ୍ଦୋଳନ ଅତି ଶୀଘ୍ରବେଗେ ଚଳିବାର ଦେଖାଯାଉଅଛି । ଆନ୍ଦୋଳନର ଫଳ ଗତ ବିଜୟା ଦଶମୀଦିନ ପରିଷ୍କାରରୂପେ ପ୍ରକାଶିତ ହୋଇଅଛି । ଦଶମୀ ଦିବସ କଲିକତାସ୍ଥ ମାଇବାଡ଼ି ବଣିକମାନେ କୋଟି ୨ ମୁଦ୍ରାର ମାଲ ଜିମନେ ମାଞ୍ଚେଷ୍ଟରକୁ ଅର୍ଡ଼ର ପଠାନ୍ତି । ଉକ୍ତ ଅର୍ଡ଼ରକୁ ଲକ୍ଷ୍ମୀଅର୍ଡ଼ର ବା ଇଂରାଜୀରେ Lucky order କୁହାଯାଏ । ମାରୱାଡ଼ିମାନେ ପ୍ରତିଜ୍ଞାରେ ବଦ୍ଧ ହୋଇ ଲକ୍ଷ୍ମୀଅର୍ଡ଼ର ବନ୍ଦ କରିଅଛନ୍ତି । ମାଞ୍ଚେଷ୍ଟରକୁ କୋଟି ୨ ମୁଦ୍ରା ମୂଲ୍ୟର ଅର୍ଡ଼ର ବନ୍ଦ ହେଲା ଏଥିବଳ ସ୍ୱଦେଶୀଆନ୍ଦୋଳନ ଆଉ କି ହୋଇ ପାରେ । ବର୍ତ୍ତମାନ କେବଳ ପ୍ରଶ୍ନ ହୋଇଅଛି ଏହି ପ୍ରତିଜ୍ଞା କେତେଦିନ ପର୍ଯ୍ୟନ୍ତ ସ୍ଥାୟୀ ହେବ । ତଥାପି ସେ ଯାହାହେଉ ଦେଖାଯାଉଅଛି ଯେ ସ୍ୱଦେଶୀ ଭାବ ସର୍ବସାଧାରଣଙ୍କ ହୃଦୟରେ ପ୍ରବେଶ କରିଅଛି ଓ ସେମାନେ ଯଥାସାଧ୍ୟ ଯୋଗଦାନରେ କୁଣ୍ଠିତ ହେଉନାହାନ୍ତି । ଦୂର କଥା କେଉଁଠି ଥାଉ କଟକରେ ସ୍ୱଦେଶୀ ଆନ୍ଦୋଳନର କୌଣସି ବିଶେଷ ହୈଚୈ ନ ଥିଲେହେଁ ସ୍ୱଦେଶାନୁରାଗ ଅନ୍ତତଃ ଏହି ପୂଜା ସମୟରେ ଦେଖାଯାଇଅଛି । ଯେଉଁ ଜନ୍ତୁବାବୁମାନେ ସାମାନ୍ୟ ପ୍ରତ୍ୟହ ଦୁଇଅଣା ସେଜଣାର ଦରପାରୁ ନ ଥିଲେ ସେମାନେ ପ୍ରାୟ ଦୁଇଟଙ୍କା ଖେଜଣାର କରିବାକୁ ସକ୍ଷମ ହୋଇଅଛନ୍ତି, ଯେଉଁ ଜନ୍ତୁବାବୁମାନେ ବିଶିଷ୍ଟ

Split by PDF Splitter
Digitized by srujanika@gmail.com

Split by PDF Splitter

474



ଖଦ ବସ୍ତ୍ର କିଣିବାକୁ ଅଣ୍ଟୁଥିଲେ ସେମାନେ ଖଣ୍ଡେ ଲୁଗା ଅଣି ବସ୍ତ୍ର କରି ଯାଉଅଛନ୍ତି ଅଥବା ବ ଲୋକଙ୍କର ଅଭାବ ସମ୍ପୂର୍ଣ୍ଣରୂପେ ପୂରଣୀୟ ହେବାରେ ଶେଷକାଳରେ ଅନନ୍ୟୋପାୟ ହୋଇ ନିତାନ୍ତ ଅନିଚ୍ଛାସତ୍ତ୍ୱେ ବିଲାତି ଲୁଗା କିଣୁ ନଗହୋଇଥିଲା । ଫଳରେ ଦେଖାଗଲା ଯେ ଏଥର ବିଲାତି ଲୁଗାର ବିକ୍ରି ଅନେକ ପରିମାଣରେ କମ ହୋଇଅଛି ଓ ମାରୱାଡିମାନଙ୍କ ଲୁଗା ଆମଦାନି ମଧ୍ୟ କମ ହୋଇଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ କେହି୨ ଦେଶୀ ଲୁଗାର ଦୋକାନ ମଧ୍ୟ ଫିଟାଇ ଦେଇଅଛନ୍ତି । ସାଧାରଣତଃ ଦେଖାଗଲା ଯେ ଏହି ପର୍ବ ସମୟରେ ଏ ନଗରରେ ସ୍ୱଦେଶୀ ଲୁଗା ଓ ତତ୍ପରିବର୍ତ୍ତେ ବିରହମପୁରୀ ଓ ମାନ୍ଦ୍ରାଜୀ ଲୁଗା ବିକ୍ରି ହୋଇଅଛି । ଏତଗଲା ଦେଶୀଲୁଗାର କଥା ଓ ଏହା ପୁରୁଷମାନଙ୍କ କିମ୍ବା କିନ୍ତୁ ସ୍ତ୍ରୀମାନଙ୍କଠାରେ ମଧ୍ୟ ସ୍ୱଦେଶ ପ୍ରେମ ପରିସ୍ଫୁଟ ଅଛି । ପର୍ବସମୟରେ ସ୍ତ୍ରୀମାନଙ୍କ ତାଗିଦାରେ ଅନେକେ ବିଲାତି ଶୃଙ୍ଗାରଦ୍ରବ୍ୟ ଇତ୍ୟାଦି କିଣି ନେଇ ସେମାନଙ୍କୁ ସନ୍ତୁଷ୍ଟ କରନ୍ତି ମାତ୍ର ସ୍ୱଦେଶ ପ୍ରେମର ଢେଉ ସ୍ତ୍ରୀମାନଙ୍କ ଅନ୍ତର ମହଲରେ ମଧ୍ୟ ଅଲକ୍ଷିତ ଭାବେ ପ୍ରବେଶ କରି ସେମାନଙ୍କୁ ଶିକ୍ଷା ଦେଇଅଛି ଯେ ଆଉ ସେରୂପ ଭାଙ୍ଗିବା କର ନା । ଏଥିର ଦୃଷ୍ଟାନ୍ତ ସ୍ୱରୂପ ସାମାନ୍ୟ ଏକ କଥା ଯେ ସହରରେ ନଗଦାବାତ ପ୍ରାୟ କୌଣସି ଭଦ୍ରଲୋକର ସ୍ତ୍ରୀ କିଣନ୍ତି ନାହିଁ । ପର୍ବ ସମୟରେ କଲିକତାରୁ ମନମୁଗ୍ଧକାରୀ ତାହାରୂପ ମାଲ ଆସେ ଓ କଲ୍ୟରେ ଭଲ ୨ ପ୍ରକାର ମନୋହାରୀ ଜାତ ମଧ୍ୟ ଆସିଥାଏ । ପୁରୁଷମାନଙ୍କ ଭଲ ୨ ଉତ୍ତମର ମାଲ ଦେଖାଇବା ନିମନ୍ତେ ସେମନ୍ତ ଫେରିବାଲା ଅଛନ୍ତି କାଚବସ୍ତୁ ନିମନ୍ତେ ସେହିପରି ଫେରିବାଲା ମଧ୍ୟ ଅଛନ୍ତି । ପ୍ରତିବର୍ଷ ସ୍ତ୍ରୀମାନେ ଘରେ ଅସୂର୍ଯ୍ୟମ୍ପଶ୍ୟା ହେଲେ ମଧ୍ୟ ମନଲୋଭା ରଙ୍ଗଢଙ୍ଗ ମାଲର ଓଳି ପାଆନ୍ତି । ମାତ୍ର ଏଥର ଫେରିବାଲା କାଚ ନେଇ ହାଜର ହେବା ମାତ୍ରେ ସ୍ତ୍ରୀମାନଙ୍କଠାରୁ ଆଉ ଆଶା ପାଇଲା ନାହିଁ ସେ କାରଣ ହୋଇ ଫେରି ଯାଉଅଛି ଓ ଆମ୍ଭେମାନେ ସ୍ୱଚକ୍ଷୁରେ ଦେଖିଅଛୁ ଯେ ସ୍ତ୍ରୀମାନେ ନଗଦାବାତ ବ୍ୟବହାର କରିବାକୁ ଶ୍ରେୟସ୍କର ମଣିଅଛନ୍ତି । ଏପରି ଅବସ୍ଥାରେ ସ୍ୱଦେଶୀ ଆନ୍ଦୋଳନ ଅତି ସତ୍ୱରେ ଅନ୍ତଃସଲିଳ ହେଉଥିବା କଥାଟା ଅଳୀକ କହେ ଓ ଏହା ଯେ ଭାରତର ସର୍ବବ୍ୟାପୀ ହେବ ଏହା ମଧ୍ୟ ଆଶା ହେଉଅଛି । ପିଲାମାନେ ସୁଦ୍ଧା ଅଲକ୍ଷିତ ଭାବରେ ଏଥିରେ ଲିପ୍ତ ହୋଇ ରଙ୍ଗଢଙ୍ଗିଆ ବିଲାତି ଲୁଗା ଛାଡ଼ି ଦେଶୀ ମୋଟଲୁଗା ଆନନ୍ଦର ଚିତ୍ତରେ ପିନ୍ଧୁଛନ୍ତି ଏବଂ ସ୍ୱଦେଶୀ ଆନ୍ଦୋଳନ ଈଶ୍ୱରଙ୍କର କୃପାମୟ ଆଦେଶ ପରି ଚତୁର୍ଦ୍ଦିଗରେ ଭାରତ ବେଗରେ ପ୍ରଚଳିତ ହୋଇ ଅତ୍ୟାଶ୍ଚର୍ଯ୍ୟରୂପେ କାର୍ଯ୍ୟ କରୁଅଛି । ଏତେଦନେ ସ୍ୱଦେଶ ଦେଶୀୟ ଲୋକମାନଙ୍କ ମନରେ ପଡ଼ିଲା ଏହାକୁ ସୌଭାଗ୍ୟର ବିଷୟ ।

---

## ବଙ୍ଗର ଅଙ୍ଗ ଛେଦନ

## ଓ

## ଅଖଣ୍ଡ ବଙ୍ଗଭବନ ।

ବିଗତ ତା ୧୬ ରିଖରେ ଭାରତ ପ୍ରତିନିଧି ଲର୍ଡକର୍ଜନଙ୍କ ଆଦେଶାନୁସାରେ ବଙ୍ଗପ୍ରଦେଶ ଦ୍ୱିଖଣ୍ଡିତ ହେଲା । ବଙ୍ଗପ୍ରଦେଶର ଚଟ୍ଟଗ୍ରାମ, ଢାକା, ରାଜସାହି ବିଭାଗ ଓ ହିଲଟିପର ଆସାମ ସହିତ ମିଳିତ ହୋଇ ପୂର୍ବବଙ୍ଗ ଏବଂ ଆସାମ ପ୍ରଦେଶ ଆଖ୍ୟାଯୁକ୍ତ ଭାବେ ବଙ୍ଗପ୍ରଦେଶରୁ ବାହାର ହେଲା ଓ ବଙ୍ଗପ୍ରଦେଶର ଅବଶିଷ୍ଟ ଜିଲ୍ଲାମାନଙ୍କ ମଧ୍ୟରୁ ଛୋଟନାଗପୁରରୁ ଯଶପୁର, ସରଗୁଜା, ଉଦୟପୁର, କୋରିୟା ଓ ଚଙ୍ଗଭାର ମଧ୍ୟପ୍ରଦେଶକୁ ବାହାରି ଯାଇ ଓ ମଧ୍ୟପ୍ରଦେଶରୁ ସମ୍ବଲପୁର ଜିଲ୍ଲା ଓ ପାଟଣା, କଳାହାଣ୍ଡି ସୋନପୁର, ବାମଣ୍ଡା ଓ ରେଢ଼ାଖୋଲ ଶାସନ ହୋଇ ବଙ୍ଗପ୍ରଦେଶରେ ଓଡ଼ିଶା ବିଭାଗ ସଙ୍ଗେ ମିଶି ଏକ ନୂତନ ବଙ୍ଗଦେଶ ଗଠିତ ହେଲା । ଲର୍ଡକର୍ଜନଙ୍କ ବଙ୍ଗପ୍ରଦେଶ ଦ୍ୱିଖଣ୍ଡିତ ପ୍ରସ୍ତାବ କରିବାରେ ବଙ୍ଗବାସୀ ସମସ୍ତେ ଏକ ବାକ୍ୟରେ ଆପତ୍ତି କଲେ ସୁଦ୍ଧା ଓ ବିଲାତର ପାର୍ଲିଆମେଣ୍ଟ ସଭାରେ ଆପତ୍ତି ବିଷୟ ମନୋନୀତ ହୋଇ ନ ଥିଲେ ସୁଦ୍ଧା ପ୍ରସ୍ତାବଟି ଗତ ତା ୧୬ ରିଖ କାର୍ତ୍ତିକର ପ୍ରଥମ ଦିବସରେ କାର୍ଯ୍ୟରେ ପରିଣତ ହେଲା । ବଙ୍ଗାଳିମାନେ ଅନନ୍ୟୋପାୟ ହୋଇ ଏହାର ଚିହ୍ନ ସ୍ୱରୂପ ଏକ ଅଖଣ୍ଡ ବଙ୍ଗଭବନ ନିର୍ମାଣର ସଙ୍କଳ୍ପ କରିଥିଲେ ଓ ସେହି ଭବନର ଭିତ୍ତି ସେହି ଦିନ ସ୍ଥାପନ କରିଅଛନ୍ତି । ରାଜା ପ୍ୟାରୀମୋହନ ମୁଖର୍ଜି, ମିଃ ଏ ଚୌଧୁରୀ ଓ ବାବୁ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟଙ୍କ ଘୋଷଣା ଅନୁସାରେ ବାବୁ ଆନନ୍ଦମୋହନ ବୋଷ ଉକ୍ତ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ ବା ଶୁଭଦେବା ସମୟରେ ଏହି ମର୍ମରେ ଘୋଷଣା ପତ୍ର ପାଠ କଲେ ଯେ—

ବଙ୍ଗାଳି ଜାତିର ସର୍ବଜନୀନ ପ୍ରତିବାଦ ଥାଇ ସୁଦ୍ଧା ଗଭର୍ଣ୍ଣମେଣ୍ଟ ବଙ୍ଗପ୍ରଦେଶକୁ ଦ୍ୱିଖଣ୍ଡ କରିବାକୁ ଉଚିତ ଜ୍ଞାନ କରିଅଛନ୍ତି ଅତଏବ ଆମ୍ଭେମାନେ ପ୍ରତିଜ୍ଞା କରୁଅଛୁଁ ଓ ଘୋଷଣା ଦେଉଅଛୁଁ ଯେ ଆମ୍ଭେମାନେ ସମସ୍ତେ ବଙ୍ଗ ଯତ୍ନର ହୋଇ ଏହି ପ୍ରଦେଶର ବିଚ୍ଛେଦ ହେତୁ ଯଦ୍ୟପି କୌଣସି ମନ୍ଦଫଳ ହେବ ତାହା ମୋଚନ କରିବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବୁଁ ଓ ଆମ୍ଭମାନଙ୍କ ଜାତୀୟ ସ୍ୱତନ୍ତ୍ରତା ରକ୍ଷା ନିମନ୍ତେ ସମର୍ଥାନୁଯାୟୀ ଚେଷ୍ଟା କରିବୁଁ ।

ଉପରୋକ୍ତ ଘୋଷଣା ଏହାର ଫଳ, ଏହି ଘୋଷଣା ପତ୍ରର ମଧ୍ୟରେ ଏକତା ବନ୍ଧନ ଦୃଢ଼ୀଭୂତ କରିବାକୁ ଶିକ୍ଷା ଦେଉଅଛି । ବର୍ତ୍ତମାନ ଏହି ବଙ୍ଗ ଦ୍ୱିଖଣ୍ଡର ଫଳସ୍ୱରୂପ କେବଳ ବଙ୍ଗଦେଶରେ ନାହିଁ ବ ସମସ୍ତ ଭାରତ ବର୍ଷରେ ସ୍ୱଦେଶୀ ଆନ୍ଦୋଳନ ଉପସ୍ଥିତ ହୋଇ ଅଛି । ସ୍ୱଦେଶୀ ଦ୍ରବ୍ୟ ପ୍ରତି କ୍ରମଶଃ ଆଦର ବୃଦ୍ଧି ହେଉଥିବା ସ୍ଥଳେ ସୁଦ୍ଧା ଏ ଆନ୍ଦୋଳନ ଶୀଘ୍ର ପ୍ରଶମିତ ହେବାର ସମ୍ଭାବନା ନ ଥିଲା ମାତ୍ର ଈଶ୍ୱର ଯାହା କରନ୍ତି ମଙ୍ଗଳପାଇଁ ବୋଲି ବୁଝିବାକୁ ହେବ । ସ୍ୱଦେଶୀ ଆନ୍ଦୋଳନରେ ସମସ୍ତେ ଏକଯୋଗ ଏକପ୍ରାଣ ହେବା ସହାସେ ଯଥେଷ୍ଟ ଚେଷ୍ଟା କରିଅଛନ୍ତି ଓ ଚେଷ୍ଟା ମଧ୍ୟ ଫଳବତୀ ହୋଇଅଛି । ବଙ୍ଗ ଖଣ୍ଡନ ଦିବସରେ କଲିକତା ସହର ମଧ୍ୟରେ କ ଗୋଲମାଲ ଉପସ୍ଥିତ ହେବ ତାହା ଶଙ୍କାକ ନିମନ୍ତେ ପୋଲିଶ ସବୁ ମୁତୟନ ହୋଇଥିଲେ । ସହରର ଚତୁର୍ଦ୍ଦିଗରେ କଳା ଗୋରା ପୋଲିଶ ପ୍ରହରୀ ଥିଲେ ମାତ୍ର ସେମାନେ ଅଷ୍ଟ ନିଶ୍ଚଳ ଥିଲେ । ତା ୧୬ ରିଖର ସକାଳ ବିବରଣ ଏହି ଯେ ଅତି ପ୍ରତ୍ୟୁଷରୁ ବହୁ ସମାଗଣ୍ଡି ସମସ୍ତ ବୟସର ଲୋକମାନେ ଅର୍ଥାତ୍ ବୃଦ୍ଧ, ଯୁବକ ଓ ବାଳକମାନେ "ବନ୍ଦେମାତରଂ" ଗୀତ ଧରି ଗଙ୍ଗାରେ ସ୍ନାନାର୍ଥେ ଉପସ୍ଥିତ ହୋଇଥିଲେ । ଏ ଦୃଶ୍ୟ ଅତୀବ ଚିତ୍ତାକର୍ଷକ ଓ ମନୋହାରୀ ହୋଇଥିଲା । ଗଙ୍ଗା ସ୍ନାନ ଉତ୍ତାରେ ସମସ୍ତେ 'ରକ୍ଷି ବନ୍ଧନ' କ୍ରିୟା ପାଳନ କରିଥିଲେ । ରକ୍ଷି ବନ୍ଧନ ଏକତାର କାରଣ ହୋଇଥିଲା ଓ ଏ ବନ୍ଧନରୁ ବଙ୍ଗାଳି ନାହିଁ ବ ସମସ୍ତ ଭାରତ ଜାତି ଏକତା ବନ୍ଧନର ଶିକ୍ଷା ପ୍ରାପ୍ତ ହୋଇଥିଲେ । ବଙ୍ଗ ଅଙ୍ଗଚ୍ଛେଦ ହେତୁ ଦୁଃଖର ଚିହ୍ନ ସ୍ୱରୂପ କଲିକତା ସହରର ଦୋକାନ ସବୁ ବନ୍ଦ ହୋଇଯାଇଥିଲା । କେହି କାହିଁ ବଜାର କରିବାକୁ ଆସି ନ ଥିଲେ ହିନ୍ଦୁ ମସଲମାନଙ୍କ ଏକତା ଅତ୍ୟଧିକ ହୋଇଥିଲେ ସୁଦ୍ଧା କୌଣସି ଅଶାନ୍ତିକର କାର୍ଯ୍ୟ ହୋଇ ନାହିଁ ଅବା ପୋଲିସର ସାହାଯ୍ୟ ଆବଶ୍ୟକ ହୋଇ ନାହିଁ । ସ୍ୱଦେଶୀ ବାଲଣ୍ଟିୟରମାନେ କୌଣସି ପ୍ରକାର ଗୋଲମାଲର ଚିହ୍ନ ଦେଖାଇ ନାହାନ୍ତି । ଅଖଣ୍ଡ ବଙ୍ଗ ଭବନର ଭିତ୍ତି କର,ବାଧା ଦ୍ୟାଗାରେ ସ୍ଥାପନବା ଶୁଭଦୟ୍ନ ହୋଇଥିଲା । ତଦନନ୍ତର ସମସ୍ତ ଲୋକେ ଟେଉନ ହଲ ଜାଇ

Digitized by srujanika@gmail.com

ନାହାନ୍ତି । ଅନେକେ ଉପବାସ ଏବଂ ଅନେକେ ପୂର୍ବ ଦିନର ରନ୍ଧନ ଦ୍ରବ୍ୟ ଖାଇ ଦିନ କଟାଇଅଛନ୍ତି । ଅଖଣ୍ଡ ବଙ୍ଗଭବନ ନିର୍ମାଣ ନିମିତ୍ତ ପ୍ରତ୍ୟେକ ବଙ୍ଗବାସିଙ୍କି ଦିନକର ଆୟ ସେହିକ ଦେବା କାରଣ ପ୍ରସ୍ତାବ ହୋଇଥିବାରୁ ଏଠା ପଣ୍ଡିତ ବାବୁଙ୍କ ସ୍ଥାନରେ ଟ ୨୫୦୦୦ ଙ୍କା ଦାନ ସଂଗୃହୀତ ହୋଇଥିଲା । ଅନେକେ ଭିଡ଼ ଠେଲି ଯାଇ ନ ପାରିବାରୁ ଦାନ ଫେରାଇ ଆଣିଥିଲେ । ବର୍ତ୍ତମାନ ମଧ୍ୟ ଦାନ ସଂଗୃହୀତ ହେଉଅଛି । ଏ ସମସ୍ତ ସ୍ୱଦେଶୀ ଦ୍ରବ୍ୟାଗାରରେ ବ୍ୟୟିତ ହେବ ଏବଂ ସମସ୍ତଙ୍କର ଏଥିରେ ସହାନୁଭୂତି ଥିବା ଉଚିତ । ଯେଉଁମାନେ ଅଦ୍ୟାପି ଦାନ ଦେଇ ନାହାନ୍ତି ସେମାନଙ୍କୁ ଦାନ ଦେବା କାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ ।

---

### କଟକରେ ଦୁର୍ଗାପୂଜା ।

ଗତବର୍ଷଠାରୁ ଦୁର୍ଗାମେଢ଼ ଏ ବର୍ଷ ଅଠଗୋଟି ହୋଇଥିଲା । ବାଜେପ୍ରତିମା ମେଢ଼ ଗୋ ୨୨ ଟି ହୋଇଥିଲା । ଗତବର୍ଷରେ ଗୋ ୨୪ ଟି ହୋଇଥିଲା । ସୁତରାଂ ସାମାନ୍ୟ କମ ବେଶୀ ଧର୍ତ୍ତବ୍ୟ ନୁହେ । ମାତ୍ର ତତ୍ପୂର୍ବ ବର୍ଷରେ ଗୋ ୧୬ ଟି ବାଜେ ପ୍ରତିମା ହୋଇଥିବାରୁ ଏ ଦୁଇବର୍ଷରେ ପ୍ରତିମା ପ୍ରସ୍ତୁତ ପ୍ରତି ଲୋକଙ୍କର ଆଦର ଥିବାର ପ୍ରକାଶ ପାଉଅଛି । କିନ୍ତୁ ଲୋକମାନେ କ୍ରୀଡ଼ା କୌତୁକ ପ୍ରିୟ ହୋଇ ବାଜେପ୍ରତିମା ସବୁ କରିବାରେ ତତ୍ପର ହେଉଥିବା ଅନୁମିତ ହୁଅଇ । ଦୁର୍ଗାମେଢ଼ର ସାଜସଜ୍ଜା ଅବା ପ୍ରତିମା ଗଠନରେ ଏକ ଅନ୍ୟର ସମକକ୍ଷ ହେବାକୁ ଚେଷ୍ଟା କରୁଥାଏ ମାତ୍ର ଯେଉଁମାନଙ୍କର ଅବସ୍ଥା ସଚ୍ଛଳ ନୁହେ ସେମାନେ ସାଜସଜ୍ଜା ପ୍ରତି ତେତେ ମନୋଯୋଗ ଦଅନ୍ତି ନାହିଁ କିନ୍ତୁ ପ୍ରତିମା ଗଠନରେ ଦୃଷ୍ଟି ରଖିଥିବାର ବୋଧ ହେଉଅଛି । ବଙ୍ଗାଳି ସାହିର ଖଟଶାଳୀ ଓ ହରସେଠଙ୍କ ପ୍ରତିମା ଗୁଡିକର ଗଠନପ୍ରଣାଳୀ ସୁନ୍ଦର ଥିଲା । ଅବସ୍ଥା ଦୃଷ୍ଟିରେ ଏଠା ମେଢ଼ର ଉଦ୍ୟୋଗକର୍ତ୍ତାମାନେ ପ୍ରଶଂସାର ଯୋଗ୍ୟ । ମଙ୍ଗଳାବାଗର ଡିହାଗିଙ୍କ ଦୁର୍ଗା ପୂର୍ବପରି ଅତି ସାର୍ଦ୍ଦ ହୋଇ ନ ଥିଲେ ଏଠାରେ ମଧ୍ୟ ଗଠନପ୍ରଣାଳୀ ପ୍ରତି ମନୋଯୋଗ ଆକର୍ଷଣ ହୋଇଥିଲା । ସ୍ୱରୂପ ଦାସର ମେଢ଼ ଛୋଟ ହେଲେହେଁ କାରୁକାର୍ଯ୍ୟ ଓ ପ୍ରତିମା ଗଠନ ଅସୁନ୍ଦର ହୋଇ ନ ଥିଲା । ଝାଞ୍ଜିରିହାଟର ପ୍ରତିମା ଗଠନ ମଧ୍ୟ ସୁନ୍ଦର ଥିଲା, ଅବଶିଷ୍ଟ ତିନିଗୋଟି ମେଢ଼ରେ ସେପରି ପ୍ରତିମା ଗଠନରେ ଏକ ଅନ୍ୟକୁ ଜିଣିବା ନିମନ୍ତେ କାରିଗରମାନେ ଯଥେଷ୍ଟ ଚେଷ୍ଟା ପାଇବାର ଦେଖାଯାଉଥିଲା ସେହିପରି ସାଜ ସଜ୍ଜାର କାର୍ଯ୍ୟରେ ମଧ୍ୟ ଥିଲା । ସବୁ ପଦାର୍ଥରେ ଉତ୍କର୍ଷ ଦିଶ ଅଛି, ପାଶ୍ଚାତ୍ୟ ସମାଜ ନୁହେ ସୁତରାଂ କେଉଁ ମେଢ଼ କେଉଁ ଅଂଶରେ ଉତ୍କୃଷ୍ଟ ତାହା କହିବା ବାଲି ହେବା ସୁକଠିନ । ଡାକବଜାର, ଦିଲୋଦ ବିହାର ଓ ଚୌଧୁରୀବଜାର ପ୍ରତିମା ଓ ସାଜସଜ୍ଜା ପ୍ରାୟ ସମାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ସେମାନଙ୍କ ମଧ୍ୟରେ ତାରତମ୍ୟ ଅଛି ଦିଲୋଦ ବିହାରର ପ୍ରତିମା ପୂର୍ବବର୍ଷ ଅପେକ୍ଷା ଭଲ ହୋଇଥିଲା ମାତ୍ର ମେଢ଼ର ସମସ୍ତ ପ୍ରତିମାର ଗଠନ ସମାନଭାବରେ ହୋଇ ନ ଥିଲା ସାଜସଜ୍ଜା ପୂର୍ବବତ୍ ଥିଲା । ଡାକବଜାରର ପ୍ରତିମା ଗଠନ ବର୍ଷକୁବର୍ଷ ଭଲ ହେବାର ଦେଖାଯାଉଅଛି । ଚୌଧୁରୀବଜାରର ମେଢ଼ ସଙ୍କୋଚ ଓ ସାଜସଜ୍ଜା ଅନ୍ୟ ମେଢ଼ ସବୁ ଅପେକ୍ଷା କିଛି ବେଶୀ ଥିଲା । ପ୍ରତିମା ଗଠନ ମଧ୍ୟ ଅତି ଉତ୍ତମ ଥିଲା ।

ଏଠାରେ ପ୍ରତିମା ଗଠନ ଓ ସାଜସଜ୍ଜାରେ ଯେରୂପ ପ୍ରତିଯୋଗିତା ଅଛି ପୂଜାବିଧିରେ ସେରୂପ ନାହିଁ । ପୂଜାକାର୍ଯ୍ୟଟି ଠିକ ସମୟରେ ହେବା ଉଚିତ । ଯେଉଁମାନେ ପୂଜା କରନ୍ତି ଅଥଚ ଠିକ ସମୟରେ କିଅଦ କରିବାକୁ ସକ୍ଷମ ହୁଅନ୍ତି ନାହିଁ ସେମାନଙ୍କୁ ଆମ୍ଭମାନଙ୍କର ଏତିକି ବକ୍ତବ୍ୟ ଯେ ପ୍ରତିମା ଗଠନ ଓ ସାଜସଜ୍ଜା ଅପେକ୍ଷା ପୂଜା ବିଧି ଅନୁସାରେ ସମାପନ କରିବା ଅଧିକ ବାଞ୍ଛନୀୟ ଓ ଉଚିତ ।

ବାଜେପ୍ରତିମା ମଧ୍ୟରେ ମହାଦେବ ଓ ଜଳନ୍ଧର ବଧ ପ୍ରତିମା ମେଢ଼ସ୍ଥିତ ଦୃଷ୍ଟି ଆକର୍ଷଣର ଯୋଗ୍ୟ ଥିଲା । ଚୌଧୁରୀବଜାରର ଏଙ୍କଟରମାୟାଙ୍କ ଓ ରଣୀହାଟର ବାଞ୍ଛାସାହୁଙ୍କ ମେଢ଼ଦ୍ୱୟ ବଡ଼ ଥିଲା ଓ ସାଜସଜ୍ଜା ଅତି ଉତ୍ତମ ଥିଲା ମାତ୍ର ଏଙ୍କଟରମାୟାଙ୍କ ମହାଦେବ, ଗଣେଶ ମେଢ଼ରେ ପ୍ରସ୍ତୁତ ହୋଇଥିଲା ସୁତରାଂ ସାଜସଜ୍ଜା ପୁରୁଣା ଥିଲା । ପ୍ରତିମା ଗଠନରେ ଅଲମଚାନ୍ଦବଜାରର ଭଗୀରଥି ସାଠିଆଙ୍କ ଗୃହ ସମ୍ମୁଖସ୍ଥ ମହାଦେବ ସର୍ବୋତ୍କୃଷ୍ଟ ଥିଲା । ମେଢ଼ ମଧ୍ୟବିତ୍ତ ହୋଇଥିଲେ ସୁଦ୍ଧା ପ୍ରତିମାଗଠନ ନିମନ୍ତେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଓ ସାଜସଜ୍ଜା ମଧ୍ୟ ଉତ୍ତମ ହୋଇଥିଲା । ବକ୍ସିବଜାରରେ ରାଧାପ୍ରସାଦ ଭଗତଙ୍କ ମହାଦେବ ମେଢ଼ ହୋଇ ନ ଥିଲା ମାତ୍ର ଅନ୍ୟ ଗୋଟିଏ ଭେଦାଭେଦ ହୋଇଥିଲା । ମେଢ଼ ସାନ ହୋଇଥିଲେ ସୁଦ୍ଧା ସାଜସଜ୍ଜା ଉତ୍ତମ ଥିଲା । ଅନ୍ୟ ବାଜେମେଢ଼ ମଧ୍ୟରେ ବକ୍ସିବଜାରର ସଦାଶିବଙ୍କ ଦୋଳଯାତ୍ରାର ମେଢ଼ ବୁଦ୍ଧିକୌଶଳର ଉତ୍ତମ ପରିଚୟ ଦେଉଥିଲା ।

ଏ ବର୍ଷ ଦୁର୍ଗାଦର୍ଶନକୁ ପାଗ ଭଲ ଥିଲା । ଆଦୌ ବୃଷ୍ଟିପତନ ହୋଇ ନାହିଁ । ଜଳ ପାର ହେବାରେ ମଧ୍ୟ କୌଣସି କଷ୍ଟ ନ ଥିଲା । ପାଣିର ଦୁଇଧାର ଅତି ସନ୍ନିକଟ ଥିବାରୁ ଗଡ଼ାଯିବାରେ କୌଣସି ଅସୁବିଧା ଘଟି ନାହିଁ । ଲୋକଙ୍କ ସୁବିଧା ସଙ୍ଗେ ସଙ୍ଗେ ଜଳପଦାରର ମଧ୍ୟ ସୁବିଧା ପଡ଼ିଗଲା । ତଥାପି ପ୍ରତ୍ୟହ ଦର୍ଶକ ସଂଖ୍ୟା ବେଶୀ ହୋଇ ନ ଥିଲା । ଦଶହରାଦିନ ଅର୍ଥାତ୍ ଏକାଦଶୀର ସକାଳ ବେଳରେ ସାଧାରଣତଃ ଅନେକ ଦର୍ଶକ ହୋଇଥାଆନ୍ତି ଏବର୍ଷ ତାହା ମଧ୍ୟ ଦେଖା ଗଲା ନାହିଁ । ଦର୍ଶକ ସଂଖ୍ୟା ଊଣା ହେବାର କାରଣ ଏହି ଅନୁମାନ କରାଯାଉଅଛି ଯେ ମୋଫସଲରେ ଓଲାଉଠା ରୋଗର ପ୍ରତାପ ଅଧିକ ହୋଇଅଛି । ଏଥିଯୋଗୁଁ ଅନେକ ଲୋକ ଘର ଛାଡ଼ି ଆସିବାକୁ ସାହସ କରି ନାହାନ୍ତି । ମେଢ଼ସବୁ ପ୍ରାୟ ଦଶମୀ ରାତ୍ରର ଶେଷ ଭାଗରେ ବାହାରିଥିଲେ ଓ କଠଯୋଡ଼ିକୁ ଆସିବା ବେଳକୁ ସକାଳ ଆଠ ଘଣ୍ଟା ହୋଇଥିଲା । ପୋଲିସ ମେଢ଼ସବୁକୁ ନିୟମାନୁସାରେ ଛାଡ଼ି ଦେବାର ସାହାଯ୍ୟ ଦେଇଥିଲେ ଓ ସେଥିରେ କାହାର କିଛି ଗୁହାରି ନ ଥିଲା । ମାତ୍ର ଦର୍ଶକମଣ୍ଡଳୀ ମଧ୍ୟରେ ଅନେକ ଗୁଡ଼ାଏ ମଦ୍ୟପାୟୀଙ୍କୁ ହାଜତକୁ ପ୍ରେରଣ କରିବାରେ ପୋଲିସ ପଶ୍ଚାତ୍ପଦ ନ ଥିଲେ । ଅନ୍ୟ କୌଣସି କୁଲମ ପୋଲିସଠାରୁ ପାଇଯାଇ ନାହିଁ । ସ୍କୁଲରେ ଦଶହରା କାର୍ଯ୍ୟ ଅତି ସୁନ୍ଦର ରୂପେ ଅନୁଷ୍ଠିତ ହୋଇଥିଲା । ବୃଷ୍ଟି ଅଭାବରୁ ବ୍ୟବସାୟିମାନେ କିଛି ରୋଜଗାର କରିବାକୁ ସକ୍ଷମ ହୋଇଥିଲେ ।

ମୋଫସଲରେ ଦୁର୍ଗାପୂଜା ଯଥାବିଧି ସମ୍ପନ୍ନ ହୋଇଅଛି । ବୃଷ୍ଟି ଅଭାବ ହେତୁ ଦର୍ଶକମାନଙ୍କ ପକ୍ଷରେ ପାଗ ଉତ୍ତମ ହୋଇଥିଲା ମାତ୍ର ଓଲାଉଠା ରୋଗଙ୍କ ଭୟରେ ମୋଫସଲ ବାସିମାନେ ଅନ୍ୟସ୍ଥାନକୁ ଦେବୀ ଦେଖିବାକୁ ଯିବା କଥା ଚିନ୍ତିତ ଥାଇ ଘରୁ ବାହାରିବାକୁ ଭୟ କରିଥିଲେ । ଅନେକ ମୋଫସଲ ବାବୁମାନେ ମଧ୍ୟ ସେହି ଭୟରେ ବିଦେଶରୁ ସ୍ୱଦେଶକୁ ଗମନ କରି ନାହାନ୍ତି । ଅନ୍ୟ ସ୍ଥାନର କଥା ଛାଡ଼ କେବଳ କଟକ ସହରରେ ସେହିପରି ସ୍ତ୍ରୀଲୋକ ଅନେକଗୁଡ଼ାଏ ରହିଯାଇଥିଲେ ।

---

### ବଙ୍ଗବିଭାଗ ଓ ସ୍ୱଦେଶୀ ସ୍ରୋତ ।

ସମୁଦ୍ର ମନ୍ଥନରୁ ସୁଧାର ଉତ୍ପତ୍ତି ପୁରାଣ ପ୍ରସିଦ୍ଧ । ପ୍ରଲୟ ଝଡ଼ରୁ ଉତ୍ତରୁ ପ୍ରକୃତିର ମାଧୁରୀ ସ୍ୱାଭାବିକ । ବଙ୍ଗର ଅଙ୍ଗଚ୍ଛେଦରେ ସମସ୍ତ ପ୍ରଦେଶ

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ହେଲା । କ୍ରମାଗତ ପ୍ରାୟ ଛଅମାସରୁ ଊର୍ଦ୍ଧ୍ୱ ହେଲା ଏହି ବିଷୟ ନେଇ ଯେଉଁ ଭୀଷଣ ଆନ୍ଦୋଳନ ଲାଗିଅଛି ତାହା ଅମ୍ଭେମାନେ ଏଥି ପୂର୍ବେ କାହିଁ ଦେଖି ନାହୁଁ ଅବା ଶୁଣି ନାହୁଁ । ବାଟେ ଘାଟେ ଗ୍ରାମେ ଉପଗ୍ରାମେ ଯହିଁ ଯାଅ ଏହି କଥା । ସଭା ସମିତି—ତହିଁର ସଂଖ୍ୟା ନାହିଁ; ବକ୍ତୃତା—ତହିଁର ବିରାମ ନାହିଁ; ମୁଦ୍ରାଯନ୍ତ୍ର—ତହିଁର ଅବକାଶ ନାହିଁ ଓ ପୂଜା ହୋମ—ତହିଁର ସୀମା ନାହିଁ । ସମସ୍ତ ପ୍ରଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତଯାଏ ବହିଯାଉଛି ଏହି ଭାବ ଆନ୍ଦୋଳନ । ଫଳରେ ଆଉ କିଛି ନ ହେଉ ଅମ୍ଭେମାନେ ସମସ୍ତେ ଯେ ଏକମାତୃଭୂମିର ସନ୍ତାନ ଓ ମାତୃଭୂମି ସକାଶେ ଆମ୍ଭମାନଙ୍କର କିଛି କିଛି ତ୍ୟାଗ ଅବଶ୍ୟକ ଏହି ଭାବଟା ଯେମନ୍ତ ଜାତି ଧର୍ମ ନିର୍ବିଶେଷରେ ଆମ୍ଭମାନଙ୍କର ମନ ଓ ପ୍ରାଣକୁ ଜାଗ୍ରତ ଅଧିକାର କରୁଅଛି । ଭାରତରେ ଏ ଦୃଶ୍ୟ ଅତି ବିରଳ । ବୋଲିବା ବାହୁଲ୍ୟ ଏହା ଦେଶବ୍ୟାପୀ ଭାବ ଆନ୍ଦୋଳନର ସାକ୍ଷାତ୍ ସଞ୍ଜୀବନୀ ସୁଧା ।

ତୁଷାରମଣ୍ଡିତ ହିମାଳୟ ଶିଖରେ ବସି ଯେଉଁ ଧାତା କର୍ତ୍ତା ବିଧାତା ଏହି ଅଙ୍ଗଚ୍ଛେଦ ଘଟାଇଲେ ସେ ବୋଧ ହୁଏ ସ୍ୱପ୍ନରେ ଭାବି ନ ଥିଲେ ଯେ ଏହାର ଫଳ ଏପରି ହେବ; ଭାବିଥିଲେ ସେ କଦାପି ଏରୂପ କାର୍ଯ୍ୟରେ ପ୍ରବୃତ୍ତ ହୋଇଥାନ୍ତେ ନାହିଁ । ସମ୍ଭବତଃ ସେ ମନେ କରିଥିଲେ ଯେ ମୁଣ୍ଡସର୍ବସ୍ୱ ବଙ୍ଗାଳି ଜାତିଙ୍କ ପ୍ରତିବାଦ କେବଳ ବକ୍ତୃତାରେହିଁ ଶେଷ ହେବ ସୁତରାଂ ତାଙ୍କ ପ୍ରଶସ୍ତିରେ କିଛି ମାତ୍ର ଦାଗ ଲାଗିବ ନାହିଁ; କିନ୍ତୁ ଅଘଟନ ଘଟନ ସମୟରେ କି ନ ଘଟାଏ ? ସମସ୍ତ ବଙ୍ଗସନ୍ତାନ ଆଜି ଏକ ଅଭିନବ ସଞ୍ଜୀବନୀ ମନ୍ତ୍ରେ ମାତି ଆପଣା ଆପଣାକୁ ଭାଇ ଭାଇ ବୋଲି ଡାକିବାକୁ ଓ ମାତୃଭୂମିର କଷ୍ଟ ମେଣ୍ଟାଇବାକୁ ବଦ୍ଧପରିକର ହୋଇଅଛନ୍ତି । ମହାମାନ୍ୟ କର୍ଜନ ବାହାଦୁରଙ୍କ ପ୍ରସାଦରୁ ସେମାନେ ଏହି ଜ୍ଞାନ ଅର୍ଜନ କରିଅଛନ୍ତି ଯେ ଏଣିକି ଆଉ ବକ୍ତୃତାରେ କିଛି ହେବ ନାହିଁ ସୁତରାଂ ତାହା ବର୍ଜନ କରିବାକୁ ହେବ ଓ ତହିଁ ସଙ୍ଗେ ସଙ୍ଗେ ବିଲାତି ଦ୍ରବ୍ୟ ସମୁଦାୟ ବର୍ଜନ ଓ ସ୍ୱଦେଶଜାତ ଦ୍ରବ୍ୟ ସମୂହ ବ୍ୟବହାର କରିବାକୁ ହେବ ।

ଗତ ଗତ ବର୍ଷ ହେଲା ଅମ୍ଭମାନଙ୍କ ମଧ୍ୟରୁ କାହାର କାହାର ସ୍ୱଦେଶୀ ଶିଳ୍ପ ଓ ଶ୍ରମଜାତ ଦ୍ରବ୍ୟପ୍ରତି ଦୃଷ୍ଟି ପଡ଼ିଥିଲା । ଅମ୍ଭମାନଙ୍କର ସଦାଶୟ ଗଭର୍ଣ୍ଣମେଣ୍ଟ ମଧ୍ୟ ଏ ବିଷୟରେ ସମ୍ପୂର୍ଣ୍ଣ ଉଦାସୀନ ନ ଥିଲେ । ରୁଷ ଜାପାନ ଯୁଦ୍ଧ ଅମ୍ଭମାନଙ୍କୁ ଉତ୍ତେଜନା ସ୍ୱଦେଶପ୍ରୀତି ଶିକ୍ଷା ଦିଏ । ଚୀନ ଦେଶରେ ଆମେରିକା ଦ୍ରବ୍ୟସମୂହ ବର୍ଜନରୁ ମଧ୍ୟ ଅମ୍ଭେମାନେ ଆଉ କିଛି ଅଧିକ ଜ୍ଞାନଲାଭ କରୁଁ । ଶେଷରେ ଯେତେବେଳେ ବଙ୍ଗର ଅଙ୍ଗଚ୍ଛେଦ ନେଇ ଘୋର ଆନ୍ଦୋଳନ ଉପସ୍ଥିତ ହୁଏ ଓ ତହିଁରେ ଭାରତରୁ ବିଲାତ ଯାଏ ବଡ଼ କେହି କର୍ଣ୍ଣପାତ ନ କରନ୍ତି, ସେତେବେଳେ ବିଲାତି ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର—ଏହି ନୂତନ ବ୍ୟବସ୍ଥା ହୁଏ ବାଣିଜ୍ୟ ପ୍ରିୟ ଇଂରାଜ ଜାତିଙ୍କର ବାଣିଜ୍ୟ ଅକ୍ଷୁଣ୍ଣ ଥିବା ଯାଏ ସେମାନେ ଅନ୍ୟ କାହାର ଅଭାବ ଅଭିଯୋଗ ପ୍ରତି ବଡ଼ ଗୋଟାଏ ଦୃଷ୍ଟି ପକାନ୍ତି ନାହିଁ । ଯେତେବେଳେ ଏଥିରେ କୌଣସି ବାଧା ବିଘ୍ନ ଉପସ୍ଥିତ ହୁଏ ସେତେବେଳେ ସେମାନେ ଚକ୍ଷୁ ଉନ୍ମୀଳନ କରନ୍ତି । ସୁଚତୁର ବଙ୍ଗାଳି ଜାତି ଦେଖିଲେ ଯେତେବେଳେ ସେମାନେ ସେମାନଙ୍କର ଦୁଃଖ ପ୍ରତି ବିଲାତର ଲୋକଙ୍କ ଦୃଷ୍ଟି ଆଉ କୌଣସିମତେ ଆକୃଷ୍ଟ କରି ପାରୁ ନାହାନ୍ତି ସେତେବେଳେ ସେମାନେ ଏହି ପନ୍ଥା ଅବଲମ୍ବନ କଲେ । ଯଥାଶକ୍ତି ବିଦେଶୀ ଦ୍ରବ୍ୟ ବିଶେଷତଃ ବିଲାତି ଲୁଗା ସର୍ବାଦୌ ତ୍ୟାଗ କଲେ ଓ ତହିଁ ପରିବର୍ତ୍ତରେ ସ୍ୱଦେଶୀ ଦ୍ରବ୍ୟ ବିଶେଷତଃ ସ୍ୱଦେଶୀ ଲୁଗା ବ୍ୟବହାର କଲେ । ଏଥିର ଫଳ ଏହି ହେଲା ଯେ ସମସ୍ତ ବଙ୍ଗପ୍ରଦେଶରେ ଏ ବର୍ଷ ପୂଜା ସମୟରେ ବିଲାତି ଲୁଗାର ପ୍ରାୟ କାଟତି ନାହିଁ । ଅମ୍ଭମାନଙ୍କର ଏହି କଟକ ସହର ମଧ୍ୟରେ ଅମ୍ଭେମାନେ ଅନୁସନ୍ଧାନ କରି ବୁଝିଅଛୁଁ ଯେ ଟଙ୍କାକୁ ଚଉଦଟି ପଇସା ମଧ୍ୟରୁ ଏ ବର୍ଷ ଜମା ପଇସାଟିକର ବିକ୍ରୟ ହୋଇଅଛି, ବିଜୟାଦଶମୀ ମାରୱାଡ଼ି ସମାଜରେ ଲକ୍ଷିତ । ଏ ଜନ ସେମାନେ ବିଲାତକୁ ଲକ୍ଷଲକ୍ଷ ଟଙ୍କା ଲୁଗାର ବରାଦ ଦେଇ ଥାନ୍ତି । ଅମ୍ଭେମାନେ ଯେତେଦୂର ଶୁଣିଅଛୁଁ ସେମାନେ ଏ ବର୍ଷ ଟଙ୍କାଟିକର ବରାଦ ଦେଇ ନାହାନ୍ତି । ଏହା ସେନା ବିଲାତି ଲୁଗାର ପ୍ରଧାନ କେନ୍ଦ୍ର ମ୍ୟାଞ୍ଚେଷ୍ଟର ନଗରରେ ମହା ଆତଙ୍କ ଉପସ୍ଥିତ । ମାନ୍ୟବର ଗୋଖଲେ ଓ ଓ୍ୱେଡ଼ରବର୍ଣ୍ଣ ମହୋଦୟମାନେ ଏଥି ମଧ୍ୟରେ ସେଠାରେ ଏକ ସଭା ଅଧିବେଶନ କରି ମହା ଆନ୍ଦୋଳନ ଉପସ୍ଥିତ କରିଅଛନ୍ତି । ପାର୍ଲିଆମେଣ୍ଟ ମହାସଭା ବର୍ତ୍ତମାନ ବନ୍ଦ ଓ ଏଥିର ଶେଷ ଫଳ କି ହେବ କିଏ କହି ପାରେ ?

ଫଳ ଯେତେଣେ ଯାହା ହେଉ ବଙ୍ଗର ଅଙ୍ଗଚ୍ଛେଦ ତ ଏଣେ ଗତ ମାସର ତା ୧୬ ରିଖରୁ ସାଧିତ ହୋଇଗଲା । ଏ ଅବସ୍ଥାରେ ଦେବେ ଯେ ରଦ୍ଦ ହେବ ବଡ଼ ସନ୍ଦେହ ସ୍ଥଳ । ଆଉ ରଦ୍ଦ ହେଲେହେଁ ଯେଉଁ ସ୍ୱଦେଶୀ ସ୍ରୋତ ଦେଶମୟ ବହିବାକୁ ଲାଗିଅଛି ତାହାର ଗତି ଯେ ସହଜରେ କେହି ରୋକିବ ଏହା ମଧ୍ୟ ସନ୍ଦେହ ସ୍ଥଳ । ଏହି ସ୍ରୋତ କେବଳ ବଙ୍ଗଦେଶରେ ଆବଦ୍ଧ ନ ଥାଇ ସୁଦୂର ପଞ୍ଜାବ ବମ୍ବାଇ ଓ ମାନ୍ଦ୍ରାଜଯାଏ ବ୍ୟାପିଅଛି । ଭାରତରେ ଗୋ ୧୯୫ ଟା ଲୁଗାର କଳ ଥିଲେହେଁ ତାହା ବର୍ତ୍ତମାନ ଅଭାବ ପୂରଣପକ୍ଷେ ଯଥେଷ୍ଟ ନ ହେବାରୁ ଏଥିମଧ୍ୟରେ ନାନା ସ୍ଥାନରେ ଆଉ ଅଧିକ ନୂତନ କଳ ସ୍ଥାପନର ମହା ଧୂମଧାମ ଲାଗିଯାଇଅଛି । ଦେଶର ତନ୍ତୀକୂଳ ପ୍ରାୟ ନିର୍ମୂଳ ହେବା ଉପରେ ଥିଲେ । ସ୍ୱଦେଶୀ ଲୁଗାର ଆଦର ଦେଖି ସେମାନେ ଆଶ୍ୱାସିତ ହୋଇ ନିଜ ନିଜ ବ୍ୟବସାୟରେ ପ୍ରବୃତ୍ତ ହୋଇଅଛନ୍ତି । ଅଶ୍ୱକାର୍ଯ୍ୟକର ତନ୍ତ ସାହାଯ୍ୟରେ ସେମାନେ ଦିବ୍ୟ ସୁନ୍ଦର ଲୁଗା ପ୍ରସ୍ତୁତ କରୁଅଛନ୍ତି । ଅମ୍ଭେମାନେ ଜାଣୁଁ ଅମ୍ଭମାନଙ୍କର ଏହି କଟକ ନଗରରେ ଅଠରଟଙ୍କା କୋଡ଼ିଏ ଟଙ୍କାର ସୁନ୍ଦର ଯୋଡ଼ ଏ ଦେଶୀୟ ତନ୍ତିଦ୍ୱାରା ପ୍ରସ୍ତୁତ ହେଉଅଛି । ବଙ୍ଗପ୍ରଦେଶରେ ଯୌଥ କାରବାରର ସେତେ ଆଦର ନ ଥିବାରୁ ବଙ୍ଗର ଧନକୁବେର ସମ୍ପ୍ରଦାୟ ନିଜ ନିଜ ଧନରେ ଏକ ଏକ ସ୍ୱତନ୍ତ୍ର ବ୍ୟବସାୟ ଚଳାଇବାକୁ ପ୍ରବୃତ୍ତ ହୋଇଅଛନ୍ତି । ଏହି ସବୁ ଲକ୍ଷଣ ଦେଖି କିଏ ନ କହିବ ଯେ ଭାରତ ଏଣିକି ମୋହ ନିଦ୍ରା ତ୍ୟାଗ କରି ଜାଗ୍ରତ ହେଉଅଛି ?

କଥାରେ କହନ୍ତି "ଅତି ସର୍ବତ୍ର ବର୍ଜୟେତ୍" । ଏହି ସ୍ୱଦେଶୀ ଆନ୍ଦୋଳନ ପ୍ରସଙ୍ଗରେ ଅମ୍ଭେମାନେ ସ୍ଥଳବିଶେଷରେ ଏହି ଉକ୍ତିର ଚେତକ ଅଭାବ ପାଇ ବ୍ୟଥିତ ହୋଇଅଛୁଁ । ବିଦେଶୀ ଦ୍ରବ୍ୟ ବିଶେଷତଃ ବିଲାତି ଲୁଗା ବ୍ୟବହାର କରିବା ପାପ ବୋଲି ଯାହା ଦିନକୁ ଅଛି ତାକୁ ସାଡ଼େଷାର ଉତ୍ସାହ ବା ଜଞ୍ଜା କରିବା ବଡ଼ ବୁଦ୍ଧିର କାର୍ଯ୍ୟ ବୋଲି ଅମ୍ଭେମାନେ କହି ନ ପାରୁଁ । ସ୍ୱଦେଶୀ ଦ୍ରବ୍ୟର ପ୍ରଶ୍ରୟ ଦେବାକୁ ହେବ ବୋଲି କାହାର ଝାଡ଼ି ଲଣ୍ଠନ ଛିଣ୍ଡିଦେବା ଅବଶ୍ୟ ଉଚିତ ନୁହେ । ଯେପର୍ଯ୍ୟନ୍ତ ଏ ସବୁ ଦ୍ରବ୍ୟ ଅମ୍ଭମାନଙ୍କ ସ୍ୱଦେଶରେ ପ୍ରସ୍ତୁତ ହୋଇ ନାହିଁ ସେ ପର୍ଯ୍ୟନ୍ତ ଅମ୍ଭେମାନେ ଏ ସବୁ ଦ୍ରବ୍ୟ ବିଦେଶରୁ ଓ ସର୍ବାଦୌ ବିଲାତରୁ ଗ୍ରହଣ କରିବୁଁ । ସମସ୍ତ ଆନ୍ଦୋଳନ ଉନ୍ନତିର ଅନୁକୂଳ ହେବା ଉଚିତ, ପ୍ରତିକୂଳ ହେବା କଦାପି ବାଞ୍ଛନୀୟ ନୁହେଁ । ଅତଏବ ଯେଉଁମାନେ ହଠାତ୍ ଆମୂଳ ପରିବର୍ତ୍ତନର ପ୍ରୟାସୀ ସେମାନଙ୍କର ମନେ ରଖିବା ଉଚିତ ଯେ ଏହାଦ୍ୱାରା ସେମାନେ କଦାପି ସେମାନଙ୍କର ଉଦ୍ଦେଶ୍ୟ ସାଧନ କରି ନ ପାରନ୍ତି । କଥାରେ ଅଛି "ଧୀର ପାଣି ପଥର କାଟେ" ।

Digitized by srujanika@gmail.com

